Split by PDF Splitter



ରାଜାଙ୍କ କଣ୍ଟାକ୍ଟ ଟଙ୍କା ନେଇ ଥିବାର ରସିଦ ଲେଖାଯାଇ ତାହାର ସ୍ୱାକ୍ଷର ହୋଇଅଛି । ତଦନ୍ତରେ ପ୍ରକାଶ ହେଲା ଯେ କେତେକ ଗ୍ରାମ୍ୟ ପ୍ରଧାନବ୍ୟକ୍ତି ବାସ୍ତବିକ ଅଶିକ୍ଷିତ ଅର୍ଥାତ୍ ଯେଉଁ ବ୍ୟକ୍ତି ସେ ଅଞ୍ଚଳରେ ନ ଥାନ୍ତି । ପ୍ରକୃତ ଗ୍ରାମ୍ୟ ପ୍ରଧାନବ୍ୟକ୍ତିମାନଙ୍କ ସ୍ୱାକ୍ଷର ଦସ୍ତଖତ ନ ଥିବାର ଓ ଉକ୍ତ ଟଙ୍କା ନେଇ ନ ଥିବା କମ୍ପା ରସିଦ ଦେଇ ନ ଥିବାର ପ୍ରକାଶ କଲେ ଓ ବିଲରେ ଥିବା ସ୍ୱାକ୍ଷରମାନ ସେମାନଙ୍କ ସ୍ୱାକ୍ଷର ସହିତ ଅନେକ ଅମେଳ ହେଲା । କୁଲି ଯୋଗାଇଥିବା ଓ ସେମାନଙ୍କ ସଙ୍ଗେ ନିଯୁକ୍ତ ଥିବା ସରକାରୀ ଜମାଦାର, ବରକନ୍ଦାଜ ଓ ଗଡ଼ଜାତ୍ୟ ଓ ଦଳିଲିଖିତ କେତେକ କୁଲିଙ୍କ ଯୋବାନବନ୍ଦିରୁ ପ୍ରକାଶ ହେଲା ଯେ କୁଲିମାନେ ଚାରିଦିନରେ ଶବରଥିବା ଓ ସଂସାରରୁ ଖର୍ଚ୍ଚା ନିଆ ନ ଯିବା ହେତୁ କଣ୍ଟାକ୍ଟ ସର୍ତ୍ତ ଅନୁଯାୟୀ ସେମାନେ ସମସ୍ତେ ରାଜାଙ୍କ ତହବିଲରୁ ଦିନାପ୍ରତି ଦୁଇପଇସା ଲେଖାଏ ଖୋରାକ ପାଉଅଛନ୍ତି କେବଳ ଗୋକୁଳଚନ୍ଦର ଛଡ଼ା ଧର୍ମା ଓ ଅନ୍ୟ ବାକି ନେବା ତ ୬ ଶ କୁଲିଙ୍କୁ ସେ ଓ ସ୍ୱାମୀ ଦୟାଲ ପ୍ରତିଦିନ ତ ୭ ଶ କୁଲିଙ୍କୁ ଦିନାକୁ ଦୁଇପଇସା ଲେଖାଏ ଦେଉଅଛନ୍ତି । ଗୋକୁଳଚନ୍ଦ ଟ ୬-ଙ୍କାରୁ ଅଧିକ ନ ଦେଇ ଟ ୩୬ ଙ୍କାର ବିଲ କରିଅଛି ଓ ସ୍ୱାମୀ ଦୟାଲ ଟ ୩ ଙ୍କା ପର୍ଯ୍ୟନ୍ତ ଦେଇ ଟ ୧୬ ଙ୍କାର ବିଲ କରିଅଛି ଓ ବିଲରେ ଥିବା ରସିଦ ଓ ଗ୍ରାମ୍ୟ ପ୍ରଧାନବ୍ୟକ୍ତିଙ୍କ ସ୍ୱାକ୍ଷରସବୁ ଜାଲ ଓ କୃତ୍ରିମ ଅଟଇ ।

ଉପରଲେଖିତ ବିଷୟମାନଙ୍କର ପାର୍ଶ୍ୱ ଇଂରାଜ ରିପୋର୍ଟ ମାନେଜର ମହୋଦୟ ରାଜାଙ୍କଦ୍ୱାରା ଓଡ଼ିଶା ସର୍ଭେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ପ୍ରେରଣ କଲେ ଏବଂ ଏ କଣ୍ଟାକ୍ଟ ଅଧୀନ ଥିବା ଅନ୍ୟାନ୍ୟ ଆମିନମାନେ ଏହିପରି କରିଅଛନ୍ତି କି ନା ତାହାଁର ତଦନ୍ତ ହେବା ଆବଶ୍ୟକ ବୋଲି ଜଣାଇ ଦେଲେ । ସର୍ଭେ ସାହେବ ଏ ରିପୋର୍ଟ ପାଇ ଗୋକୁଳଚନ୍ଦ ଓ ସ୍ୱାମୀ ଦୟାଲଙ୍କୁ ପତ୍ରଦ୍ୱାରେ ସେମାନେ ବିଲ ଲିଖିତ ଟଙ୍କା କୁଲିମାନଙ୍କୁ ଦେଇଥିବାର କହି କେତେକଜଣ ସଫାଇ ସାକ୍ଷୀ ମାନିଲେ । ଏ ସାକ୍ଷି ଓ ମାନେଜରଙ୍କୁ ତାଙ୍କର ପ୍ରମାଣ ସହିତ ତଲବ ହେବାରୁ ସମସ୍ତେ ସାହେବ ମହୋଦୟଙ୍କ ସାକ୍ଷାତରେ ଉପସ୍ଥିତ ହେଲେ । ସାହେବ ସେମାନଙ୍କର ମୌଖିକ ଜବାନବନ୍ଦି ନେଇ ମାନେଜରଙ୍କ ରିପୋର୍ଟ ସପ୍ରମାଣ କଲେ ଏବଂ ସର୍ଭେୟରଙ୍କୁ ବିସ୍ତର ଭର୍ତ୍ସନା କରି ମେନେଜରଙ୍କୁ କହିଲେ କି ବର୍ତ୍ତମାନ କର୍ମର ଭିଡ଼ ଥିବାରୁ ଫୌଜଦାରୀରେ ମାମଲା ଚଳାଇବାକୁ ସମୟ ନାହିଁ ସେମାନଙ୍କ ଉପରେ ବିଶେଷ ପରିମାଣ ଅର୍ଥଦଣ୍ଡ କରି କୁଲିଖର୍ଚ୍ଚା ଫେରାଇ ନେବୁଁ ଓ ରଜା ତାହା ନେବାକୁ ନ ଚାହିଲେ ସରକାରରେ ଫେରାଇ ଜମା କରିବୁଁ । ଏହା କହି ମେନେଜରଙ୍କୁ ଧନ୍ୟବାଦ ଓ ତାଙ୍କର ଓ ସାକ୍ଷିଙ୍କର ଖର୍ଚ୍ଚା ଟ ୧୩ ଙ୍କା ଦେଇ ବିଦାୟ ହେଲେ ।

ଅମ୍ଭମାନଙ୍କ ବିବେଚନାରେ ଉପର୍ଯ୍ୟକ୍ତ ସର୍ଭେୟରଙ୍କ ଅପରାଧ ଗୁରୁତର ଅଟେ । ସେମାନେ ସରକାରୀ ଟଙ୍କା ଶଠତାପୂର୍ବକ ଆତ୍ମସାତ୍ ଓ କୃତ୍ରିମ ରସିଦ ଓ ସ୍ୱାକ୍ଷରମାନ କରିଥିବାରୁ ବିଶ୍ୱାସଘାତକତା ଓ ଜାଲ ଅପରାଧ ଏବଂ ରଜାଙ୍କର ଉପକାରିତା ଲୋପ କରିଥିଲେ ଓ ଏଥିରେ ଯଥେଷ୍ଟ ପ୍ରମାଣ ଥିଲା । ସର୍ଭେ ମହକୁମାର ଜଣେ ଅମଲା ଓ ସରକାର ଓକିଲ ଫୌଜଦାରୀରେ ମାମଲା ଚଳାନ୍ତେ ଏମନ୍ତ କାର୍ଯ୍ୟର ଭିଡ଼ ଆପତ୍ତି ଘଟି ନ ପାରେ । ସମ୍ଭବତଃ ଫଉଜଦାରୀରୁ ସେସନପର୍ଯ୍ୟନ୍ତ ମାମଲା ହେଲେ ଗବର୍ଣ୍ଣମେଣ୍ଟ ଅବଗତ ହୋଇ ସର୍ଭେନିୟମାର ତ୍ରୁଟି ଓ ସମ୍ପର୍କୀୟ ଅନୁସନ୍ଧାନରେ ପ୍ରବୃତ୍ତ ହୁଅନ୍ତେ ଏବଂ ଅନେକ ରିପୋର୍ଟ ଓ ଚିଠିପତ୍ରରୁ ଲେଖିବାଦ୍ୱାରା ସାହେବଙ୍କର କାର୍ଯ୍ୟ କରିବା ଉପରେ ସେ କ୍ଳାନ୍ତ ହୋଇ ଥିବେ ଇଥାତ ଉକ୍ତ ସର୍ଭେୟରଙ୍କୁ ଦଣ୍ଡଶାସ୍ତ୍ର କରିବାର ଉଚିତ ଥିଲା । ଏମନ୍ତ ଗୁରୁତର ଅପରାଧ ସହଜରେ ଛାଡ଼ି ଦେଲେ ସର୍ଭେୟରମାନେ କାହିଁକି ଉତ୍ସାହିତ ନ ହେବେ ?

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ୍ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କାନ୍ତିଭୂଷଣ ସେନ ମା ୭ ଏକ ଛୁଟୀ ପ୍ରାପ୍ତ ହେଲେ ।

ଅନୁଗୁଳର ଡେପୁଟିକମିଶନର ଓ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ନାରାୟଣଚନ୍ଦ୍ର ଛାମୁକ ଅଗାମୀ ସେପ୍ଟେମ୍ବରମାସ ତା ୧ ରିଖଠାରୁ ଦୁଇମାସର ଛୁଟୀ ପ୍ରାପ୍ତ ହେଲେ ଓ ତାଙ୍କ ସ୍ଥାନରେ କଟକର ସବ ଡେଃ କଲେକ୍ଟର ବାବୁ ଅଭୟଚରଣ ଦାସ ନିଯୁକ୍ତ ହେଲେ ।

ଭଦ୍ରକର ସବ ଡେଃ କଲେକ୍ଟର ବାବୁ ପରମେଶ୍ୱରପ୍ରସାଦ ବର୍ମ୍ମ ଦୁଇମାସ ପାଞ୍ଚଦିନର ଛୁଟୀ ପ୍ରାପ୍ତ ହେଲେ ।

ଡେଃ କଲେକ୍ଟର ବାବୁ ମୋତିଲାଲ ସିଂହ ବାଲେଶ୍ୱର ଜିଲ୍ଲାର ଇନ୍କମ୍ଟାକ୍ସ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

୧୮୯୪-୯୫ ମସିହାରେ ସ୍କୁଲ ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାର ଫଳ କ୍ରମରେ ନିମ୍ନଲିଖିତ ଶିକ୍ଷକମାନେ ମାସିକ ବୃତ୍ତି ପ୍ରାପ୍ତ ହେଲେ ଯଥା :—

୧ମ ପରୀକ୍ଷା

ଓଡ଼ିଶା ସ୍କୁଲ ସମିତି ।—ମଧୁସୂଦନ କର କଟକ ଭୋମଡ଼ା ଟ ୭୧ । ବାଲେଶ୍ୱର ସ୍କୁଲସମିତି ।—କୃଷ୍ଣପ୍ରସାଦ ବ୍ୟାସାର୍ଥ ବାଲେଶ୍ୱର ଟ ୭୧ । ପୁରୀ ଜଗନ୍ନାଥସମିତି ।—ହରିହର ଦାସ ପୁରୀ ବସୁନାଥ ଖୋଲ ଟ ୮୧ ।

୨ୟ ପରୀକ୍ଷା ।

ଓଡ଼ିଶା ସ୍କୁଲସମିତି ।—ଅନନ୍ତ ଦିବାଭୂଷଣ ଢେଙ୍କାନାଳ ୩୧୦୧ ଓ ହରିହର ଦିବାଭୂଷଣ ଡାଙ୍ଗରେଡ ଟ ୧୦ । ବାଲେଶ୍ୱର ସ୍କୁଲସମିତି ।—କୈଳାସଚରଣ ଦାସ ମୟୂରଭଞ୍ଜ ବାଘପାଳ ଖୋଲ ଟ ୧୦ । ପୁରୀ ଜଗନ୍ନାଥସମିତି ।—ଗଦାଧର ତ୍ରିପାଠୀ ପୁରୀ ରାଜଗୋପାଳ ମଠ ଟୋଲ ଟ ୧୨, ଯୋଗେନ୍ଦ୍ର ମିଶ୍ର ପୁରୀ ସପ୍ତଦେଉଳ ଟ ୧୨, ନୀଳକଣ୍ଠ ମିଶ୍ର ପୁରୀ ଦୋଳମଣ୍ଡପସାହି ଟୋଲ ଟ ୧୨, ଓ ସଦାଶିବ ମିଶ୍ର ପୁରୀ ଦୋଳମଣ୍ଡପ ସାହି ଟ ୧୦ ।

ବାଲେଶ୍ୱର ମିଉନିସିପାଲିଟୀର କମିଶ୍ନର ପଦରେ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହେଲେ ଯଥା :—

ମିଃ ଜ, ଏଚ୍ ହାମଲେନ, ଯେ, ଏଲ, ହେଣ୍ଡଲ ସିଭିଲ ମେଡ଼ିକେଲ କର୍ଣ୍ଣେଲ, ମୃତ ଡବଲିଉ ଅର ରବର୍ଟଙ୍କ ପରିବର୍ତ୍ତରେ ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡର ସଭାପତିଙ୍କ ମିଃ ଏଚ୍ ଋଗ୍ ନିଯୁକ୍ତ ହେଲେ ।

---

ଗତ ମଙ୍ଗଳବାର ଓ ବୁଧବାର ଏ ନଗରରେ ଅତ୍ୟନ୍ତ ବୃଷ୍ଟି ହୋଇଥିଲା । ଯୋଷିର ନାଳକୁ ଭରତ ହୋଇଅଛି । ମଙ୍ଗଳବାର ଅଧିକ ରାତ୍ରରେ ବୃଷ୍ଟି ସଙ୍ଗେ ପବନ ସଢ଼ସଢ଼ ବହୁଥିବାରୁ ବଡ଼ ଭୟଙ୍କର ହୋଇଥିଲା ।

ବର୍ତ୍ତମାନ ଔଷଧଟା ଶାନ୍ତ ହୋଇଅଛି ମାତ୍ର ପୁନ ବୃଷ୍ଟି ହେବାର ଜଣାଯାଏ ।

ଜନରବ ଉଠିଅଛି ଯେ ଏଥର ଢେଙ୍କାନାଳର ମାନେଜର ପଦରେ ଜଣେ ଇଉରୋପୀୟ ଅଥବା ଫିରିଙ୍ଗି ନିଯୁକ୍ତ ହେବେ । ପ୍ରକୃତ କଥା ଅଳ୍ପଦିନରେ ଜଣାପଡ଼ିବ ।

ଅଙ୍କ ବୁଝିଅ, ଓଡ଼ିଶା ଜମିଦାରଙ୍କର କୋର୍ଟଏ ପ୍ରଧାନ ପଦ୍ ଓ ବର୍ଷର ନୂତନତନ ଅଟେ । ଏଥକୁ ବାଗ ପଞ୍ଚସ୍ପର୍ଶି ଜମିଦାର ନଗରର ତାଲୁକ ଅଛି ପଢ଼ିବାକୁ ଭଲ ହୋଇ ନାହିଁ । ଏ ଶୁଳବନରେ ଯାହାର କମତାସ ଜନମ ହେବ ତାହାର ଦୁଃଖ ଦ୍ୱିଗୁଣ ହେବ ।

ଅମ୍ଭେମାନେ ଏମ୍ବଲସ୍ପବନ୍ଧୁପୌଷିଣୀରୁ ଅବଗତ ହେଲୁଁ କି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ପାଠଶାଳ ସ୍ଥାନ ବୋଲି ଉଚିତ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ସ୍ୱୀକୃତ ହୋଇ ଅଛନ୍ତି । ସୁଗାନ୍ଧରେ ଭଲ୍ୟଗ୍ରର ପଢ଼ିବା ପୁଣର ବିଷୟ ଅଟେ ।

ଯୋରହାଟରେ ଜଣେ ପଣ୍ଡିତ ଅଗଣା ତାଳରେ ସଙ୍କୀର୍ତ୍ତ ଅସ୍ପୃଷ୍ଟତା କରିବାକୁ ଚାହିଁଥିଲା । ଦୁଷ୍କାର୍ଯ୍ୟ କରିବାରୁ ଧରାପଡ଼ି ଦାୟରା ଚାଲାଣ ପ୍ରେରିତ ହୋଇଅଛି । କହୁକାର ଅଣା ଅନ୍ୟ ପାଞ୍ଚ ଓ ଅଲକ୍ଷ୍ୟରେ ସେ ଏ କାର୍ଯ୍ୟ କରିବାର କହେ ।

ଚୀନ ସଙ୍ଗେ ବାଣିଜ୍ୟ ସମ୍ବନ୍ଧରେ ନୂଆ ବନ୍ଦୋବସ୍ତ କାରଣ ଜାପାନ ବନ୍ଦୋବସ୍ତ କରୁଥିବାର ସମ୍ବାଦ ମିଳଇ । ଚୀନ ରାଜ୍ୟରେ ଜାପାନର ଦୂତ ରହିବାର ବନ୍ଦୋବସ୍ତ ହେଉଅଛି ।

ଜାପାନର ପ୍ରଧାନ ସେନାପତି କାନ୍ତର ବଡ଼ାସେନା ମଡ଼କର ଆକ୍ରାନ୍ତ ଅବସ୍ଥାର କରି ବର୍ତ୍ତମାନ ଜ୍ୱରଦ୍ୱେଷର କାରଣ ଏବଂ ଚିକିତ୍ସାର ଅବସ୍ଥାର ଉଦ୍ଧାରାର୍ଥ ନାନା ପ୍ରକାର ପରୀକ୍ଷାରେ ନିଯୁକ୍ତ ଅଛନ୍ତି । ଏହାଙ୍କ ଉଦ୍ୟମ ସଫଳ ହେଉ ।

Digitized by srujanika@gmail.com

Split by PDF Splitter



ମନ୍ଦ୍ରାଜର ଜଳରରେ ଜଳଜଳ ଶାପାର୍ଥ ସେଠା ଗଭ-ର୍ଣ୍ଣମେଣ୍ଟ ଦେଢ଼ଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି । ବାବେଇ ନଗର ଜଳ ଏତଦ୍ଵାରା ସେ ନଗରରେ ପରିଚାଳିତ ହେବ ।

କଉମ୍ବପାଠାରେ ଜଣେ ପ୍ଲେଗ ଅର୍ଥ ରୋଗୀଙ୍କୁ କରିବ ବଳି ତାହାର ନାକ କାନ୍ଧୋଡି କେଉଁ ଥିବାରୁ ଗୌ-ରବାର୍ଥ ଦୋଷରହ କର୍ଣ୍ଣିକ ୫ ୪୦ ଜଣ ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିବାର ସମ୍ବାଦ ମିଳିଛି ।—ଏଣୁ କାଣ ନାକ କାଟ କାମୋଡା ପ୍ଲେଗ ଅଧିକ ହୋଇଥିବାର ଦେଖାଯାଏ ।

ଫରସି ରାଜ୍ୟର ସାହାଶାସ ପ୍ରେଜିଡେଣ୍ଟରେ ଭୂତପୂର୍ବ ଶାସକ ଜଣେ ଗୋଦ୍ଧୃତ କରନ୍ତି । ଅମିସ୍ଥନ ଗାନରର ଏ-ହାର ପରିଣାମ ।

ଏଥରସ ଦୁର୍ଗାପୂଜାର ଶୁଅସ୍ତ ଅର୍ଥାତ୍ ସପ୍ତମୀ ପୂଜା ବୃଷ-ବାର ଦିନ ଅନ୍ତ ହେବ । ଅନ୍ତ ଦିନରେ ମଙ୍ଗଳବାର ଷଷ୍ଠୀ ସନ୍ଧ୍ୟା ସମସ୍ତ ହ ପାଇବାରୁ ବଙ୍ଗଳାର ଅନେକ ପା-ଞ୍ଜିରେ ଉକ୍ତ ପୂଜା ସୋମବାର ସନ୍ଧ୍ୟା ସମୟରେ ବୋଧନ ହେବାର ଲେଖା ଅଛି ମାତ୍ର ବଙ୍ଗବାସୀରେ ପ୍ରକାଶିତ ବିଂ-ଶତ୍ତାତ୍ରାର ଜଣାଯାଏ ଯେ ବୋଧନ ସୋମବାର ସନ୍ଧ୍ୟା ସମ-ୟରେ ନ ହୋଇ ମଙ୍ଗଳବାର ପୂର୍ବାହ୍ନରେ ହେବା ଉଚିତ

ସ୍କୁଲର ସବକାର ଇଷଲ ବାବୁ ଶଶାଙ୍କ ମିତ୍ର ବିଶେଷ ବ୍ୟବସ୍ଥାପକ ସମ୍ପ୍ରତ ସବସ୍ୟ ହେବାରୁ ବାବୁ ଶଶି-ଭୂଷଣ ବାନର୍ଜୀ ସେଠାର ସହକାରୀ ଉପାୟ ହୋଇଅଛନ୍ତି । ସଭକାର୍ଯ୍ୟରେ ଆଉ ନିର୍ବାଚନ ପ୍ରଣାଳୀ ଅନୁସାରେ ସଦସ୍ୟ ହେବା ଅସ୍ଵୀକାର ନୁହେ କୌଣସି ଏପରି ହୋ-ଇଅଛି ।

କୁମାର ଜଣଙ୍କ ସିଦ୍ଧା ଦଣ୍ଡରେ ବ୍ୟାଟବଲ ଖେଳ ରେ ସେଠା ଲୋକଙ୍କ ଅତର୍କିତ କରିଅଛନ୍ତି । ସେ ଖେଳରେ ଜଣନ ମାତ୍ର ସନ୍ତାନଙ୍କୁ ଦରଦର କେହୁ କେତେଅଛି ସ୍ଥ ହୋଇ ପାରୁ ନାହାନ୍ତି । ଦେଖନ୍ତ ପ୍ରଥମ ଓଜନରେ ସେପ ହୁଏ ନା ।

ବର୍ତ୍ତମାନ ସ୍ତ୍ରୀରେ ଦର ଟଙ୍କାରେ ଲାଭ ଏବଂ ଲୁଗାର ଦର ବୃଦ୍ଧି ହୋଇଅଛି । ଯଥା ସୁନାର ଦର ମୋହର ଏକ ତୋଳାରୁ ଟ ୧୮ ଏବଂ ରୂପା ଏକତୋଳା ଭରିକୁ ଟ ୧୧୮ ଦର ହୋଇଅଛି ।

ଚେଉଜନପୁରଙ୍କ ପ୍ରବାହ ଯେ ଅଧାନ ଗୋଦାଟି ଅଞ୍ଚଳରେ ବର୍ଷା ହେବାରୁ ନଦୀନାଳ ଦିଗ ଅତ୍ୟନ୍ତ ବୃଦ୍ଧି ହୋଇଅଛି । ଏବଂ ଅଲବତ୍ତାର ଭୟ ହୋଇଅଛି ।

ଦପ୍ତରର ଉତ୍ତର ଭାଗରେ ଏବର୍ଷ ଅସନ୍ତୋଷ ପ୍ରବଳ ହୋଇଅଛି । କାରଣ ଏଥର ବାରେଣ ହୋଇ ବା-ଣିଜ ଚୁଟରୁ । ତେବେ ପାଂଶୁଳ ଟୀକା ସକଳ ସମୟରେ କାର୍ଯ୍ୟକର ନୁହେଁ ।

ତୁର୍କିସ୍ଥାନର ଦାସପଦ ଜଗତରେ ଜର୍ମାନି ଭାଷା ପଢ଼ାଗ-ର୍ଣ୍ଣରେ ଇଂରାଜୀ ଭାଷା ପ୍ରଚଳିତ ହେବା କାରଣ ତୁର୍କିସ୍ତା ଭିକସନେରୀ ଅବଶେଷ ପ୍ରସ୍ତୁତ କରୁଅଛି ସମ୍ବାଦ ମିଳଇ । ଏଥିରେ ଅବଶ୍ୟ ସୁବିଧା ପ୍ରଚଳିତ ନହେବ ଅଛି ।

ଗୁଜାଠାରୁ ଅଧିକିବା ସମୟରୁ ପ୍ରକାଶ ଯେ ବେଲଗ୍ରାମ ଜବଟରେ ଦବାଏର ଏବଂ ସ୍ଥଳର ଜନ ଲୋକମାନଙ୍କ ଇଚ୍ଛାର ହୋଇ ଯାଇଅଛି । ସ୍ଥଳର ହାକଲବାରୁ ଶୁଣି ଅସାଧାରେ

ପ୍ରାଣଘାତ କରିଅଛି ଏବଂ ଜ ଣ ପ୍ରଧାନଠାରୁ ତାଙ୍କର ତମ୍ଭାକେ ଅନ୍ତ ଶାସ୍ତ୍ର ଛଡ଼ାଇ ନେଇ ଅଛନ୍ତି ।

ଜର୍ମାନିର ସମ୍ରାଟ ଦଉତ ଭ୍ରମଣର ଦଳିତମାନ ତାଙ୍କର ଦେଶରେ ଆପଣା ସୈନ୍ୟକୁ ଲେଖିଟି ଅଛିପାରନ୍ତି ।

ଅର୍ମେନିଆ ରାଜ୍ୟରେ ଖ୍ରୀଷ୍ଟାନଙ୍କ ପ୍ରଜାଙ୍କ ନ କଲେ ତୁ ରସ୍କ ରାଜ୍ୟର ସ୍ଵାଧୀନତା ରକ୍ଷିବେକେ ନାହିଁ ବୋଲି ବଲର ନସ୍କୀ ତୁରସ୍କ ରାଜାଙ୍କୁ ଧମକାଇ ଅଛନ୍ତି । ତୁରସ୍କିକ ଏଥି ରେ ସମ୍ମତ ହେବେ କି ?

ଚତୁର ରାଜ୍ୟର ପୋଲିଟିକାଲ ଏଜେଣ୍ଟ କାର୍ଯ୍ୟରେ ଡାକ୍ତର ଉବର୍ଟସନ ସାହେବ ନିଯୁକ୍ତ ହୋଇଅଛନ୍ତି । ସେ ରାଜ୍ୟରେ ତଉକାର ଦଳ ଏବେଷ ସାହେବ ଗବର୍ଣ୍ଣମେଣ୍ଟଙ୍କ ଅଦେଶ ଶୁଣିକ କରିବାକୁ ସ୍ଥିର ହୋଇଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ପରମ ମାନନୀୟ ଶୀଳ ଶ୍ରୀଯୁକ୍ତ ଉତ୍କଳ-ଦୀପିକା

ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ନିମ୍ନଲିଖିତ କେତେକ ପଂକ୍ତିକୁ ସ୍ଥାନ ଦାନ ଦେଇ କୃତାର୍ଥ କରିବା ହେବେ ।

ଆପଣଙ୍କ ଗତ ତା ୨୯ରିଖ ସଂଖ୍ୟାର ଉତ୍କ-ଳଦୀପିକାରେ ଜଣେ "ମାଯୋଜରଙ୍କ" ବଙ୍ଗୀ ଶ୍ରୀମତ୍ " ଜଗର୍ଗାନନ୍ଦ ସ୍ଵାମୀ " ନାମକ ଛଦ୍ମ ବେଶୀ ମାୟାପୁରୁଷ "ଜଗର୍ଗାଥଙ୍କର" ଦ୍ଵାରା ଟ ସମ୍ବନ୍ଧରେ ନାନାକଥା ପୂର୍ଣ୍ଣ ଏକ ପ୍ରବନ୍ଧ ଲେଖି ତହିଁର ସଦୁତ୍ତର ପାଇବାକୁ ପ୍ରାର୍ଥୀ ହୋଇ ଅଛନ୍ତି । ଅମ୍ଭେ ସେହେତୁ କେତେକ ବିଷୟ-ରେ ତାଙ୍କ ସହିତ ବାଦାନୁବାଦ କରିବାକୁ ପ୍ରୟାସୀ ନୋହୁଁ ମାତ୍ର ଅମ୍ଭେ ସନ୍ତୁଷ୍ଟଚିତ୍ତ ପ୍ରେମ ଏବଂ ନୂତନ ସ୍ଥଳମାନ ଉପରେ ଲକ୍ଷ୍ୟ ଦ୍ଵାରା ପର କାର୍ଯ୍ୟ ମନେ କରୁଁ । ଅତଏବ ଏତଦ୍ଵାରା ଉପରୋକ୍ତ "ଜଗର୍ଗାନନ୍ଦ ସ୍ଵାମୀ"ଙ୍କୁ ପ୍ରାର୍ଥନା ଯେ ସେ ଅନୁଗ୍ରହପୂର୍ବକ ତାହାଙ୍କର ପ୍ରକୃତ ନାମ ସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରି ବା-ସ୍ତବ କରନ୍ତୁ କାରଣ ଆପଣା ପ୍ରବନ୍ଧକୁ ପ୍ରକାଶ-ବାର ଭାର ନେବେ ।

ପାଲଲହଡ଼ା } ଶ୍ରୀ ଦାମୋଦର ପଟ୍ଟନାୟକ ।
୨୧।୮।୯୫ }

ବହୁତ ଦିନର ପଞ୍ଜାପର କାର୍ଯ୍ୟ ଅପ.ର ନର୍ମର ବାର

କାମ କରନ୍ତେ ନୁହେ । ପୁଣର ଘାଟି ଓ ଅନ୍ୟ ଶତ୍ରୁପକ୍ଷ ଦ୍ଵାରା ଦଞ୍ଜାଧୀନ ହେବେ ତେବେ ଲେଖକଙ୍କର ମତ ଏବେ ତ ଅବଶ୍ୟ ଉଚିତ ହୋଇ ଅନୁପଯୁକ୍ତ ସମର୍ଥନ କରିବେ ନଚେତ୍ ବାରବରେ ବୋଲି ସେସବୁ ଜାଣିବେ । ତହିଁ ନ-ଇଁକୁ ଦ୍ରବଣ ପଠାଇବାର କରିବା ପ୍ରାର୍ଥନାଟି ଅନୁଚିତ ବୋଧ ହେଉଅଛି । ସମ୍ପାଦକ

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ମହାଶୟ !

ଏହି ଜିଲ୍ଲାର ସାତଲପୁର ଥାନା ଅନ୍ତର୍ଗତ ମହାଗ୍ରାମ ନିକଟରେ ନୈସର୍ଗିକ ଶୋଭାଯୁକ୍ତ ଗୋଟିଏ ସୁନ୍ଦର ପଲ୍ଲୀ ଅଛି । ଏସ୍ଥାନ ରଘୁନାଥ ଭଟର କାମରେ ପରିଚିତ ଅଟେ । ଏଠାରେ ବଙ୍ଗଦେଶୀୟ ବୈଦ୍ୟବଂଶୋଦ୍ଭବ ଅନେକ ସମ୍ଭ୍ରାନ୍ତ ବ୍ୟକ୍ତି ବାସ କରନ୍ତି । ଏମାନଙ୍କ ମଧ୍ୟରେ ଅଧିକାଂଶ ଶାସ୍ତ୍ରପରାୟଣ ଓ ପରମାର୍ଥଚିନ୍ତା ଅଟ-ନ୍ତି । ଏମାନଙ୍କର ପୂର୍ବ ପୁରୁଷମାନେ ଶାସ୍ତ୍ର ଓ ପରମାର୍ଥଚିନ୍ତାର ଆଦର୍ଶ ଥିଲେ ଏବଂ ଦେଶର ହେତୁରୁ ସେମାନେ ଉଚ୍ଚପଦାରୂଢ଼ ହୋଇ ଥିଲେ । କାରଣ,—"ଯତୋ ଧର୍ମ ସ୍ତତୋ ଜୟଃ"

କଥିତାଛନ୍ତି ଏ ଗ୍ରାମରେ ଏକ ଦେବାଳୟ ଠାକୁର ବେ । ୬ କୃଷ୍ଣଦାସ ଦାସ ନାମକ ଜଣେ ଧାର୍ମିକ ସଦ୍‌ଲୋକଙ୍କ କର୍ତ୍ତୃକ ସଂସ୍ଥାପିତ ହୋଇ ଅଛି । ଶ୍ରୀ ଗୋପୀନାଥ ବିଗ୍ରହ ନାମଧେ-ୟ ଏହି ଶ୍ରୀ ଗୋପୀକୃଷ୍ଣ ମୂର୍ତ୍ତି ଉକ୍ତ ଗ୍ରାମର ମଙ୍ଗ-ଳଦାତା ଅଟନ୍ତି । ଏହି ଦେବମନ୍ଦିରରେ ପୂର୍ବପ୍ରଥା ଅନୁସାରେ ସମସ୍ତ ସେବା ସମାପନ ହୁଏ । ଯେଉଁ କଷ୍ଟପ୍ରକୃତିଯୁକ୍ତ ବଂଶ ଏହି ଦେବ ମନ୍ଦିରର ସଦନୁଷ୍ଠାନରେ ବ୍ରତୀ, ତାଙ୍କର ପୂର୍ବ ନିୟମାନୁଯାୟୀ ଜ୍ୟେଷ୍ଠ ସନ୍ତାନ ସର୍ବଦାର ସେବାସୂତ୍ର ପଦରେ ନିଯୁକ୍ତ ହୁଏ । ବର୍ତ୍ତମାନ ଶ୍ରୀଯୁକ୍ତ ବାବୁ ଶ୍ୟାମଚରଣ ସେନ ଗୁପ୍ତ ସରକା-ର ସେବାସୂତ୍ର ଅଟନ୍ତି । ଏ ଜଣେ ବଙ୍ଗାଳ ଓ ସୁପ୍ରଶସ୍ତ ଯୁବକ । ଏହାଙ୍କର ପିତୃବ୍ୟ ପରମ ବୈଷ୍ଣବ ଅଟନ୍ତି ଓ ସେହାର ତତ୍ତ୍ଵାବଧାନରେ ଏହାଙ୍କୁ ସାହାଯ୍ୟ କରନ୍ତି । ଗ୍ରାମବାସୀମାନେ ମଧ୍ୟ ଏହାଙ୍କ ଅନୁଗତ ସବକାର ।

ଏହି ଠାକୁରସେବା ହେତୁ ସମସ୍ତ ଗ୍ରାମ-

Digitized by srujanika@gmail.com

Split by PDF Splitter



ବାଣୀ ଏକୀଭୂତ ଅଛନ୍ତି । ଏହା ଏକତାର ଗୋଟିଏ ସୁନ୍ଦର ଗ୍ରନ୍ଥି ଅଟେ । ଏହି ଗ୍ରନ୍ଥି ବର୍ତ୍ତମାନ ଶିଥିଳ ହେବାକୁ ଆରମ୍ଭ ହୋଇ ଅଛି ।—ଟେଂଗାଙ୍ଗି ବସଇ ଥାଇ କେତେକ ଲଇ ସେବାଇ ବୃତ୍ତିଭୋଗ ସମ୍ବନ୍ଧରେ ବିବାଦ ଉପସ୍ଥିତ କରାଇବାକୁ ତତ୍ପର ଅଛନ୍ତି । ଏଥିପୂର୍ବେ ଏହାଙ୍କ ପୂର୍ବପୁରୁଷମାନଙ୍କଦ୍ୱାରା ଏପରି ବିବାଦ ଉପସ୍ଥିତ ହେଲାରୁ ଅଦାଲତ ତାହା ନିଷ୍ପତ୍ତି କରି ଥିଲେ । ବୃତ୍ତିଭୋଗ ଦଖଲ ସମ୍ବନ୍ଧରେ କିଛି ବ୍ୟତିକ୍ରମ ଘଟିବାରୁ ପୁନଶ୍ଚ ସେହି ବିବାଦ ଉପସ୍ଥିତ ହୋଇ ଅଛି ।

ଉକ୍ତ ଲୋକମାନେ ବର୍ତ୍ତମାନ ସରକାର ସେବାୟତଙ୍କ ବିପକ୍ଷ ପକ୍ଷ ଅବଲମ୍ବନ କରି ଅତି ଲଘୁତର ବିବାଦର ସୂତ୍ରପାତ କରିବାକୁ ଉଦ୍ୟୋଗୀ ହେଉ ଅଛନ୍ତି । ଆଶା କରୁଁ, ଗ୍ରାମବାସିମାନେ ଏ ବିବାଦର ଭାବୀ ଫଳ ହୃଦୟଙ୍ଗମ କରିବାକୁ ସକ୍ଷମ ହେବେ । ଏହା ଦ୍ୱାରା ସମାଜବନ୍ଧନ ଏକାବେଳକେ ଛିନ୍ନ ହୋଇ ଯିବ, ଏଥିରେ ଅଣୁ ମାତ୍ର ସନ୍ଦେହ ନାହିଁ । ସେହି ଗ୍ରାମ ନିକଟସ୍ଥ ମାହାଙ୍ଗାଠାରେ ଏହିପରି ବିବାଦ ଉପସ୍ଥିତ ହୋଇ ଦେଖାଗଲା ଏକାବେଳେକେ ପ୍ରାୟ ବନ ହୋଇ ଗଲାଣି, ଓ ସମାଜ ଅତିଶୟ ଘୃଣ୍ୟ ଅବସ୍ଥାକୁ ପ୍ରାପ୍ତ ହୋଇ ନିର୍ଜୀବପ୍ରାୟ ହୋଇ ଅଛି । ସୁତରାଂ, ଏଥିରୁ ପ୍ରତୀୟମାନ ହେଉ ଅଛି ଯେ ଏହି ବିବାଦ ଗ୍ରାମ୍ୟ ଏକତା-ଗ୍ରନ୍ଥିକୁ ନିଶ୍ଚୟ ଛିନ୍ନ କରିବ ।

ମୋହୋର ବିନୀତ ଅନୁରୋଧ ଏହି ଯେ ଗ୍ରାମବାସିମାନେ ପୂର୍ବବତ୍ ଏକୀଭୂତ ହୋଇ ଏହି ବିବାଦକୁ ସମ୍ପୂର୍ଣ୍ଣରୂପେ ସମାଧା କରି ସନାତନ ଧର୍ମକୁ ରକ୍ଷା କରନ୍ତୁ ; ଏବଂ ସେହି ଗ୍ରନ୍ଥିକୁ ଯଥାଶକ୍ତି ଅକ୍ଷୁଣ୍ଣ ରଖି ସେମାନେ ସ୍ୱୟଂ ବଳୀୟାନ ହେଉନ୍ତୁ । ମୁଁ ଜାଣେ ଯେ ଗ୍ରାମବାସିମାନଙ୍କ ମଧ୍ୟରେ ବହୁତର ସୁପଣ୍ଡିତ ଓ ସୁବିବେଚକ ବହୁଦର୍ଶୀ ଲୋକ ଅଛନ୍ତି । ଗ୍ରାମର ଭାବୀ ଅମଙ୍ଗଳରେ ଏମାନେ ଦାୟୀ ନୁହନ୍ତି କି ? ଦେବାର୍ଚ୍ଚନରେ ପ୍ରତିବନ୍ଧକ ଘଟିଲେ ସେମାନେ ଦାୟୀ ହେବେ ନାହିଁ କି ? ଗ୍ରାମସ୍ଥ ସୁପଣ୍ଡିତ ଓ ବହୁଦର୍ଶୀ ଲୋକମାନଙ୍କୁ ଏ ବିବାଦରେ ପଞ୍ଚାୟତ ସ୍ୱରୂପ ଜ୍ଞାନ କରିବାକୁ ବୋଧ ହୁଏ ଉଭୟପକ୍ଷ କୁଣ୍ଠିତ ହେବେ ନାହିଁ । ଆଶାକରେଁ, ମୋହୋର ପ୍ରାର୍ଥନା ସଫଳ ହେବ ଜାଣୁଁ । ଇତ୍ୟଲଂ ବିଜ୍ଞଜନେଷୁ—

କଟକ
ତା ୨୪।୮।୯୫

ବଶମ୍ବଦ
ଜଣେ ପୁଷ୍ଟିବାସୀ ବନ୍ଧୁ

---

ମହାଶୟ !

### ଅଦ୍ଭୁତ ମୀମାଂସା ।

'ନୂତନ ପାଠ' ନାମକ ଖଣ୍ଡିଏ ବଙ୍ଗଳା ପୁସ୍ତକର ଉତ୍କଳାନୁବାଦ ପ୍ରକାଶିତ ହୋଇ ଓଡ଼ିଶା ପାଠ୍ୟ ପୁସ୍ତକ ନିର୍ବାଚନ କମିଟୀର ହସ୍ତରେ ସମର୍ପିତ ହୋଇ ଅଛି । ପୁସ୍ତକ ଖଣ୍ଡି କମିଟୀ ନିର୍ବାଚନ କରିବେ କି ନାହିଁ, ତାହା ସେମାନଙ୍କ ବିବେଚନା ଉପରେ ନିର୍ଭର କରେ । ମାତ୍ର ଏପ୍ରକାର ବିଷୟରେ ସାଧାରଣଙ୍କର ପକ୍ଷେ ଅଭ୍ରେ କହିବାର ସମ୍ପୂର୍ଣ୍ଣ ଅଧିକାର ଅଛି । ଏଥିପୂର୍ବେ ପତ୍ରିକାର ସ୍ତମ୍ଭରେ ୨ୟ ଖଣ୍ଡି ପତ୍ର ସେ ସମ୍ବନ୍ଧରେ ପ୍ରକାଶିତ ହୋଇ ଅଛି ଏବଂ ଗତ ତା ୨୧ ଋଖର ଓଡ଼ିଆ ନବସମ୍ବାଦରେ ମଧ୍ୟ ଖଣ୍ଡିଏ ପତ୍ର ପ୍ରକାଶିତ ହୋଇ ଅଛି । ଏହି ଶେଷୋକ୍ତ ପତ୍ର ଖଣ୍ଡିକର ଅଦ୍ଭୁତମୀମାଂସା ସମ୍ବନ୍ଧରେ ଅମ୍ଭମାନଙ୍କର ଦୁଇ ଏକ କଥା କହିବାର ଅଛି—ତେବେ ପ୍ରସଙ୍ଗକ୍ରମେ ମୂଳବିଷୟ ସମ୍ବନ୍ଧରେ ମଧ୍ୟ କିଛି ନ କହି ରହି ପାରିଲୁ ନାହିଁ ।

ପ୍ରଥମ କଥା—ପ୍ରକାଶକଙ୍କର ପ୍ରତାରଣା ପ୍ରବୃତ୍ତି ଓ ଦୁଃସାହସିକତା ! ସେ ପୁସ୍ତକର ବିଜ୍ଞାପନରେ ସ୍ପଷ୍ଟ ଲେଖି ଅଛନ୍ତି ଯେ ନୂତନ ପାଠର ଉତ୍କଳାନୁବାଦ ଓଡ଼ିଶାରେ ଚଳିବା ପାଇଁ ଡିରେକ୍ଟର ସାହେବ ଆଦେଶ ଦେଇ ଅଛନ୍ତି । ଆଦେଶଟା କଣ ସାକ୍ଷାତ୍ଭାବରେ ପ୍ରକାଶକଙ୍କ ନିକଟକୁ ଆସିଥିଲା ? ଏହାର ନାମ ଦିନ ଦୁଇପହରେ ଡକାଏତି । ଏହାଦ୍ୱାରା ସାଧାରଣଙ୍କର ବିଶେଷତଃ ପୁସ୍ତକନିର୍ବାଚନକମିଟୀର ସଭ୍ୟମାନଙ୍କ ଚକ୍ଷୁରେ ଧୂଳି ନିକ୍ଷେପ କରା ହୋଇ ଅଛି । ଓଡ଼ିଶାସ୍କୁଲସମୂହର ଇନସ୍ପେକ୍ଟର ଓ ପୁସ୍ତକନିର୍ବାଚନକମିଟୀର ସମ୍ପାଦକ ମହାଶୟ "ଲୁଇ ଜାନଗୀ"ଙ୍କ ଅନୁରୋଧ ଅନୁସାରେ କମିଟୀର ସଭ୍ୟମାନଙ୍କୁ ସଙ୍ଗୟୁକ୍ତ କରି ଅଛନ୍ତି କି ନାହିଁ, ଜାଣୁ ନା । ମାତ୍ର ଏତିକି କହିପାରୁଁ ଯେ ତାହା କରିବାକୁ ଧର୍ମତଃ, ନ୍ୟାୟତଃ ବାଧ୍ୟ ।

୨ୟକଥା—ଉତ୍କଳ ସାହିତ୍ୟପ୍ରତି ଓ ଉତ୍କଳୀୟ ସ୍ୱାଧୀନ ଲେଖକମାନଙ୍କ ପ୍ରତି ଘୋର ଅବଜ୍ଞା । ଯେଉଁମାନେ ସ୍ୱାର୍ଥର ପ୍ରେରଣାରେ ଲଣ୍ଡଦଣ୍ଡ ହୋଇ ଗ୍ରନ୍ଥକର୍ତ୍ତାଙ୍କ ନିକଟରେ ଅନୁବାଦ କରିବା ଅନୁମତିପ୍ରାର୍ଥୀ ହୋଇ ପଡ଼ିଲେ ସେମାନେ କି ଦେଶର ଘୋର ଶତ୍ରୁ ନୁହନ୍ତି ? ଏହିଥିରେ ଓଡ଼ିଆଙ୍କ ଟେକ ରହିବ ଟି କି ? କି ଦୁର୍ଭାଗ୍ୟ ! କିମ୍ବ ପ୍ରାଇମେରି ପାଇଁ ଖଣ୍ଡେ ପୁସ୍ତକ ଲେଖିବା ଭଳି ଲୋକ ଏ ପର୍ଯ୍ୟନ୍ତ ଓଡ଼ିଶାରେ ଜନ୍ମି ନାହାନ୍ତି ? ଅମ୍ଭେମାନେ ଶୁଣୁଅଛୁଁ, ଅମ୍ଭମାନଙ୍କର ସୁଯୋଗ୍ୟ ଇନସ୍ପେକ୍ଟର ମହୋଦୟ ଏ ପ୍ରକାର ଅନୁବାଦ ପୁସ୍ତକ ପ୍ରଚଳନର ଘୋର ବିରୋଧୀ । ଏହା ଯେବେ ପ୍ରକୃତ ହୋଇ ଥାଏ ଏବଂ ତାଙ୍କର ଉକ୍ତ ମତ ଯେବେ କେବଳ ମୌଖିକମାତ୍ର ନ ହୋଇଥାଏ, ତେବେ ତାଙ୍କଦ୍ୱାରା ଏହି ଅବସ୍ଥାର ପ୍ରତିବିଧାନ ହୋଇ ପାରିବ, ଅମ୍ଭେମାନେ ସମ୍ପୂର୍ଣ୍ଣ ଆଶା ରଖୁଅଛୁଁ ।

୩ୟ—ପତ୍ରିକାର 'ଜଣେ ପାଠକ'ଙ୍କ ସଦସୁକ୍ତି । ସେପରି "ଜଣେ ପାଠକ" ମାତ୍ର ? କମିଟୀର ସଭ୍ୟମାନେ ଅନୁବାଦରେ ଭ୍ରମ ଦେଖାଇଲେ ତାହା ସଂଶୋଧିତ ହୋଇ ଏକସପ୍ତାହରେ ପୁସ୍ତକର ନୂତନ ସଂସ୍କରଣ ବାହାରିବ, ଏପରି ଦମ୍ଭପୂର୍ଣ୍ଣ ଉକ୍ତି ପ୍ରୟୋଗ କରିବାରେ ତାଙ୍କର କି ଅଧିକାର ବା ପ୍ରୟୋଜନ ଥିଲା ? ପୁସ୍ତକ ସଙ୍ଗେ ସ୍ୱୀୟ ସମ୍ପର୍କଟା ସ୍ପଷ୍ଟ ପ୍ରକାଶ କରି ଲେଖିଥିଲେ ହାନି କଣ ହୋଇ ଥାଆନ୍ତା ?

ତାରପରେ ଓଡ଼ିଆ ନବସମ୍ବାଦଙ୍କ "ଶ—"ଙ୍କ ଉକ୍ତି ! ସେ କହନ୍ତି 'ନୂତନ ପାଠ' "ପଲ୍ଲୀଗ୍ରାମବାସୀ ଛାତ୍ରମାନଙ୍କର" ବୈଷୟିକ ଜ୍ଞାନର ଅଭାବ ପୂରଣ କରୁଅଛି । ହୋଇପାରେ, କିନ୍ତୁ ସେ ଅଭାବ କି ଓଡ଼ିଶାର କୌଣସି ଲେଖକଙ୍କଦ୍ୱାରା ପୂରଣ ହୋଇ ପାରନ୍ତା ନାହିଁ ? 'ନୂତନ ପାଠ' କଣ ସକଳ ଦେଶର ସେହି ଅଭାବ ପୂରଣ କରିବାପାଇଁ ବିଧାତାଙ୍କଦ୍ୱାରା ପ୍ରେରିତ ହୋଇଅଛି ?

ତାଙ୍କର ଦ୍ୱିତୀୟ କଥା, "ପରୀକ୍ଷାରେ ଏକ ପୁସ୍ତକ ନିର୍ବାଚିତ ହେବା ବାଞ୍ଛନୀୟ ।" ଏହା କଣ ଋଷିବାକ୍ୟ, ନା ବେଦବାଣୀ ? "ପରୀକ୍ଷାର ସମତା ରକ୍ଷା କରିବା ପ୍ରଧାନ କାର୍ଯ୍ୟ ।" ଏକଥା ପରୀକ୍ଷକଙ୍କୁ କଏ କହିଲା ? ଏହା କି ଏକା ନିମ୍ନ ପ୍ରାଇମେରି ପରୀକ୍ଷାରେ, ନା ଉଚ୍ଚ-ପ୍ରାଇମେରି ଓ ଛାତ୍ରବୃତ୍ତି ପ୍ରଭୃତି ସବୁ ପରୀକ୍ଷାରେ ? ଏଣିକି କଣ ସବୁ ପରୀକ୍ଷାର ପାଠ୍ୟ ପୁସ୍ତକମାନ ବଙ୍ଗଳାରୁ ଅନୁବାଦ ହେବ ?

Digitized by srujanika@gmail.com

Split by PDF Splitter



ଧନ୍ୟକାଳ ! ଧନ୍ୟ ମୀମାଂଷା ! ! ଧନ୍ୟ ଦେଶହିତୈଷଣା !! ! ପୁଣି ପତ୍ରପ୍ରେରକ ଲେଖି ଅଛନ୍ତି, "ସ୍କୁଲ ପାଣ୍ଡ କର୍ତ୍ତୃପକ୍ଷେ ଏହି ନୂତନ ପାଠ ଛୁଟି ଯାଇପାରେ, ତେବେ ବେଳେ କୃତବିଦ୍ୟ ବ୍ୟକ୍ତିମାନେ ଆପଣାର ଯୋଗ୍ୟତା ଦେଖାଇ ନୂତନ ପୁସ୍ତକ ପ୍ରଣୟନ କରି ପ୍ରଚଳିତ କରିପାରନ୍ତି ସେଥିରେ ଆପତ୍ତି କଣ ?" ପଣ୍ଡୁଙ୍କୁ ସେବେଠେଲରୁ "ପରୀକ୍ଷାର ସନନ୍ଦ ରକ୍ଷା" କଥା କେଉଁ ଆଡ଼େ ଗଲା ? "ତେବେ ବେଳେ କୃତବିଦ୍ୟ ବ୍ୟକ୍ତିମାନେ ଯୋଗ୍ୟତା" ଦେଖାଇବେ, ଏତେବେଳେ କଣ ଦେଖାଇ ପାରିବେ ନାହିଁ, ଏକଥା ପତ୍ରପ୍ରେରକ କିଷ୍ଟରୂପେ ଜାଣିପାରି ଅଛନ୍ତି ? ଏଥିପାଇଁ ଆମ୍ଭେମାନେ ଲେଖୁଅଛୁଁ "ଅଦ୍ଭୁତ ମୀମାଂସା !" ବୋଲି କହିଲେ କଣ ହେବ ? ଆଜିକାଲି ଓଡ଼ିଶାରେ ସବୁବିଷୟରେ "ଅଦ୍ଭୁତ ମୀମାଂସା" ର କାଳପଡ଼ିଅଛି !!!

୨୮।୮।୯୫ ଶ୍ରୀ ଚାଲଶର ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଯଦୁମଣି ନନ୍ଦ | ଭଉଘର | ଟ ୨୲ |
| " ସାଧୁଚରଣ ଦାସ | ଦାଲୁ | ଟ ୩୲ |
| ମହନ୍ତ ରଘୁନାଥ ପୁରୀ ଗୋସାଇଁ | କୋଠପଦା | ଟ ୧।୲ |
| ବାବୁ ସଦାନନ୍ଦ ମିଶ୍ର | ଅନନ୍ତପୁର | ଟ ୩୲ |
| " ଲୋକନାଥ ଦାସ | ସୁଖ | ଟ ୧୦୲ |
| " ସୂର୍ଯ୍ୟମଣି ଶାହି | ଅନନ୍ତପୁର | ଟ ୩୲ |

## ବିଜ୍ଞାପନ ।

ନୂତନ ପୁସ୍ତକ ।

### ବିବାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ଓ ମୋଫସଲରୁ ଡାକମାସୁଲ ଏକଅଣା ମାତ୍ର ।

ବରମଧ୍ୟମଶ୍ରେଣୀ ଇଂରାଜୀସ୍କୁଲ ସକାଶେ ଜଣେ ହେଡ୍ପଣ୍ଡିତ ଆବଶ୍ୟକ । ମାସିକ ବେତନ ଟ ୧୦ ଙ୍କା । କର୍ମପ୍ରାର୍ଥୀ କଟକ ନର୍ମାଲସ୍କୁଲର ତୈବାର୍ଷିକ ପରୀକ୍ଷାରେ ଉଚ୍ଚ ସହିତ ଉତ୍ତୀର୍ଣ୍ଣ ହୋଇଥିବେ । ଦରଖାସ୍ତ ଆଗାମୀ ସେପ୍ଟେମ୍ବର ମାସ ତା ୧୫ ରିଖ ପର୍ଯ୍ୟନ୍ତ ଗୃହୀତ ହେବ । ଦରଖାସ୍ତ ସାର୍ଟିଫିକେଟର ନକଲ ସହିତ ନିମ୍ନସ୍ବାକ୍ଷରକାରୀଙ୍କ ନିକଟକୁ ପଠାଇବାକୁ ହେବ ।

୨୨।୮।୯୫ }
କଟକ }
Gour Mohun Dass
ବର ମଧ୍ୟମ ଶ୍ରେଣୀ ଇଂରାଜୀ ସ୍କୁଲ ସମ୍ପାଦକ
ପୋଃ ବାଇପଡ଼ା
ଜିଲା, କଟକ

## WANTED.

A peripatetic gymnastic teacher for the middle vernacular schools under the direct management of the Puri District Board. Salary Rs. 25 per month including occasional travelling expense.

Applications will be received by the undersigned up to the 15th September, 1895.

The successful candidate is required to report himself at this office after the ensuing Durgapuja vacation.

District Bd's office, Puri, 27—8—95. }
H. Macpherson.
*Chairman,*
District Board Puri.

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି କି ମଧୁପୁର ଅନ୍ତର୍ଗତ ଇମାମନଗର ହାଟରେ ଆମ୍ଭର ଯେଉଁ ଗୋଦାମ ଥିଲା ତାହାର ହିସାବକିତାବ ଆମ୍ଭର କାରପରଦାଜ ସେଖ ଅବଦୁଲ ଲତିଫ ନିକଟରୁ ବୁଝିବାରେ ଆମ୍ଭେମାନେ ଟ ୩୦୦୲ ଙ୍କାର କ୍ଷତିଗ୍ରସ୍ତ ହୋଇଅଛୁଁ । ଅତଏବ ଉକ୍ତ କାରପରଦାଜକୁ ଆମ୍ଭର କାର୍ଯ୍ୟରୁ ରହିତ କରୁଅଛୁଁ । ଉକ୍ତ କୋମ୍ପାନିର ନିକଟରେ ଯେଉଁମାନଙ୍କର ଦେଣା ପାଉଣା ଅଛି ସେମାନେ ଏକସପ୍ତାହ ମଧ୍ୟରେ ଆମ୍ଭ ନିକଟରେ ସମସ୍ତ ନିକାଶ କରିବେ । ଅଦ୍ୟଠାରୁ କାରପରଦାଜର କୌଣସି କାର୍ଯ୍ୟ ସକାଶେ ଆମ୍ଭେ ଦାୟୀ ହେବୁ ନାହିଁ । ଦୁଃଖର ବିଷୟ ଏହି ଯେ Sarkar & Co କୋମ୍ପାନି 'ଫେଲ୍' ହୋଇ ଯାଇଅଛି ।

ମଧୁପୁର ୧୮।୮।୯୫ }
S. P. Sarcar
ଇମାମନଗର ହାଟ
ମଧୁପୁର

ଏତଦ୍ୱାରା ଜଣାଇ ଦିଆ ଯାଉଅଛି ଯେ ଘାଇଲୁଦ ମଧ୍ୟମ ଶ୍ରେଣୀ ଇଂରାଜୀ ସ୍କୁଲ ସକାଶେ ମାସିକ ଟ ୨୦ ଙ୍କା ବେତନରେ ଜଣେ ହେଡ୍ମାଷ୍ଟର ଆବଶ୍ୟକ । ଯେଉଁମାନେ ଏଣ୍ଟ୍ରାନ୍ସ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଶିକ୍ଷକତା କାର୍ଯ୍ୟରେ ପାରଦର୍ଶିତା ଲାଭ କରିଥିବେ ସେମାନେ ସ୍ବ ସ୍ବ ପ୍ରଶଂସା ପତ୍ର ସହିତ ଚଳିତ ମାସ ତା ୩୦ ରିଖ ମଧ୍ୟରେ ଆମ୍ଭ ନିକଟକୁ ଦରଖାସ୍ତ ପଠାଇବେ ଇତି ।—

ଘାଇଲୁଦ ତା ୨୬ ରିଖ ଅଗଷ୍ଟ ୧୮୯୫ }
ସନା । ଓ । ଘାଇଲୁଦ । ଜି । ପୁରୀ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ ଯେ ଆମ୍ଭର କଟକ ଚୌଧୁରୀବଜାରରେ ଥିବା ଡାକ୍ତରଖାନା " Imperial Druggist Hall " କୁ ଓଡ଼ିଆବଜାର ଦେବଗୋପମଠ ସମ୍ମୁଖରେ ଥିବା ଏକ ନୂତନ ଗୃହକୁ ସ୍ଥାନାନ୍ତରିତ କରୁଅଛୁଁ । ଏହା ବର୍ତ୍ତମାନ ଆମ୍ଭର ଉକ୍ତ ଡାକ୍ତରଖାନାରେ ରହିବ ପ୍ରତିଦିନ ପ୍ରାତଃ ଘ ୭ ଟାଠାରୁ ଘ ୯ ଟା ପର୍ଯ୍ୟନ୍ତ ଆମ୍ଭେ ଡାକ୍ତରଖାନାରେ ରୋଗୀମାନଙ୍କୁ ବ୍ୟବସ୍ଥା ଓ ହୋମିଓପାଥିକ ଔଷଧ ବିତରଣ କରୁଅଛୁଁ । କେବଳ ଗୋଟିଏ ପଇସାର ଟିକେଟ ନେଇ ଆସିଲେ ଲୋକେ ଔଷଧ ନେଇ ପାରିବେ । ଅନ୍ୟାନ୍ୟ ଔଷଧମାନ ଆମ୍ଭ ଡାକ୍ତରଖାନାରେ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ।

ଓଡ଼ିଆବଜାର କଟକ ୫।୮।୯୫ } ପ୍ରୋପ୍ରାଇଟର ।

## ଆୟୁର୍ବେଦୀୟ ଔଷଧାଳୟ ।

ଓଡ଼ିଶାରେ ଆୟୁର୍ବେଦୀୟ ଚିକିତ୍ସାର ଉନ୍ନତି ସାଧନ ନିମନ୍ତେ ଓଡ଼ିଶାର କୃତବିଦ୍ୟ ଲୋକମାନଙ୍କ ଯତ୍ନରେ ଏ ନଗରରେ ଗୋଟିଏ ଆୟୁର୍ବେଦୀୟ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ସେହି ବିଦ୍ୟାଳୟର ଶିକ୍ଷକ ପଦରେ କଲିକତାର ସୁନାମଖ୍ୟାତ କବିରାଜ ଗଙ୍ଗାପ୍ରସାଦ ସେନ କବିଭୂଷଣ ମହାଶୟଙ୍କ ଛାତ୍ର ପଣ୍ଡିତ ଶ୍ରୀ ଆନନ୍ଦମୋହନ ଦାସ ଗୁପ୍ତ କବିରତ୍ନ ବହୁତ ବୋଲି ଖ୍ୟାତ ହୋଇ ଏ ନଗରର ଭୂତପୂର୍ବ ରାଜା ବୈକୁଣ୍ଠନାଥ ଦେ ମହାଶୟଙ୍କ କୋଠାରେ ଅବସ୍ଥାନ କରୁଅଛନ୍ତି । ସେ ସର୍ବସାଧାରଣଙ୍କ ଚିକିତ୍ସା ନିମନ୍ତେ ପ୍ରସ୍ତୁତ ଥାନ୍ତି ଏବଂ ଆବଶ୍ୟକ ହେଲେ ଭଦ୍ରଲୋକମାନଙ୍କ ଗୃହକୁ ଯାଇ ଚିକିତ୍ସା କରନ୍ତି । ତାଙ୍କର ପ୍ରସ୍ତୁତ ନାନାବିଧ ଉତ୍କୃଷ୍ଟ ଔଷଧ ତାଙ୍କ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

## ଶୁଭସଂବାଦ ।

ଆୟୁର୍ବେଦୀୟ ମେଡ଼ିକାଲ ମ୍ୟାନୁଫାକ୍ଚରିଂ କୋମ୍ପାନି ଅଫ ଇଣ୍ଡିଆ, ଲିମିଟେଡ ।

କାଲକତା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକଡ଼ା ଟ ୨୫ ଙ୍କା କମି ହେଲା ।

କୋମ୍ପାନିର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳ ଘୃତ ମୋଦକ-

Digitized by srujanika@gmail.com

Split by PDF Splitter



ଜାତ ଔଷଧ ସମୂହ ସେପର ବିଶୁଦ୍ଧ ଏବଂ ସାର୍ଥବାନ୍ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ଏପରି ଅଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତାର ନିମିତ୍ତ କୋମ୍ପାନୀ ଦାୟୀ । ଅତ ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟକୁ କେବେ ପଠାଇବାର ଭୟ ନାହିଁ । ରୋଗର ଅନୁପୂର୍ବିକ ବିବରଣ ପଠାଇଲେ ବ୍ୟବସ୍ଥା ନିଶ୍ଚୟ ହୁଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—ଯାହାର ଭେଲୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଅଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

ବୈଦ୍ୟନାଥ ବଟି—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ନିରାକୃତ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ମୂତ୍ରକ୍ଷୟ ପ୍ରଭୃତ ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୭ ବଟି ୧୮ ଟଙ୍କା ଡାକଖରଚ ।୵ ଅଣା ।

ଶୋଭନକୁନ୍ତଳ ତୈଳ—ବ୍ୟବହାରରେ କେଶ ଘନ, ଭ୍ରମରର କୃଷ୍ଣ ଏବଂ ରେଶମ ପରି ସୂକ୍ଷ୍ମ ଓ ଶୋଭାଯୁକ୍ତ ହୋଇ ସମଧିକ ବୃଦ୍ଧି ପାଏ ଏବଂ କେଶର ଅକାଳପତନ ଓ ପକ୍ୱତା ନିବାରିତ ହୁଏ । ଏହାର ଗନ୍ଧ ମଧୁର ମନୋହର ଏବଂ କୋମଳତାମୟ । ଏଥିରେ ମସ୍ତିଷ୍କ ସ୍ନିଗ୍ଧ ରହେ ଏହା କେବଳ ମର୍ତ୍ତ୍ୟ ଭୂମିରେ ମନୋରମଥ । ଏହା ଅପେକ୍ଷା ବଳାଶୋପଯୋଗୀ ସୁଗନ୍ଧଯୁକ୍ତ ତୈଳ ଅଉ ଅଦ୍ୟାବଧି ହୋଇ ନାହିଁ ।

୧ ଶିଶି ୧ ଟଙ୍କା, ଡାକଖରଚ ।୵ ଅଣା ।

ଦନ୍ତସଂସ୍କାର ଚୂର୍ଣ୍ଣ—ଏହା ବ୍ୟବହାରରେ ଦନ୍ତର ଓ ଦନ୍ତମୂଳର ଯେ କୌଣସି ରୋଗ ଥିଲେହେଁ ଅତ୍ୟଳ୍ପ ଦିନ ମଧ୍ୟରେ ନିବାରିତ ହୁଏ । ଏହା ଅତୀବ ବଳାଶୋପଯୋଗୀ ଏବଂ ସୁଗନ୍ଧଯୁକ୍ତ ଦନ୍ତମଞ୍ଜନ ଏହାର ଦ୍ୱିତୀୟ ନାହିଁ

୧ କୌଟା ୵୨ ଅଣା ଡାକଖରଚ ।୵ ଅଣା

କୁନ୍ତଳକୌମୁଦୀ ତୈଳ—ବ୍ୟବହାରରେ ନୂତନ ଜାତ କେଶ ଏବଂ ପତନୋନ୍ମୁଖ କେଶ ମୂଳ ଦୃଢ଼ ହୁଏ ! ଏହା ବଳାଶୋପଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧବର୍ଦ୍ଧକ !

୧ ଶିଶି ୧ ଟଙ୍କା ଡାକଖରଚ ।୵ ଅଣା ।

୧ ସେରକୁ ୫ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ୫ ୨୫ ଟଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଲ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

ସର୍ବତ୍ର ଏଜେଣ୍ଟର ପ୍ରୟୋଜନ—ଏଜେଣ୍ଟ କୁ ଶତକର ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିବିଧ ବିଷୟ ଜ୍ଞାତବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ସେକ୍ରେଟେରି ଓ ଟ୍ରେଜରର ।

ଫଲେନ ପରିଚୀୟତେ

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ବିଶଲ୍ୟ କରଣି ଘୃତ ।—(ବିହତ ଅଇଡୋ ଫମର କାର୍ଯ୍ୟକରେ) ଏହି ଘୃତ ବ୍ୟବହାରରେ ଦୁଃସାଧ୍ୟ ଉପଦଂଶ (ଗରମି ବେରାମ) ଓ ପାରଦଜନିତ ଦୁଃସାଧ୍ୟରୋଗ୍ୟ ନୂତନ ପୁରାତନ ସର୍ବପ୍ରକାର କ୍ଷତ (ଘାଅ) ଜ୍ୱାଳା ଯନ୍ତ୍ରଣାରେ ଅଚିରାତ୍ ଆରୋଗ୍ୟ ହୁଏ ପ୍ରତିକୌଟାର ମୂଲ୍ୟ ଟ ୧ ୧ ଙ୍କା

୧ ମଧୁମାଳତୀବଟିକା } ଏହା ସ୍ତ୍ରୀମାନଙ୍କର ସର୍ବପ୍ରକାର
୨ ବସନ୍ତକୁସୁମାକର ଚୂର୍ଣ୍ଣ }

ପ୍ରଦରର ଏକମାତ୍ର ମହୌଷଧ । ଏହା ବ୍ୟବହାର କରି ବହୁ ଦିବସର ପୁରାତନ ପ୍ରଦରମାନ ସ୍ୱଳ୍ପସମୟ ମଧ୍ୟରେ ଆରୋଗ୍ୟ ହେବାର ପରୀକ୍ଷା କରି ଦେଖିଅଛୁଁ ବ ୧୦ ଟୀକାର ମୂଲ୍ୟ ଟ ୧ ୧ ଙ୍କା ଓ ଚୂର୍ଣ୍ଣ ପ୍ରତିକୌଟାକୁ ଟ ୨ ।

ଅମୃତସିନ୍ଧୁ ବଟିକା ।—ଏହି ଔଷଧ ସପ୍ତାହ ସେବନ କଲେ ଉଦ୍ଗାରର ରକ୍ତ ବନ୍ଦ ଓ ଉଦ୍ଗମ କୋଷ୍ଠ ପରିଷ୍କାର ହୁଏ । କ୍ରମାନ୍ୱୟେ ବହୁଦିନ ସେବନ କଲେ ସ୍ୱଳ୍ପରେ ଅର୍ଶବଳି ଶୁଖି ଝଡ଼ିଯାଇ ରୋଗାରୋଗ୍ୟ ହୁଏ ୭ ବଟିକାର ମୂଲ୍ୟ ଟ ୦ ୫

ନଷ୍ଟକାନ୍ତ ବଟିକା ।—ଏହା ସେବନ କଲେ ଧ୍ୱଜଭଙ୍ଗ, ଶୁକ୍ରତରଳତା, ସ୍ୱପ୍ନଦୋଷ ନିଶ୍ଚୟ ଭଲ ହୁଏ ଏତଦ୍ଭିନ୍ନ ଏହାର ଅଦ୍ଭୁତ କେତେକ ଚମତ୍କାର ଗୁଣ ଅଛି ତାହା ବ୍ୟବସ୍ଥା ପତ୍ର ପାଠେ ଜାଣି ପାରିବେ ବିଶେଷ ସ୍ୱପ୍ନଦୋଷ ଆରୋଗ୍ୟପକ୍ଷେ ଏହା ବ୍ରହ୍ମାସ୍ତ୍ର ବ ୭ ବଟିକାର ମୂଲ୍ୟ ଟ ୧ ୧ ଙ୍କା

ଶୂଳାପହ ଚୂର୍ଣ୍ଣ—ସର୍ବପ୍ରକାର ଶୂଳ ରୋଗ (ପେଟମରା) ଆରୋଗ୍ୟ ହୁଏ ମୂଲ୍ୟ ଟ ୧ ଙ୍କା

ଉପରୋକ୍ତ ଔଷଧସମସ୍ତ ମୋଫସଲ ପାଇଁ ପ୍ୟାକିଂ ଡାକମାସୁଲ ସ୍ୱତନ୍ତ୍ର ଲାଗେ ଓ ଔଷଧ ସହିତ ବ୍ୟବସ୍ଥା ପତ୍ର ପଠାଯାଏ ।

ଏହି ଔଷଧ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭ ନିକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

କୃଷ୍ଣନପୁର } କବିରାଜ
ସହର କଟକ } ଶ୍ରୀ ବାଳକୃଷ୍ଣ ଦାସ
ବାବୁରାଧାଶ୍ୟାମ- }
ସରକାରଙ୍କ ବସାରେ

## ବିଜ୍ଞାପନ ।

ମାଟ୍ରିକ୍ୟୁଲେସନ, ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ ଓ ଲୋଅର୍ ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools.

**JUST TO HAND.**

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ଚୈତନ୍ୟଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା
ମୋଫସଲନିମନ୍ତେ ଡାକମାସୁଲ ଟ ୦୵

**NOTICE**

**THE DWIBHASI.**

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

## ଭଗବଦଗୀତା ।

( କୃଷ୍ଣସିଂହ ମହାଭାରତ ଶାନ୍ତିପର୍ବ ଅନ୍ତର୍ଗତର ପଦ୍ୟ ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି
ମୂଲ୍ୟ ଖ ୧ ଟ ୦ । ଡାକମାସୁଲ ଟ ୦ ୧୭

Digitized by srujanika@gmail.com

## ବିଜ୍ଞାପନ ।

### ନୂତନ ନୂତନ ନୂତନ

### କବି କଣ୍ଠ ବିରଚିତ

ଶତ୍ରୁଜିତାଶ୍ରୃଣ କଳ୍ପପାଲା ମୂଲ୍ୟ ଟ୦/ ଏକଅଣା।
ପଦ୍ମଲୋଚନ ପାଲା ମୂଲ୍ୟ ଟ୦/
ମ ଙ୍ଗାଳୀ କଳ୍ପପାଲା ମୂଲ୍ୟ ଟ୦୶
ବଭ୍ରୁବାହନ ପାଲା ମୂଲ୍ୟ ଟ୦୶
ନୃସିଂହ ପାଲ ,, ଟ୦/

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲାମାନ ଯନ୍ତ୍ରସ୍ଥ ଅଛି

---

## ସଙ୍ଗୀତସର୍ବସାର !!

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ଶିକ୍ଷା ପ୍ରାପ୍ତି ନିମିତ୍ତ ।

ପ ତ ସୁ ଲ ର ମୂ ଲ୍ୟ ଟ ୦ ୵ ମା ତ୍ର ।

ଏଥିରେ ବଶିଣୀ, ଝୁଲି, ଖେମଟା, ଟପା, ଠୁମରୀ ପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏହିକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଜମା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖର୍ଜୀଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଶ୍ରୀମଦ୍‌ଭାଗବତ ।

ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ କୃତଭାଗବତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଅଛିଥିଲ, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ଦ୍ୱିତୀୟସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ଅଶୁଦ୍ଧ ଥିଲା ସେହି ସବୁ ବିଶେଷ ଅନେକ ଅଳ୍ପ ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରସଙ୍ଗର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବିଷ୍ଟ ହୋଇଅଛି । ଯଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବାଙ୍କୁ ସେହିପରି ଶ୍ରୀ ବୃନ୍ଦାବନ ପାଦପଦ୍ମରେ ଶରଣ ହୋଇ ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ

---

ବହୁତ ବଢ଼ୁଥିବା ବିଷୟରେ ସୁନ୍ଦର ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ୵ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅତ୍ୟଳ୍ପ ମୂଲ୍ୟ ଟ ୦ ୵ ଧାର୍ଯ୍ୟ ହୋଇଅଛି ।

---

## ଘଣ୍ଟା ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ ଘଣ୍ଟା ଘଡ଼ୀ ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ନିୟମରେ ନୂତନ କାରିଗରଦ୍ୱାରା ଚଳାଇ ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ପତ୍ର ଦେଲେ ସମସ୍ତ ବିଷୟ ଜାଣିପାରିବେ ଏହାଛଡ଼ା ହାରମୋନିୟମ୍‌ବାଜା-ମିଉଜିକେଲବାକ୍ସ ଏବଂ ଲୁଗାସିଲାକଳ ପ୍ରଭୃତି ମରାମତି କରାଯାଇବ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡ଼ି ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ପ୍ରକାଶଥାଉ କି ଛାପାଖାନାର କାରିଗର ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ପରିଚୟ ଦେବାର ଅବଗତ ହୁଏ । ଏହିପରି କେତେକ ଘଟନା ଶୁଣିଗୋଚର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୁଲି ସ୍ୱହସ୍ତରେ ଘଡ଼ୀ ଛାପାଖାନାକୁ ପଠାଇଦେଲେ ଖରଚ ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୂପାର ଗିଲ୍‌ଟି କର୍ମ ମଧ୍ୟ ଏଠାରେ ହୁଏ ।

୧୨ । ୪ । ୯୫
କଟକପ୍ରିଣ୍ଟିଂକମ୍ପାନୀ ଅଫିସ କଟକ } ଶ୍ରୀ ଗୌରିଶଙ୍କର ରାୟ।

---

## ଜ୍ୱରର ଅବ୍ୟର୍ଥ ମହୌଷଧ

### ( ବିଶେଷ ପରୀକ୍ଷିତ )

ମୂଲ୍ୟ ପ୍ରତିଡବା ଟ୦ ।୶ ମାସୁଲ ଟ୦ । ଅଣ

ଏହି ଔଷଧ ବ୍ୟବହାରରେ ସବୁପ୍ରକାରର ଜ୍ୱର ଏକାବେଳକେ ଆରୋଗ୍ୟ ହୋଇଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ । ଏହାର ବ୍ୟବହାର କଲେ ବହୁମାତ୍ର ଦୁର୍ବଳ ହୁଏ ନାହିଁ ଏବଂ ଏହା ଉପଯୋଗ ଅଟେ । ଏଥିରେ ନାନାପ୍ରକାର ଔଷଧ ମିଶ୍ର ଭଲ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ ଗୋଟି ଅଣୁ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଧିକ ଅଭିଜ୍ଞତାପ୍ରଦ ହୋଇଅଛି । ଯେଉଁମାନେ ଏହି ଔଷଧ ସେବନରେ ଫଳ ପାଇଅଛନ୍ତି ଅତଏବ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ । ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇଅଛନ୍ତି ଏବଂ ଅନେକ ପ୍ରଶଂସାପତ୍ର ମଧ୍ୟ ଦେଇଅଛନ୍ତି ; ଔଷଧ ବ୍ୟବହାରବିଧି ଔଷଧ ସହିତରେ ଦିଆଯାଇ ଥାଏ।

ଶ୍ରୀ ରାମ ଚାରନ ସେନ
ଡେଙ୍କ ଉତ୍କଳପ୍ରେସ
ବାଲେଶ୍ୱର

---

## ବିଜ୍ଞାପନ ।

ସ୍କୁଲପାଠ୍ୟ, ପଞ୍ଚମ ସଂସ୍କରଣ ।

ପଣକିଆମାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଳେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ନାରମଣି ମିଶ୍ର

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅଧସ୍ତମ୍ଭ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଦର ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଦର ପ୍ରଥମଥର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମଭାବରେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ଶ୍ରୀ ଗୌରୀଶଙ୍କର ରାୟଙ୍କ ଦ୍ୱାରା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩୦ ଶ ୫୨ ସଂଖ୍ୟା | ତା ୨୮ ଶ ମାହେ ଡିସେମ୍ବର ସନ ୧୮୯୫ ମସିହା । ମୁ । ବ ୨୪ ନ ଉତ୍କ ଶକ ୧୩୦୩ ସାଲ ଶନିବାର । | ଅଗ୍ରିମ ଟ ୩ ୧ / ପଶ୍ଚାଦେୟ ଟ ୬ ୧

ମ୍ବଦେଶର ଗୋବୀଜଟୀକା ବିଷୟକ ଗତ ବର୍ଣ୍ଣରୁ ପ୍ରକାଶ ଯେ ଟୀକାଦାଅଯେ ଲୋକଙ୍କୁ ଟୀକା ଦଅନ୍ତି ତହିଁର ନ ଭଣି କେବଳ ଯେ ଲୋକର ସଫଳ ହୁଏ ତହିଁର ହେସାବ ଦଅନ୍ତି । ଏଥିରେ ଟୀକାର ସଫଳତା ଅସାଧାରଣରୂପେ ପ୍ରକାଶ ପାଏ ମାତ୍ର କାର୍ଯ୍ୟର ପ୍ରକୃତ ଅବସ୍ଥା ଜଣାପଡ଼େ ନାହିଁ । ଏହିକଥା ଧରାପଡ଼ିବାରୁ ବଙ୍ଗୀୟ ଗୋଟେଲଟ ସ୍ୱାସ୍ଥ୍ୟକମିଶନରଙ୍କୁ ଉପସ୍ଥାର କରିଅଛନ୍ତି । ଟୀକା ବିସ୍ତାର କାର୍ଯ୍ୟରେ ପୁରୀର ଡାକ୍ତର ହାର୍ଟ ସାହେବ ପ୍ରଶଂସା ଲଭିଅଛନ୍ତି ।

---

ଗତ ଶନିବାର ଯେ ସବୁ ମାହାଲ ସ୍ଥଗିତ ବାକି ଜମାନ୍ତେ ନିଲାମ ହେବାର ଥିଲା ତହିଁମଧ୍ୟରୁ ଅଧିକାଂଶ ମାହାଲର ଟଙ୍କା ନିଲାମ ତାରିଖ ପୂର୍ବରୁ ଓ କେତେକ ନିଲାମ ତାରିଖରେ ସୁଦ୍ଧା କଲେକ୍ଟର ସାହେବ ଗ୍ରହଣ କରିବାରୁ କେବଳ ୪ ଗୋଟି ମାହାଲ ନିଲାମ ହେଲା ଏବଂ କେବଳ ଗୋଟିଏ ମାହାଲର ମୂଲ୍ୟ ସଦର ଜମାର କୋଡ଼ିଏଗୁଣ ହୋଇଥିଲା ଅବ ସମସ୍ତ ଦଶ ଗୁଣରୁ ଅଧିକ ହୋଇ ନାହିଁ । ଏ ସବୁ ମାହାଲ ମାଲିକ ମାନଙ୍କର ଇଚ୍ଛାମତେ ନିଲାମ ହେବାର ଜଣାଯାଏ ନଭୁବା କଲେକ୍ଟର ସାହେବଙ୍କର ଏଥର ଅତ୍ୟନ୍ତ ଦୟା ଦେଖି ଲୋକେ ଧନ୍ୟ୨ କହୁ ଅଛନ୍ତି ।

---

ମାନ୍ଦ୍ରାଜ ପ୍ରଦେଶ ଷିପଢ଼ ନାମକ ସ୍ଥାନରେ ଜଣେ ବୃଦ୍ଧ ସଙ୍ଗେ ଏକ ବାଳିକାର ବିବାହସମ୍ବନ୍ଧ ହୋଇଥିଲା । ଲଗ୍ନଦିନ ବର ଆସି ବେଦିରେ ବସି ସମ୍ପ୍ରଦାନ ହେବା ସମୟରେ କନ୍ୟା ତାହା ମୂର୍ତ୍ତିକୁ ଚାହିଁ କେଉଁ ପଳାଇଯାଇ ମଦାଭ ଖଣ୍ଡାଧରି ଲାଗି କହିଲା ପ୍ରଭେଦନ ଟିଏ୨ କର ଜୀବନ ନେବା ଅପେକ୍ଷା ମୋତେ ଏକ ଖୁଆଇ ଅଲ ବଧ କର । ସେ ଯେବେ ବୁଝାଇଲେ କନ୍ୟା ମାନିଲା ନାହିଁ ତହୁଁ ଭଦ୍ରଲୋକମାନଙ୍କ କହିବାମତେ ବର ବାହୁଡ଼ି ଗଲା । ଯେଉଁମାନେ ଅର୍ଥ ଲୋଭ ବା ଅନ୍ୟକାରଣରେ ପାଗଳ ବୁଢ଼ାସଙ୍ଗେ ବାଳିକାର ବିବାହ ଦଅନ୍ତି ସେମାନଙ୍କ ଶିକ୍ଷାକରିବା ଅଛି କି ହୋଇପାରିବ ?

—o—

ବଙ୍ଗ ପ୍ରଦେଶର ଭିନ୍ନ ୨ ସଂସ୍କୃତ ସଭାଦ୍ୱାରା ସନ ୧୮୯୪ । ୯୫ ସାଲରେ ଗୃହୀତ ହେବାପରୀକ୍ଷାର ଫଳାନୁସାରେ ନିମ୍ନ ଲିଖିତ ଛାତ୍ରମାନେ ଉଭବର୍ଷ ନିମନ୍ତେ ବୃତ୍ତି ପ୍ରାପ୍ତ ହୋଇ ଅଛନ୍ତି ଯଥା—

ଓଡ଼ିଶା ସଂସ୍କୃତ ସମିତି ଦ୍ୱାରା
ଗଦାଧର କର ଡୋମପଡ଼ା ଟ ୨ ୧
ବାଲେଶ୍ୱର ସଂସ୍କୃତ ସମିତି ଦ୍ୱାରା
ଯୋଗେଶ୍ୱର ସତ୍ପଥୀ ବାଲେଶ୍ୱର ଟ ୨ ୧
କାଳିଚରଣ ପାଣି „ ଟ ୨ ୧
ପୁରୀ ଜଗନ୍ନାଥ ସମିତି ଦ୍ୱାରା
ନୀଳକଣ୍ଠ ରଥ ରାଘବଗୋପାଳ ମଠ ଟ ୨ ୧
ବଳଭଦ୍ର ମିଶ୍ର କଣ୍ଟାପୁର ଟୋଲ ଟ ୨

---

ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି ଗତ ରୁଥବାର ମୁସଲମାନଙ୍କର ବାରଉଫାତ ପର୍ବ ଉପଲକ୍ଷରେ ସନ୍ଧ୍ୟାବେଳେ ଏ ନଗରର ବାଲୁବଜାର ଜୁମ୍ମାମସଜିଦରେ ଅନେକ ଭଦ୍ର ମୁସଲମାନ ଏକତ୍ରିତ ହୋଇ ଧର୍ମବିଷୟକ ରଚନାପାଠ ଓ ସଙ୍ଗୀତ ଶ୍ରବଣ କରିଥିଲେ । ମାତ୍ର ଏକଜଣ ମୁସଲମାନ ଗୋଟାଏ ସାମାନ୍ୟ ରଚନା ଖ୍ରୀଷ୍ଟ ବିରୁଦ୍ଧରେ ପାଠ କରି ଶ୍ରୋତାମାନଙ୍କର ବିରକ୍ତିଭାଜନ ହୋଇଥିଲେ । ତହିଁ ଅନ୍ତେ ଆଉ ଜଣେ ମୁସଲମାନ ଖ୍ରୀଷ୍ଟଙ୍କ ସପକ୍ଷରେ ଧର୍ମଶାସ୍ତ୍ରାନୁମୋଦିତ ଉଦାହରଣ ଦର୍ଶାଇ ଏକ ରଚନା ପାଠ କରି ଶ୍ରୋତାବର୍ଗଙ୍କ ଆନନ୍ଦ ବର୍ଦ୍ଧନ କରିଥିଲେ । ଖ୍ରୀଷ୍ଟଙ୍କ ନିନ୍ଦା କରିବା ପୟଗମ୍ବର ଏବଂ ବୁଜୁର୍ଗମାନଙ୍କର ଅବମାନନା ଭିନ୍ନ ଆଉ କିଛି ନୁହେ ।

---

ଦାନାପୁର କମ୍ପୁରେ ଧାବାର୍ଡ଼ିଲାମକ ହତ୍ୟା ଯୋଗ ବିଷୟରେ ଏକଜଣ ପଦାତିକକୁ ପଦାଘାତରେ ହତ୍ୟାକର ପ୍ରଥମେ ଅପରାଧ ସ୍ୱୀକାର କରିଥିଲେ ମଧ୍ୟ ହାଇକୋର୍ଟଙ୍କ ବିଚାରରେ

Digitized by srujanika@gmail.com

ମୁକ୍ତି ପାଇଥିବାର ପାଠକମାନଙ୍କୁ ଜଣା ଅଛି । ଭାରତବର୍ଷର ମହାମାନ୍ୟ ସୈନ୍ୟାଧ୍ୟକ୍ଷ ମହାଶୟ ଏହି ମୋକଦ୍ଦମାର କାଗଜପତ୍ର ପଢ଼ି ଆଦେଶ- ଦେଇଅଛନ୍ତି ଯେ ଆସାମିର ସେ ସ୍ତ୍ରୀକାଷ୍ଠ ବର୍ଣ୍ଣନା ଏବଂ ଡାକ୍ତର ସାହେବଙ୍କ ସାକ୍ଷରେ ଅନେକ ଘଟିବାରୁ ହାବାର୍ଡ଼ ସିପାହି ଖଲାସ ପାଇଲେ ମଧ୍ୟ ସେ ଘଣ୍ଟାକୁଲକୁ ନଷ୍ଟ କରିବାର କରିଥିବାର ସନ୍ତୋଷଜନକରୂପେ ପ୍ରମାଣ ହୋ- ଇଅଛି ଏବଂ ଅନ୍ୟାନ୍ୟ ସିପାହି କେବଳ ଏହି- ପର ପ୍ରହାର କରିବାର ଜଣାଅଛି । ଅତଏବ ପଲ୍ଟନର ଦଳଙ୍କ ଦୂଷାଇବା କାରଣ ସୈନ୍ୟା- ଧ୍ୟକ୍ଷ ମହାଶୟ ହାବାର୍ଡ଼ଙ୍କୁ ମାଜୁଲ କରିବାର ଏବଂ ଏହି ବିଷୟ ପଲ୍ଟନର ପରେଡ଼ କରି ସମସ୍ତଙ୍କୁ ଜଣାଇ ଦେବାର ଆଦେଶ ଦେଇ- ଅଛନ୍ତି । ଭରସା ହୁଏଇ ଏହି ଦୃଷ୍ଟାନ୍ତଦ୍ୱାରା ଗୋରା ସିପାହିମାନେ ଭବିଷ୍ୟତରୁ ସାବଧାନ ହେବେ ।

—୦ × ୦—

ସ୍ଥାନାନ୍ତରେ ପ୍ରକାଶିତ ମୁସଲମାନ ବୋରଡ- ର ସବ୍‌କାଶୀ ସଭାପତିଙ୍କର ଇଂରାଜୀ ପ୍ରେରିତ ପତ୍ରରୁ ପାଠକ ମାନେ ଅବଗତ ହେବେ ଯେ ପୁରୀରେ ଇଂରାଜୀ ଟୀକା ବସ୍ତାର ଅନୁଦେଶରେ ଗତମାସ ତା ୨୪ ରଖରେ ସେଠା ଉଚ୍ଚ ସ୍କୁଲ- ରେ ଗୋଟାଏ ସାଧାରଣ ସଭା ହୋଇଥିଲା । ଏବ ନଗରବାସୀ ଅନେକ ଭଦ୍ରଲୋକ ଉପସ୍ଥି- ତ ହୋଇ ଥିଲେ । ଏକଟ୍ଟ ମାଜିଷ୍ଟ୍ରେଟ ମାହଫର- ସନ ସାହେବ ସଭାପତିର ଆସନ ଗ୍ରହଣ କରି ଥିଲେ । ସେଠାର ସବ୍‌କାଶୀ ବଡ ଡାକ୍ତର ଶ୍ରୀଯୁକ୍ତ ବାଙ୍କ ସାହେବ ଇଂରାଜୀ ଟୀକାର ଉପ- କାରିତା ବର୍ଣ୍ଣନା କରି ଦେଖାଇଲେ ଯେ ଜିଲ୍ଲା ବୋରଡର ସାହାଯ୍ୟରେ ବିନା ଖର୍ଚ୍ଚରେ ଲୋକ- ଙ୍କୁ ଟୀକା ଦିଆ ଯିବାରେ ବସନ୍ତରୋଗ କମ୍ଭର ଜଣା ପଡ଼ୁଅଛି । ଉଦାହରଣ ଦେଲେ ଅର୍ଥାତ୍ ସନ ୧୮୯୬ । ୯୩ ସାଲରେ ପୁରୀରେ ଜ ୧୭୬୩ ଣ ଏହି ରୋଗରେ ମରିଥିଲେ ମାତ୍ର ସନ ୧୮୯୪। ୯୫ ସାଲର ମୃତ୍ୟୁ ସଂଖ୍ୟା ଜ ୨୭୯ ଣ ଅଟେ । ଗତ ଅଠବର୍ଷରେ ପୁରୀରେ ୨୮୪୮୧୯ ପିଲା ଜନ୍ମ ହୋଇଥିଲେ । ତନ୍ମଧ୍ୟରୁ ୫୦୭୮୧ ପିଲା ଜନ୍ମ ହେବାର ପ୍ରଥମବର୍ଷରେ ମରିଗଲେ । ଅବ- ଶିଷ୍ଟ ୨ ଲକ୍ଷ ୩୪ ହଜାର ପିଲାମଧ୍ୟରୁ କେବଳ ୭୨୧୪ ପିଲା ଟୀକାରେଖ କୃତକାର୍ଯ୍ୟ ହେବାର ତାଲିକାରୁ ଜଣା ଯାଉଅଛି ସୁତରାଂ ଦୁଇଲକ୍ଷରୁ ଅଧିକ ପିଲା ଟୀକା ନ ନେଇ ରହିବା ସମାଜର ହାନିର ବିଷୟ ଅଟେ ଏବଂ କେବଳ ଅର୍ଥାଭାବ ଏଥିର କାରଣ । ଅତଏବ ସେ ଅର୍ଥସାହାଯ୍ୟର ପ୍ରାର୍ଥନା କଲେ ଏବଂ ସଭାରେ ଟ ୧୮୦ ୯ ଙ୍କା ଚାନ୍ଦା ସ୍ୱାକ୍ଷରିତ ହେଲା । ଭରସା ହୁଏଇ ଅନ୍ୟାନ୍ୟ ହିତୈଷି ମାନେ ଏହି ହିତକର କାର୍ଯ୍ୟରେ ଯୋଗ ଦେବାକୁ ବିଲମ୍ବ କରିବେ ନାହିଁ ।

———

ବାଲେଶ୍ୱରର ଜଲବୋରଡ ସେଠା ଲୁଣା- ବଲଙ୍ଗ ନଗର ବାଲିଘାଟ ଫେରିଆଇନ ଅଧୀ- ନରେ ଆଣି ଇଜରା ଦେବାରୁ ଅଭିଯାଉ- ଯେଉଁ ଗରିବ ଲୋକମାନେ ଘରବାପଡ଼ା ଛାଡ଼ି ଉଦ୍ୟାନ ସହରକୁ ଆଣି ବିକ୍ରୟ କରିବା ହାରା ଦୁଇ ଚାରି ପଇସା ଆୟ କରୁଥିଲେ ସେମାନ- ଙ୍କର କଷ୍ଟର କଥା ବର୍ଣ୍ଣନାକରି ଜଣେ ପତ୍ର- ପ୍ରେରକ ବାଲେଶ୍ୱର ସମ୍ବାଦବାହିକାରେ ଏକ ଦୀର୍ଘପତ୍ର ପ୍ରକାଶ କରି ଅଛନ୍ତି । ଆମ୍ଭେମାନେ ଜାଣୁ ଯେ ବାଲେଶ୍ୱରର ବାଲିଘାଟ ପରି କଟକ ନଗର ଅନେକ ଘାଟରେ ଅକାରଣ ଫେରିଆଇନ ଜାରି କରି ଜଲ ବୋରଡ ଲୋକଙ୍କ ବହୁତ ଦୁଃଖ ସୃଷ୍ଟି କରି ଅଛନ୍ତି । ସ୍ଥାନୀୟଲୋକଙ୍କ ହସ୍ତରେ ଭାର ଦେବାର ତାତ୍ପର୍ଯ୍ୟ ଏହି ଯେ ସେମାନେ ଲୋକଙ୍କ ଅବସ୍ଥା ବୁଝି ବ୍ୟବସ୍ଥା କରିବେ । ମାତ୍ର ଦୈବବଶତଃ କାରେ ଏହାରେ ଯେ ଫଳ ହେଲା ସେ ବିପରୀତ ପାଲଟି ଗଲା । ବୋରଡର ସଭ୍ୟମାନେ ଲୋ- କଙ୍କ ସୁଖଆସ୍ଥା ଦୃଷ୍ଟି ନ କରି କେବଳ ଆୟ ବଢ଼ାଇବାରେ ବ୍ୟସ୍ତ । ଗତ ବାର୍ଷିକ ରିପୋର୍ଟ- ରେ ଗବର୍ଣ୍ଣମେଣ୍ଟ ମଧ୍ୟ ଏହା ସ୍ୱୀକାର କରି ଅଛନ୍ତି । ପର ଲୋକୀ କ୍ଷମିର ହେଲେ ଉତ୍ତର କଲ କାହାର ? ଯାହା ହେଉ ବ୍ୟବସ୍ଥାପକ ସଭା ସ୍ୱତନ୍ତ୍ର ପୂର୍ବକ ଫେରିଆଇନରେ ଦୟାକ କରି ଅଛନ୍ତି ଯ ଯେଉଁଠାରେ ଘାଟ ବସିବ ସେଠାରେ କମ୍ପା ଘାଟର ଉଭୟପାର୍ଶ୍ୱ ଦୁଇ ମା- ଇଲ ମଧ୍ୟରେ ଅନ୍ୟ ସାଧାରଣ ଘାଟ ବସି ପାରିବ ନାହିଁ ମାତ୍ର ଯେଉଁମାନଙ୍କର ଘାଟ ବଜାର ବା ସ୍ୱତ ଜମନ୍ତେ ସର୍ବଦା ଏପାରି ସେପାରି ହେବା ଆବଶ୍ୟକ ସେମାନେ ଆପଣା ବନ୍ଦୋବସ୍ତରେ ନୌକା ରଖି ପାରିବାର ହୋଇ ପାରିବେ କେବଳ ମାସୁଲ ନେଇ ଅନ୍ୟ କାହାରିକୁ ପାରକରି ପାରିବେ ନାହିଁ । କେହି ଜମିଦାର ବା ମହାଜନ ସାହାଯ୍ୟ କରି ଏପରି ନୂଆଘାଟ କରିଦେଲେ ଗ୍ରାମବାସିଙ୍କର କ୍ଳେଶ ଅନେକ ପରିମାଣରେ ନିବାରଣ ହେବ ପାଣ୍ଟ ନାଡ଼ିଆ କ୍ଷତିପୂରଣ ପାଇବାର ଅଧି- କାର ଆଇନାନୁସାରେ ଅଛି । ସେ ଉଚିତ ଯତ୍ନକଲେ ଅବଶ୍ୟ ଫଳ ପାଇବ ।

———

ଗୋଟିଏ କେଶ ମୋକଦ୍ଦମାର ବିଚାର ।

ଏ ଜିଲ୍ଲା ଅନ୍ତର୍ଗତ କଟେ ଡାଳିଯୋଡ଼ାର ଜଣେ ମୁସଲମାନ ଜମିଦାରର ଏକସ୍ତ୍ରୀ ନାଲିସ କଲା ଯେ ସେ ଅଧିକା ଖଜଣା ମାଗିଲ ଇତ୍ୟାଦି ନ ଦେବାରୁ ତଡେଇର ତହସିଲଦାର ତାହାକୁ ମାଡ଼ପିଟ କରି ଅନ୍ୟାୟରୂପେ ଅଟକ ରଖି- ଥିଲା । ଏ ମୋକଦ୍ଦମା ବେଞ୍ଚକୁ ସୁପର୍ଦ୍ଦ ହେଲା ଏବଂ ଜଣେ ମାଜିଷ୍ଟ୍ରେଟ ଆସାମୀକୁ ଦୋଷୀ ସା- ବ୍ୟସ୍ତ କରି ଏକସପ୍ତାହ କାରାବାସ ଓ ୪ ୨୫ ଙ୍କା ଅର୍ଥଦଣ୍ଡ ବିଧାନ କଲେ । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଅପିଲ ହେବାରୁ ସେ ଦେଖିଲେ ଯେ ପ୍ରଥମେ ବେଞ୍ଚର ତିନିଜଣ ମାଜିଷ୍ଟ୍ରେଟ ମୋକଦ୍ଦମା ଶୁଣିଥିଲେ ମାତ୍ର ଶେଷ ତାରିଖ- ରେ କୌଣସି କାରଣରୁ ଏକଜଣ ଥିଲେ ଏବଂ ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ଆସାମିକ ଖଲାସ ଦେବାର ସ୍ୱପକ୍ଷ ଓ ସଭାପତି ମାଜିଷ୍ଟ୍ରେଟ ତହିଁରେ ଐକ୍ୟ ନ ଥାଇ ଉପରିଲିଖିତ ମତରେ ଦଣ୍ଡ ଦେଲେ । ଜିଲ୍ଲା ମାଜିଷ୍ଟ୍ରେଟ କଟକ ବେଞ୍ଚର ଅବସ୍ଥା ଦୃଷ୍ଟେ କହି ଅଛନ୍ତି ଯେ ତିନିଜଣରୁ ଊଣା ମାଜିଷ୍ଟ୍ରେଟ କହି କୌଣସି କେଶ ମୋକଦ୍ଦମା ନିଷ୍ପତ୍ତି କରିବେ ନାହିଁ । ପୁନଶ୍ଚ ପଟେଣାପ୍ରତ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ବିଶେଷ ସନ୍ଦେହ ହେବା ଏବଂ ଉପସ୍ଥିତ ଥିବା ଦୁଇଜଣ ବେଞ୍ଚ ମାଜିଷ୍ଟ୍ରେଟମଧ୍ୟରୁ କେବଳ ଏ- କଜଣର ମତରେ ଦୋଷୀ ସାବ୍ୟସ୍ତ ହେବା ଅନ୍ୟାୟ ହେବାରୁ ନିମ୍ନ ଅଦାଲତର ରାୟ ରଦ କରି ଆସାମିକୁ ମୁକ୍ତି ପ୍ରଦାନ କଲେ । ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଇଂରାଜୀ ରାୟ ନିମ୍ନେ ପ୍ର- କାଶିତ ହେଲା । ଭରସାକରୁଁ ବେଞ୍ଚମାଜିଷ୍ଟ୍ରେ- ଟମାନେ ଏଣିକି ସାବଧାନ ହୋଇ କାର୍ଯ୍ୟ କରିବେ ।

No. 385 of 1896.

CRIMINAL APPEAL No. 6 OF 3rd QUARTER 1895.

APPELLANT DINABANDHU BARAL.

This is an appeal against an order of the Bench Magistrates, Cuttack, convicting the accused under S. 417, 341, 362, and 426 I. P. C. and sentencing him to one week's regorous imprisonment and to pay a fine of Rs, 25 or in default t oundor-

Split by PDF Splitter

Digitized by srujanika@gmail.com

go one month's further regorous imprisonment. Also to pay Rs. 5—8 costs to complainant.

The accused is Tehsildar on behalf of a Mohomedan Lady Zemindar of Pargannah Dalijora. Complainant is a raiyat of the same, and his story in brief is that he was beaten and kept at the Zemindar's Kachahri from afternoon to about 9 at night because he would not pay excess rent khareha, and *magan* which the accused demanded. The case was a very protracted one which I should never as District Magistrate to have made over to the Bench had I suspected from the petition of complaint that it would be so hotly contested. It was heard throughout by three Honorary Magistrates but for some reason one of them went away before judgment was given and of the other two one was in favor of acquiting the accused. The president however overruled his collegue and convicted and sentenced the accused as above. This may have been technically legal but I do not think it was altogether discreet. In fact it is advisable that in Benches constituted as the Cuttack bench is not less than three Honorary Magistrates should adjudicate on any case.

It is further argued in appeal that the procedure was wrong in as much as charge was drawn under Sec. 417 I. P. C. only whereas the conviction was under S, S. 341 352, and 426, also, and that charges should have been drawn for these sections only. I do not think this contention is correct, and the only ruling quoted in support of it is not strictly analogous being a case in which a warrant case offence was clearly committed, but the Magistrate throughout used the procedure prescribed for summons cases only. Moreover in the present case the sentence could have been equally well awarded under Sec. 417 P. C. only so that the other sections are immaterial. I am however of opinion that the conviction under Sec. 417 I. P. C. was altogether wrong and that the charge under that section was inapplicable to the case, the facts as stated by the complainant not having constituted an offence under that section. The complainant was not induced to pay more than he admitted by the accused's promise to see what other raiyts did and settle the matter afterwards, but rather by fear of force and confinement and the conviction, if made at allo should have been under secs; 352 and 341 or 343. I look however on the whole cast with extreme suspicion, on account of the two facts that complainant made delay of about ten days before complaining and that there was an ex-tehsildar who from the evidence on the record has had no doubt a finger in the case throughout. The two things together are significant. That some ill-treatment and possibly assault occurred on the day alleged, I do not doubt nor do I doubt that the case was reported at once at the thana and rejected as con-cognizable. I have equally little doubt that there the case would have stopped had not some one got hold of the complainant and provided funds and generally instructed him as to how to proceed further. In a case thus dealt with the evidence should be looked on with the utmost suspicion, and certainly the accused should not be convicted by one Bench magistrate out of two only against the opinion of his colleague. On the above grounds I reverse the finding and sentence of the Lower Court and order the accused to be released and the fine if paid to be refunded.

Cuttak, July 20th, 1895. (Sd.) W. MAUDE, *Offg. Magistrate.*

---

## ଲାଖରାଜବାଜ୍ୟାପ୍ତି ସ୍ୱତ୍ୱ ।

ଶୀର୍ଷାଙ୍କିତ ବିଷୟ ଯେ ଓଡ଼ିଶାରେ ବିଶେଷ ବିବେଚ୍ୟ ବିଷୟ ଏଥିରେ ଆଉ ସନ୍ଦେହ ନାହିଁ । ଆମ୍ଭେମାନେ ଅନେକଦିନ ପୂର୍ବେ ଅର୍ଥାତ୍ ସନ ୧୮୯୩ ମସିହାର ଏକ ପତ୍ରିକାରେ ତହିଁର ଅବତାରଣା କରି କେତେକ ବିଷୟ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ଆକର୍ଷଣ କରିଥିଲୁଁ । ସମ୍ପ୍ରତି କେତେକ ସ୍ଥଳରେ ଲାଖରାଜ ବାଜ୍ୟାପ୍ତି ଭୂମିଉପରେ ଜମାବନ୍ଦୀ ହେବାର ନୋଟିସ ଜାରୀ ହୋଇଥିବା ଓ ତହିଁରେ ଗବର୍ଣ୍ଣମେଣ୍ଟ ସମସ୍ତ ଆଇନ ଓ ନିୟମାନୁଯାୟୀ କାର୍ଯ୍ୟ କରିଥିବାର ଦେଖି ଅନୁମାନ ହେଉଅଛି ଯେ ଆମ୍ଭମାନଙ୍କର ଉପଦେଶକୁ ପ୍ରବଳ ଗବର୍ଣ୍ଣମେଣ୍ଟ କର୍ଣ୍ଣପାତରେ ଆସି ନାହିଁ । ଯାହାହେଉ ଅଥବା ସାଧାରଣ ମତପ୍ରତି ଅବହେଳା ଆଶା ନାହିଁ । ତଥାପି ବର୍ତ୍ତମାନ ସମୟ ଉପସ୍ଥିତ ହେଉଥିବା ସ୍ଥଳେ ତୁଷ୍ଣୀମ୍ଭାବ ନ ରହିବା କର୍ତ୍ତବ୍ୟକାର୍ଯ୍ୟରେ ତ୍ରୁଟି ବିବେଚନାରେ ଏ ପ୍ରବନ୍ଧର ଅବତାରଣା କରୁଁ । ଭରସା କରୁଁ ସାଧାରଣ ଏ ବିଷୟରେ ଏହି ସମୟରୁ ତତ୍ପର ହେବେ ।

ଲାଖରାଜବାଜ୍ୟାପ୍ତି ଭୂମି ସମ୍ବନ୍ଧୀୟ ଯେଉଁ ଜମାବନ୍ଦୀ ନୋଟିସ ଆମ୍ଭେମାନେ ଦେଖିଅଛୁଁ ତହିଁରୁ ପ୍ରକାଶ ଯେ ବନ୍ଦୋବସ୍ତ କର୍ତ୍ତା ଗୋ-ବିଘା ନିରଖରେ ଜମା ଧାର୍ଯ୍ୟ କରି ତହିଁମଧ୍ୟରୁ ଏକ ଚତୁର୍ଥାଂଶ ଅର୍ଥାତ୍ ଟଙ୍କାପ୍ରତି ୦।/୪ ବାଜ୍ୟାପ୍ତିଦାରଙ୍କୁ ଛାଡ଼ି ଦେଇ ଅଛନ୍ତି ଏବଂ ସାଧାରଣ ଇସ୍ତମରାରତୁଲ୍ୟ ବନ୍ଦୋବସ୍ତ କାଗଜାତରେ ବାଜ୍ୟାପ୍ତିଦାରର ନାମ ଦରଜ ହୋଇଅଛି । ବର୍ତ୍ତମାନ ଦେଖିବାକୁ ହେବ ଯେ (୧) ଏପର୍ଯ୍ୟନ୍ତ ଅର୍ଦ୍ଧେକ ଜମା ବାଜ୍ୟାପ୍ତିଦାରଙ୍କୁ ଛାଡ଼ ଦିଆଯାଇଥିବା ସ୍ଥଳେ ବର୍ତ୍ତମାନ ବନ୍ଦୋବସ୍ତରେ ତାହା ରହିତ କରି ଏକ ଚତୁର୍ଥାଂଶ ଛାଡ଼ ଦେବା ସଙ୍ଗତ ହୋଇଅଛି କି ନାହିଁ ଏବଂ (୨) ଲାଖରାଜବାଜ୍ୟାପ୍ତିଦାର ସାଧାରଣ ଇସ୍ତମରାରସ୍ୱରୂପ ଗଣ୍ୟ ହେବାର ଉପଯୁକ୍ତ କି ନା ? ପ୍ରଥମ ପ୍ରଶ୍ନର ମୀମାଂସା ୨ୟ ପ୍ରଶ୍ନ ଉପରେ ନିର୍ଭର କରିବାରୁ ପ୍ରଥମେ ଶେଷ ଲିଖିତ ପ୍ରଶ୍ନର ବିଷୟରେ ପ୍ରବୃତ୍ତ ହେଲୁଁ ।

ଲାଖରାଜବାଜ୍ୟାପ୍ତି ବିଷୟର ମୂଳ ଆଇନ ସନ ୧୭୯୩ ମସିହାର ୧୯ ଆଇନରେ ଲିପିବଦ୍ଧ ଅଛି । ତହିଁରେ ବାଜ୍ୟାପ୍ତିଦାରମାନେ ବାଜ୍ୟାପ୍ତି ଭୂମିର ମାଲିକ ବୋଲି ସ୍ପଷ୍ଟ ଉଲ୍ଲେଖ ହୋଇଅଛି । ଓଡ଼ିଶା ଇଂରାଜଙ୍କ କର୍ତ୍ତୃକ ଅଧିକୃତ ହେଲାଉତ୍ତାରୁ ସନ ୧୮୦୫ ମସିହାର ୧୨ ଆଇନ ବନ୍ଦୋବସ୍ତ ସମ୍ପର୍କରେ ଜାରୀ ହୋଇଥିଲା । ତହିଁରେ ସନ ୧୭୯୩ ସାଲର ୧୯ ଆଇନ ଓଡ଼ିଶାପ୍ରତି ଖଟିବାର ସ୍ପଷ୍ଟ ଲିଖିଅଛି ଏବଂ ଗତ ବନ୍ଦୋବସ୍ତ ସମ୍ପର୍କରେ କମିଶ୍ନର ମିଲସ୍ ସାହେବ ସନ ୧୮୩୭ ମସିହା ନବେମ୍ବର ମାସ ତା ୨୩ ଦିନରେ ଯେଉଁ ନିର୍ଦ୍ଧାରଣୀ ଲେଖିଅଛନ୍ତି ତହିଁରେ ସେ ବାଜ୍ୟାପ୍ତିଦାରଙ୍କୁ ମାଲିକ ବୋଲି ଅର୍ଥାତ୍ ଅଧୀନ ତାଲୁକଦାରସ୍ୱରୂପେ ଉଲ୍ଲେଖ କରାଯାଇ ଅଛି । ସେହି ନିର୍ଦ୍ଧାରଣୀରୁ ଦେଖାଯିବ ଯେ ୨୫ ଏକରରୁ ଅଧିକ ଭୂମି ଯେଉଁ ବାଜ୍ୟାପ୍ତିଦାରଙ୍କର ଥିଲା ସେମାନଙ୍କଠାରୁ ଗବର୍ଣ୍ଣମେଣ୍ଟ କବୁଲିୟତ ନେଇଥିଲେ ଅର୍ଥାତ୍ ସେମାନଙ୍କୁ ସଦରମାଲଗୁଜାରଦାରସ୍ୱରୂପ ଗଣ୍ୟ କରାଯାଇଅଛି ଏବଂ ଯେଉଁମାନେ ଜମାବନ୍ଦୀରେ ସମ୍ମତ ହେଲେ ନାହିଁ ସେମାନଙ୍କୁ ମାଲିକାନା ଦିଆଗଲା । ଏଥିରୁ ବାଜ୍ୟାପ୍ତିଦାରଙ୍କର ମାଲିକୀସ୍ୱତ୍ୱ ସ୍ପଷ୍ଟ ପ୍ରମାଣିତ ହେଉଅଛି ଏବଂ ଅଧିକ ପତ୍ତନିତ ଭୂମିର ଅଧିକାରୀଙ୍କ ସମ୍ବନ୍ଧେ ଏ ନିୟମ ପ୍ରବର୍ତ୍ତିତ ହୋଇଥିଲେ ହେଁ ଅଳ୍ପ ପରିମିତ ଭୂମିପ୍ରତି ସେ ମାଲିକୀସ୍ୱତ୍ୱ ପ୍ରବର୍ତ୍ତିତ ନାହିଁ ତହିଁର କୌଣସି

Digitized by srujanika@gmail.com

Split by PDF Splitter



ହେଉ ନାହିଁ । କେବଳ ସରକାରଙ୍କ ରାଜସ୍ୱ ଆଦାୟର ସୁବିଧା ନିମନ୍ତେ ଅଳ୍ପ ପରିମିତ ( ଅର୍ଥାତ୍ ୨୫ ଏକରରୁ ଉଣା ) ଭୂମିର ଅଧିକାରୀଙ୍କଠାରୁ ସେପରି କବୁଲିୟତ ନିଆ ନ ଯାଇ ଧାର୍ଯ୍ୟଜମା ଜମିଦାର ଦ୍ୱାରା ଆଦାୟ ହେଉଅଛି ଏବଂ ପାଇଁମେଣ୍ଟସ୍ୱରୂପ କିଛି ଟଙ୍କା ଦିଆ ଯାଉଅଛି ମାତ୍ର ସେ ଖର୍ଚ୍ଚ ମାଲିକସ୍ୱତ୍ୱର ପରିବର୍ତ୍ତରେ ଦିଆ ଯାଉ ନ ଥିବାର ଗବର୍ଣ୍ଣମେଣ୍ଟ ସ୍ପଷ୍ଟ ସ୍ୱୀକାର କରିଅଛନ୍ତି । କ୍ଷୁଦ୍ର ଲାଖରାଜଦାରଙ୍କଠାରୁ ଯେଉଁ କବୁଲିୟତ୍ ନିଆଯାଇଅଛି ତହିଁରେ ସେମାନଙ୍କ ମାଲିକ ସ୍ୱତ୍ୱର ନିଦର୍ଶନ ଅଛି । ମଧ୍ୟ ବୋର୍ଡଙ୍କ ବନ୍ଦୋବସ୍ତ ବିଧି ( Settlement Manual ) ର ୬ପୃଷ୍ଠାରେ ଲାଖରାଜବାଜେୟାପ୍ତିଦାରମାନେ ଭୂମ୍ୟଧିକାରୀସ୍ୱରୂପେ ଗଣ୍ୟ ହେବାର ସ୍ପଷ୍ଟ ଉଲ୍ଲେଖ ଅଛି । ବର୍ତ୍ତମାନ ବନ୍ଦୋବସ୍ତ କର୍ତ୍ତା ଯେ ବାଜେୟାପ୍ତିଦାରଙ୍କୁ ରୟତିସ୍ୱରୂପେ ଗଣ୍ୟ କରୁଅଛନ୍ତି ତାହା ଆମ୍ଭମାନଙ୍କ ବୁଦ୍ଧିଗମ୍ୟ ନୁହେଁ । ଯଦି ଗବର୍ଣ୍ଣମେଣ୍ଟ ଅଥବା ବୋର୍ଡ ବାଜେୟାପ୍ତିଦାରଙ୍କୁ ରୟତସ୍ୱରୂପେ ଗଣ୍ୟ କରିବାର ମନସ୍ଥ କରୁଥାନ୍ତି ତାହା ସମ୍ପୂର୍ଣ୍ଣ ଅନ୍ୟାୟ ଏବଂ ବାଜେୟାପ୍ତିଦାରଙ୍କର ଏ ବିଷୟରେ ଯଥାସାଧ୍ୟ ଲଢ଼ିବା କର୍ତ୍ତବ୍ୟ ।

ଲାଖରାଜବୋଲି ଦାବିକୃତ ଜମି ବାଜେୟାପ୍ତ ହେଲେ ତହିଁଉପରେ କିପରି ଜମା ଧାର୍ଯ୍ୟ କରାଯିବ ତାହା ସନ ୧୭୯୩ ମସିହା ୧୯ ଆଇନରେ ଉଲ୍ଲେଖ ହୋଇଅଛି । ଅର୍ଥାତ୍ ୧୧୭୧ ସାଲ ପୂର୍ବରୁ ପ୍ରଦତ୍ତ ଲାଖରାଜଭୂମିମାନଙ୍କର ଜମା ସାଧାରଣ ନିରିଖଜମାର ଅର୍ଦ୍ଧେକ ହେବ ଇତ୍ୟାଦି । ସନ ୧୮୦୫ ସାଲର ୧୨ ଆଇନରେ ଉପରୋକ୍ତ ୧୯ ଆଇନର ବିଧାନ କିଛି ପରିବର୍ତ୍ତିତ ହେଲା ଅର୍ଥାତ୍ ସନ ୧୮୦୫ ମସିହା ପର୍ଯ୍ୟନ୍ତ ପ୍ରଦତ୍ତ କେତେକ ଲାଖରାଜ ଦାବି ମାତ୍ରକେ ବୋଲି ଗଣ୍ୟ ହେଲା ମାତ୍ର ଜମାବନ୍ଦୀ ବିଷୟରେ କିଛି ନିୟମ ହେଲା ନାହିଁ । ସନ ୧୮୧୯ ମସିହାର ୨ ଆଇନରେ ମଧ୍ୟ ଉପରୋକ୍ତ ୧୯ ଆଇନକୁ ବିସ୍ତୃତ କରାଯାଇଅଛି । ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ ୧୯ ଆଇନରେ ଯେଉଁ ନୀତି ଅବଲମ୍ବିତ ହୋଇଅଛି ଗବର୍ଣ୍ଣମେଣ୍ଟ ତହିଁରୁ ବିଚ୍ୟୁତ ହୋଇ ନାହାନ୍ତି । କେବଳ ଉକ୍ତ ଆଇନ ଜାରି ହେଲା ଉତ୍ତାରୁ ଓଡ଼ିଶା ଇଂରାଜଙ୍କ ଅଧିକାର ଭୁକ୍ତ ହେବାରୁ ଓଡ଼ିଶା ନିମନ୍ତେ ଦିନସ ଅର୍ଥାତ୍ ସନ ୧୮୦୩ ମସିହା ଅକ୍ଟୋବରମାସ ତା ୧୪ ରଖ ପର୍ଯ୍ୟନ୍ତ ଲାଖରାଜ ଦାବି ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ହୋଇଅଛି । ସେ ଯାହା ହେଉ ଗତ ବନ୍ଦୋବସ୍ତରେ ମଧ୍ୟ ଅର୍ଦ୍ଧେକ ଜମା ଧାର୍ଯ୍ୟ ହୋଇଥିବାର ମିଲ୍ସ ସାହେବଙ୍କ ଉପରୋକ୍ତ ଚିଠିରେ ସ୍ପଷ୍ଟ ଉଲ୍ଲେଖ ହୋଇଅଛି । ସନ ୧୮୦୫ ମସିହାର ୧୨ ଆଇନରେ ବନ୍ଦୋବସ୍ତ ଚିରସ୍ଥାୟୀ ହେବାର ଭରସା ଦିଆଯାଇଥିବାସ୍ଥଳେ ଯଦିଓ ଗବର୍ଣ୍ଣମେଣ୍ଟ ତହିଁରୁ କେତେକ କାରଣରୁ ନିରସ୍ତ ରହି ସାମୟିକ ବନ୍ଦୋବସ୍ତର ପକ୍ଷପାତୀ ହେଲେ ତଥାପି ଲାଖରାଜବାଜେୟାପ୍ତିଦାରମାନେ ଇଂରାଜଙ୍କ ଅମଳଦାରୀ ସମୟରୁ ବୃତ୍ତିଗତ ଅର୍ଦ୍ଧେକ ଜମା ଭୋଗ କରୁଥିବା ସ୍ଥଳେ ତାହା ପରିବର୍ତ୍ତନ କରିବା ଆଇନ ବା ନ୍ୟାୟସଙ୍ଗତ ନୁହେଁ । ସନ ୧୮୬୨ ମସିହାରେ ବୋର୍ଡଙ୍କ ସର୍କୁଲର ଯେଉଁ ନ ୭ ନମ୍ବର ସର୍କୁଲର ଜାରି ହୋଇଥିଲା ତହିଁରେ ସ୍ପଷ୍ଟ ସାମୟିକ ବନ୍ଦୋବସ୍ତ ଯୁକ୍ତ ପ୍ରଦେଶରେ ବାଜେୟାପ୍ତ ଭୂମିମାନ ଅର୍ଦ୍ଧେକ ଜମାରେ ଭୋଗ ହେବାର ଉଲ୍ଲେଖ ଅଛି ଏବଂ ବୋର୍ଡଙ୍କ ବନ୍ଦୋବସ୍ତ ବିଧି ( Settlement Manual ) ରେ ତାହା ଉଦ୍ଧୃତ ହୋଇଥିଲେହେଁ ତହିଁର ଓଲଟା ଅର୍ଥ ଯେ ଜହିଁରେ ଅମ୍ଭମାନଙ୍କର କଥିତ ବିଷୟ ସ୍ପଷ୍ଟରୂପେ ଲେଖାଥିଲା ତାହା ତହିଁରୁ କଢ଼ାଯାଇଅଛି । ଏଥିର ଅର୍ଥ ଅମ୍ଭେମାନେ ବୁଝିପାରୁ ନାହୁଁ । ଅମ୍ଭେମାନେ ପୂର୍ବରୁ କହିଅଛୁଁ ଏବଂ ଏବେ ମଧ୍ୟ କହୁଅଛୁଁ ଯେ ଗବର୍ଣ୍ଣମେଣ୍ଟ ସାଧାରଣ ଭୂମିର କର ବୃଦ୍ଧି ହୋଇଥିବା ଦୃଷ୍ଟିରେ ଏଥିର କର ବଢ଼ାଇପାରନ୍ତି ମାତ୍ର ତହିଁରୁ ଅର୍ଦ୍ଧେକ ମାଲିକାସ୍ୱତ୍ୱ ନିମନ୍ତେ ବାଜେୟାପ୍ତିଦାରଙ୍କୁ ମାଫି ଦେବା କର୍ତ୍ତବ୍ୟ । ଏଥିରୁ ଦେଖାଯାଉଅଛି ଏ ଗୁରୁତର ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ଆକୃଷ୍ଟ ହୋଇ ନାହିଁ ଏବଂ ଅମ୍ଭେମାନେ ଭରସା କରୁଁ ଗବର୍ଣ୍ଣମେଣ୍ଟ ଏଥିର ଉଚିତ ବିଚାର କରିବେ ।

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ବାବୁ ଶ୍ରୀ ସନାତନ ଜେନେ ପରିବର୍ତ୍ତରେ ବାଲେଶ୍ୱର ଡିଷ୍ଟ୍ରିକ୍ଟ ବୋର୍ଡର ସଭ୍ୟପଦରେ ଡେପୁଟି ମାଜିଷ୍ଟ୍ରେଟ ବାବୁ ଗୋପାଳ ଦାସ ନିଯୁକ୍ତ ହୋଇଅଛନ୍ତି ।

କଟକ ଡିଷ୍ଟ୍ରିକ୍ଟର ଜଗନ୍ନାଥ ରୋଡର ଖାନ୍ଦକର ଦିଗରେ ଅର୍ଥାତ୍ ଉତ୍ତରରେ ଜଗତପୁର ଦକ୍ଷିଣରେ କାଠଯୋଡ଼ି ନଦୀ, ପୂର୍ବରେ ନୂଆବଜାର ଓ ପଶ୍ଚିମରେ କୁଆଁଅଖାଡ଼ି ସୀମାମଧ୍ୟରେ ନୂଆ ମ୍ୟୁନିସିପାଲିଟି ଅଞ୍ଚଳ ସ୍ଥିର ହେଲା ।

ଏସପ୍ତାହରେ ଉତ୍କଳର ମଧ୍ୟରେ କେତେକ ସ୍ଥାନରେ ଅଧିକ ବର୍ଷା ହୋଇଥିଲେ ହେଁ ଧାନ୍ୟ କାଟିବାର ସମ୍ପୂର୍ଣ୍ଣ ଲକ୍ଷଣ ପ୍ରକାଶ ହେଉଅଛି ।

ବର୍ତ୍ତମାନ ବୃଷ୍ଟିର ଦେଖା ନାହିଁ । ଫସଲର ଅବସ୍ଥା ଉତ୍ତମ ଅର୍ଦ୍ଧ ଓ କାର୍ତ୍ତିକରେ ଦୁଇ ବୃଷ୍ଟି ହେଲେ ପ୍ରଜାମାନଙ୍କର ଆଶା ପୂର୍ଣ୍ଣ ହେବ ।

ପଞ୍ଚମଜର୍ଜଙ୍କ ଜନ୍ମୋତ୍ସବରେ କଟକରେ କମିଟି ଡାକ ହୋଇଁ ଆସାମୀ ମଙ୍ଗଳବାରଠାରୁ ଦୁଇମାସ ବନ୍ଦ ହେବ ।

ଏଠାରେ କଟକ କଲେଜର ପ୍ରସ୍ତୁତ ଉତ୍ସବର ମଧ୍ୟ ସାଜସଜ୍ଜା ଅଫିସ ପରିଦର୍ଶନାର୍ଥେ ଗତ ବୃହସ୍ପତିବାର ଲାଟସାହେବ ଆସିଥିଲେ ଏବଂ ଆସାମୀ ବୁଧବାରରେ ପ୍ରତ୍ୟାଗମନ କରିବେ ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଉତ୍ତରଥା ରାଜା ଅପଣାର ଏକମାତ୍ର ପୁତ୍ର ହରାଇ ଦାରୁଣ ଶୋକରେ ପତିତ ହୋଇଅଛନ୍ତି । ପୁତ୍ରର ବୟସ ୧୨।୧୩ ବର୍ଷ ହୋଇଥିଲା ।

ଗଣପତିଙ୍କୁ ଏକାର୍ଯ୍ୟ ଲେଖିଅଛନ୍ତି କି ସେଠା ସ୍ଥଳ ଏଥମଧ୍ୟରେ ସବୁ ଟିକଟ ଏକଷ୍ଟାନରେ ୫ । ୬ ଜଣ ଲୋକ ବସିଥିଲେ । ପ୍ରଥମତଃ ଭଦ୍ରଲୋକମାନଙ୍କ ଓ ୨ସ୍ଥ ଲେରେ ଭେଳ, ଘଣ୍ଟ, ଅସନ୍, ପାନଦାନ ପ୍ରସ୍ତୁତ ୫୦୦ ଟଙ୍କା ମୂଲ୍ୟର ଜିନିଷ ଷ୍ଟେସନରେ ସନ୍ତୋଷ କରିଥିଲେ ।

ଷ୍ଟେସନ୍ରେ ଦୋକାନ ବାସ ମାଠ ପ୍ରାୟ ୫୦ ଜଣ ମନୁଷ୍ୟ ଜମି ଥିଲା । ଦେବାଳୟ ଉତ୍ସବରେ ମଧ୍ୟ ପଡ଼ିଅଛି । ସେ ଜଣେବୁ ଅଧିକ ପ୍ରଜାଙ୍କ ହାତରେ ଅନେକଙ୍କୁ ମଧ୍ୟ ପଡ଼ିଥିଲା ।

ଇଂଲଣ୍ଡ ସମ୍ବାଦପତ୍ରରେ ପ୍ରକାଶ ଯେ ମଧ୍ୟପ୍ରଦେଶରେ କେଉଁ ନଗରର ଉତ୍ତର ସୀମାରେ ଭୟଙ୍କର ଦୁର୍ଭିକ୍ଷ ଉପସ୍ଥିତ ହୋଇଅଛି । କାହିଁକି ?

ପୁରୁଷୋତ୍ତମ ଛତ୍ରଭୋଗ ସାହେବ ଜଣେ କେରାଣୀ ଦେଇ ସ୍ଥାନରେ ମଠ ଦେବାକୁ ସେଠା ସାହେବମାନେ ତାହାଙ୍କ ଏକମତ କରିଅଛନ୍ତି । ସାହେବମାନେ ପଛ ହାଟରେ ମାନନ୍ତି ନାହିଁ ।

ଉକ୍ତ ଜୌନପୁର ସମ୍ବନ୍ଧରେ ଅର୍ପିତ ଯେଉଁ ଫଜଳ ଦାର ମୋକଦ୍ଦମା ଉପସ୍ଥିତ କରି ନଗରର ମଜୁର ଓ ଦାର ସଙ୍ଗୀ କେତେ ଲୋକଙ୍କୁ ଦଣ୍ଡ ଦେଇଥିଲେ ହାଇକୋର୍ଟ ଉକ୍ତ ଦଣ୍ଡ ରଖି ନାହିଁ । ଅମ୍ଭେମାନେ ଜଣାଇ ପାରିଲେ । ସ୍ୱାଧୀନ ଅଧିକାର କହନ୍ତି !

## ବିବିଧ ସମ୍ବାଦ ।

ଗତ ଦେଢ଼ମାସ ବ୍ୟାପି ଭାରତ ମଧ୍ୟରେ ବୃଷ୍ଟି ହେବାକୁ ଅପେକ୍ଷା ଅତ୍ୟନ୍ତ ଉପଯୋଗୀ ହୋଇଅଛି । ଅଧିକାଂଶ ସ୍ଥାନ ଅବସ୍ଥା ଏକ ଅନୁକୂଳ ହୋଇ ନାହିଁ ।

ଗତ ତା ୨୭ ରଖ ଅପରାହ୍ନରେ ମଧୁପୁର ବର୍ଷା ହୋଇ ଥାଇ ଜଳ ପରିପୂର୍ଣ୍ଣ ହୋଇଅଛି ସେଠି ଘଣ୍ଟା ୪ ଟା ବେଳେ କାଲିଘାଟ ଗୋଟିଏ ଘର ନିଆଁରେ ପୋଡ଼ିଗଲା ଏବଂ ଗୋଟିଏ ବୃଦ୍ଧ ଓ ତାହାର ପୁତ୍ର ପଡ଼ିଗଲେ ତାଙ୍କର ମୃତ୍ୟୁ ସମୟରେ ତଥାପି ବହୁଗାଇ ଦେଖାଗଲା ।

Digitized by srujanika@gmail.com

ଶୀଘ୍ର ପ୍ରାଣତ୍ୟାଗ କଲ ପୂର୍ବ ଅସାଧ ପ୍ରାପ୍ତ ହୋଇ ମୁମୂର୍ଷୁ ଦଶା ପ୍ରାପ୍ତ ହୋଇଅଛି ।

ଗତ ସପ୍ତାହରେ ରଘୁନାଥପୁର ଗ୍ରାମରେ ଗୋଟିଏ ସାପ କାଟି ହୋଇ ଏବଂ ଏ ସପ୍ତାହରେ ଜଣେ ବ୍ରାହ୍ମଣୀ ଗୌ ... ଆଉ ଗୋଟିଏ ସାପ କାଟି ହୋଇଅଛି । ଜଳ ବୃଷ୍ଟିରେ ଅନେକ ସର୍ପ ବାହାରିଅଛି ଅନ୍ତସ୍ଥ ନେଇ ଥିବାରୁ ଏପରି ଘଟଣା ହେଉଅଛି ।

କାଉଖାଇ ନଦୀ ବୃଦ୍ଧି ହେବାରୁ କାଠଯୋଡ଼ି ପ୍ରଭୃତି କଟକ ନଗର କୂଳବର୍ତ୍ତୀ ମୌଜାମାନଙ୍କର ଧାନକ୍ଷେତ୍ର ଏବଂ କାଦୋଇରେ ଧୋଇ ହୋଇ ଯାଉଅଛି । ଜମାବନ୍ଦି ତ ୨୩ ଣ ହେଲା ଏହିପରି ଘଟଣା ହେବା ବଡ଼ ଦୁଃଖର ବିଷୟ ଅଟେ ।

ଜୟପୁର ପ୍ରଜା ଗୋପଅଠା ମଲ୍ଲିକା ଓ ସମଷ୍ଟିଳ ପ୍ରଭୃତି ମୌଜାରେ ଓଲାଉଠା ଅବତୀର୍ଣ୍ଣ ହୋଇଅଛି । ଶୁଣିବାରେ ପ୍ରଥମୋକ୍ତ ମୌଜାରୁ ୧୦ ଣ ମୃତ୍ୟୁ ମୁଖରେ ପତିତ ହେଲେଣି ।

ଆମ୍ଭମାନଙ୍କର ମାଙ୍ଗଳିକ ଶ୍ରୀଲ ଶ୍ରୀଯୁକ୍ତ ମହାରାଜା ମହୋଦୟ ପୂଜାର୍ଥ ଉପଲକ୍ଷରେ ଗଡ଼ ମୟୂରଭଞ୍ଜ ଆଗମନ କରିବାର କଥା ଅଛି । ନୂତନ ମେନେଜରଙ୍କ ମଧ୍ୟ ଗଡ଼ ମୟୂରଭଞ୍ଜରେ ବର୍ତ୍ତମାନ ଅବସ୍ଥିତ କରୁ ଅଛନ୍ତି ।

## ଯାଜପୁର-ସମ୍ବାଦ ।

ଯାଜପୁର ପ୍ରଜା ମହାରଣ୍ଡ ଗ୍ରାମରେ ବଇଶାଖ ଜନୈକ ବୈଶ୍ୟ ପଶ୍ଚିମ ଦେବତା ପୁତ୍ର ଓ ପୁତ୍ରବଧୂ ବନ୍ଧୁମାନଙ୍କରେ ସ୍ତ୍ରୀ ମର ଯିବାରୁ ୨ୟ ସ୍ତ୍ରୀ ବିବାହ କଲା । ନୂତନ ସ୍ତ୍ରୀ ଗୃହରେ ପଦାର୍ପଣ କଲା ଦିନରୁ ସପତ୍ନୀ ପୁତ୍ର ଓ ପୁତ୍ରବଧୂଙ୍କୁ ଦେଖି ପାରନ୍ତି ନାହିଁ । ବୃଦ୍ଧସ୍ୱାମୀ ଅଗତ୍ୟା ସହି ରହି କାଳକ୍ରମେ ନୂତନ ସ୍ତ୍ରୀର ପୁତ୍ର ହେବାରୁ ବୁଢ଼ା ତାହା ଅବୁଝି ଏମନ୍ତ ଉଭ ହେଲା ଯେ ଗତ ଶ୍ରାବଣ ମାସରେ ପ୍ରଥମପକ୍ଷର ପୁତ୍ର ଓ ପୁତ୍ରବଧୂଙ୍କୁ ପୃଥକାନ୍ନ କରି ଦେଇ ଅଧିକାଂଶ ସମ୍ପତ୍ତି ୨ୟ ପୁତ୍ର ନାମରେ ହସ୍ତାନ୍ତର କରିବାର ଚେଷ୍ଟା କଲା । ଏଥିପାଇଁ ବିବାଦ ଅତ୍ୟନ୍ତ ବୃଦ୍ଧି ହେଲା ଏବଂ ଏକଦିନ ସପତ୍ନୀ ମାତା ଏକ ଗଛମାରି କାଟିଦେଲ ବୋଲି କେତେକ କାନ୍ଦିଲେ ଗୋଟାଏ ନେଇ ସପତ୍ନୀ ପୁତ୍ରବଧୂକୁ ଅଂଶ ନ ଦେବାରୁ ଶାଶୁ ଓ ବୋହୂଙ୍କ ମଧ୍ୟରେ କଳି ହେଲା ପୁତ୍ର ଘରକୁ ଆସି ଆପଣା ସ୍ତ୍ରୀଠାରୁ ଏକଥା ଶୁଣି ବିମାତା ସଙ୍ଗେ ଗୋଳମାଳ କରି ଆସି ଶୋଇବାକୁ ଯାଇ ଦେଖିଲା ସେଠାରେ ପଡ଼ିଥିବା ଏକଗୋଟା କୁରାଢ଼ୀ ନେଇ ବିମାତାର ମସ୍ତକରେ ପ୍ରହାର କରିବାରୁ ସେ ତତ୍କ୍ଷଣାତ୍ ପଞ୍ଚତ୍ୱ ପ୍ରାପ୍ତ ହେଲା ଏବଂ ତାହାର ପୁତ୍ର ମାତାଠାରୁ ଦଉଡ଼ି ଆସିଲେ ତାକୁ ମଧ୍ୟ ଛେଦ କରିବାରୁ ଉଭୟେ ସେ ମଧ୍ୟ ମରିଗଲା । ସେଥିରେ ବୃଦ୍ଧପିତାଙ୍କ ଶୋକ ନ ଯାଉ ଯେ ହତଭାଗ୍ୟ ଅସ୍ୱୀକାରକରେ ଆତ୍ମହତ୍ୟା କଲ କି ଉଦ୍ଧାର କାଗଜର । ପୁଅ ବର୍ତ୍ତମାନରେ ଅନ୍ୟ ବିବାହ କରିବାର ମନେକଲା କିନା ଏହାକୁ ଅଭ କ ବୋଲିବି କି ?

ଧର୍ମଶାଳା ଥାନା ଯେଉଁ କାଇପଟଣା ଗ୍ରାମ ନିବାସୀ ଆଏକାଙ୍କ ଗ୍ରାମ ବୃନ୍ଦାବନ ଗ୍ରନ୍ଥକାରିଆ ନାମକ ଜ ୯ ବର୍ଷ ବୟସ୍କ ପୁତ୍ର ଦେହରେ ଟ ୨୦।୨୫ ଟା ମୂଲ୍ୟର ଅଳଙ୍କାର ଥିବାରୁ ସେହି ଲୋକଟିଏ ସେ ଗ୍ରାମର ଧାମଗାଡ଼ି ନାମକ ଜ ୧୫।୨୦ ବର୍ଷ ବୟସ୍କର ଏକ ଯୁବକ ଟୋକା ଗତ ଗଣେଶ ଚତୁର୍ଥୀ ଦିବସ ରାତ୍ରି ଅନାଚ ବୁଝାଇଦେବ ସମସ୍ତଙ୍କ ତାକୁ କହିଁଥିଲ ତୋତ ଦେବାକୁ ଜଣ ଗ୍ରାମର କାହାର ଏକ କଅଁ କଙ୍ଗଳ ମଧ୍ୟକୁ ନେଇ ଯାଇ ମାରିଦେଇ ତାହାର

କଳା ତପି ନେଲା । ତାହାର ଯେ କି ଶବ ଶୁଣି ବଣର ଅନେକ ଦୂର ସ୍ଥାନରେ ଯାଇଥିବା ଜନୈକ ସ୍ତ୍ରୀ ସେଠାରୁ ଯିବା ମାତ୍ରେ ଶାମସାହୁ ପଳାଇ ଗଲା ଓ ସେମାନେ ପିଲାର ନହୁଁ ବାଗ ତିଷ୍ଠ ଦେଇ ହଠାତ୍ ଧ୍ୟାନ ଦିଅନ୍ତେ ସେ ତାହା ସେଠାରେ ଅଣ୍ଟି ରଖିଲେ । ଅପରାଧୀ ଶାମସାହୁ ଗ୍ରେପ୍ତାର ହୋଇ ଅପରାଧ ସ୍ୱୀକାର କରିବାରୁ ସବଡିଭିଜନ ମାଜିଷ୍ଟ୍ରେଟ ତଦନ୍ତ ଅପରାଧ ଦ ୩୦୨ ଧା ଅନୁସାରେ ଏକବର୍ଷ କାରାଦଣ୍ଡର ବିଧାନ କରିଅଛନ୍ତି ।

ଇନ୍ଦ୍ରଦେବଙ୍କ ଅନୁଗ୍ରହ ଏବଂ ଉଦ୍ୟାନର ସୌନ୍ଦର୍ଯ୍ୟ ଅଧିକ ଯୋଗୁଁ ଏ ଅଞ୍ଚଳରେ ଯେ ଟଙ୍କାରେ ମୋଟଚାଉଳ ସେ ୧୮ ଓ ସରୁ ସେ ୧୨ ର ଦରରେ ବିକ୍ରୟ ହେଉଅଛି ଗତବର୍ଷ ଏହି ସମୟରେ ମୋଟଚାଉଳ ସେ ୨୮ ରରୁ ଅଧିକ ନଥିଲା ଓ ଏଥର ଏପର୍ଯ୍ୟନ୍ତ ବୃଷ୍ଟି ମଧ୍ୟ ହୋଇଅଛି ।

## ପୁରୀ-ସମ୍ବାଦ ।

ଗତ ତା ୧ ରିଖେ " ସାହିତ୍ୟଚର୍ଚ୍ଚା " ବୃତ୍ତିରେ ଏଠା ଜେଲ ସ୍କୁଲରେ ଗୋଟିଏ ମହତୀ ସଭା ଅଧିବେଶନ ହୋଇଥିଲା । ଅନୁମାନିକ ତ ୧୫୦ ଣ ଦର୍ଶକ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ବାବୁ ମନମୋହନ ସେନ୍ ଉଃ ମାଃ ସଭାପତିର ଆସନ ଗ୍ରହଣ କରିଥିଲେ । ଏବଂ ହାଇସ୍କୁଲ ହେଡ଼ ମାଷ୍ଟର ମହୋଦୟ ସାହିତ୍ୟଚର୍ଚ୍ଚା ବିଷୟରେ ସର୍ବୋତ୍ତମ ଉପଦେଶପୂର୍ଣ୍ଣ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁରେ ଦର୍ଶକମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ହେଃ ମାଷ୍ଟର ମହୋଦୟଙ୍କୁ ବିଶେଷ ଧନ୍ୟବାଦ ଦେଇଥିଲେ ।

ସୁପ୍ରସିଦ୍ଧ ବାବୁ ଶ୍ରୀ ହରବଲ୍ଲଭ ବୋଷ ଉକିଲ ମହୋଦୟଙ୍କର ଭ୍ରାତୃଜାୟା କନ୍ୟା ଜନ୍ମ ଏଠାରେ କ୍ଷେତ୍ରବାସିନୀ ହୋଇ ବାସ କରିଥିଲେ । ଗତମାସରେ ତାହାଙ୍କର ପରଲୋକ ହୋଇଥିବାରୁ ଗତ ତା ୨ ରିଖେ ତାହାଙ୍କ ଶ୍ରାଦ୍ଧୋପଲକ୍ଷେ ଅନେକ ଅନାଥ ଓ ଅଭ୍ୟାଗତ ବ୍ରାହ୍ମଣ, ବୈଷ୍ଣବ, କଙ୍ଗାଳମାନଙ୍କୁ ଯଥେଷ୍ଟ ମହାପ୍ରସାଦ ଭୋଜନ ଓ ଯଥୋଚିତ ଦକ୍ଷିଣା ଦାନ ହୋଇଥିଲା ।

ଗତମାସ ତା ୩୦ ରିଖେ ଶ୍ରୀଯୁକ୍ତ ମିଃ ସେନ ସାହେବ ମାଜିଷ୍ଟ୍ରେଟ ମହୋଦୟ କାର୍ଯ୍ୟଭାର ଗ୍ରହଣ କଲେ । ଓ ମିଃ ମାଙ୍କଫର୍ସନ୍ ଏଠାରୁ ପ୍ରସ୍ଥାନ କଲେ ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ଚଳନେକ ପଂକ୍ତିକୁ ଆପଣଙ୍କର ପତ୍ରିକାପାର୍ଶ୍ୱରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଏହି ଉତ୍କଳ ପ୍ରଦେଶରେ ପୁରୀ ଓ ଭୁବନେଶ୍ୱର ହିନ୍ଦୁମାନଙ୍କର ଦୁଇଟି ତୀର୍ଥସ୍ଥାନ । ପୁରୀ ବିଷ୍ଣୁକ୍ଷେତ୍ର ଓ ଭୁବନେଶ୍ୱର ଶିବକ୍ଷେତ୍ର ପାଇଁ ବିଖ୍ୟାତ । ଉକ୍ତ ତୀର୍ଥଦ୍ୱୟକୁ ଭାରତର ନାନାସ୍ଥାନରୁ ଯାତ୍ରୀଙ୍କର ସମାଗମ ହୁଏ । ଧାମଦ୍ୱୟର ମହାପ୍ରସାଦ ସେବାରେ ଦର୍ଶନାଭିଳାଷୀ ଆଗତ ପ୍ରାୟ ଲୋକସାଧାରଣ ଜାତି ଭେଦ ସ୍ୱୀକାର କରନ୍ତି ନାହିଁ, ସୁତରାଂ ଯାତ୍ରୀମାନଙ୍କର ପୂର୍ବୋକ୍ତ ଧାମ ଦ୍ୱୟରେ ଆହାରାଦିରେ କୌଣସି କଷ୍ଟ ହୁଏ ନାହିଁ ।

ଅନୁନ୍ୟ ପ୍ରାୟ ପାଞ୍ଚ ଛମାସ ହେବ ଭୁବନେଶ୍ୱର ମନ୍ଦିରର ପଣ୍ଡା ଓ ବଡ଼ୁସେବକମାନେ ପରସ୍ପରରେ କଳହ ଲଗାଇବାରୁ ଉକ୍ତଭୟ ଶ୍ରୀ ଲିଙ୍ଗରାଜମହାପ୍ରଭୁଙ୍କର ଭୋଗାଦ କାର୍ଯ୍ୟ ବନ୍ଦ ହୋଇଥିଲା । ମନ୍ଦିରର କମିଟୀ ସେଥିପାଇଁ ବହୁତ ଉପାୟ ଅବଲମ୍ବନ କରିଥିଲେ ମାତ୍ର ତାହାଙ୍କର ସକଳ ଯତ୍ନ ବିଫଳ ହେଲା । ଅନନ୍ତରମଧ୍ୟ କମେଟୀର ମେମ୍ବରମାନେ ସେବକମାନଙ୍କର ଅନ୍ୟାୟର ଦେଖି ଜବତ୍ କରିବା ପାଇଁ ମନ୍ଦିରର ସଦର ଦ୍ୱାର ( ସିଂହଦ୍ୱାର ) ବନ୍ଦ କରି ଦେଇ ଥିଲେ । କେବଳ ଦୁଇ ତିନିଜଣ ପଣ୍ଡା ଓ ବଡ଼ୁସେବକଙ୍କୁ ମନ୍ଦିର ପ୍ରବେଶ କରିବାକୁ ଅନୁମତି ଥିବାରୁ ସେହିମାନଙ୍କଦ୍ୱାରା ଠାକୁରଙ୍କର ପ୍ରତ୍ୟହ ସ୍ନାନ ଓ ବାଲଭୋଗାଦି କାର୍ଯ୍ୟ ସମ୍ପାଦିତ ହେଉ ଥିଲା । ଦର୍ଶନ ପ୍ରାର୍ଥୀ ସମାଗତ ଯାତ୍ରିମାନଙ୍କର ମହାପ୍ରସାଦ ଖାଇବା ଦୂରେ ଥାଉ ଠାକୁର ଦର୍ଶନ ସେମାନଙ୍କ ପକ୍ଷରେ ପାଇବା କଠିନ ହୋଇ ଉଠିଲା । ଯାତ୍ରିଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ ହେଲେ ସେବକମାନେ ଗୋଳମାଳ କରିବେ ଏହି ଭୟରେ କମେଟି ଦ୍ୱାର ଉନ୍ମୁକ୍ତ କରିବା ପାଇଁ କୁଣ୍ଠିତ ହେଉଥିଲେ ମାତ୍ର ଅମ୍ଭମାନଙ୍କର ଉଦାରଚିତ୍ତ ଖୋର୍ଦ୍ଧାର ସବ୍‌ଡିଭିଜନଲ ଅଫିସର ମାନନୀୟ ଶ୍ରୀଯୁକ୍ତ ଯେ, ଏନ୍ ଗୁପ୍ତ ମହାଶୟ କଲ କୌଶଳଦ୍ୱାରା ଉକ୍ତ ସେବକମାନଙ୍କ ମଧ୍ୟରେ ହୋଇଥିବା ବିବାଦ ବିସମ୍ବାଦ ମେଣ୍ଟାଇ ଦେବାରୁ ବର୍ତ୍ତମାନ ଗତମାସ ତା ୧୯ ରିଖ ରବିବାରଠାରୁ ପୂର୍ବପରି ଭୋଗରାଗନିଯୋଗ ନିଯୁକ୍ତ ହୋଇ ଠାକୁରଙ୍କର ନୀତି ଚଳୁ ଅଛି ।

ଅତଏବ ଅମ୍ଭେମାନେ ସର୍ବସିଦ୍ଧିଦାତା ପରମେଶ୍ୱରଙ୍କଠାରେ ଏହି ପ୍ରାର୍ଥନା କରୁଅଛୁଁ ଯେ ଗୁପ୍ତ ମହୋଦୟଙ୍କୁ ଦୀର୍ଘାୟୁ କରି ଏହିପରି ଦେଶ ହିତକର କାର୍ଯ୍ୟରେ ବ୍ରତୀ କରନ୍ତୁ । ଇତି ।

୩।୮।୯୫ } ଭବଦୀୟ
କଟକ } ଜଣେ ସ୍ଥାନୀୟ ଦର୍ଶକ

---

To the Editor of the Utkal Dipika,
Sir,

I shall be obliged by your kindly inserting the following in your widely circulated journal.

Split by PDF Splitter

Digitized by srujanika@gmail.com

Split by PDF Splitter



The city of Jaggarnath has always been regarded as the hot bed of cholera, small-pox and other epidemic deseases. A visit to this holy land has hitherto been considered as voluntary sojourn to a land in which desease and death await every incomer. But modern science has removed that bane from the holy city and deaths from cholera have for the last few years been reduce to a minimum. Death rate from small-pox has also been very great. But our energitic Civil Surgeon has been equal to the occasion and has been able to considerably reduced the death rate from this awful desease by carrying on vaccine operations to an extent unknown in the annals of Puri. During the last year, the District Board supplied the Civil Surgeon with funds to carry on free vaccination in the District. This produced the most beneficial effects, by removing to a great extent the opposition which vaccination has hitherto met with in this District. Considering that the funds supplied by the District Board for carrying on free vaccination were quite inadequate for the requirements of the District, a largely attended and influential meeting was held in the premises of the Puri Zillah school on the 24th Instant when the offg. Magistrate Mr. H. Macpherson took the chair and Dr. C. Banks the Civil Medical officer of Puri delivered an eloquent address on vaccination as preventive remedy for small-pox. Dr. Banks showed that the greatest need of the town was its water-supply, but he thought that this was beyond the resources of the people. He contented that that is no reason why ravages of small-pox should not be successfully combatted. He said that noless that 2221 deaths occurred in Puri District from small-pox in 1892—93 out of total 22,359 deaths from the same cause in the whole of Bengal. He held that the dreadful desease has preventive in vaccination. As a result of vaccination, the total number of deaths from small-pox in the whole of Bengal during 1894—95 was reduced to 9562 against 22359 in 1892—93. The statistics of the Puri District (as given below) it was argued, supplied sufficient materials for proving his contention.

| Year. | No. of villages attacked with small pox. | No. of cases | No. of deaths. |
|---|---|---|---|
| 1892-93. | 427 | 4346. | 1765. |
| 1893.-94. | 606. | 5853. | 1651. |
| 1894-95. | 79. | 558. | 239. |

This large decrease in the number of deaths was attributed by Dr. Banks to two causes viz:—

1. The increase in the number of successful vaccination operations performed.

2. The avoidance of any delay in proceeding to those villages in which outbreak of small-pox occurred in order to protect unvaccinated persons. He submitted that in the district of Pooree during the past eight years, 2, 84, 819 children were born, of whom 50 781 died in the first year of their existence. Of the remaining 2, 34,038, who survived for one year, only 7294 or 3040 per thousand are reported to have been successfully vaccinated. This Dr. Banks considered to be discreditable. He asked his audience to accept vaccination as the only scientific remedy for small-pox and to lend thier helping hand in the matter of extending free vaccination in the rural tracts. I had the honor of repeating his address in Orya for the information of those who do not know English. As a result of his eloquent address Rs. 180, was subscribed on the spot as contribution to the district fund in aid of free vaccination. Mr. H. Macpherson the offg. Magistate then thanked Dr. C. Banks in a very neat speech and himself paid a liberal contribution for the noble purpose. It has been decided that subscription should be raised for enabling Dr. Banks for extending free vaccination in the district. The success of the meeting was chiefly due to the noble exertions of the offg. Magistrate and the civil surgeon. Thanks of the community are due to them.

Pooree
The 31 august 95.

Haris Chandra Ghose
*Vice Chairman*
District Board Puri.

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ କେଶବଚନ୍ଦ୍ର ସାମନ୍ତ | | ଟ ୩ |
| ସର୍ଫ ସ୍କେଟ୍ | ହୁଗୋଲ | ଟ ୩ |
| ବାବୁ ଜଗନ୍ନାଥ ଦାସ | ଜଟଣ | ଟ ୧ |
| ସତ୍ୟବାଦୀ ଓ ଧର୍ମ ସଭା | | ଟ ୩ |
| ବାବୁ ଚକ୍ରପାଣି | କଟକ | ଟ ୩ |
| ପାରଲାକେମେଣ୍ଡି ରାଜକୁମାର ସମାଜ | | ଟ ୩ |
| ଶ୍ରୀମାନ ଲକ୍ଷ୍ମୀନାରାୟଣ ହରିଚନ୍ଦନ ବାହାଦୁର | | [illegible] |
| ବାବୁ ରାଜକିଶୋର ଦାସ | | ଟ ୦୩ |
| „ କାଳିଚରଣ ପଟ୍ଟନାୟକ | ଜଟଣ | ଟ ୧ |
| „ ଚନ୍ଦ୍ରମଣି ଦାସ | ମେଦିନୀ | ଟ ୩ |
| „ ଜଗଦ୍ବନ୍ଧୁ ମହାପାତ୍ର | ପୁରୀ | ଟ ୧ |
| „ ମଧୁସୂଦନ ମହାପାତ୍ର | ଜଟଣ | ଟ ୧ |

---

## ବିଜ୍ଞାପନ ।

---

ନୂତନ ପୁସ୍ତକ ।

ବିଳାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା । ପୋଷ୍ଟେଜ୍ ଡାକମାଶୁଲ ଏକଅଣା ମାତ୍ର ।

---

ଭଗବଦ୍ ଗୀତା ।

( ବୃନ୍ଦାବନ ମହାଭାରତ ଶ୍ଳୋକ ଅନୁବାଦ ପଦ୍ୟ ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି ମୂଲ୍ୟ ୧ ଟ ୦ । ଡାକମାଶୁଲ ଟ ୦ ୵

---

## ଶୁଭସଂବାଦ ।

ଆୟୁର୍ବେଦୀୟ ମେଡିକାଲ ଆଣ୍ଡ ପ୍ରଷ୍ଟିଟ୍ୟୁସନ୍‌ର କୋମ୍ପାନୀ ଅବ. ଇଣ୍ଡିଆ, ଲିମିଟେଡ୍ ।
ଢାକା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକରା ଟ ୨୫ ଙ୍କା ଉଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ଔଷଧ ସବୁ ମେଡ-

Digitized by srujanika@gmail.com

Split by PDF Splitter



ଜ୍ୟାଡ ଔଷଧ ସମୂହ ଯେପରି ଦସ୍ତୁର ଏବଂ ଗାର୍ଯ୍ୟବାନ୍ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ସେପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବସ୍ତୁତାର ଜମିନ୍ କୋମ୍ପାନୀ ଦାୟୀ । ଅତ ସୁଲଭ ମୂଲ୍ୟରେ ଯାହାର ଦସ୍ତୁର ଔଷଧର ପ୍ରୟୋଜନ କୋମ୍ପାନୀ ନିକଟରୁ ନେବେ ଠକିବାର ଭୟ ନାହିଁ । ରୋଗର ଅନୁପୁଙ୍ଖ ବିବରଣ ପଠାଇଲେ ବ୍ୟବସ୍ଥା ନିଆ ଯାଇ ହୁଏ ।

**ଔଷଧର ମୂଲ୍ୟ ଅଗ୍ରିମ ଦେୟ**—ଯାହାର ଭେଲ୍ୟୁପେବଲରେ ଔଷଧ ନବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଅପେକ୍ଷାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

**ବୈଦ୍ୟନାଥ ବଟି**—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ନଷ୍ଟ ନିଶ୍ଚିତ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୨ ବଟି ୧୫ ଟଙ୍କା ଡାକମାଶୁଲ ।୵ ଅଣା ।

**ଶୋଭନକୁନ୍ତଳ ତୈଳ**—ବ୍ୟବହାରରେ କେଶ ଘନ, ଭ୍ରମରକୃଷ୍ଣ ଏବଂ ରେଶମ ପରି ସୂକ୍ଷ୍ମ ଓ କୋମଳ ହୋଇ ସମଧିକ ବୃଦ୍ଧି ପାଏ ଏବଂ କେଶର ଅକାଳପକ୍ୱତା ଓ ପତନ ନିବାରିତ ହୁଏ । ଏହାର ଗନ୍ଧ ମଧୁର ମନୋହର ଏବଂ କୋମଳତାମୟ । ଏଥିରେ ମସ୍ତିଷ୍କ ସୁଶୀତଳ ରହେ ଏହା କେବଳ ମର୍ତ୍ତ୍ୟ ଭୂମିରେ ମନାଗ୍ରମ୍ୟ । ଏହା ଅପେକ୍ଷା କଳାଶୋପଯୋଗୀ ସୁଗନ୍ଧଯୁକ୍ତ ତୈଳ ଆଉ ଅଦ୍ୟାପି ହୋଇ ନାହିଁ ।

୧ ଶିଶି ୧ ଟଙ୍କା, ଡାକମାଶୁଲ ।୵ ଅଣା ।

**ଦନ୍ତସଂସ୍କାର ଚୂର୍ଣ୍ଣ**—ଏହା ବ୍ୟବହାରରେ ଦନ୍ତର ଓ ଦନ୍ତମୂଳର ଯେ କୌଣସି ରୋଗ ଥିଲେହେଁ ଅତ୍ୟଳ୍ପ କାଳ ମଧ୍ୟରେ ନିବାରିତ ହୁଏ । ଏହା ଅତୀବ କଳାଶୋପଯୋଗୀ ଏବଂ ସୁଗନ୍ଧଯୁକ୍ତ ଦନ୍ତମଞ୍ଜନ ଏହାର ଦ୍ୱିତୀୟ ନାହିଁ

୧ କୌଟା ୦୵ ଅଣା ଡାକମାଶୁଲ ।୵ ଅଣା

**ସୁକୁନ୍ତଳକୌମୁଦୀ ତୈଳ**—ବ୍ୟବହାରରେ ନୂତନ କେଶ ଜନ୍ମେ ଏବଂ ପତନୋନ୍ମୁଖ କେଶ ମୂଳ ଦୃଢ଼ ହୁଏ । ଏହା କଳାଶୋପଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧବିଶିଷ୍ଟ ।

୧ ଶିଶି ୧ ଟଙ୍କା ଡାକମାଶୁଲ ।୵ ଅଣା ।

୧ ଡଜନ୍ ୧୧ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତି ଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ଟ ୨୫ ଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଲ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତି ଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

**ସକଳ ଏଜେଣ୍ଟଙ୍କର ପ୍ରୟୋଜନ**—ଏଜେଣ୍ଟଙ୍କୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିବରଣ ବିଶେଷ ଜ୍ଞାତବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।
ସେକ୍ରେଟରୀ ଓ ଟ୍ରେଜରର ।

☞ ଫଟେଲନ ପରୀକ୍ଷିତ ☜

**ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।**

**କୃଷଲ୍ୟ କରଣି ଘୃତ ।**—(ଷକସ୍ତ ଥଇଟେଡା ଫମର୍ କାର୍ଯ୍ୟକରେ ) ଏହି ଘୃତ ବ୍ୟବହାରରେ ଦୁଃଶାଧ୍ୟ ଉପଦଂଶ ( ଗରମି ବେସ୍ମ ) ଓ ପାରଦଜନିତ ଦୁଷ୍ଟରୋଗ୍ୟ ନୂତନ ପୁରାତନ ସର୍ବପ୍ରକାର କ୍ଷତ ( ଘାଅ ) ଦାହଜ୍ୱାଳା ଯନ୍ତ୍ରଣାରେ ଅଚିରାତ୍ ଆରୋଗ୍ୟ ହୁଏ ପ୍ରତିକୌଟାର ମୂଲ୍ୟ ଟ ୧ ୯ ଙ୍କା

୧ ମଧୂମାଲତୀବଟିକା }
୨ ବସନ୍ତ କୁସୁମାକର ଚୂର୍ଣ୍ଣ } ଏହା ସ୍ତ୍ରୀମାନଙ୍କର ସର୍ବପ୍ରକାର

ପ୍ରଦରର ଏକମାତ୍ର ମହୌଷଧ । ଏହା ବ୍ୟବହାର କରି ବହୁ ଦିବସର ପୁରାତନ ପ୍ରଦରମାନ ସ୍ୱଳ୍ପ ସମୟ ମଧ୍ୟରେ ଆରୋଗ୍ୟ ହେବାର ପରୀକ୍ଷା କରି ଦେଖିଅଛୁଁ ବ ୧୦ ଟୀବାର ମୂଲ୍ୟ ଟ ୧ ୯ ଙ୍କା ଓ ଚୂର୍ଣ୍ଣ ପ୍ରତିକୌଟାର ଟ ୨ ।

**ଅମୃତସିନ୍ଧୁ ବଟିକା ।**—ଏହି ଔଷଧ ସପ୍ତାହ ସେବନ କଲେ ରକ୍ତାର୍ଶର ରକ୍ତ ବନ୍ଦ ଓ ଉତ୍କ୍ରମ କୋଷ୍ଠ ପରିଷ୍କାର ହୁଏ । କ୍ରମାନ୍ୱୟେ କିଛିଦିନ ସେବନ କଲେ ମୂଳରେ ଅର୍ଶ ବଳି ଶୁଖି ଝଡ଼ିଯାଇ ରୋଗାରୋଗ୍ୟ ହୁଏ ୭ ବଟିକାର ମୂଲ୍ୟ ଟ ୦ ୳

**ନିଶୀକାନ୍ତ ବଟିକା ।**—ଏହା ସେବନ କଲେ ଧ୍ୱଜଭଙ୍ଗ, ଶୁକ୍ରତାରଲ୍ୟ, ସ୍ୱପ୍ନଦୋଷ ନିଶ୍ଚୟ ଭଲ ହୁଏ ଏତଦ୍ଭିନ୍ନ ଏହାର ଅଦ୍ଭୁତ କେତେକ ମେଳାର ଗୁଣ ଅଛି ତାହା ବ୍ୟବସ୍ଥା ପତ୍ର ପାଇଁ ଜାଣି ପାରିବେ କେବଳ ସ୍ୱପ୍ନଦୋଷ ଆରୋଗ୍ୟପକ୍ଷେ ଏହା ବ୍ରହ୍ମାସ୍ତ୍ର ବ ୭ ଟିକାର ମୂଲ୍ୟ ଟ ୧ ୯ ଙ୍କା

**ଶୂଳାଶନ ଚୂର୍ଣ୍ଣ**—ସର୍ବପ୍ରକାର ଶୂଳ ରୋଗ (ପେଟସର) ଆରୋଗ୍ୟ ହୁଏ ମୂଲ୍ୟ ଟ ୧ ଙ୍କା

ଉପରୋକ୍ତ ଔଷଧସମସ୍ତ ମଫସଲ ପାଇଁ ପ୍ୟାକିଂ ଡାକମାଶୁଲ ସ୍ୱତନ୍ତ୍ର ଲାଗେ ଓ ଔଷଧ ସହିତ ବ୍ୟବସ୍ଥା ପତ୍ର ପଠାଯାଏ ।

ଏହି ଔଷଧ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭନିକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

କୃଷ୍ଣପୁର
ସଦର କଟକ
ବାବୁ ରାଧାଶ୍ୟାମ ସରକାରଙ୍କ ବସାରେ } କବିରାଜ ଶ୍ରୀ ବାଳକୃଷ୍ଣ ଦାସ

## ବିଜ୍ଞାପନ ।

ମାଇନର, ଇଣ୍ଟ୍ରାନ୍ସ, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ୍, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି, ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H, E. schools.

JUST TO HAND.

To be had of the Printing Company, Cuttack.

କଲେଜିୟେଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ହାଇଡ୍ରୋପାଥିକ୍ ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲବାସୀମାନଙ୍କ ଡାକମାଶୁଲ ଟ ୦/

**NOTICE**

THE

DWIBHASI.

*SECOD EDITION IS OUT*
*AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

KEY TO LETHBRIDGE'S
EASY SELECTIONS
( Minor course for 1896 )
is in the press and will soon be out.

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

## ନୂତନ ନୂତନ ନୂତନ

## ଦ୍ୱିବିଧ ବିରଚିତ

ଷଷ୍ଠ୍ୟାଙ୍କ ସମ୍ପୂର୍ଣ ଜନ୍ମପାଲି ମୂଲ୍ୟ ଟ ୦/ ଏକଅଣା
ପତ୍ରକୋତକ ପାଲି ମୂଲ୍ୟ ଟ ୦/
ମ ଗାଳୀ ଜନ୍ମପାଲି ମୂଲ୍ୟ ଟ ୦୵
ହରଅର୍ଜ୍ଜୁନ ପାଲି ମୂଲ୍ୟ ଟ ୦୵
ହୁସେନ ଶ୍ରୀ ପାଲି ,, ଟ ୦/
ଭ୍ରମରବର ,, ,, ଟ ୦/୨

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟ ପାଲିମାନ ଯନ୍ତ୍ରସ୍ଥ ଅଛି

## ସଙ୍ଗୀତସର୍ବ୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ !

ସଙ୍ଗୀତ ଶିକ୍ଷା ପ୍ରାପ୍ତ ହେଉଥିଲ !

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ୵ ମା ତ୍ର !

ଏଥିରେ ରାଗିଣୀ, ଝୁଲା, ଖେମଟା, ଟପ୍ପା, ଠୁମରୀପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପୋଜିଟର ବାବୁ ରାମପ୍ରସନ୍ନ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶ୍ରୀମଦ୍ଭାଗବତ !

ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ କୃତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚୁରିତ ହୋଇ ଅଛିଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନବନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସ୍ଖଳିତ ସନ୍ଦିଗ୍ଧ ବିଶେଷ ଅଟେ ଏ ସ୍ଥଳ ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରଶ୍ନର ପ୍ରାରମ୍ଭରେ ସଂସ୍କୃତ ଶ୍ଲୋକମାନ ସନ୍ନିବେଷ୍ଟ ହୋଇଅଛି । ଆଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବାରୁ ସେମାନେ ଶ୍ରୀ କୃଷ୍ଣଙ୍କ ପାଦପଦ୍ମରେ ଶରଣ ନେଇ ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ

ବସ୍ତ୍ର ଲଭିଥିବା ବିଷୟର ସୁନ୍ଦର ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ୩ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅତ୍ୟଳ୍ପ ମୂଲ୍ୟ ଟ ୦ ୫ ଧାର୍ଯ୍ୟ ହୋଇଅଛି ।

## ଘଣ୍ଟା ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ ସୁନ୍ଦର ଘଣ୍ଟା ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ରୂପେ ନୂତନ କାରିଗରଦ୍ୱାରା ସମ୍ପନ୍ନ ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ଲେଖିଲେ ସମସ୍ତ ବିଷୟ ଜାଣିପାରିବେ ଏହାଛଡ଼ା ଦାଉମଡ୍ୟୁ ଦାନ୍ତ ନିକେଲକେସ ଏବଂ ଲୁଗାଦିଲରଙ୍ଗ ପ୍ରଭୃତି ମରାମତ କରିଦିଆଯିବ ।

ଘଣ୍ଟାର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଣ୍ଟା ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ଗ୍ରାହକଙ୍କର ଘଣ୍ଟାଖାନାର କାରଣରୁ ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ଉପସ୍ଥିତ ହେବାର ଅସମ୍ଭବ ନୁହେ । ଏହିପରି ଦୁଇଏକ ଘଟଣା ଶୁଣିଗୋଚର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୁଲି ସୁବିଧାମତେ ଘଣ୍ଟା ଘଣ୍ଟାଖାନାରୁ ପଠାଇଦେଇ ଛାପା ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୁପାର ଗିଲଟି କର୍ମ ମଧ୍ୟ ଏଠାରେ ହୁଏ ।

୧୨ । ୪ । ୯୬
କଟକପ୍ରିଣ୍ଟିଂକମ୍ପାନୀ ଅଫିସ କଟକ } ଶ୍ରୀ ଗୌରୀଶଙ୍କର ରାୟ

## ଜ୍ୱରର ଅବ୍ୟର୍ଥ ମହୌଷଧ

(ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦ ।୵ ମାସୁଲ ଟ ୦ । ଅଣା

ଏହି ଔଷଧ ବ୍ୟବହାରରେ ସକଳପ୍ରକାର ଜ୍ୱରରୋଗ ଏକାବେଳକେ ଆରୋଗ୍ୟ ହୋଇଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ । ଏହାର ବ୍ୟବହାର କଲେ କୌଣସି ପ୍ରକାର ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ କ୍ଷାରାଦ୍ରବ୍ୟାଦି ବର୍ଜିତ ନାହିଁ କିଛି ହୁଏ । ଏହି ଔଷଧରେ ପୂର୍ବଠାରୁ ଅନ୍ୟଦ୍ରବ୍ୟ ନୂତନ ଗୋଟି ଅଣୁ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଧିକ ଅର୍ଥୋପ୍ରଦ ହୋଇଅଛି । ଯେଉଁମାନେ ଏହି କୁଇନାଇନରେ ବହୁ ପାଉଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ ଏହାକୁ ବ୍ୟବହାର କରି ବହୁଲୋକ ଆରୋଗ୍ୟ ହୋଇଅଛନ୍ତି ଏବଂ ଅନେକ ପ୍ରଶଂସାପତ୍ର ମଧ୍ୟ ଦେଇଅଛନ୍ତି; ଔଷଧ ବ୍ୟବହାରବିଧି ଔଷଧ ସହିତରେ ଦିଆଯାଇ ଥାଏ

ଶ୍ରୀ ରାମ ତାରକସେନ
କେନ୍ଦ୍ର ଉତ୍କଳପ୍ରେସ
ବାଲେଶ୍ୱର

## ବିଜ୍ଞାପନ ।

ସ୍କୁଲପାଠ୍ୟ, ପଞ୍ଚମ ସଂସ୍କରଣ !

ପଣକିଆମାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଳେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ 'ପଞ୍ଚମ ସଂସ୍କରଣ'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ଘନମଣି ମିଶ୍ର

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୬ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ |

ମାତ୍ର କୌଣସି ବିଜ୍ଞାପନ କେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ତୃତୀୟାଂଶ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସହିତ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସମ୍ପାଦକଙ୍କ ଅନୁମତିରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ଗ | ସଂ ୩୭ ସଂଖ୍ୟା

ତା ୧୫ ଦିଶ ମାହେ ସେପ୍ଟମ୍ବର ସନ ୧୮୯୪ ମସିହା । ମୁ । ଭ ୩୧ ନ ଅଙ୍କ ଶନ ୧୩୦୨ ସାଲ ଶନିବାର ।

ଅଗ୍ରିମ ୨ ୩ ୯ | ପଶ୍ଚାଦେୟ ୨ ୭ ୯ ୦

ସର୍ ଚ୍ଚାର୍ଲସ ଇଲିଅଟଙ୍କ ଉତ୍ତାରୁ ସର୍ ଅ ଲେକ୍‌ଜାଣ୍ଡର ମାକେଞ୍ଜି ବଙ୍ଗଦେଶର ଲେଫ୍‌ଟେଣ୍ଟ ଗବର୍ଣ୍ଣର ପଦରେ ଭାରତର ସେକ୍ରେଟରୀଙ୍କ ଦ୍ୱାରା ନିଯୁକ୍ତ ହେବାର ସରକାରୀ ଭାବସମ୍ବାଦ ସ୍ପୃହିତ ହୋଇଅଛି ।

ଦର୍ପଣରୁ ସମ୍ବାଦ ପାଇଅଛୁଁ ତ ସୁପାନଙ୍କ ହେତୁ ଢିଆଇଫସଲ ଉତ୍ତମ ହୋଇଅଛି ଏବ ସାରଧଫସଲର ଅବସ୍ଥା ଭଲ ଜଣା ଯାଉଅଛି । ଧାନ ଗୁଡ଼ଜାଭ ଦର ଊଣା ହୋଇଅଛି ଏବ ଢାଙ୍କୋଦାମାନଙ୍କ କ୍ଷେତ୍ର ବନ ଥିବାରୁ ପ୍ରଜାଙ୍କ ହାତରେ ଧାନ ଅଛି । କେହି ହେବ ଲୋକ ଚାହାନ୍ତି । ଓଡ଼ିଶାର ସକଳସ୍ଥାନରେ ଅବସ୍ଥା ଏଂ ହିଁ ଭଳି ବୋଲିବାକୁ ହେବ ।

ଭଲଙ୍କା ମଦ୍ରସାର ଜଣେ ଶିକ୍ଷକ ମୌଲବୀ ନୁରାଲ ଅଲମ ସ୍କୁଲ ଫିଟିବା ସମସ୍ତ ଛଡ଼ା ଅନ୍ୟ ସମୟରେ ଦିବା ଓ ସନ୍ଧ୍ୟା ଉଭୟ ସମ୍ପ୍ରଦାୟର ମୁସଲମାନ ଛାତ୍ରମାନଙ୍କୁ ଧର୍ମୋପଦେଶ ଦେବାର ଅନୁମତି ଶିକ୍ଷା ବିଭାଗରୁ ପାଇଅଛନ୍ତି । ଧର୍ମଶିକ୍ଷାର ଅଭାବରୁ ଛାତ୍ରମାନଙ୍କର ନୀତି କମାଗତ ବିଗଡ଼ି ଯାଉଥିବାରୁ ଦେଖି ମୌଲବୀସାହେବ ଏ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛନ୍ତି । ଏହି ଶିକ୍ଷା ନିମନ୍ତେ ଛାତ୍ରମାନଙ୍କ ମାସିକ ଦୁଇଅଣା ବା ଚାରିଅଣା ଫିସ ନିଆଯିବ ।

ରୁଡ଼କି ପଶ୍ଚିମ ଗବର୍ଣ୍ଣମେଣ୍ଟଙ୍କ ରସାୟନିକ ଅଧ୍ୟାପକ ଶ୍ରୀଯୁକ୍ତ ହାଙ୍କିନସାହେବ ନାନାଜାଗାର ଜଳ ପରୀକ୍ଷା କରି ଗଙ୍ଗାଜଳର ବିଶୁଦ୍ଧତା ସାବ୍ୟସ୍ତ କରିଅଛନ୍ତି । ସେ କହନ୍ତି ତ ଶୀତ ଓ ସମଶୀତୋଷ୍ଣ ଦେଶର ନଦୀଜଳ ଅପେକ୍ଷା ଗ୍ରୀଷ୍ମଦେଶର ଜଳ ଭଲ, କାରଣ ତହିଁରେ କୀଟାଣୁସଂଖ୍ୟା ଅପେକ୍ଷା କୃତ ଊଣା ଏବଂ ଭାରତର ଅନ୍ୟାନ୍ୟ ନଦୀଜଳ ଅପେକ୍ଷା ଗଙ୍ଗାଜଳରେ କୀଟାଣୁସଂଖ୍ୟା ଅଳ୍ପତର ଊଣା । ଗଙ୍ଗାଜଳର ପବିତ୍ରତା ପ୍ରାଚୀନ କାଳରୁ ହିନ୍ଦୁ ଶାସ୍ତ୍ରରେ ଘୋଷିତ ହୋଇଥିବା ପ୍ରତ୍ୟକ୍ଷ ଯେଉଁମାନେ ତାହା କୁସଂସ୍କାର ବୋଲି ଅଗ୍ରାହ୍ୟ କରୁ ଥାଆନ୍ତି ସେମାନେ ଅଧ୍ୟାପକଙ୍କ ବୈଜ୍ଞାନିକ ପରୀକ୍ଷାର ଫଳ ଦେଖି ଆଶ୍ଚର୍ଯ୍ୟ ହେବେ ।

ସୁନାଭଗରରେ ଗଣପତିପୂଜା ଅନ୍ୟାନ୍ୟ ବର୍ଷପରି ଏ ବର୍ଷ ମଧ୍ୟ ଭାରି ସମାରୋହରେ ହୋଇଥିଲା । ଗତ ଅନନ୍ତଚତୁର୍ଦ୍ଦଶୀ ଦିନରେ ସେଠାରେ ହୋଇଥିବା ୧୧୦ ଗଣପତି ପ୍ରତିମା ବିସର୍ଜନ ହେଲା । ପୁଲିସ ପୂର୍ବରୁ ସତର୍କ ହୋଇ ମସଜିଦମାନଙ୍କରେ ପହରା ରଖିବାରୁ ଏଥର କୌଣସି ଗୋଳମାଳ ଘଟି ନାହିଁ ବଡ଼ ସୁଖର ବିଷୟ ଅଟେ । ପୁନାପରି ଅନ୍ୟାନ୍ୟ ଅନେକ ସ୍ଥାନରେ ଗଣେଶପ୍ରତିମାଙ୍କ ବିସର୍ଜନ ଏକଦିନରେ ହେଉଥିବା ପ୍ରତ୍ୟକ୍ଷେ କଟକରେ ଉକ୍ତ ଦିନ ଖାଲି ତ ଦୁଇ କିଛି ଲୁଚା ଲାଭ ନାହିଁ । ଏଠାରେ ଅଧିକାଂଶ ଗଣେଶଙ୍କ ଦଶହରା ଲକ୍ଷ୍ମୀ ପୂର୍ଣ୍ଣିମାର ତ ୩ ନ ଉତ୍ତାରୁ ହେଲା । ଅଦ୍ୟ ସେହିଭଳି ପ୍ରତିମାର ବିସର୍ଜନ ହୋଇ ନାହିଁ ।

ବଙ୍ଗ ନାଗପୁର ରେଲକମ୍ପାନୀ ସିନୀ ମେଦନୀପୁର ହାବଡ଼ା ଏବଂ ମେଦନୀପୁର—କଟକ ରେଲବାଟମାନ ପ୍ରସ୍ତୁତ କରିବା କାରଣ ଏଥିମଧ୍ୟେ ଅଠଟି ଡିବିଜନ ସ୍ଥିର କରି ପ୍ରତ୍ୟେକ ଡିଭିଜନ ନିମନ୍ତେ ଏକ୍ ଜଣ ଇଞ୍ଜିନିୟର ନିଯୁକ୍ତ କରି ଅଛନ୍ତି । ଯଥା ୧ ମ ଡିବିଜନ ହାବଡ଼ା ମା ୨୭ ମାଇଲ, ୨—ରୂପ ନାରାୟଣ ମା ୧୦ ମାଇଲ ୩ ୟ—ମେଦନୀପୁର ମା ୨୩ ମାଇଲ, ୪ ର୍ଥ—ସୁବର୍ଣ୍ଣରେଖା ମା ୭୨ ମାଇଲ, ୫ ମ—ବାଲେଶ୍ୱର ମା ୫୮ ମାଇଲ, ୬ ଷ୍ଠ—ବ୍ରାହ୍ମଣୀ ମା ୫୨ ମାଇଲ, ୭ ମ—ଗିରିନୀ ମା ୬୦ ମାଇଲ ଏବଂ ୮ ମ—ସିନୀ ମା ୩୯ ମାଇଲ । ଏ କମ୍ପାନୀ ବଙ୍ଗ-ନାଗପୁର ରେଲବାଟ ଯେତେ ଚଞ୍ଚଳ ନିର୍ମାଣ କରିଥିଲେ ତହିଁରୁ ଭରସା ହେଉଅଛି ଯେ ଏହି ଶାଖା ରେଲବାଟମାନ ସେହିପରି ଚଞ୍ଚଳ ନିର୍ମାଣ କରିବେ ।

ଭଦ୍ରାଲ ସମ୍ବନ୍ଧୀୟ ସରକାରୀ କାଗଜପତ୍ର ପୁସ୍ତକାକାରରେ କଲିକତାରେ ମୁଦ୍ରିତ ହୋଇଅଛି ତହିଁରୁ ପ୍ରକାଶ ଯେ ଚିତ୍ରାଳରେ ଇଂରାଜଙ୍କର

Digitized by srujanika@gmail.com

ଗୋଟିଏ ସେନା ନିବାସ ରହିବା ଏବଂ ସେଠାରୁ କାଟ ଫେଣ୍ଟାଇ ରଖିବା ସକାଶେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗତ ମଇମାସରେ ବଲ୍ଲଭସ୍ତୁ ନଗୋଟ ବନ୍ଦୋବସ୍ତ ମାତ୍ର ସେ ସମୟର ବଲଭସ୍ତ ଷ୍ଟେଟ ସେକ୍ରେଟେରୀ ଫାଉଲର ସାହେବ ଲର୍ଡ ରୋଜବରି ମନ୍ତ୍ରିଦଳରୁ ଚିତ୍ରାଳ ଫେରାଇ ଆଣିବାର ଆଦେଶ ଦେବାରୁ ଲର୍ଡ ଏଲଗିନ ଦୁଃଖିତ ହୋଇ ତାହା ପାଳନ କରିଥିଲେ । ଏଥିମଧ୍ୟରେ ବିଲାତର ମନ୍ତ୍ରିଦଳରେ ପରିବର୍ତ୍ତନ ଘଟିଲା ଏବଂ ନୂତନ ମନ୍ତ୍ରିମାନେ ପୁନର୍ବିଚାର କରି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ପ୍ରଥମ ନିଷ୍ପତ୍ତି ସ୍ଥିର ରଖିଲେ । ଅତଏବ ଚିତ୍ରାଳର ବ୍ୟବସ୍ଥାର ମୂଳାଧାର ଲର୍ଡ ଏଲଗିନ ଓ ତାହାଙ୍କ ସଦସ୍ୟମାନେ ଅଟନ୍ତି ।

---

ବିଲାତ ପାର୍ଲାମେଣ୍ଟର କମନ୍ସ ସଭାରେ ଗତମାସ ତା ୫ ରିଖରେ ଇଣ୍ଡିଆ ଷ୍ଟେଟ ସେକ୍ରେଟେରୀ ଭାରତବର୍ଷର ସନ ୧୮୯୫।୯୬ ସାଲର ବଜେଟ ଉପସ୍ଥିତ କରିଥିଲେ । ସେ କହିଲେ କି ଏହି ବର୍ଷର ବଜେଟ ଅର୍ଥାତ୍ ଅନୁମାନର ଆୟ ବ୍ୟୟ ହିସାବ ଅନୁସାରେ ଏକକୋଟି ୨୩ ଲକ୍ଷ ଟଙ୍କା ଉଦ୍ବର୍ତ୍ତ ହେବାର ଜଣା ଯାଇଥିଲା ମାତ୍ର ଚିତ୍ରାଳଯୁଦ୍ଧର ବ୍ୟୟ ୨ କୋଟି ୨୦ ଲକ୍ଷ ଟଙ୍କା ହେଲା ଏବଂ ସେ ରାଜ୍ୟକୁ ଦଖଲରେ ରଖିବାର ବ୍ୟୟ ଅନ୍ୟୁନ ୨୦ ଲକ୍ଷ ଟଙ୍କା ହେବ । ସୁତରାଂ କିଛି ଉଦ୍ବର୍ତ୍ତ ନ ହୋଇ ୧ କୋଟି ୨୧ ଲକ୍ଷ ନିଅଣ ପଡିବାର ଜଣା ଯାଉଅଛି । ମାତ୍ର ପୂର୍ବର ବିଶ୍ୱ ଯେ ସ୍ୱାଭାବିକ ନିୟମ ପ୍ରକାର ରାଜସ୍ୱ ବୃଦ୍ଧି ହେବାର ଦେଖା ଯାଉଅଛି । ତଦ୍ୱାରା ବର୍ଷ ଶେଷରେ ହେଉଥିବା ସମସ୍ତ ଆୟ ବ୍ୟୟ ସମାନ ହେବାର ଆଶା କରାଯାଇ ପାରେ । ଆମ୍ଭେମାନେ ଦେଖୁଅଛୁଁ ଯେ ଭାରତର ରାଜସ୍ୱ ବୃଦ୍ଧିର ଯେମନ୍ତ ଶେଷ ନାହିଁ ତେମନ୍ତ ବ୍ୟୟ ବୃଦ୍ଧି ମଧ୍ୟ ଶେଷ ନାହିଁ । କର୍ତ୍ତାମାନେ ସାବଧାନ ନ ହେଲେ ଭାରତର ଆର୍ଥିକ ଦୁରବସ୍ଥା କେବେ କେବେଳେ ଦୂରହେବାର ଦେଖା ଯାଉ ନାହିଁ ।

---

ନବ ନିଯୁକ୍ତ ପୋଲିଟିକଲ ଏଜେଣ୍ଟ ସର ଜ ରବର୍ଟସନ ସାହେବ ଗତମାସ ତା ୨ ରିଖରେ ଚିତ୍ରାଳ ରାଜ୍ୟରେ ଦରବାର କରି ସୁଜାଉଲ ମୂଲ୍କଙ୍କ ଅଭିଷେକ କ୍ରିୟା ସମ୍ପନ୍ନ କଲେ । ସେ ଦରବାରରେ ସେହି ସକଳ ପ୍ରଚାରିତ ହେଲା ତହିଁରୁ ପ୍ରକାଶ ଯେ ରାଜାଙ୍କର ସ୍ୱାଧୀନ ଯେପରି ସେଠାର ସର୍ବାଧିକାରୀ ଥିଲେ ସୁଜାଉଲ ପରିମାଣରେ ମାତ୍ର ମେହତର ଉପାଧିରେ ସୁଜାଉଲ ମୂଲ୍କଙ୍କୁ ଅଭିଷିକ୍ତ କରଗଲା ଏବଂ ତାହାଙ୍କ ପୂର୍ବ ଓ ଭବିଷ୍ୟତର ଲୋକେ ରେସିଡେଣ୍ଟ ଅଧୀନରେ ରହିବାକୁ ଗ୍ରହିବାରୁ ମେହତରଙ୍କ ଅଧିକାର ଉକ୍ତ ରାଜ୍ୟମାନଙ୍କରୁ ରହିତ ହେଲା ମେହତର ମାସିକ ଟ ୧୦୦୦ ଙ୍କା ବୃତ୍ତି ପାଇବେ ଓ ରାଜ୍ୟର କେତେକାଂଶରୁ ମେହତରଙ୍କ ଅଧିକାର ରହିତ ହେବା ହେତୁ ଆୟ ଊଣା ହେବା ଦୃଷ୍ଟିରେ ତାଙ୍କୁ ଅଧିକା ଟ ୮୦୦୦ ଙ୍କା ବାର୍ଷିକ ଦିଆଯିବ ତାହା ଇଂରାଜରୁ କହନ୍ତି ହେବା ଉପରୋକ୍ତ ସୁଜାଉଲମୂଲ୍କ ନାବାଲଗି ସମୟରେ ଶାସନ କାର୍ଯ୍ୟର ସୁବିଧା ସକାଶେ ଜଣେ ପ୍ରବୀଣ ଲୋକ ପୋଲିଟିକଲ ଅଫିସର ହେବ ଓ ଚିତ୍ରାଳର ଜଣେ ଯୋଗ୍ୟଲୋକ ତାଙ୍କୁ ସାହାଯ୍ୟ କରିବା ସକାଶେ ନିଯୁକ୍ତ ହେବେ ଦାସ ବ୍ୟବସାୟ ପ୍ରଥା ସେ ରାଜ୍ୟରୁ ରହିତ ହେବ । ଗିଲଗିଟ ଓ ଚିତ୍ରାଳ ମଧ୍ୟରେ ଡାକ ବସିବ ଏବଂ ଚିତ୍ରାଳ ଓ ମାଲକନ୍ଦ ମଧ୍ୟବର୍ତ୍ତୀ ବାଟ ଏବଂ ପୁଲମାନ ଦୃଢ଼ରୂପେ ନିର୍ମିତ ହେବ । ଏହିରୂପେ ଚିତ୍ରାଳର ଅଭିନୟ ଶେଷ ହେଲା ।

---

ବାଲେଶ୍ୱର ଜାତୀୟ ସଭାର ଅନୁରୋଧ ମତେ ସେହିସଭାକୁ ସେ ଅଞ୍ଚଳର ଜମିଦାରମାନଙ୍କ ନିକଟକୁ ପଠାଯାଇ ଥିବା ପତ୍ରର ନିମ୍ନଲିଖିତ ପ୍ରତି ଲିପି ପ୍ରକାଶ କଲୁ । ସଭ ଆଶା କରନ୍ତି କି ଓଡିଶାର ପ୍ରଧାନ ନଗର କଟକରେ ଏହିପରି ଚେଷ୍ଟା ହେବା ଉଚିତ ଏବଂ ସମସ୍ତ ଓଡିଶା ଯୋଗ ହୋଇ ନ୍ୟାୟ ସଙ୍ଗତ ପ୍ରତିକାର ଲୋଡିବାକୁ ଯତ୍ନବାନ ହେଲେ ଆଶାନୁରୂପ ଫଳ ଲାଭ ହେବ । ଆମ୍ଭେମାନେ ଭରସାକରୁଁ ଏଜିଲାର ଜମିଦାରମାନେ ଏ ପରାମର୍ଶ ଗ୍ରହଣ କରିବାକୁ ପଛଘୁଞ୍ଚ କରିବେ ନାହିଁ ।

ମହାଶୟ ।

ଅନେକ ଦିନ ଗତ ବର୍ଷ ହେଲି ବନ୍ଦୋବସ୍ତ କାର୍ଯ୍ୟ ଏହି ବାଲେଶ୍ୱର ଜେଲାରେ ଶେଷ ହୋଇଅଛି ଏବଂ ତହିଁ ସମ୍ବନ୍ଧରେ କାର୍ଯ୍ୟ ହୋଇଥିବାରୁ କେବଳ ସମସ୍ତ ସ୍ଥାନରେ ଏକ ପ୍ରଣାଳୀରେ କାର୍ଯ୍ୟ ହୋଇଥିବାର ସମ୍ଭବ ନୁହେଁ । ସୁତରାଂ ସ୍ଥାନେ ସ୍ଥାନରେ ଭିନ୍ନ ପ୍ରକାର ଆପତ୍ତି ହେବାର ସମ୍ଭାବନା ଏବଂ ଭିନ୍ନ ପ୍ରକାର ପ୍ରତିକାର ଆବଶ୍ୟକ ଏହି ପ୍ରକାର ଦଣ୍ଡ ଅତି ପର୍ଯ୍ୟନ୍ତ ସାଧାରଣଙ୍କ ଜଣାଇବାର ଉଚିତ ଯେ ସେ ସ୍ଥାନରେ ପ୍ରତିକାର ପକ୍ଷୀୟଙ୍କ ତାହାର ପ୍ରତିକାର ପାଇବାର କୌଣସି ଚେଷ୍ଟା କରାଯାଇ ନାହିଁ ଏଥିର କେଉଁଠାରେ କିରୂପ ଅନିଷ୍ଟ ହୋଇଅଛି ଏବଂ ତାହାର ପ୍ରତିକାର କିରୂପେ ହୋଇ ପାରିବ ତାହାର ଉପାୟ ଅବଲମ୍ବନ କରିବା ସକାଶେ ବାଲେଶ୍ୱର ଜାତୀୟ ସଭା ଅନେକ ଜମିଦାରଙ୍କ ସ୍ୱାର୍ଥ ଅନୁକୂଳ ହୋଇ କାର୍ଯ୍ୟରେ ପ୍ରବୃତ୍ତ ହୋଇ ଅଛନ୍ତି । ଅତଏବ ଏହି ସଭା ଆପଣଙ୍କୁ ଅନୁରୋଧ କରୁଅଛନ୍ତି କି ଆପଣଙ୍କ ଜମିଦାରୀରେ କି ପ୍ରକାର ପ୍ରଣାଳୀରେ ବନ୍ଦୋବସ୍ତ ହୋଇ ଅଛି ଓ ତାହାଦ୍ୱାରା ଆପଣଙ୍କର କିରୂପ ଅନିଷ୍ଟ ହୋଇ ଅଛି ତାହାର ସମସ୍ତ ବିବରଣ ଲେଖି ସ୍ୱାକ୍ଷରକାରୀ ଠାରେ ଅତି ଶୀଘ୍ର ଲିଖିତ ଭାବେ ପଠାଇବା ହେବେ । ସମସ୍ତ ଆପତ୍ତି ଏକତ୍ରିତ ହେଲେ ସଭା ସମସ୍ତ ଜମିଦାରମାନଙ୍କ ସମ୍ମତିରେ କରି ତାହାକୁ ସରକାରଙ୍କ ଗୋଚରରେ ଏବଂ ବନ୍ଦୋବସ୍ତ ସଂକ୍ରାନ୍ତ ଅନ୍ୟାନ୍ୟ ଦରଖାସ୍ତମାନ ଦାଖଲ କରିବେ । ଇତି

ବଶମ୍ବଦ

ଶ୍ରୀହରିଶଚନ୍ଦ୍ର ସରକାର

ଅସିଷ୍ଟାଣ୍ଟ ସେକ୍ରେଟେରୀ ଜାତୀୟ ସଭା

ବାଲେଶ୍ୱର

---

ଦକ୍ଷିଣରୁ ଆସୁଥିବା ଇଷ୍ଟକୋଷ୍ଟ ରେଲବାଟ କଟକଠାରୁ କଲିକତା ପର୍ଯ୍ୟନ୍ତ ବିସ୍ତୃତ ହେବା ଓ ତାହା ସରକାରଙ୍କ ଖର୍ଚ୍ଚରେ ନିର୍ମାଣ ହେବାର କଥା ଥିଲା । ବର୍ତ୍ତମାନ ସେ ପ୍ରସ୍ତାବ ରହିତ ହୋଇ ବଲଭସ୍ତ ଭାରତୀୟ ଷ୍ଟେଟ ସେକ୍ରେଟେରୀ ବଙ୍ଗଲା ନାଗପୁର ରେଲକମ୍ପାନୀ ସହିତ ଏହି ବନ୍ଦୋବସ୍ତ କରିଅଛନ୍ତି କି କମ୍ପାନୀ ବଙ୍ଗ ନାଗପୁର ରେଲବାଟର ସିନୀଷ୍ଟେସନଠାରୁ ମେଦିନୀପୁର ବାଟେ ହାବଡା ପର୍ଯ୍ୟନ୍ତ ଗୋଟିଏ ରେଲବାଟ ନିର୍ମାଣ କରିବେ ଏବଂ ତହିଁର ଗୋଟିଏ ଶାଖା ମେଦିନୀପୁରଠାରୁ କଟକ ପର୍ଯ୍ୟନ୍ତ ପ୍ରସ୍ତୁତ କରିବେ । ଏପରି ଇଷ୍ଟକୋଷ୍ଟ ରେଲବାଟ କଟକଠାରୁ ବିଶାଖପଟନା ପର୍ଯ୍ୟନ୍ତ ଅଂଶର ଭାର ଗ୍ରହଣ କରିବେ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବାର୍ଷିକ ସାଢେ ତିନିଟଙ୍କା ସୁଧରେ ଏକକୋଟି ଟଙ୍କା ଋଣ ଦେବାକୁ ସମ୍ମତ ହୋଇଅଛନ୍ତି । ବଙ୍ଗ ନାଗପୁର ରେଲ କୋମ୍ପାନୀ ହାତରେ ମା ୮୮୨ ମାଇଲ ରେଲବାଟ ଥିଲା । ଏଥିର ସଙ୍ଗେ ମା ୬୦୨ ମାଇଲ ଯୋଗ ହୋଇ ମୋଟ ମା ୧୪୮୪ ମାଇଲ ହେବ । ସୁତରାଂ କମ୍ପାନୀର କାର୍ଯ୍ୟ ବହୁ ବିସ୍ତାର ହେଲା । ସେ ଦଣ୍ଡପୁରଠାରୁ କଟକ ପର୍ଯ୍ୟନ୍ତ ଶାଖାରେଲ ନିର୍ମାଣ ହେବାର ସ୍ଥିର ହେବାରୁ ସମ୍ବଲପୁରଠାରୁ କଟକକୁ ଯେଉଁ ଶାଖା ପ୍ରସ୍ତୁତ ହେବାର ପ୍ରସ୍ତାବ ହୋଇଥିଲା ତାହା ବର୍ତ୍ତମାନ ସ୍ଥଗିତ ହେଲା । ଆମ୍ଭେମାନଙ୍କ ଆଶା କରୁଁ କମ୍ପାନୀ ଏ ଯୋଜନା ଏବାବେଳରେ ପରିତ୍ୟାଗ କରିବେ ନାହିଁ କାରଣ ଗଡଜାତ ଭିତରେ ଯେଉଁ ରେଲବାଟ ଅଛି ତାହା ଅଧିକ ଲାଭଜନକ ହେବ, ସନ୍ଦେହ ନାହିଁ ।

---

Split by PDF Splitter

Digitized by srujanika@gmail.com

Split by PDF Splitter



ବିହାର ପ୍ରଦେଶାନ୍ତର୍ଗତ ମୋତିହାରି ଜିଲ୍ଲା ପରଗଣାର ମୌଜା ନିବାସୀ ରୂପାନ୍ତିଆ ନାମ୍ନୀ ଗୋଟିଏ ତ ୧୫ ବର୍ଷ ବୟସର ଯୁବତୀ ଏକ ପାଞ୍ଚବର୍ଷ ବୟସର ପିଲାକୁ ହତ୍ୟା କରିବା ଅଭିଯୋଗରେ ପୁଲିସ ଗୃହୀତ ହେବାରୁ ନିୟମାନୁସାରେ ଦୌରା ସୁପର୍ଦ ହୋଇ ଥିଲା । ଦୌରା କୋର୍ଟରେ ଆସେସର ତ ୨ ଣ ନିର୍ଦୋଷୀ କହିଲେ ସୁଦ୍ଧା ଜଜ ସାହେବ ଦୋଷ ସାବ୍ୟସ୍ତ କରି ରୂପାନ୍ତିଆର ପ୍ରାଣଦଣ୍ଡ ବିଧାନ କଲେ । ରୂପାନ୍ତିଆ ବଡ ଦରିଦ୍ରା, ମୂଲଲାଗି ପେଟ ପାଳେ ଏବଂ ସାହାର ପିଲା ଘରେ ପଡି ଥାଏ । ଫାସି ହୁକୁମ ହେବସ୍ୱରୂପ ଜେଲଖାନାରେ ରହି ଅତ୍ୟନ୍ତ ମନ ଦୁଃଖରେ ଆପଣା ଉଦ୍ଧାର ନିମନ୍ତେ ଖଣ୍ଡିଏ ବଙ୍ଗଳା ପତ୍ର ବିଖ୍ୟାତ ବାରିଷ୍ଟର ବାବୁ ମନମୋହନ ଘୋଷଙ୍କ ନିକଟକୁ ଲେଖି ପଠାଇଲା । ଘୋଷ ମହାଶୟ ପ୍ରକୃତରେ ଅନାଥର ବନ୍ଧୁ, ଦୁଃଖୀର ମା ବାପ । ଏଥି ପୂର୍ବେ ସେ ଅନେକ ଦରିଦ୍ର ବ୍ୟକ୍ତିଙ୍କୁ ପ୍ରାଣଦଣ୍ଡରୁ ଉଦ୍ଧାର କରି ଅଛନ୍ତି । ପତ୍ର ପାଇ ସେ ହାଇକୋର୍ଟରେ ମାମଲା ଲଢ଼ି ରୂପାନ୍ତିଆକୁ ନିର୍ଦୋଷୀ ବୋଲି ଖଲାସ କରାଇଲେ । ହାଇକୋର୍ଟରେ ପ୍ରକାଶ ପାଇଲା ଯେ ପୁଲିସ ଅସଲ ଆସାମୀକୁ ଗୁପ୍ତ ଦେଇ ଏହି ଯୁବତୀକୁ ଲୋଭ ଦେଖାଇ ଏକରାର କରାଇ ନେଇ ଥିଲା । ବର୍ତ୍ତମାନ ସମସ୍ତ ଭାରତବର୍ଷରେ ମାନ୍ୟବର ମନମୋହନ ଘୋଷଙ୍କର ଯଶ ଧ୍ୱନି ହେଉଅଛି । ବାସ୍ତବରେ ଏହାଙ୍କର ମାନବଦେହ ଧାରଣ କରିବା ସାର୍ଥକ ଏବଂ ବିଦ୍ୟା ଅର୍ଜନ ଓ ବାରିଷ୍ଟରୀ ବ୍ୟବସାୟ କରିବା ଧନ୍ୟ । ମୋଫସଲର ଉକିଲ ମୁକ୍ତାରଙ୍କ ମଧ୍ୟରେ ଏହିପରି ଜଣେ ୨ ବାହାରିଲେ କେତେ ଅନାଥର ବିପଦ୍ ହେବ ।

### ସରଳେ ମଦନକୁମାର ଅବିଚାର ।

ଦୁଇସପ୍ତାହ ପୂର୍ବେ ସରଳେ ମଦନକୁମାର ଗୋଟିଏ ଅବିଚାରର କଥା ପାଠକମାନଙ୍କୁ ଜଣାଇଥିଲୁ । ସେଥିରେ ଦୁଇଜଣ ଅଧସ୍ତନ କର୍ମଚାରୀଙ୍କର ଶଠତାର କଥା ପ୍ରକାଶିତ ହୋଇଥିଲା । ଅଦ୍ୟ ସେହି ମଦନକୁମାର ହାକିମଙ୍କ ଅବିଚାରର ଗୋଟିଏ ଉଦାହରଣ ଦେଖାଉଅଛୁଁ ।

ସୂଚନା ମୂଳ ସାକ୍ଷୀଙ୍କ ଉପରେ ସମ୍ବାଦ ନ ହେବା ଅପରାଧରେ ସରଳେ ମଦନକୁମାର ଅସିଷ୍ଟାଣ୍ଟ ସେଟଲେମେଣ୍ଟର ଟ ୫୦୦ ୧ ଟଙ୍କା ଜରିମାନା କରିଥିଲେ । ସରଳେ ସୁପ୍ରିଣ୍ଟଙ୍କ ନିକଟରେ ଅପତ୍ତି ଦରଖାସ୍ତ ହେବାରୁ ସେ ତାହା ଅଗ୍ରାହ୍ୟ କଲେ । ସେହି ହୁକୁମ ବିରୁଦ୍ଧରେ ସନ ୧୮୭୫ ସାଲର ବଙ୍ଗୀୟ ୫ ଆଇନର ଧା ୫୧ ସ ମତେ ଓଡିଶାର କମିଶନରଙ୍କ ନିକଟରେ ମୋସନ ହେଲା । କମିଶନର ମହୋଦୟ ପ୍ରଥମେ ସରଳେ ସୁପ୍ରିଣ୍ଟଙ୍କ ନିକଟକୁ ଲେଖିଲେ କି ଦଣ୍ଡ ପ୍ରାପ୍ତ ସାକ୍ଷୀ ମରିଯାଇଥିବା ସ୍ଥଳେ ଜରିମାନା । ଖତ ଦଅ ଯାଇପରେ । ସୁ ପ୍ରିଣ୍ଟ ଉତ୍ତର ଦେଲେ ନାହିଁ ସୁତରାଂ କମିଶନର ସାହେବ ମହୋଦୟ ବିଚାରରେ ପ୍ରବୃତ୍ତ ହୋଇ ଦେଖିଲେ ଯେ ଆଇନ ଅନୁସାରେ ନୋଟିସରେ ତିନୋଟି କଥା ସ୍ପଷ୍ଟରୂପେ ଲେଖାଯିବା ଆବଶ୍ୟକ ଯଥା (୧) ଯେଉଁ ତାରିଖରେ (୨) ଠିକ ଯେଉଁ ସ୍ଥାନରେ ଏବଂ (୩) ଯେଉଁ କର୍ମଚାରୀ ନିକଟରେ ଉପସ୍ଥିତ ହେବା ଆବଶ୍ୟକ ଏବଂ ସେ ତାରିଖ ନୋଟିସ ଜାରି ତାରିଖଠାରୁ ୧୫ଦିନ ଊଣାରେ ଧାର୍ଯ୍ୟ ହେବ ନାହିଁ । ଏଥିକୁ ସାକ୍ଷୀଙ୍କ ଉପରେ ଯେଉଁ ନୋଟିସ ଜାରି ହୋଇଥିଲା ତହିଁରେ ଏତିକି ଲେଖା ଥିଲା କି ମଧୁସୂଦନଦାସ ମନସୁରମ ମୁକଦ୍ଦମା ସାକ୍ଷୀଅଛନ୍ତି ମାତ୍ର କେଉଁ ତାରିଖରେ କେଉଁଠାରେ କାହାଙ୍କ ନିକଟରେ ହାଜର ହେବେ କିଛି ଲେଖା ନାହିଁ । ସୁତରାଂ ସଭେ ଆଇନର ଧା ୫ ସ ମତେ ନୋଟିସ ଅସିଦ୍ଧ ହେବାରୁ ଅର୍ଥ ଦଣ୍ଡ ଆଇନ ବିରୁଦ୍ଧ ଥିବାର ସିଦ୍ଧାନ୍ତ କରି ସରଳେ ସୁପ୍ରିଣ୍ଟଙ୍କ ଆଦେଶ ରଦ୍ଦ ଏବଂ ଅର୍ଥ ଦଣ୍ଡ ଫେରତ ଦେବାର ହୁକୁମ ଦେଲେ । କମିଶନର ସାହେବ ଆପଣା ରାୟରେ ଲେଖିଅଛନ୍ତି କି "If Survey Officers disregard the law or do not take the trouble to acquaint themselves with it, they have no reason to complain if their orders are found invalid. I have met with little else but a consistent disregard or ignorance of the law in appeals that have come before me from the Settlement and Survey of offices." ଅର୍ଥାତ ଯଦ୍ୟପି ସର୍ଭେ କର୍ମଚାରୀମାନେ ଆଇନ ନ ମାନିବେ ଅଥବା ଆଇନ ବୁଝିବାର ଶ୍ରମ ସ୍ୱୀକାର ନ କରିବେ ତେବେ ସେମାନଙ୍କ ହୁକୁମ ଅବୈଧ ହେଲେ ଗୁହାରି କରିବାର କିଛି କାରଣ ନାହିଁ । ସର୍ଭେ ଓ ବନ୍ଦୋବସ୍ତ ମହକୁମା ମାନଙ୍କରୁ ଯେତେ ଅପିଲ ଆମ୍ଭ ନିକଟକୁ ଆସିଅଛି ସେ ସମସ୍ତରେ ଅନବରତ ରୂପେ ଆଇନର ଅବଜ୍ଞା ବା ଅଜ୍ଞତା ଛଡ଼ା ଆଉ କିଛି ଦେଖିନାହୁଁ ।

ବଙ୍ଗୀୟ ପ୍ରଧାନ ରାଜ ପୁରୁଷଙ୍କ ଉପରିଲିଖିତ ମନ୍ତବ୍ୟ ଉପରେ ଆମ୍ଭମାନଙ୍କର ଆଉ କିଛି କହିବାର ନାହିଁ । ଦୁଃଖର ବିଷୟ ଯେ ଭାରତ ସରକାର ବ୍ୟୟ ସଂଯବ ନିମନ୍ତେ ଅଦୂରଦର୍ଶୀ ହାକିମଙ୍କ ହାତରେ ଜରିପ ବନ୍ଦୋବସ୍ତର ଭାର ଦେଇ ପ୍ରଜାଙ୍କର ନାନାପ୍ରକାର କଷ୍ଟ ଓ କ୍ଷତି ପ୍ରତି ଉଦାସୀନ ରହିଅଛନ୍ତି ।

### ସଗଡ଼ରେଜିଷ୍ଟ୍ରୀ ନ କରାଇବା ମୋକଦ୍ଦମା ।

ବଙ୍ଗପ୍ରଦେଶ ଖୁଲନାଜିଲ୍ଲା ସାତକ୍ଷୀରା ସବଡ଼ିଭିଜନ ଅନ୍ତର୍ଗତ ଦେବହାଟା ମିଉନିସିପାଲ୍ଟୀ ମଧ୍ୟରେ ପ୍ରତି ରବିବାର ଓ ବୁଧବାର ଗୋଟିଏ ହାଟ ବସେ । ଶ୍ୟାମାଚରଣ ଘୋଷ ଆପଣା ସଗଡ଼ ଘେନି ସେହି ହାଟକୁ ପ୍ରତିପାଳରେ ଆସେ । ଶ୍ୟାମାଚରଣ ଘୋଷର ଘର ସେ ମିଉନିସିପାଲଟୀ ମଧ୍ୟରେ ନୁହେ ଓ ତାହାର ସଗଡ଼ ତାହାର ଘରେ ସୁତରାଂ ମିଉନିସିପାଲଟୀର ବାହାରେ ଥାଏ । ମାତ୍ର ମିଉନିସିପାଲଟୀ ବିଷୟକ ବଙ୍ଗୀୟ ସନ ୧୮୮୪ ସାଲର ୩ ଆଇନର ଧା ୧୪୨ ସରେ ବିଧାନ ଅଛି କୌଣସି ସଗଡ଼ ମିଉନିସିପାଲଟୀ ବାହାରେ ରହିଲେ ହେଁ ଯେବେ ଶୁଦ୍ଧମତେ ମିଉନିସିପାଲଟୀ ମଧ୍ୟରେ ଚଳ ପ୍ରଚଳ ହେବ ତେବେ ସେ ସଗଡ଼ ରେଜିଷ୍ଟ୍ରି କରାଇବାକୁ ହେବ ଓ ରେଜିଷ୍ଟ୍ରି ନ କରାଇଲେ ସେହି ଆଇନର ଧା ୨୪୬ ସ ଅନୁସାରେ ଫଉଜଦାରୀ ସୁପର୍ଦ ହେବ । ଶେଷ ଲିଖିତ ଧାରାନୁସାରେ ଶ୍ୟାମାଚରଣ ଘୋଷ ଫଉଜଦାରୀ ସୁପର୍ଦ ହେବାରେ ସାତକ୍ଷୀରାର ଡେପୁଟି ମାଜିଷ୍ଟ୍ରେଟ ଫଉଜଦାରୀ କାର୍ଯ୍ୟବିଧିର ଧା ୨୪୭ ସ ଅନୁସାରେ ତାହାକୁ ଖଲାସ ଦେଲେ । ସେହି ହୁକୁମ ନାରାଜରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ କଲିକତା ହାଇକୋର୍ଟରେ ଅପିଲ ହେଲା । ଅପିଲର ହେତୁ ଏହି କି ଯେସ୍ଥଳେ ଶ୍ୟାମାଚରଣ ପ୍ରତି ସପ୍ତାହରେ ଦୁଇଥର ଲେଖାଏଁ ନିୟମିତରୂପେ ଆପଣା ସଗଡ଼ ମିଉନିସିପାଲଟୀ ମଧ୍ୟରେ ବ୍ୟବହାର କରୁଅଛି ସେସ୍ଥଳେ ସେ ଆଇନାନୁସାରେ ସ୍ଥିତମତେ ବ୍ୟବହାର କରୁଥିବାର ସିଦ୍ଧାନ୍ତ କରିବାକୁ ହେବ । ଏଥିକୁ ହାଇକୋର୍ଟର ମାନ୍ୟବର ବିଚାରପତିମାନେ କହି ଅଛନ୍ତି ଏହି ଆପତ୍ତି ସୁସଙ୍ଗତ ନୁହେ

Digitized by srujanika@gmail.com

କାରଣ ଆଇନର ଏପରି ଅର୍ଥ ହେଲେ ଯେ ବ୍ୟକ୍ତି ପ୍ରତି ମାସରେ ବା ପ୍ରତି ଛମାସରେ ବା ପ୍ରତି ଏକବର୍ଷରେ ଥରେ ଲେଖାଏଁ ମିଉନିସିପାଲିଟୀ ମଧ୍ୟକୁ ସଗଡ଼ ଆଣିବ ସେ ମଧ୍ୟ ରେଜିଷ୍ଟ୍ରୀ କରାଇବାକୁ ବାଧ୍ୟ ହେବ । ଆଇନ କର୍ତ୍ତାଙ୍କର ଏପରି ଅଭିପ୍ରାୟ କଦାଚ ହୋଇ ନ ପାରେ । ବିଶେଷତଃ ଆଇନରେ ଯେଉଁ ବର୍ଣ୍ଣିତ ବାକ୍ୟ ଅଛି ତହିଁର ମର୍ମ ଏହି କି ଯେ ସବୁ ସଗଡ଼ ମିଉନିସିପାଲିଟୀ ବାହାରେ ଥିବ ସେସବୁ କେବେ କେମ୍ପା ଅଳ୍ପକାଳ ନିମନ୍ତେ ମିଉନିସିପାଲିଟୀ ମଧ୍ୟକୁ ଗତାୟାତ କଲେ ସେସବୁ ସଗଡ଼ପ୍ରତି ଧା ୨୪ ଦଫା ଖଟିବ ନାହିଁ । ମାତ୍ର ତହିଁର ମର୍ମ ଏପରି ନୁହେ ଯେ ମିଉନିସିପାଲିଟୀ ବାହାରେ ଥିବା ସମସ୍ତ ସଗଡ଼ କେବେ କେମ୍ପା ଅଳ୍ପକାଳ ନିମନ୍ତେ ଛଡ଼ା ଅନ୍ୟପ୍ରକାରେ ମିଉନିସିପାଲିଟୀ ମଧ୍ୟରେ ବ୍ୟବହୃତ ହେଲେ ଉକ୍ତ ଧାରାର ଅଧୀନରେ ଆସିବ । ପ୍ରକୃତରେ ଆଇନରେ 'ସାମୟିକ' ଶବ୍ଦ କାହିଁକି ଯେଉଁ ଯୋଜନା ହୋଇ ଅଛି ତହିଁର ଠିକ ସ୍ପଷ୍ଟ ଆଇନ କର୍ତ୍ତାମାନେ ବୁଝାଇ ଦେଇ ନାହାନ୍ତି ଏବଂ ସେମାନେ ଅନିର୍ଦ୍ଦିଷ୍ଟ ଶବ୍ଦ ବ୍ୟବହାର କରିଥିବାରୁ ଅଦାଲତ ପ୍ରତ୍ୟେକ ମୋକଦ୍ଦମାର ଅବସ୍ଥାନୁସାରେ ତହିଁର ଅର୍ଥ କରିବେ । ଏ ମୋକଦ୍ଦମାରେ ସଗଡ଼ର ବ୍ୟବହାର ଯେପରି ହୋଇଅଛି ତଦପେକ୍ଷା ଅଳ୍ପ ବ୍ୟବହାର ହେଲେ ମାଜିଷ୍ଟ୍ରେଟଙ୍କ ମତରେ ଆଇନର ଉକ୍ତ ଧାରା ଖଟିବା ଆଇନ କର୍ତ୍ତାଙ୍କ ଉଦ୍ଦେଶ୍ୟ ଅଟେ ଅତଏବ ସାମୀଚରଣ ଦୋଷ ଅପରାଧ କରି ନ ଥିବାରୁ ଅପିଲ ଡିସମିସ ହେଲା ।

ଆମ୍ଭେମାନେ ଆଶା କରୁଁ କି ପ୍ରତ୍ୟେକ ମିଉନିସିପାଲିଟିର ଚେଅରମାନ ଓ କମିଶନରମାନେ ହାଇକୋର୍ଟର ଉପରଲିଖିତ ବିଚାର ମନୋଯୋଗପୂର୍ବକ ପାଠ କରି କାର୍ଯ୍ୟ କାରକ ହେବେ । ମୋଫସଲର ସଗଡ଼ଓଆଳାଙ୍କ ଉପରେ ସ୍ଥାନୀୟ କେତେକ ମିଉନିସିପାଲିଟିର ଦ୍ୱେଷ ବଢ଼ିଅଛି ଏବଂ ଏହିକାରଣରୁ ଏମାନେ ଅନେକ ସ୍ଥଳରେ ବାହାରର ସଗଡ଼ ମିଉନିସିପାଲିଟୀ ମଧ୍ୟକୁ ଆସିବାକୁ ଭୟ କରନ୍ତି । ହାଇକୋର୍ଟଙ୍କ ଉକ୍ତରାୟ ଦ୍ୱାରା ପ୍ରକାଶ ଯେ ମୋଫସଲରୁ ଯଦି କେହି ଅଥବା ଦୁଇଦିନ ନିମନ୍ତେ ଜଣେ ଲୋକ ସଗଡ଼ ମିଉନିସିପାଲିଟୀ ମଧ୍ୟକୁ ଆଣିଲେ ରେଜିଷ୍ଟ୍ରୀ କରାଇବାକୁ ବାଧ୍ୟ ନୁହେଁ । କେବଳ ଯେଉଁ ସଗଡ଼ ସବୁ ଅର୍ଥାତ୍ ସର୍ବଦା ମିଉନିସିପାଲିଟୀ ମଧ୍ୟରେ ଚଳାଚଳ କରିବ ବା କାରବାର କରିବ ସେହି ସଗଡ଼ ଟିକସ ଦେବାକୁ ବାଧ୍ୟ ।

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଖୋର୍ଦ୍ଧାର ସବଡେପୁଟୀ କଲେକ୍ଟର ଓ ବର୍ତ୍ତମାନ କଟକ ନ.ଉ ମ୍ୟାନେଜର ବାବୁ ନନ୍ଦକିଶୋର ଦାସ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ତଥାପି ଅନ୍ୟାଜ୍ଞା ପର୍ଯ୍ୟନ୍ତ ବର୍ତ୍ତମାନ କର୍ମ କରିବେ ।

ବାଲେଶ୍ୱର ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ସବଡେପୁଟୀ କଲେକ୍ଟର ବାବୁ ପ୍ରସନ୍ନକୁମାର ଚାମ୍ପତି ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ତଥାପି ଅନ୍ୟାଜ୍ଞା ପର୍ଯ୍ୟନ୍ତ ବନ୍ଦୋବସ୍ତ କାର୍ଯ୍ୟ କରୁଥିବେ ।

ମିଃ ଏମ୍ ଫ୍ରାନ୍‌କେନଙ୍କ ଅନୁପସ୍ଥିତି ସମୟରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ କଟକ ଡିଭିଜନ ଆଃ ମାଜିଷ୍ଟ୍ରେଟ କଲେକ୍ଟର ମିଃ ଉ, ଡବଲିଉ ବସନ୍ତ ବୋର୍ଡର ସେକ୍ରେଟେରୀ ପଦରେ ନିଯୁକ୍ତ ହେଲେ ।

ଉଜସାହିର ଆଃ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଉ, ଏଚ୍ ସି, ବାଲ୍ ବୋର୍ଡର ଜୁନିୟର ସେକ୍ରେଟେରୀ ପଦରେ ନିଯୁକ୍ତ ହେଲେ ଓ ତାଙ୍କର କାର୍ଯ୍ୟ ଅଥବା ସ୍ୱଳ୍ପ ଅବକାଶ ନ ମିଳିବା ଅବସର ପର୍ଯ୍ୟନ୍ତ କାର୍ଯ୍ୟ ଭାର ପ୍ରାପ୍ତ ହେବେ ।

ଡେପୁଟୀ ମାଜିଷ୍ଟ୍ରେଟ ପ୍ରଭୃତିଙ୍କ ଅଙ୍କାନ୍ତ ଲାଙ୍ଗୁଏଜ ପରୀକ୍ଷା ନଭେମ୍ବର ତା ୧୧ ରିଖରେ ଆରମ୍ଭ ହେବ ।

ଉତ୍ତରର ଶାଳସ୍ୱ ବୋର୍ଡର ଚେୟାରମାନ ପଦରେ ବାବୁ ପରମେଶ୍ୱରଙ୍କ ସ୍ଥଳେ ଅସ୍ଥାୟୀ ଭାବରେ କାର୍ଯ୍ୟ କରିବାକୁ ଉତ୍ତର ସବଡିଭିଜନାଲ ଅଫିସର ବାବୁ ଶ୍ରୀ ରାମଚନ୍ଦ୍ର ବୋଷ ନିଯୁକ୍ତ ହେଲେ ।

---

ଏ ସପ୍ତାହରେ ଏଠାରେ ଉତ୍ତାପ ଓ ଅତ୍ୟନ୍ତ ଗ୍ରୀଷ୍ମ ହୋଇଅଛି । ବର୍ଷାକାଳ ସରି ମଧ୍ୟ ଭାଦ୍ରବ ସମୟରେ ଏମନ୍ତ ଗର୍ମି ଅଳ୍ପ ଥରେ ହୋଇଥିବ ।

ବର୍ତ୍ତମାନ ଏ ନଗରରେ ଜ୍ୱର କିଛି ପ୍ରବଳ ହୋଇଅଛି ।

ଏ ନଗରର ଜଣେ ମୁସଲମାନ ଜଣେ ହିନ୍ଦୁର ଗାଈକୁ ବଳେ ମାରିବା ଅପରାଧରେ ଦୋଷୀ ହେବାରୁ ଏଠା ଡେପୁଟୀ ମାଜିଷ୍ଟ୍ରେଟ ମହାଶୟ ଆସାମୀକୁ ପଚାଶ ଟଙ୍କା ଅର୍ଥଦଣ୍ଡ ଦେଇଅଛନ୍ତି । ଉଚିତ ଦଣ୍ଡ ହୋଇଅଛି ।

କଟକ ଏଠାରେ କାର୍ଯ୍ୟ କରୁଥିବା ବାବୁ ଶ୍ରୀ ଗୋପାଳ ଚାମ୍ପତି ଡେପୁଟୀ କଲେକ୍ଟର ବନ୍ଦୋବସ୍ତ କାର୍ଯ୍ୟ ନିମନ୍ତେ ବାଲେଶ୍ୱରକୁ ପ୍ରେରିତ ହେଲେ ।

ଓଡ଼ିଶାର କମିଶନର ଶ୍ରୀଯୁକ୍ତ କୁକ ସାହେବ ଆଗାମୀ ମାସରେ ଛୁଟି ନେଇ ବିଲାତକୁ ଯିବେ । ଶ୍ରୀଯୁକ୍ତ କଲେଟ ସାହେବ ଏଠାରେ କମିଶନର ହୋଇ ଆସିବେ ବୋଲି ଶୁଣାଯାଏ ।

ଶ୍ରୀ ଏ, ମ, ଉଡ଼ ସାହେବ ପୋଷ୍ଟମାଷ୍ଟର ସାହେବଙ୍କ ନୂତନ ଡାକ ବାଙ୍ଗଲାର ସୃଜନ କରି ଅଛନ୍ତି । ଏ ମହାଶୟ ଓଡ଼ିଶାର ସୁପରିଣ୍ଟେଣ୍ଡେଣ୍ଟ ଉଡ଼ ସାହେବଙ୍କ ପୁତ୍ର ଅଟନ୍ତି ଏବଂ ପ୍ରଥମ ଥର ନିଜ କର୍ମରେ ଉନ୍ନତି ହେବ ଏଠାର ଜଣେ ପ୍ରଧାନ ଜମିଦାର ବାବୁ ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନାଲିଶ କରୁଥିଲେ ।

କୃଷକମାନଙ୍କ ଦୁର୍ଭାଗ୍ୟର କଥା ଏ ବର୍ଷଟିକି ଅଜନ୍ମା ହେଉଅଛି । ଜଳ ସ୍ୱଳ୍ପତାରେ ଏଠାରେ ଜଣେ ଜମିଦାର ବାବୁ ଜଗତ ଉଚ୍ଚବର ଏବଂ ସ୍ୱଳ୍ପ ଜୋବାକୁ ଆସାମୀ ରୂପେ ଘେନି ଉଠାଇବାପାଇଁ ପର୍ଯ୍ୟନ୍ତ ଚେଷ୍ଟା କରିବା ସ୍ଥଳେହିଁ ଏଥି ନିମିତ୍ତ ଜଣାଯାଉଛି ବହୁ ଉତ୍ପାତ ସମୟରେ ସେହି ଶ୍ରୀକ୍ଷେତ୍ର ମାଜିଷ୍ଟ୍ରେଟ କଲେ । ଲୋକଙ୍କ ବିଶ୍ୱାସ ଯେ ସେହି ସ୍ତ୍ରୀ ହଜିଯାଇ ଯାହାକୁ ଇଚ୍ଛା କରି ଗିର୍ଜାର ଉପର ଛାଡ଼ି ଦେଇଅଛି । ପ୍ରକୃତରେ କେ ପିଲଟି ତାହା ସଙ୍ଗେ ଯିବାପାଇଁ ବାଧ୍ୟ ହୋଇଥିଲା ।

ମଣ୍ଟେଗ୍ରେ ସର୍ବିଆରୁ ତୁର୍କିଯା କନ୍‌ଷ୍ଟାଣ୍ଟିନୋପଲ ଯିବାକୁ ବାହାର ହୋଇଥିବାର ସମ୍ବାଦ ମିଳଇ ।—ତୁର୍କସ୍ଥ ସଙ୍ଗେ ଯୁଦ୍ଧ କରିବା ଏହାର ଉଦ୍ଦେଶ୍ୟ ନୁହେଁ ତ ?

ଅଷ୍ଟ୍ରିଆର ଜାମର ଦେଶର ରାଜାଙ୍କର ଦାଉଦ ସାହେବ ଜାମର ପ୍ରଧାନ କର୍ମଚାରୀ ସମସ୍ତଙ୍କୁ ଯେଉଁପରି ଦଣ୍ଡ ଦେଇଅଛନ୍ତି ଏମନ୍ତ ସମ୍ବାଦ ମିଳଇ । ଏହାଙ୍କ ଭଳି ପ୍ରଶଂସିତ ପଦସ୍ଥଙ୍କ ପ୍ରଜାଙ୍କ ଅସନ୍ତୋଷ କରିଥିବା ଏହାର ମୂଳକାରଣ ।—ପ୍ରେମ ଭଳ ଘଟିଅଛି ।

ଉ.ଦାଉଦ ମାଉଣ୍ଟେନ ଏବଂ ଲକ୍ଷ୍ମୀ ପ୍ରଭୃତି ଦକ୍ଷିଣ ଦିଗୀ କେଉଁଠାରେ ଭଲରୀପ୍ ସେଲେ ରହିବେ ତା ୨୯ ଦଶରେ ଗ୍ରେଟ ଇଷ୍ଟେର୍ଣ୍ଣ ରେଲୱେ ଅତ୍ୟନ୍ତ ଭୟରେ କାମ କରୁଥିବା ବିଲାତରୁ ଯେବେ ଆମେରିକା ଓ ଇଉରୋପର ଅଧିକାରୀମାନେ ପ୍ରାପ୍ତ ହେବା ସମୟରେ ପ୍ରକାଶ କରିଥିଲେ । ବଡ଼ଲାଟ ଗବର୍ଣ୍ଣମେଣ୍ଟଙ୍କ ଦୟାରେ ଏ ବର୍ଷ ପ୍ରକାର ଜଳର ଧାର ସେମାନେ ବାଣ୍ଟିଲ ଅଛନ୍ତି ।

ଷ୍ଟେଟ ଜଜରରେ ମଉଦାର ଜମା ହାଉସର ସେଠା ମୁସଲମାନମାନେ ଅପଣା ମଧ୍ୟରେ ବସୁଇ ଟଙ୍କା ଏକାକାଳ ସଞ୍ଚୟ କରୁଅଛନ୍ତି । ଏହି ଟଙ୍କାରୁ ଯେତେ ଟଙ୍କା ଅମଦାନ ହେବ ତାହା ଦଶ ଭାଗରେ ଭଗତ ରେଁ ପରିମାଣ ମୁସଲମାନମାନଙ୍କ କାଉସ୍ ସ୍ୱାର୍ଥ ରେଖବା ଦଣ୍ଡ କରିବାକୁ ଏହାର ଉଦ୍ଦେଶ୍ୟ ଅଟଇ । ଜାତୀୟ ସହାନୁଭୂତି ଏଥିରେ ମୁସଲମାନମାନେ ଏ ପ୍ରସ୍ତାବ ବଡ଼ ଅତଏବ ଅଟଳ । ଉଭୟ କର୍ତ୍ତା ଅନ୍ୟାନ୍ୟ ଦେଶ ଓ ଜାତିମାନଙ୍କର ସେଇ ଏହି ଅନୁକରଣ କରିବେ ।

ଇଙ୍ଗଲାଣ୍ଡରେ ଅଳ୍ପକାଳ ଭିତରେ ଏକଶତ ମହଣ ବୋଝ ବୋହି ହୋଇଥିବା ଗୋଟିଏ ଜାହାଜ ପ୍ରବଳ ତୋଫାନରେ ବୁଡ଼ିଯାଇ ନଷ୍ଟ ହୋଇଥିବାର ସମ୍ବାଦ ମିଳଇ । ସୌଭାଗ୍ୟ କ୍ରମେ ଲୋକ ଜୀବନ ରକ୍ଷା ପାଇଛନ୍ତି ।

ହୁଗ୍ଲିନଗରଠାରେ ଫରାସିସ ପାଦ୍ରିଙ୍କ ଦ୍ୱାରା ଯେଉଁ ଅଦ୍ଭୁତ ଘର ହୋଇଥିଲା ସେଥି ସହ ଏ ତିନି ୪୦ ଲକ୍ଷ ପ୍ରାଣ ମୁଦ୍ରା ଖର୍ଚ୍ଚ କରି ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଦେବାକୁ ସ୍ୱୀକୃତ ହୋଇଅଛି ।

ମାତାଜମ୍ବୁପୁରଠାରେ ଫଟକିଶ ଜେଲର ମଧ୍ୟରେ ଜଣକୁ ୪୦ ଏ ବେତ ଦେବାରୁ ଅଚେତନ ହୋଇ ଯାଇଥିବାର ସମ୍ବାଦ ମିଳଇ । ପରେ ଜେଲରେ ଏ ଘଟଣା ଜଣାଇଲା ।

ଭାରତର ମାନ୍ଦ୍ରାଜ ନଗର କୋଲସାହେବ ଚାଲିବାର ନୂତନ ରେଳ ଲାଇନ ସୀମା ସମାପ୍ତ କରିବାକୁ ସାହେବମାନେ ପରିଶ୍ରମ କରିଛନ୍ତି । ଏଥି ମଧ୍ୟରେ ଅନେକ ରେଳ ଷ୍ଟେସନ ପାଇଁ ମାଲବଗାଡ଼ି ଚଳାଇବାକୁ ଯାଉଥିଲା । ଏହାର ଖର୍ଚ୍ଚ ଜଣା ହେଉ ନାହିଁ ।

ଡିସ୍ଟ୍ରିକ୍ଟ ଇଞ୍ଜିନିୟର ଡାକ୍ତର ପର୍ଯ୍ୟନ୍ତ ନୂଆ ଲାଇନ ଅତି ଶୀଘ୍ର ଠିକ ହୋଇଅଛି । ସୁତରାଂ କଲିକତା ଓ ମାନ୍ଦ୍ରାଜ ମଧ୍ୟରେ କେବଳ ରେଳଗାଡ଼ିରେ ଯିବା ଆସିବା ହେବ ।

Split by PDF Splitter

Digitized by srujanika@gmail.com

Split by PDF Splitter



ପଞ୍ଜାବର ବାସ କ୍ୟୁରେଟରେ ଜଣେ ଲିଥିବାରୁ ସର୍ବ ଚିଂଶବା ମାନେ ସେ ଯବନ୍ତାଙ୍କୁ କୁକର୍ମ ଅଙ୍ଗୀକାର ପୋଷ ଦେଲ । ଅନ୍ତଃପୁରରେ ବିଷ ଜନ୍ମ ହୋଇ ଗଲ । ନଅଁ ପାଣରେ ଥିଲେ ଏ ଉପାୟ ସର୍ବାପେକ୍ଷା ଉତ୍ତମ ଅଟେ ।

ଅସ୍ମମାନଙ୍କର ସୁବିଖ୍ୟାତ ଭାରତବନ୍ଧୁ ମହାଶୟ ବ୍ରାଡ଼ଲ ପାର୍ଲିଆମେଣ୍ଟର କମନ୍ସ ସଭାର ମେମ୍ବର ସ୍ୱରୂପ ମନୋନୀତ ହୋଇଥିବାରୁ କଲିକତା ତା ୨୪ ଋଖରେ ତାଙ୍କୁ କଲିକତାରେ ଭୋଜ ଦିଆ ହୋଇଥିଲା । ସର ଏଡ୍‌ୱାର୍ଡ଼ ଆର୍ଥର୍ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଭୋଜ ଅନ୍ତେ ବ୍ରାଡ଼ଲ ମହାଶୟ ହିନ୍ଦୁ ଓ ମୁସଲମାନଙ୍କୁ ସମ୍ବୋଧନରେ ଦେଖିବାର ଉଦାର ଉତ୍ସାହର ପ୍ରକାଶ କଲେ ।

ପାମୀର ଅଞ୍ଚଳରୁ ସମ୍ବାଦ ମିଳଇ ଯେ ସେଠାର ସୀମା ନିର୍ଦ୍ଧାରଣ ସମ୍ବନ୍ଧୀୟ କାର୍ଯ୍ୟ ଶେଷ ହୋଇଅଛି ।

ଚୀନପ୍ରଦେଶ କାଂସୁ ଅଞ୍ଚଳରେ ମୁସଲମାନମାନେ ବିଦ୍ରୋହୀ ହୋଇ ମାଡ଼ ଉଠିଥିବାର ସମ୍ବାଦ ମିଳଇ । ଏ ବିଦ୍ରୋହ ଏବେ ଭୂମିକ ଅବାଧ୍ୟରେ ଚଳୁଅଛି ।

ଗ୍ରୀସଦେଶୀୟ ପ୍ରଜାମାନେ ତୁରସ୍କ ରାଜାଙ୍କୁ ଆର୍ମିନିଆର ଶାସନ କାର୍ଯ୍ୟ ସମ୍ବନ୍ଧରେ ଯେଉଁ ଆବେଦନପତ୍ର ପଠାଇଥିଲେ ତହିଁରେ ସୁଲତାନ ତୁରସ୍କ ରାଜ ଅସ୍ୱୀକୃତ ଥିବାର ଜଣାଇଅଛନ୍ତି ।—ଏଥିର ପରିଣାମ ଭଲ ହେବ ନାହିଁ ପରା ?

କୁଇଅର ଅନେକ ସ୍ଥଳରେ କାର୍ଡ (ଛକ) ପଥ୍ୟସ୍ୱରୂପେ ବ୍ୟବହୃତ ହୁଅଇ । ସେହି କାର୍ଡରେ ଅନ୍ୟ ଅସ୍ୱାସ୍ଥ୍ୟକର ଦ୍ରବ୍ୟ ମିଶାଇଥିବା ଅପରାଧରେ ଜ ୨ ଣ ଦୋକାନଦାରଙ୍କୁ କଲିକତା ମିଉନିସିପାଲ ଅଦାଲତରେ ଜଣେ ଦଶଟଙ୍କା ଓ ଅନ୍ୟ ଜଣେ ଟ ୨୦ ଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହେବାର ସମ୍ବାଦ ମିଳଇ ।—ଏ ଦଣ୍ଡଙ୍କୁ କଠିନ ଦଣ୍ଡ ଦେବା ଉଚିତ । ପଥ୍ୟଦ୍ରବ୍ୟରେ ମନ୍ଦଦ୍ରବ୍ୟ ମିଶାଇ ଉପାର୍ଜନ କରିବା ଅତି ନିନ୍ଦନୀୟ ।

## ଯାଜପୁର ସମ୍ବାଦ ।

କଟକର କଲେକ୍ଟର ଶ୍ରୀଯୁକ୍ତ ଡବଲିଉ ମଡ଼ ସାହେବ ଗତ ମାସ ତା ୭ ଋଖରେ ଷଫରକାଳରେ ଏଠାରେ ପହଞ୍ଚି ସବଡ଼ିଭିଜନ ଅଫିସ ପ୍ରଭୃତି ତଦାରଖ କରି ତା ୮ ଋଖ ଏଠାରୁ ଚାନ୍ଦବାଲି କେନାଲ ବାଟେ କଟକ ପ୍ରସ୍ଥାନ କରିଅଛନ୍ତି । ସାହେବ ମହୋଦୟଙ୍କର ତଦାରଖରେ ଫଳ ଉତ୍ତମ ଥିବାର ଜଣାଯାଏ ।

ଓଡ଼ିଶା ବିଭାଗର ମାନ୍ୟବର ଶ୍ରୀଯୁକ୍ତ କମିଶନର ସାହେବ ଏବଂ କଟକର ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏଠାରେ ପହଞ୍ଚି କମିଶନର ବାହାଦୁର ସବଡ଼ିଭିଜନ ଅଫିସ ଏବଂ ପୁଲିସ ସାହେବ ପୁଲିସ ଷ୍ଟେସନ ଆଦି ତଦାରଖ କରୁଅଛନ୍ତି ।

ଗତ ବୁଧବାରଠାରୁ ଏଠାର ଇଂରାଜୀ ସ୍କୁଲ ଗୃହରେ ମାଇନର ବୃତ୍ତି ପରୀକ୍ଷା ଆରମ୍ଭ ହୋଇଅଛି । ମାଇନରରେ ଜ ୮ ଣ ଛାତ୍ରବୃତ୍ତିରେ ଜ ୪ ଣ ଏବଂ ଲୋଅରପ୍ରାଇମେରିରେ ଜ ୨୦ ଣ ଏରୂପ ସର୍ବସୁଦ୍ଧା ଜ ୩୨ ଣ ପରୀକ୍ଷା ଦେଉଅଛନ୍ତି ।

ବୈତରଣୀ ନଦୀର ଅପର ପାର୍ଶ୍ୱ ଶ୍ରୀ ବୈଦ୍ୟନାଥ ମହାଦେବଙ୍କର ଅଜଣାଙ୍କ ହେବା ସ୍ଥାନରେ ଧାରଣା ପଡ଼ିବାକୁ ଅଡ଼ିଥିବା ଏକଜଣ ବୃଦ୍ଧ ବେଶୀ ସାଷ୍ଟାଙ୍ଗ ପାଇ ଜଳନ ବୁଦ୍ଧିରେ ପ୍ରାଣ ହରାଇ ଦେବାର ନିମନ୍ତେ ବୋଧଦ୍ୟାନୁ ହୋଇଅଛି ।

ଶିବ ସମ୍ବନ୍ଧ ଉଗ୍ର ପାଇକାଣ୍ଡଠାରୁ ଅଧିକ ଚୌକିଦାରମାନଙ୍କର ଅତ୍ୟାଚାର ଅଧିକ ଶୁଣା ହୋଇଥିବା ପୁଣି ଲୋକେ ଶଙ୍କିତ ହେଉଅଛନ୍ତି । ଏ ବିଷୟରେ ଏଠା ପୁଲିସ ଇନ୍‌ସ୍ପେକ୍ଟରଙ୍କ ବାରମ୍ବାର ତତ୍ତ୍ୱାବଧାରଣ କରିବା ନିମନ୍ତେ ଅସ୍ମେମାନେ ଅନୁରୋଧ କରୁଅଛୁଁ ।

ସନ ୧୮୭୭ ସାଲ ୭ ଆଇନ ଅନୁସାରେ ଜମିଦାର ଓ ସରବରାକାର ନାମ ରେଜେଷ୍ଟରୀ କରିବାକୁ ବାଧ୍ୟ ଏବଂ ସେହି ରେଜେଷ୍ଟରୀ ସବଡ଼ିଭିଜନ ମୁକାମ ଛଡ଼ା ଅନ୍ୟ କୌଣସିଠାରେ ହୁଏ ନାହିଁ ଏଣୁ ସେଥିନିମନ୍ତେ କଟକ ପର୍ଯ୍ୟନ୍ତ ସାକ୍ଷ୍ୟ ପ୍ରମାଣ ନେଇଯିବା ସରଳ ବିଷୟ ହୁଅଇ ବୋଲି ଆଇନ ଅନୁସାରେ ସେମାନଙ୍କ ଦ୍ୱାରା ଅର୍ଥଦଣ୍ଡ କରି ଯିବାର ଆଦେଶ ହୋଇଅଛି । ଏଣିକରି ଅନ୍ଧବାଲ ଏଠାରେ ସଂନେକ ଦାଖିଲଖାରଜ ଦରଖାସ୍ତ ଦାଖଲ ହୋଇ ଫଏସଲ ନିମିତ୍ତ କଟକ ଦାଖଲକାରଜ ଡେପୁଟୀ ହାକିମଙ୍କଠାକୁ ପଠାଯାଉଅଛି । ସାମାନ୍ୟ ଏକଖଣ୍ଡ ବାହେଲ ଲଗି ବା ଜମି ଦାଖଲ ଖାରଜ କଲେ ଜମା ଉଠିଥିବାସ ମୂଲ୍ୟ ପ୍ରାପ୍ତ ହେଲେ ସେଥିର ନାମ ରେଜେଷ୍ଟରୀ କରିବା କାରଣ ପକ୍ଷମାନେ ଆପଣା ସାକ୍ଷୀ ନେଇ କଟକ ମୁକାମକୁ ଯିବା ଯେ କେତେଦୂର କଷ୍ଟକର ଓ ବ୍ୟୟସାଧ୍ୟ ତାହା ସାଧାରଣ ଅନୁମାନ କରିବେ । ଏ ଇଲାକାର ଦାଖଲଖାରଜ ମକଦମା ବିଚାର କରିବାର ଭାର ଏଠା ସବଡ଼ିଭିଜନ ହାକିମଙ୍କୁ ଅର୍ପଣ କରିବା ନିମନ୍ତେ ଏକ ସାଧାରଣ ଦରଖାସ୍ତ ଶ୍ରୀଯୁକ୍ତ କଲେକ୍ଟର ସାହେବ ଏଠାକୁ ଆସିଥିବା ସମୟରେ ଦିଆ ଯାଇଥିଲା ସେଥିରେ ସାହେବ କାହାକୁ ଏ ବିଷୟ ବିଚାର ବିହିତ ଆଦେଶ ପଠାଇଦେବାର କହି ଯାଇଅଛନ୍ତି ।

ବାଉଁଶୀ ପ୍ରଗଣା ଅନନ୍ତପୁର କଛେରୀ (ଭଣପୁର ଜମିଦାରଙ୍କ ଷ୍ଟେଟର ମେନେଜର) ବାବୁ ଗୁରୁପ୍ରସାଦ ଦାସଙ୍କ ଘରେ ଗତ ଅକ୍ଟୋବର ମାସ ତା ୨୦ ଋଖ ରାତ୍ରରେ ନାଣ୍ଟିତ ମାଲଖାନା ଘରର କବାଟ ଭଙ୍ଗା ହୋଇ ପେଟରା ଓ ବାକ୍ସରୁ ନଗଦ ଓ ଅଳଙ୍କାର ଆଦି ପ୍ରାୟ ୫୦୦ ଙ୍କାର ଉର୍ଦ୍ଧ୍ୱ ମାଲ ଚୋରି ଯାଇଥିଲା । ଥାନାର ସବଇନ୍‌ସ୍ପେକ୍ଟର ଅନୁପସ୍ଥିତ ହେତୁ ହେଡ଼କନେଷ୍ଟବଳ ସରଜମିନକୁ ଯାଇ ଅନେକ ଅନୁସନ୍ଧାନରେ ଚୋରର ଠିକଣା ନ ପାଇ ଫେରିଆସିଥିଲେ । ଏଣେ ଉକ୍ତ ବାବୁ କୃଷ୍ଣମୋହନ ବାନାର୍ଜୀ ତଦାରଖ କରି ସେ ଗ୍ରାମକୁ ଯାଇ କେତେକ ଲୋକମାନଙ୍କ ସହିତ ଜ ୬ ଣ ଅସାମୀ ଗ୍ରେପ୍ତାର କରି ଅର୍ପଣ କରିଅଛନ୍ତି ଓ ତହିଁ ମଧ୍ୟରୁ ଜ ୨ ଣ ଅସାମୀ ଅପରାଧ ସ୍ୱୀକାର କରିଅଛନ୍ତି । କୃଷ୍ଣମୋହନ ବାବୁ ବିଶେଷ ପରିଶ୍ରମ କରି ମାଲ ଓ ଅସାମୀ ଗ୍ରେପ୍ତାର କରିଥିବାରୁ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ !

ବନ୍ଦୋବସ୍ତ ସମ୍ବନ୍ଧରେ ବା ଉତ୍କଳ ଦେଶର ରାଜନୈତିକ ଓ ବାଣିଜ୍ୟ ଶାସ୍ତ୍ରରେ ଆପଣ ପାଶ୍ଚାତ୍ୟ ନେତ୍ରର ଓ ପ୍ରାଚ୍ୟ ଶିଷ୍ଟ ଅଟନ୍ତି । ଆପଣଙ୍କଠାରୁ ଅମ୍ଭେମାନେ ଶିକ୍ଷା ଲାଭ କରୁଅଛୁଁ । ଆପଣ ଆମ୍ଭମାନଙ୍କର ଗୁରୁ ଆପଣ ଆମ୍ଭମାନଙ୍କ ହିତ ସକାଶ ଆପଣାର ସ୍ୱାର୍ଥ ତ୍ୟାଗ କରିଅଛନ୍ତି । ଆପଣ ମାତୃଭୂମିର ସେବାରେ ଜୀବନ ସମର୍ପଣ କରିଅଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଆପଣ ବନ୍ଦୋବସ୍ତ ସମ୍ବନ୍ଧରେ ଆଲୋଚନା ଧରେ କିଛି ନ ଜାଣିଲେ ହେଁ ଦୃଶ୍ୟମାନ— ଆକାଶ ଓ ନକ୍ଷତ୍ର—ଜ୍ୟୋତିଷ୍ମାନରୁ ଅନେକ ଜ୍ଞାତବ୍ୟ ବିଷୟମାନ ସମୟେ ସମୟେ ଆପଣଙ୍କ ମନରେ ଆଲୋଚିତ ହୁଅଇ ବା ହୋଇଥାଏ । ଯେସବୁ ବିଷୟ ଓକିଲ ମୁକ୍ତାରମାନଙ୍କୁ ଜାଣିବାର ଆବଶ୍ୟକ ବା ଜାଣନ୍ତି ତାହା ସେହିମାନଙ୍କର ପଣ୍ୟ ଦ୍ରବ୍ୟ ଅଟେ । ସାଧାରଣର ନୁହେଁ ଯେହେତୁ ବନ୍ଦୋବସ୍ତର କାର୍ଯ୍ୟ ଏକ ଲୋକର ନୁହେଁ । ଏ ବୃହତ ବ୍ୟାପାରରେ ଭଲ, ମନ୍ଦ, ଶିକ୍ଷିତ, ଅଶିକ୍ଷିତ; ସଭ୍ୟ ଓ ଅସଭ୍ୟ ସମସ୍ତଙ୍କର ହାତ ଅଛି । ସମସ୍ତେ ଜ୍ଞାତ ହୋଇ ନ ପାରନ୍ତି ବା ହେବାର ସମ୍ଭବ ନୁହେଁ ଏବଂ ଅସ୍ମଦେଶୀୟ ଲୋକମାନେ ତାହାଙ୍କର ଚରିତ୍ରଗତ ସ୍ୱାଭାବିକ ଅଜ୍ଞତା ହେତୁ ବା ଶିଥିଳତା ହେତୁ ବା ସ୍ୱାର୍ଥରକ୍ଷି କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ସେ ଅଜ୍ଞତା ଓ ଅଭ୍ୟାସ ହେଉଅଛି ତାହା ବିଶେଷ ବ୍ୟକ୍ତିମାନଙ୍କ ଦ୍ୱାରା ନିବାରିତ ହେବାର ଆବଶ୍ୟକ; ସୁତରାଂ ତାହା ଓକିଲ ମୁକ୍ତାରମାନଙ୍କର ପଣ୍ୟଦ୍ରବ୍ୟ ଅଟେ । ସାଧାରଣଙ୍କର ନୁହେଁ, ଏବଂ ସମୟେ ସମୟେ ତତ୍ସମ୍ବନ୍ଧେ ଆପଣ ଆପଣଙ୍କର କର୍ତ୍ତବ୍ୟ କର୍ମ କରିବାରେ କଦାପି ତ୍ରୁଟି କରୁନାହାନ୍ତି ବା କରିବେ ନାହିଁ ବର୍ତ୍ତମାନ ଲୌକିକ ଅଭ୍ୟାସର ସମ୍ବନ୍ଧେ ଆମ୍ଭମାନଙ୍କର ବିଶେଷ କହିବାର ଆବଶ୍ୟକ ନାହିଁ । ମାତ୍ର ଏ ବୃହତ ବନ୍ଦୋବସ୍ତ ବା ଗ୍ରାମ୍ୟନୀତି ସମ୍ବନ୍ଧୀୟ ସାଧାରଣ ନିୟମମାନ କିପ୍ରକାର କଷ୍ଟକର ହେବ ତାହାହିଁ ବକ୍ତବ୍ୟ । ଗଭର୍ଣ୍ଣମେଣ୍ଟ ଉପରେ ନିର୍ଭର କଲେ କାର୍ଯ୍ୟ ଚଳେ ନାହିଁ । ଯେଉଁଠାରେ ଗଭର୍ଣ୍ଣମେଣ୍ଟ ରାଜକର୍ମଚାରୀ ସଞ୍ଚାଳକ ହୁଏ ସେଠାରେ ମମତା ଥାଏ ନାହିଁ । ସର୍ବଦା "ଦେହି ଦେହି ପୁନଃ ପୁନଃ" ଏଥିରେ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ଏରୂପ ଅବସ୍ଥାରେ ଅମ୍ଭ ସହଯୋଗ ଉପରେ ନିର୍ଭର କରିବାକୁ ହୁଏ; ଗଭର୍ଣ୍ଣମେଣ୍ଟଙ୍କର କାର୍ଯ୍ୟକଳାପରୁ ସବୁ ଜଣା ପଡ଼ୁଅଛି । ଜିଲ୍ଲାବନ୍ଦୋଭାରେ ମଧ୍ୟ ଅନେକ ଅର୍ଥ ଅଛି । ପ୍ରାୟଃ

Digitized by srujanika@gmail.com

Split by PDF Splitter



ଗଭର୍ଣ୍ଣରଙ୍କର ପୌତ୍ର । ଅଦ୍ୟ ତାହାର ପିତା ପ୍ରତିନିଧି ଗଭର୍ଣ୍ଣମେଣ୍ଟଙ୍କର କାର୍ଯ୍ୟକଳାପ ଅପ୍ରତ୍ୟକ୍ଷରୂପେ ତାହା ଜଗତରେ ବୃଦ୍ଧି ପାଉଅଛି । ଆପଣ ଏଦେଶର ସମସ୍ତଶ୍ରେଣୀର ଲୋକମାନଙ୍କର ନିଗୂଢ଼ ତତ୍ତ୍ୱକୁ ଉତ୍ତମରୂପେ ଅବଗତ ଅଛନ୍ତି ଆପଣ ଅନ୍ତତଃ ହଜାର ବର୍ଷର ସଂକ୍ଷିପ୍ତ ସାରାଂଶ ଅଟନ୍ତି । ଉତ୍କଳ ଦେଶୀୟ ଲୋକେ ଯେଉଁରୂପ ଅବସ୍ଥାରେ ଅଛନ୍ତି ତାହା ଆପଣଙ୍କୁ ଅଶେଷରୂପେ ଜଣା । ସେମାନଙ୍କର ଆଲସ୍ୟ ମୂର୍ଖତା, କାର୍ଯ୍ୟେ ଅପଟୁତା ଦୋଷମାନ ଓ ସେମାନଙ୍କର ଶାନ୍ତ ପ୍ରକୃତି ଓ ପଭ୍ୟାଜ୍ୟ ଗୁଣମାନ ବା ଆର୍ଥିକ ଅବସ୍ଥା ଆପଣଙ୍କୁ ଅବିଦିତ ନାହିଁ । ଜମିଦାର ସଭା ଉତ୍ପତ୍ତି ଓ ତହିଁର ଲୟ ପ୍ରାପ୍ତିର କାରଣମାନ ଆପଣଙ୍କ ଜଣା ଅଛି । ଯେସ୍ଥଳେ ଆପଣ ଦେଶ ଉପକାର ସକାଶ ଜୀବନ ଉତ୍ସର୍ଗ କରି ଅଛନ୍ତି ସେସ୍ଥଳେ ଆପଣ ଏ ବିଷୟରେ ପୁନଃ୨ ହସ୍ତକ୍ଷେପଣ କରନ୍ତୁ । ବର୍ତ୍ତମାନ ଭାରତ ଏ ଗୁରୁ ବା ଗୁରୁତମ ଉତ୍କଳର ସାମାଜିକ ଆଲୋଚ୍ୟ ବିଷୟ ଥିବାରୁ ଏହାପ୍ରତି ସେହିପରି ମନୋନିବେଶ ହେବା ଉଚିତ । ଅମ୍ଭେମାନେ ସମସ୍ତେ ଯଥାସାଧ୍ୟ ସାହାଯ୍ୟ କରିବୁଁ ଅମ୍ଭମାନଙ୍କର ଉଦ୍ୟମର ଫଳ ଯାହାହେଉ ଅନ୍ତତଃ ଇତିହାସର ଦର୍ଶନୀୟ ପର୍ବମାତ୍ର ଗଠନ କରିବ । ଆପଣ ଯେସ୍ଥଳେ ଏ ଦେଶୀୟ ସକଳେଙ୍କର ଜ୍ଞାନର ନେତା ଆପଣ ପ୍ରଧାନ ଅଗ୍ରଣୀ ସ୍ୱରୂପ ସେ ପର୍ବରେ ନୃତ୍ୟ କରିବେ । ନବସମ୍ବାଦ ପତ୍ରରେ ଅମ୍ଭେ ଅନେକ ଗୁଡ଼ିଏ ପ୍ରଧାନ ବକ୍ତା ବାଙ୍ଗାଳୀଙ୍କ ସମ୍ବୋଧନକର କହିଥିଲୁଁ ମାତ୍ର ସମସ୍ତେ କାଷ୍ଠ ଦଣ୍ଡସ୍ୱରୂପ ନିସ୍ତବ୍ଧ ଦଣ୍ଡାୟମାନ ଅଛନ୍ତି । ଆପଣ ଯେବେ ନେତା ହୁଅନ୍ତି ତେବେ ଆପଣ ତ ସକାଶ ଉତ୍ତର ଦେଲେ ? ଅବଶ୍ୟ ସମ୍ମାନ ସ୍ୱରୂପ ମାତ୍ର ଆପଣଙ୍କର ଉତ୍କଳ ଭୂମି ସମ୍ବନ୍ଧରେ ତାଦୃଶ କୌଣସି ସମ୍ପର୍କ ନ ଥିଲେ ହେଁ ଆପଣ ଉତ୍କଳ ଭୂମିରେ ଦଣ୍ଡାୟମାନ ଅଛନ୍ତି । ଆପଣ ଉତ୍କଳ ମାତାର ପ୍ରିୟତମ ପୁତ୍ର, ଆପଣ ଉତ୍କଳ ସଭା ସମିତିର ଆତ୍ମା ସ୍ୱରୂପ, ବର୍ତ୍ତମାନ ଅନେକ ଦଳ ରେଳ ବନ୍ଦୋବସ୍ତ ସମ୍ବନ୍ଧୀୟ ପ୍ରସ୍ତାବ କୌଣସି ସଭା ସମିତିରେ, କଟକରେ ବା କଲିକତାରେ ବା ବମ୍ବେଇରେ ବା କଂଗ୍ରେସରେ ବ କୌଣସିଠାରେ ହେଉ ଉଲ୍ଲେଖ ନାହିଁ । ଆପଣ ଯେତେ ଶୀଘ୍ର ପାରନ୍ତି ଗୋଟିଏ ମିଟିଙ୍ଗ କରି କର୍ତ୍ତବ୍ୟାକର୍ତ୍ତବ୍ୟ ସ୍ଥିର କରିବା ଦ୍ୱାରା ଆଳସ୍ୟ ପରାଭୂତ ସମ୍ପ୍ରତି ପ୍ରପୀଡ଼ିତ ଓ ହତାଶାଚ୍ଛନ୍ନ ଉତ୍କଳ ହୃଦୟରେ ଶାନ୍ତିବାରି ପ୍ରଦାନ କରନ୍ତୁ ।

ଆପଣଙ୍କ ଅନୁଗତ ।

ଶ୍ରୀ ବ ।

ଅମ୍ଭସମ୍ବନ୍ଧରେ ଯାହା ଲେଖି ଅଛନ୍ତି ତହିଁର ଉତ୍ତର ଅମ୍ଭେ ନ ଦେଲେହେଁ ଆପଣଙ୍କ ମତର ବଲେ ବାଁଲେ ଆପଣ ବୁଝିଥିବ ହୋଇ ଅଛନ୍ତି ନ ଲେଖିବେ ଏବଂ ତଦ୍ୱାରା ଅତଏବ ପର ସୁଯୋଗ୍ୟ ବାଂଗ୍ଳିକର ମୂଲ୍ୟବାନ୍ ଦେଶହିତଜନକ ଅବସର ନେ ଲାଭ ହେଲେ ସାଧାରଣର ଲାଭ ହେବ ଏହି ଦୃଷ୍ଟିରେ ଏହା ପ୍ରକାଶ କଲୁ । ଉଭୟ ବର୍ଷ ଅପଣ ବନ୍ଦୋବସ୍ତ ବିଷୟରେ ଅସ୍ମମାନଙ୍କ ଯଥୋଚିତ ସାହାଯ୍ୟ କରିବା ଦ୍ୱାର ବାଧିତ କରିବାହେବେ ।

ସମ୍ପାଦକ ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରାଜା ବଲ୍ଲେ ବତଣ୍ଡା | | ୫ ୩ ୧ |
| ବାବୁ ପଦ୍ମନାଭ ସାହୁ | କଟକ | ୫ ୩ ୧ |
| „ ଜଗତବନ୍ଧୁ ଘୋଷ | „ | ୫ ୧ ୧ |
| „ ବନମାଳୀ ଦାସ | „ | ୫ ୧ ୧ |
| „ ଜଗନ୍ନାଥ ମିଶ୍ର ବଣ୍ଡଣା | „ | ୫ ୧ ୧ |
| „ ଗୋକୁଳାନନ୍ଦ ଦ୍ୱିବେଦି | କଟକ | ୫ ୩ ୧ |
| ମହର୍ଷି ମହସ୍ଥ ଅଇ | „ | ୫ ୧ ୧ |
| ବାବୁ କୃଷ୍ଣଚନ୍ଦ୍ର ପଧାନ ଜଗନ୍ନାଥପୁର | | ୫ ୩ ୧ |
| „ ମଦନମୋହନ ପଟ୍ଟନାୟକ ବଡ଼ମ୍ବା | | ୫ ୩ ୧ |
| „ ଉପେନ୍ଦ୍ରନାଥ ବଳଭ ଦେଲାଙ୍ଗ | | ୫ ୨ ୧ |
| ଶ୍ରୀ ରାଜଶ୍ରୀର ଶ୍ରୀ ଗୋବିନ୍ଦ ଦେବଙ୍କର ଦେଉଗୋଲା | | ୫ ୩ ୧ |

---

# ବିଜ୍ଞାପନ ।

---

ନୂତନ ପୁସ୍ତକ ।

## ବିଳାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ମୋଫସଲକୁ ଡାକମାସୁଲ ଏକଅଣା ମାତ୍ର ।

---

## ଆଶ୍ଚର୍ଯ୍ୟଚିକିତ୍ସା ।

ଗଭର୍ଣ୍ଣମେଣ୍ଟ ମେଡ଼ିକାଲ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ରାଜବୈଦ୍ୟ ଶ୍ରୀ ଚନ୍ଦ୍ରକିଶୋର ବନ୍ଦ୍ୟାପାଧ୍ୟାୟ କବିରଞ୍ଜନ କବିରାଜଙ୍କର ଆୟୁର୍ବେଦୀୟ ବିଦ୍ୟାଳୟ ଓ ଔଷଧାଳୟ

ନ ୩୮ ନମ୍ବର ମେଛୁଆବଜାର ବୌବଜାର କଲିକତା ।

---

ଭାରତବର୍ଷ ମଧ୍ୟରେ ଅଦ୍ୱିତୀୟ ଏହି ଔଷଧାଳୟରେ ମକରଧ୍ୱଜ ଦର୍ପଣ ଦେ ଅର୍ଦ୍ଧେ ଶକ୍ତିସମ୍ପନ୍ନ, ପ୍ରଭାସ ଗନ୍ଧକ ରସାୟନ ରୋଗନାଶକ ଉତ୍ତମ ମହୌଷଧ ସକଳ ସୁଲଭ ମୂଲ୍ୟରେ ପ୍ରାପ୍ତ ହୁଏ ।

ସେଇଁ ସକଳ ବିଦେଶୀ ଦେଶୀ ଅସ୍ମମାନଙ୍କଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି, ସେମାନେ ରୋଗ ଓ ରୋଗୀର ଅବସ୍ଥା ଆନୁପୂର୍ବିକ ଲେଖି ଅର୍ଦ୍ଧ ଟିକଟ ସହ ପତ୍ର ଲେଖିଲେ ଯୋଗ୍ୟ ମୂଲ୍ୟରେ ବ୍ୟବସ୍ଥା ଏବଂ ସୁଲଭ ମୂଲ୍ୟରେ ଔଷଧ ଓ ଔଷଧ ପ୍ରସ୍ତୁତ କରି ପଠାଇ ଥାଉଁ । କେହିପତ୍ର ପ୍ରସ୍ତୁତ ହୁଏ ନାହିଁ ଇତର ପ୍ରାର୍ଥିଗଣ ଅର୍ଦ୍ଧଆଣା ର ଟିକଟ ପଠାଇଲେ ପଠାଇବେ ।

## ଚମତ୍କାରଜନକ

## ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଆବିଷ୍କୃତ ହୋଇ ନାହିଁ

୧ । କୌଣ୍ଡିନ୍ୟ ସାଲସା—ସ୍ୱର୍ଣ୍ଣଯୋଜିତ ଶୋଧନର ଏବଂ ଅସଲ ସ୍ୱର୍ଣ୍ଣ ଓ ଉତ୍ତାପ ଦେବାର ଅଦ୍ୱିତୀୟ ଔଷଧ ମୂଲ୍ୟ ପ୍ରତି ଶିଶି ୧୦ ଡାଃ ମାଃ ।୶

୨ । ମହାକାମେଶ୍ୱର ଓ ଶୁକ୍ରମାତୃକା ବଟିକା—ଏହା ଖାଇ ଦୌର୍ବଲ୍ୟ ପୁଂସ୍ତ୍ୱହାନି, ଧାରଣା ଶକ୍ତିର ଅଭାବ, ବହୁମୂତ୍ର ପ୍ରଭାବ ମେହ, ବହୁମୂତ୍ର, ମନ୍ଦାଗ୍ନି, ଧାତୁକ୍ଷୟ ରୋଗର ଅବ୍ୟର୍ଥ ଔଷଧ ଏକ ଡିବାର ମୂଲ୍ୟ ୨୮ ଡାଃ ମାଃ ୩

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେହ ଉଷ ( ଗନୋରିଆ ) ମହୌଷଧ ୪ ଦିନ ମଧ୍ୟରେ ଆରୋଗ୍ୟ ହେବ ।

୪ । ଶିରଃଶୂଳ—ଅର୍ଦ୍ଧକପାଳ, ମସ୍ତକଶୂଳ, ମସ୍ତିଷ୍କଶୂଳ ଅବ୍ୟର୍ଥ ଔଷଧ, ମୂଲ୍ୟ ପ୍ରତିଶିଶି ୧ ଡାଃ ମାଃ ।୶

୫ । ସର୍ବଜ୍ୱରାନ୍ତକ ଘୃତ—ଏହା ଜ୍ୱର ବା, ପାଳି ବା, ଜାଡ଼ ବା, ପ୍ଲୀହାଯୁକ୍ତ ଜଳନ୍ଦର ବା, ଯକୃତ ବା, ପ୍ରଭୃତି ସର୍ବପ୍ରକାର ଜ୍ୱରର ଅବ୍ୟର୍ଥ ଔଷଧ ୨ ଦିନ ମାତ୍ର ବ୍ୟବହାର କଲେ ଆରୋଗ୍ୟଲାଭ ।

୬ । ମୃତ୍ୟୁଞ୍ଜୟଯୋଗ—ଏହା ସେବନ କଲେ ରକ୍ତପିତ୍ତ, ମୁଖରୁ ରକ୍ତ ପଡ଼ିବା, କାଶ, ରକ୍ତ ଆମାଶୟ, ରକ୍ତସ୍ରାବ ହେବା, ୩ ଦିବସ ମଧ୍ୟରେ ଆରୋଗ୍ୟ ହୁଏ ମୂଲ୍ୟ ୨ ଡାଃ ମାଃ ।୶

---

## ଭଗବଦ୍‌ଗୀତା ।

( ବୃନ୍ଦାବନ ମହାଭାରତ ସଂସ୍କୃତର ଅନ୍ତର୍ଗତର ପଦ୍ୟ ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି ମୂଲ୍ୟ ୫ ୧ ଟ ୦ । ଡାକମାସୁଲ ଟ ୦ ୬

---

## ଶୁଭସଂବାଦ ।

ଆୟୁର୍ବେଦିକ ମେଡ଼ିକଲ୍ ମ୍ୟାନୁଫ୍ୟାକ୍ଚରିଂ କୋମ୍ପାନି ଅଫ ଇଣ୍ଡିଆ, ଲିମିଟେଡ୍ । କାଲନା, ବେଙ୍ଗଲ ।

ଔଷଧର ମୂଲ୍ୟ ଶତକଡ଼ା ଟ ୨୫ ଙ୍କା ଉଣା ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ଔଷଧର ମୋଟ-

Digitized by srujanika@gmail.com

Split by PDF Splitter



କାଳ ଲାଗେ । ଏହା ଯେପରି ଉତ୍ତମ ଏବଂ ଖାଣ୍ଟି ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ଏପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ଉପକାରିତା ଭଲିଭ କୋମ୍ପାନୀ ଜାଣନ୍ତି । ଏତ ସୁଲଭ ମୂଲ୍ୟରେ ଯାହାର ଦରକାର ଔଷଧର ପ୍ରୟୋଜନ କୋମ୍ପାନୀ ନିକଟରୁ ନେଲେ ଠକିବାର ଭୟ ନାହିଁ । କେବଳ ଅନୁଗ୍ରହ କରି ବିବରଣ ପଠାଇଲେ ବ୍ୟବସ୍ଥା ପଠା ଯାଉ ହୁଏ ।

**ଔଷଧର ମୂଲ୍ୟ ଅଗ୍ରିମ ଦେୟ—**ଯାହାର ଭେଲୁପେବଲରେ ଔଷଧ ନବାର ପ୍ରୟୋଜନ ତାହାଙ୍କୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଆଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

**କୈବ୍ୟନାଥ ବଟି—**ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ନଷ୍ଟ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ସ୍ନାୟବିକ ଦୁର୍ବଳତା ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୨ ଭରି ୧୨ ଟଙ୍କା ଡାକମାଶୁଲ ।✓ ଅଣା ।

**ମୋହନଭୃଙ୍ଗ ତୈଳ —**ବ୍ୟବହାରରେ କେଶ ଘନ, ଭ୍ରମରକୃଷ୍ଣ ଏବଂ ରେଶମ ପରି ଚିକ୍କଣ ଓ କୋମଳ ହୋଇ ବର୍ଦ୍ଧିତ ହୁଏ ଏବଂ କେଶର ଅକାଳପଲିତ ଓ ପତନ ନିବାରିତ ହୁଏ । ଏହାର ଗନ୍ଧ ମଧୁର ମନୋହର ଏବଂ ଦୀର୍ଘକାଳସ୍ଥାୟୀ । ଏଥିରେ ମସ୍ତିଷ୍କ ସ୍ନିଗ୍ଧ ରହେ ଏହା କେବଳ ମର୍ତ୍ତ୍ୟ ଭୂମିରେ ମନ୍ଦାର-ମଧୁ । ଏହା ଅପେକ୍ଷା ବଳାଧାନୋପଯୋଗୀ ସୁଗନ୍ଧଯୁକ୍ତ ତୈଳ ଅନ୍ୟ ଅଦ୍ୟାପି କେହି ନାହିଁ ।

୧ ଶିଶି ୧ ଟଙ୍କା, ଡାକମାଶୁଲ ।✓ ଅଣା ।

**ଦନ୍ତସ୍ନାନ ଚୂର୍ଣ୍ଣ—**ଏହା ବ୍ୟବହାରରେ ଦନ୍ତର ଓ ଦନ୍ତମୂଳର ଯେ କୌଣସି ରୋଗ ଥିଲେହେଁ ଅତ୍ୟଳ୍ପ ଦିନ ମଧ୍ୟରେ ନିବାରିତ ହୁଏ । ଏହା ଅତୀବ ବଳାଧାନୋପଯୋଗୀ ଏବଂ ସୁଗନ୍ଧଯୁକ୍ତ ଦନ୍ତମଞ୍ଜନ ଏହାର ଦ୍ୱିତୀୟ ନାହିଁ

୧ କୌଟା ୦/୨ ଅଣା ଡାକମାଶୁଲ ।✓ ଅଣା

**କୁନ୍ତଳକୌମୁଦୀ ତୈଳ—**ବ୍ୟବହାରରେ ନୂତନ ଶାକ ଚନ୍ଦ୍ର ଏବଂ ପତନୋନ୍ମୁଖ କେଶ ମୂଳ ଦୃଢ଼ ହୁଏ । ଏହା ବଳାଧାନୋପଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧବିଶିଷ୍ଟ ।

୧ ଶିଶି ୧ ଟଙ୍କା ଡାକମାଶୁଲ ।✓ ଅଣା ।

୧ ସେରକୁ ୧ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତି ଅଂଶର ମୂଲ୍ୟ ୧୦୦ ଟଙ୍କା ୧୦ ଅଂଶ ପ୍ରତି ବର୍ତ୍ତମାନ ଟ ୨୫ ଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଲ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୨ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସେମାନେ ନାମ ଧାମ ଲେଖି ପଠାଇବେ ।

**ସବ୍‌ଏଜେଣ୍ଟ ଏଜେଣ୍ଟର ପ୍ରୟୋଜନ—**ଏଜେଣ୍ଟ କୁ ଉତ୍ତମରୂପ ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିବରଣ ଦେଖନ୍ତୁ ଇତ୍ୟାଦି ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ସେକ୍ରେଟେରୀ ଓ ଟ୍ରେଜରର ।

☞ ଫଳେନ ପରିଚୀୟତେ ☜

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

**ବିଷଲ୍ୟ କରଣି ସୁଧା ।—**(ସ୍ପେସ୍ଫିକ ଅଇଓଡାଇଡ ଫମର କାର୍ଯ୍ୟକରେ ) ଏହାସ୍ଥାରା ବ୍ୟବହାରରେ ଦୁଃସାଧ୍ୟ ଉପଦଂଶ ( ଗରମି ବେରାମ ) ଓ ପାରଦଜନିତ ଦୁରାରୋଗ୍ୟ ନୂତନ ପୁରାତନ ସର୍ବପ୍ରକାର କ୍ଷତ ( ଘାଆ ) ଜ୍ୱାଳାକଷ୍ଟ ଯନ୍ତ୍ରଣାରେ ଅଚିରାତ୍ ଆରୋଗ୍ୟ ହୁଏ ପ୍ରତିକୌଟାର ମୂଲ୍ୟ ଟ ୧ ୧ ଙ୍କା ।

୧ ମଧୁମାଲତୀବଟିକା } ଏହା ସ୍ତ୍ରୀମାନଙ୍କର ସର୍ବପ୍ରକାର
୨ ବସନ୍ତ କୁସୁମାକର ଚୂର୍ଣ୍ଣ }

ପ୍ରଦରର ଏକମାତ୍ର ମହୌଷଧ । ଏହା ବ୍ୟବହାର କରି କତିପୟର ପୁରାତନ ପ୍ରଦରମାନ ସ୍ୱଳ୍ପସମୟ ମଧ୍ୟରେ ଆରୋଗ୍ୟ ହେବାର ପରୀକ୍ଷା କରି ଦେଖିଅଛୁଁ ବ ୧୦ ଟୀକାର ମୂଲ୍ୟ ଟ ୧ ୧ ଙ୍କା ଓ ଚୂର୍ଣ୍ଣ ପ୍ରତିକୌଟାକୁ ଟ ୨ ।

**ଅମୃତସିନ୍ଧୁ ବଟିକା ।—**ଏହି ଔଷଧ ସପ୍ତାହ ସେବନ କଲେ ରକ୍ତାର୍ଶର ରକ୍ତ ବନ୍ଦ ଓ କୃମି କୋଷ୍ଠ ପରିଷ୍କାର ହୁଏ । କ୍ରମାନ୍ୱୟେ ଚଉଦିନ ସେବନ କଲେ ରୋଗୀର ଅର୍ଶବଳି ଶୁଖି ଝଡ଼ିଯାଇ ରୋଗାରୋଗ୍ୟ ହୁଏ ୨ ବଟିକାର ମୂଲ୍ୟ ଟ ୦ ୫

**କାଶୀକାନ୍ତ ବଟିକା ।—**ଏହା ସେବନ କଲେ ଧ୍ୱଜଭଙ୍ଗ, ଶୁକ୍ରତରଳତା, ସ୍ୱପ୍ନଦୋଷ ଜନିତ ଭଲ ହୁଏ ଏତଦ୍‌ଭିନ୍ନ ଏହାର ଆହୁରି କେତେକ ଚମତ୍କାର ଗୁଣ ଅଛି ତାହା ବ୍ୟବସ୍ଥା ପତ୍ର ପାଠେ ଜାଣି ପାରିବେ ବଳ ସ୍ୱପ୍ନଦୋଷ ଆରୋଗ୍ୟପକ୍ଷେ ଏହା ବ୍ରହ୍ମାସ୍ତ୍ର ବ ୭ ଟିକାର ମୂଲ୍ୟ ଟ ୧ ୧ ଙ୍କା

**ଶୂଳାପହ ଚୂର୍ଣ୍ଣ—**ସର୍ବପ୍ରକାର ଶୂଳ ରୋଗ (ପେଟ୍‌ମର) ଆରୋଗ୍ୟ ହୁଏ ମୂଲ୍ୟ ଟ ୧ ଙ୍କା

ଉପରୋକ୍ତ ଔଷଧସମସ୍ତ ମୋଫସଲ ପାଇଁ ପ୍ୟାକିଂ ଡାକମାଶୁଲ ସ୍ୱତନ୍ତ୍ର ଲାଗେ ଓ ଔଷଧ ସହିତ ବ୍ୟବସ୍ଥା ପତ୍ର ପଠାଯାଏ ।

ଏହି ଔଷଧ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଅମୃତକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଭୂସ୍ନାନପୁର } କବିରାଜ
ସହର କଟକ } ଶ୍ରୀ ବାଳକୃଷ୍ଣ ଦାସ
ବାବୁରାଧାଶ୍ୟାମ- }
ସରକାରଙ୍କ ବସାରେ


## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଅଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି, ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅଳ୍ପରେ ପାଇପାରିବେ ।

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ଦାର୍ଷ୍ଟାନ୍ତିକ ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲକମନ୍ତେ ଡାକମାଶୁଲ ଟ ୦/

**NOTICE**

THE

# DWIBHASI.

*SECOND EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

KEY TO LETHBRIDGE'S EASY SELECTIONS ( Minor course for 1896 ) is in the press and will soon be out.


Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

### ନୂତନ ନୂତନ ନୂତନ

### କବିବର ବିରଚିତ

| | | |
|---|---|---|
| ସନ୍ଧ୍ୟାସ୍ୱୟମ୍ବର ଜନ୍ମପାଲା | ମୂଲ୍ୟ | ଟ୦/ ଏକଅଣା |
| ପଦ୍ମଲୋଚନ ପାଲା | ମୂଲ୍ୟ | ଟ୦/ |
| ମର୍ଦ୍ଦଗାଜୀ ଜନ୍ମପାଲା | ମୂଲ୍ୟ | ଟ୦୶ |
| ହରଅର୍ଜ୍ଜୁନ ପାଲା | ମୂଲ୍ୟ | ଟ୦୶ |
| ଜୁଗତୀସ ପାଲା | ,, | ଟ୦/ |
| ଭ୍ରମରବର ,, | ,, | ଟ୦/୨ |
| ମର୍ଦ୍ଦଗାଜୀବଡ଼ ପାଲା | | ଟ୦୶ |

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲାମାନ ପ୍ରସ୍ତୁତ ଅଛି

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ଶିକ୍ଷା ପ୍ରାପ୍ତ ହେବାପାଇଁ ।

ଅ ତ ସୁ ଲ ଭ ମୂ ଲ୍ୟ ଟ ୦ ।୶ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମରୀ ପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ବହୁଗୀତିକମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅବରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତମ୍ମା ଲୁକ୍‌ଏକେଞ୍ଜ ବାବୁ ରାମପ୍ରସାଦ ମୁଖୁର୍ଯ୍ୟଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶ୍ରୀମଦ୍ଭାଗବତ ।

### ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ କୃତ, ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଅଛିଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ପୂର୍ବ ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରସଙ୍ଗର ପ୍ରାରମ୍ଭରେ ସଂସ୍କୃତ ଶ୍ଲୋକମାନ ସନ୍ନିବେଶିତ ହୋଇଅଛି । ଅତ୍ର ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବାପରି ଭକ୍ତବର ଶ୍ରୀ କୃଷ୍ଣଙ୍କ ପାଦପଦ୍ମରେ ଶରଣ ପଶିବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ

ବହୁତ ବଢ଼ିଥିବା ହେତୁରୁ ସୁନ୍ଦର ଉତ୍ତମରୂପେ ପ୍ରସ୍ତୁତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ।୵ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅଳ୍ପମୂଲ୍ୟ ମୂଲ୍ୟ ଟ ୦ ।୵ ଧାର୍ଯ୍ୟ ହୋଇଅଛି ।

## ଘଣ୍ଟୀ ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ଼ ଶୂନ୍ୟ ଘଣ୍ଟୀ ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ନିୟମରେ ନୂତନ କାରଗରଦ୍ୱାରା ସମ୍ପନ୍ନ ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ତତ୍ତ୍ୱ କଲେ ସମସ୍ତ ବିଷୟ ଜାଣିପାରିବେ ଏହାଛଡ଼ା ହାରମୋନିୟମ୍ ବାଜାମିଉଜିକେଲବାକ୍ସ ଏବଂ ଲୁଭାବିଲିଟିକଲ ପ୍ରଭୃତି ମରାମତ କରାଯାଉଅଛି ।

ଘଡ଼ିର ଅବସ୍ଥା ଅନୁସାରେ ୬ମାସଠାରୁ ତିନି ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ନଷ୍ଟ ହେଲେ ପୁନର୍ବାର ବିନାମୂଲ୍ୟରେ ଦୁରସ୍ତ କରିଦିଆଯିବ ।

ପ୍ରକାଶଥାଉ କି ଛାପାଖାନାର କାରଗର ବୋଲି କୌଣସି ବ୍ୟକ୍ତି ପ୍ରତାରଣାଦ୍ୱାରା ଗ୍ରାହକଙ୍କ ନିକଟରେ ପରିଚୟ ଦେବାର ଅସମ୍ଭବ ନୁହେ । ଏହିପରି କେତେକ ଘଟନା ଶୁଣିଗୋଚର ହେବାରୁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୁଲି ସ୍ୱୟଂ ଯାଇ ଘଡ଼ି ଛାପାଖାନାକୁ ପଠାଇଦେଇ ରସିଦ ପ୍ରାପ୍ତ କଲେ ପ୍ରତାରିତ ହେବେ ନାହିଁ ।

ପୁରୁଣା ରୁପାର ଗିଲଟ୍‌ କର୍ମ ମଧ୍ୟ ଏଠାରେ ହୁଏ ।

୧୨ । ୪ । ୯୫ କଟକପ୍ରିଣ୍ଟିଂକମ୍ପାନୀ ଅଫିସ କଟକ } ଶ୍ରୀ ଗୌରୀଶଙ୍କର ରାୟ

## ଜ୍ୱରର ଅବ୍ୟର୍ଥ ମହୌଷଧ

### ( ବିଶେଷ ପରୀକ୍ଷିତ )

ମୂଲ୍ୟ ପ୍ରତିଶିଶି ଟ ୦ ।୶ ମାସୁଲ ଟ ୦ । ଅଣା

ଏହି ଔଷଧ ବ୍ୟବହାରରେ ସବପ୍ରକାରର ଜ୍ୱର ଆରୋଗ୍ୟ ହୋଇଥାଏ । ଅତି ଅଳ୍ପଦିନ ସେବନ କଲେ ସେ ସ୍ଥାନରେ ଆଉ ଜ୍ୱର ନାହିଁ । ଏହାକୁ ବ୍ୟବହାର କଲେ କ୍ଷୁଧାବୃଦ୍ଧି ହୁଏ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ନାନାପ୍ରକାର କର୍ମଦୋଷ ନଷ୍ଟ ହୁଏ । ଏହି ଔଷଧରେ ପ୍ରକୃତରେ ଅମୃତ କେତେକ ଲୋକ ଅଳ୍ପ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅତୁଳ ଆଶ୍ଚର୍ଯ୍ୟପ୍ରଦ ହୋଇଅଛି ଯେଉଁମାନେ ଏହି ଜ୍ୱରରେ କଷ୍ଟ ପାଉଅଛନ୍ତି ଅନୁଗ୍ରହ କରି ସେମାନଙ୍କର ପରୀକ୍ଷା କରିବା ଉଚିତ ଏହାକୁ ବ୍ୟବହାର କରି ଅନେକ ରୋଗମୁକ୍ତ ହୋଇଅଛନ୍ତି ଏବଂ ଅନେକ ପ୍ରଶଂସାପତ୍ର ମଧ୍ୟ ଦେଇଅଛନ୍ତି; ଔଷଧ ବ୍ୟବହାରବିଧି ଔଷଧ ସହିତରେ ପଠା ଯାଇଥାଏ ।

ଶ୍ରୀ ରାମ ଚାରଣ ସେନ
ମେଡ଼ ଉତ୍କଳପ୍ରେସ
ବାଲେଶ୍ୱର

## ବିଜ୍ଞାପନ ।

### ସ୍କୁଲପାଠ୍ୟ, ପଞ୍ଚମ ସଂସ୍କରଣ ।

## ପଣିକିଆମାଳିକା ।

ଏ ସଂସ୍କରଣରେ ଅନେକ ପ୍ରୟୋଜନୀୟ ନୂତନ ବିଷୟ ସନ୍ନିବେଶିତ ହୋଇ ପୁସ୍ତକର କଳେବର ବଢ଼ିଅଛି । ମୂଲ୍ୟ ଏକଅଣା । କେବଳ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳଇ । ପୁସ୍ତକ ମଗାଇବା ବେଳେ ' ପଞ୍ଚମ ସଂସ୍କରଣ 'ର ନାମୋଲ୍ଲେଖ କରିବାକୁ ହେବ ।

ଶ୍ରୀ ଗୋଲମଣି ମିଶ୍ର

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ଛପାଇବେ

| | |
|---|---|
| ଧାଡ଼ିପ୍ରତି | ଟ ୧ ୶ |
| ଅଧସ୍ତମ୍ଭକୁ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଉ ନାହିଁ ଖର୍ଚ୍ଚ ଟ ୦ ୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଯେବେ ଖର୍ଚ୍ଚ ପ୍ରଥମର ଅର୍ଦ୍ଧ ହେବ ଓ ଚତୁର୍ଥରୁ ପଞ୍ଚମରେ ଲେଖ ।

ଅଧିକ ଦିନର ଛପାଇବେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସହିତ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ, କଟକ ପ୍ରିଣ୍ଟିଂକମ୍ପାନୀ ପ୍ରିଣ୍ଟିଂଓାର୍କ୍ସ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩୦ ଶ । ସଂଖ୍ୟା ୩୮ ।
ତା ୨୧ ଦଶ ମାହେ ସେପ୍ଟେମ୍ବର ସନ ୧୮୯୯ ମସିହା । ମୁ । ଭ ୭ ଢ ଅଙ୍କ ସନ ୧୩୦୭ ସାଲ ଶନିବାର ।
ଅଗ୍ରିମ ଟ ୨ । ପଶ୍ଚାଦେୟ ଟ ୨॥୦

ବଲାଙ୍ଗିରରେ ତ୍ରାଣ ଖସ୍ତ ହେବାରୁ ଦୁର୍ଭିକ୍ଷ-ଜନ୍ମର ମନ୍ଦ ହ୍ରିଏ ଅଥସ୍ତ ଧରିଥିଲା ଏବଂ ତେହ୍ ଭାବ ଲଭିବାର ଆରମ୍ଭ କରିଥିଲେ । ଗତ ମଙ୍ଗଳବାରଠାରୁ ଗତକାଲି ପର୍ଯ୍ୟନ୍ତ ଜଳବୃଷ୍ଟି ହେବାରେ ଚଳନ୍ତ ଅଭାବ ଘୁଞ୍ଚିଯାଇଅଛି । ପବନ ତୋଫାନର ଆକାର ଧରିଥିଲା ଏବଂ ସ୍ଥାନେସ୍ଥାନେ କେତେ ବଳକ୍ଷୟ ହୋଇଥିଲା । କେଉଁଠାରେ ପ୍ରବଳ ତୋଫାନ ହୋଇଅଛି ଶୀଘ୍ର ଜଣାଯିବ ।

ବାର୍ଷିକ ଦୁର୍ଗୋତ୍ସବ ସମାଗତ । ଏହି ମହୋତ୍ସବୋପଲକ୍ଷରେ ଦେବାନୀ ଅଦାଲତ କଚେରୀମାନ ଗତ ବୁଧବାରଠାରୁ ୧୩ ଦିନ ବନ୍ଦ ହୋଇ ଅଛି । ଆଗାମୀ ଅକ୍ଟୋବରମାସ ତା ୨୧ ରେ ଫିଟିବ । କଲେକ୍ଟରୀ ଫଉଜଦାରୀ ପ୍ରଭୃତି କଚେରୀମାନ ଆଗାମୀ ସୋମବାରଠାରୁ ଆରମ୍ଭ କରି ଆସନ୍ତା ଅକ୍ଟୋବର ମାସ ତା ୪ ରଖ ପର୍ଯ୍ୟନ୍ତ ବନ୍ଦ ରହି ଉକ୍ତ ଅଗ୍ରିମ ଶନିବାର ଫିଟିବ । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ମଧ୍ୟ କଲେକ୍ଟରୀ ପରି ଏ ୧୨ ଦିନ ବନ୍ଦ ରହିବ । ଅତଏବ ଆଗାମୀ ଦୁଇ ସପ୍ତାହ ଦୀପିକା ଅପ୍ରକାଶିତ ରହିବ ଏଥିପାଇଁ ପାଠକ ମାନଙ୍କଠାରୁ କ୍ଷମା ପ୍ରାର୍ଥନା କରୁଅଛୁଁ ।

ସାର ଅଲେକଜାଣ୍ଡର ମେକଞ୍ଜି ବଙ୍ଗଳାର ଲେଫ୍ଟେନାଣ୍ଟ ନିଯୁକ୍ତ ହେବାରୁ ମଧ୍ୟପ୍ରଦେଶର ପ୍ରଧାନ କମିଶନର ଉଡବର୍ଣ୍ଣ ସାହେବ ଉକ୍ତ ପଦ ପାଇ ରେଭିନ୍ୟୁ ବୋର୍ଡ଼ର ପ୍ରଧାନ ମେମ୍ବର, ଫ୍ରେଜର ସାହେବ ବ୍ରହ୍ମ ପ୍ରଦେଶର ଲେଫ୍ଟେନାଣ୍ଟ ଏବଂ ସେ ଦେଶୀୟ ପ୍ରଧାନ ସେକ୍ରେଟେରୀ ଫ୍ରେଜର ସାହେବ ମଧ୍ୟପ୍ରଦେଶର ପ୍ରଧାନ କମିଶନର ହେବାର ସ୍ଥିର ହୋଇ ଅଛି । ଶ୍ରୀଯୁକ୍ତ ଫ୍ରେଜର ସାହେବ ବଙ୍ଗଳାରେ ଯେଉଁପରି ସୁଖ୍ୟାତି ଅର୍ଜନ କରିଅଛନ୍ତି ଭରସା କରୁଅଛୁ ମଧ୍ୟପ୍ରଦେଶବାସିମାନେ ତାହାଙ୍କ ଅମଳରେ ସୁଖରେ ରହିବେ ।

କପାଳୁଆ ଓ ଝୁଟାର ମାସୁଲ କମିବାରେ ବଙ୍ଗଳାର ଝୁଟାକଳବାଲାମାନେ ପୁନର୍ବାର ଆବେଦନ କରିବାରୁ ଭାରତୀୟ ଷ୍ଟେଟ ସେକ୍ରେଟେରୀ ଲର୍ଡ ହାମିଲଟନଙ୍କ ବସିବା ପାଲିଆମେଣ୍ଟରେ ପ୍ରକାଶ କରିଅଛନ୍ତି ଯେ ଭାରତ ଗବର୍ଣ୍ଣମେଣ୍ଟଙ୍କ ଏ ବିଷୟରେ ନଇଫିସ୍ତ ହେବ ଏବଂ ତାହା ପ୍ରାପ୍ତ ହେଲାଉତ୍ତାରୁ ଉକ୍ତ ଆବେଦନପତ୍ରର ଉତ୍ତର ହେବ । ଏଥିରୁ ଜଣାଯାଉଅଛି ସେ ନୂତନ ମନ୍ତ୍ରୀମାନେ ମାସୁଲ ଉଠାଇଦେଇ ଭାରତବର୍ଷ ବ୍ୟବସାୟିଙ୍କର ପ୍ରିୟ ହେବାକୁ ଚେଷ୍ଟା କରୁଅଛନ୍ତି । ଭାରତ ଗବର୍ଣ୍ଣମେଣ୍ଟ ଏ ବିଷୟରେ ଯଥା ସାଧ୍ୟ ଆପଣା ମନ୍ତବ୍ୟ ସମ୍ପୂର୍ଣ୍ଣରୂପେ ଏକାଧିକ ଥର ଜଣାଇ ଅଛନ୍ତି ଏବଂ ସେ ସବୁ କାଗଜ ପତ୍ର ଭାରତୀୟ ସେକ୍ରେଟେରୀଙ୍କ ଦପ୍ତରରେ ରହିଅଛି । ତହିଁ ଉତ୍ତାରୁ ଆଉ କଇଫିୟତ ଲୋଡ଼ିବାର କିଛି ପ୍ରୟୋଜନ ନାହିଁ । ଏବଂ ଭାରତର ଆର୍ଥିକ ଅବସ୍ଥା ଏହିମଧ୍ୟରେ କିଛି ମାତ୍ର ଭଲ ହୋଇ ନାହିଁ । ବିଲାତ ବ୍ୟବସାୟିଙ୍କ ମନ ରକ୍ଷିବାପାଇଁ ମାସୁଲ ଉଠାଇଦେବାର ଇଚ୍ଛା ହେଲେ ଉଠାଇ ଦେବ [illegible] ଆପଣା କପାଳ ଅନୁସାରେ ତାହା ସହ [illegible] ଏବଂ ଏହି ପାଇଁ ଆଉ କେଉଁ କର [illegible] ସୁଦ୍ଧା ଦେବେ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି [illegible] କୋଦଣ୍ଡା । ମୌ । ରଘୁନାଥ ପୁର [illegible] ବସ୍ତିରେ ମୃତ ମୁନସି ଗୋଲୁଖାନଙ୍କ ମସଜିଦରେ ଗତ ବାଲଉଫାତ ପର୍ବ [illegible] ଏକ ବୃହତ ମଜଲିସ ହୋଇଥିଲା । ଏବଂ ପ୍ରାୟ ଦେଢ଼ଶହ ମୁସଲମାନ ସ୍ତ୍ରୀ ପୁରୁଷ ସମବେତ ହୋଇ ଥିଲେ । ଯଥାନିୟମାନୁସାରେ ଧର୍ମପୁସ୍ତକ ମଉଲୁଦସରିଫ ପାଠ ହେଲା ଉତ୍ତାରୁ ସ୍ଥାନ ଦୁଇପ୍ରହର ସମୟରେ ଶ୍ରୀ ମୁନସି ମହମ୍ମଦ ଇସ୍ମାଇଲ ଖାନ ଗୋଟିଏ ସୁନ୍ଦର ବକ୍ତୃତାଦ୍ୱାରା ଧର୍ମ ସମ୍ବନ୍ଧୀୟ ଅନେକ ସଦୁପଦେଶ ପ୍ରଦାନ କରି ମଦ ଅଫିମ ପ୍ରଭୃତି କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବା ମୁସଲମାନ ଧର୍ମଶାସ୍ତ୍ରର ଏକାନ୍ତ ବିରୁଦ୍ଧ ଥିବାର ପ୍ରତିପନ୍ନ କରି ତହିଁରୁ ବିରତ ହେବା ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ଅନୁରୋଧ କଲେ । ତହିଁ ଉତ୍ତାରୁ ମଜଲିସର ଉଦ୍ଦେଶ୍ୟାନୁ-

ଜାତମାନଙ୍କ ସମାଗତ ବନ୍ଧୁବର୍ଗଙ୍କୁ ମିଷ୍ଟାନ୍ନ ଭୋଜନ କରାଇ ବିଦାୟ ଦେଲେ । ପର୍ବଦିନ କେବଳ ବୃଥା ଆମୋଦ ପ୍ରମୋଦରେ ନ କଟାଇ ଧର୍ମ ମନ୍ଦିରରେ ଏକତ୍ରିତ ହୋଇ ଧର୍ମଶାସ୍ତ୍ର ପାଠ ଓ ଧର୍ମ ଓ ନୀତିସଙ୍ଗତ ଉପଦେଶ ଶ୍ରବଣ କରିବା ଦ୍ୱାରା ଧନ ଜୀବନର ଉନ୍ନତି ସାଧନ ସମ୍ବନ୍ଧର ପ୍ରଧାନ କର୍ତ୍ତବ୍ୟକାର୍ଯ୍ୟ ଏବଂ ସକଳ ସ୍ଥାନରେ ଏହିପରି ହେବା ବାଞ୍ଛନୀୟ ଅଟେ ।

---

ଗତମାସ ବେଣ୍ଟସ ନାମକ ଏକ ବ ୧୪ ବର୍ଷ ବୟସର ଯୁବ [illegible] ବାଟରେ ଯାଉଥିବା ବେଳେ ଅନେକ ଗୋଲ ରେଲର ଷ୍ଟେସନ ଠାରେ ଲାଉଟେନେଣ୍ଟ ନାମକ ଜଣେ ରେଲ କର୍ମଚାରୀ ତାହାଙ୍କୁ ବିନା ଟିକଟରେ ଭ୍ରମଣ କରୁଥିବା ମିଥ୍ୟା ଅଭିଯୋଗରେ ରେଲଗାଡିରୁ ତାହାର କର ଅନ୍ୟ ଗୁଣଜଣ ସଙ୍ଗ ସହିତ ଗୃହଭିତରେ ଏକ ଘର ଭିତରେ ତାହା ସଙ୍ଗେ ଦଣ୍ଡପୂର୍ବକ ଅବରୋଧ କରିଥିଲା । ପ୍ରତି-ବାଦିର ନାଲିସ ହେତୁ ବର୍ଦ୍ଧମାନର ଜଜ ତମୋ-ହନମାର ବିଚାର କଲେ । ମାତ୍ର ଜୁରିମାନଙ୍କ ମଧ୍ୟରେ ମତଭେଦ ହେବାରୁ ଅନ୍ୟ ଆସାମିଙ୍କୁ [illegible] ଜଜ ସାହେବ କେବଳ ବାଉଟେ-[illegible] ପଠାଇଦେଲେ । ହାଇ-[illegible] ମାନ୍ୟବର ମାନନୀୟର ଆସାମି ସପକ୍ଷରେ ଏବଂ ମାନ୍ୟବର ବନ୍ଦ୍ୟୋପାଧ୍ୟାୟ ଆସାମି ବିରୁଦ୍ଧରେ [illegible] ପ୍ରଧାନ ବିଚାରପତିଙ୍କ ଶେଷ [illegible] ଦିନ ସ୍ଥିର ହେଲା । [illegible] ପ୍ରଧାନ ବିଚାରପତି ମହୋଦୟ ବିଚାର [illegible] ବନ୍ଦ୍ୟୋପାଧ୍ୟାୟଙ୍କ ମତରେ ଐକ୍ୟ ହୋଇ [illegible] ଲେଫ୍ଟେଣ୍ଟଙ୍କୁ ପାଞ୍ଚବର୍ଷ ପରିଶ୍ରମ ସହିତ କାରା-ବାସ ଦଣ୍ଡ ଭୋଗ କରିବାର ଆଦେଶ ଦେଇ ଅଛନ୍ତି । ଏ ବନ୍ଦୋବସ୍ତରେ ସର୍ବ ସାଧାରଣ ଲୋକଙ୍କ ଆନନ୍ଦର କୋର ପ୍ରଧାନ ବିଚାରପତିଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

---

ଓଡ଼ିଆ ଓ ନବସମ୍ବାଦ ଲେଖିଅଛନ୍ତି ବାଲେଶ୍ୱର ମିଉନିସିପାଲିଟି ଚେୟାରମ୍ୟାନଙ୍କ ଅଭିଯୋଗରେ ଦୁଇପଇସା ଲେଖାଏ କର ଆଦାୟ କରି ବଡ ଗୋଲାମଦାରିଠାରୁ ସାମାନ୍ୟ ବିକେତାପର୍ଯ୍ୟନ୍ତ ଲୋକମାନେ ଯାହା କହନ୍ତି ଜ-ଣାଉଅଛନ୍ତି ନୂତନବର୍ଷଠାରୁ ସେହି ଟିକସ ଆଦାୟ କରୁଥିବାରୁ ଏକ ବାକ୍ସ ଉପରେ ୫ ଅର ଟିକସ ଆଦାୟ ହେଉଅଛି ଏବଂ ଅନ୍ୟାୟ ଲୋକ-ଙ୍କର କଷ୍ଟ ହେଉଅଛି । ସହଯୋଗୀ ଯଥାର୍ଥ କହିଅଛନ୍ତି ଯେ ଏକ ବାକ୍ସ ଉପରେ ଏକାଧିକବାର ଆଦାୟ କରିବା ଉଚିତ । ଏଥିରୁ ବାଲେଶ୍ୱର ସମ୍ବାଦ ବାହକ କହନ୍ତି ଯେ କେବଳ ଗୋଦାମ-ଦାରମାନେ ମାସୁଲ ଦଅନ୍ତି ଏବଂ ଖୁଚୁରା ଦୋକା-ନୀମାନେ ଏକସପ୍ତାହରେ ଗୋଟିଏ ଟିକସ ପର୍ଯ୍ୟନ୍ତ ଦେବା ମାସୁଲରେ ଦୋକାନରେ ରଖି ବିକ୍ରୟ କରିବା ନିୟମ ହୋଇଅଛି । ଯେବେ ବାହକଙ୍କ କଥା ଠିକ ହୁଏ ତେବେ ଓଡ଼ିଆଙ୍କ କଥିତ ଅ-ଭିଯୋଗ କମିଶନରଙ୍କ ଅବଗତ ହେଉ ନାହିଁ । ଅଧସ୍ତ କର୍ମଚାରୀଙ୍କ ଅସଦାଚରଣରୁ ଘଟୁଥିବା ଆଉ ଯେତେ ଏକସମୟରେ ୧୦ ଗୋଟା ଟିକସ ଅଧିକ ନ ରଖିବା ନିୟମ ଖୁଚୁରା ଦୋକାନଦାରଙ୍କୁ ବାଧ୍ୟଥିବ ତେବେ ଏ ନିୟମ ହେଲେ ଭଲ ହେବ ତାହା କହିବେବା ଏମ୍ ତହିଁପାଇଁ ସୁବ୍ୟବସ୍ଥା କରିବା କାରଣ କମିଶନ-ରମାନଙ୍କୁ ଅନୁରୋଧ କରିବା ଉଚିତ । ଅଧସ୍ତ କର୍ମଚାରୀମାନଙ୍କ ଦୋଷ ଦେଖାଇ ଦେଲେ କ-ମିଶନରମାନେ ଅବଶ୍ୟ ବହୁତ ପ୍ରତିକାର କରିବେ ।

---

ଦକ୍ଷିଣର ଉପଦେଶ [illegible] ନଗରର ସହର ମୁନାନ ଦୁଇଣରେ କାଣପରଙ୍କ ବର୍ଷର୍ଜନ ସମ୍ବ-ନ୍ଧେ ହିନ୍ଦୁମାନଙ୍କ ଦଙ୍ଗାହଙ୍ଗାମା ହୋଇ ଥିଲା ପୁଲିସ ନିୟମ କରିଥିଲେ କି ମେଦ୍ସଙ୍ଗେ ଢୋଲ ପ୍ରଭୃତି ଭଲ ବାଜା ନ ଥାଇ କେବଳ ତୋଲକ ବଂଶୀ ଇତ୍ୟାଦ ମଧୁର ବାଜା ବାଜି-ବ । ମାତ୍ର ଏଥିରେ ସୁଦ୍ଧା ମୁସଲମାନଙ୍କର ତୃପ୍ତି ହେଲା ନାହିଁ । ସେମାନେ ମସଜିଦମଧ୍ୟରେ ଠେଙ୍ଗା ବାଡି ପଥର ପ୍ରଭୃତି ସଂଗ୍ରହ କରି ସ-ନଦ୍ଧ ହୋଇ ଥିଲେ । ପୁଲିସ ପୂର୍ବରୁ ସତର୍କ ହୋଇ ମସଜିଦ ଗୃହପାଖରେ ପହରା ବସାଇ ଥିଲେ ଏବଂ ସ୍ୱୟଂ କଲେକ୍ଟରସାହେବ ସେଠା-ରେ ଉପସ୍ଥିତ ଥିଲେ ସୁଦ୍ଧା ମୁସଲମାନମାନେ ନ ମାନି ଗଣପତି ମେଢ଼ସଙ୍ଗେ ଥିବା ବାଦ୍ୟ ବନ୍ଦ କରାଇବାକୁ କହିବା ଓ ତାହା ନ ହେ-ବାରୁ ଠେଙ୍ଗାମାନ ଚଳାଇଲେ । କଲେକ୍ଟର ସାହେବ ନିଷେଧ କରିବାରୁ ପ୍ରଥମେ ତାହାଙ୍କୁ ଆକ୍ରମଣ କଲେ । ପୁଲିସ ଦଳ ସାହେବଙ୍କୁ ରକ୍ଷା କରିବାର ଦେଖି ମୁସଲମାନମାନେ ପୁ-ଲିସକୁ ମାଡ଼ିପିଟି କରିଲେ ପୁଲିସ ଗୋଳି-ଫାୟାର କଲେ । ଗୁଳିରେ ଜଣ ଆଘାତ ମରିଗଲେ ଏବଂ ଅନ୍ୟପାଞ୍ଚଜଣ ମଧ୍ୟରୁ ଜଣେ ଡାକ୍ତରଖା-ନାରେ ପ୍ରାଣ ତ୍ୟାଗ କଲେ । ଗୁଳି ଭୟରେ ଦଙ୍ଗାକାରୀମାନେ ପଳାଇ ଗଲେ ଏବଂ ପରସ୍ପ-ରରେ ଗୋଳମାଳ ଘଟିବାରୁ ହିନ୍ଦୁମାନେ ନି-ର୍ବିଘ୍ନରେ ମେଢ଼ ଘେନି ଚାଲିଗଲେ । ସୁତରାଂ ଏହି ଦଙ୍ଗା ହିନ୍ଦୁ ଓ ମୁସଲମାନ ମଧ୍ୟରେ ନୁହେ, ମାତ୍ର ମୁସଲମାନ ଓ ପୁଲିସ ମଧ୍ୟରେ । କେତେଜଣ ମୁସଲମାନ ଧରାହୋଇ ବିଚାରା-ଧୀନରେ ଅଛନ୍ତି ।

---

ଗତ ସପ୍ତାହରେ ବଙ୍ଗବାସୀର ପଞ୍ଜିକା ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ବାହା-ରିଅଛି । ଲେଖକ ଦେଖାଇ ଅଛନ୍ତି ଯେ ବଙ୍ଗ-ଳାର ନାନା ପଞ୍ଜିକାରେ ଅସନ୍ତୋଷ ଦୁର୍ଗୋତ୍ସବର ସନ୍ଧିପୂଜାର ସମୟ ଭିନ୍ନ ଭିନ୍ନ ପ୍ରକାର ପ୍ରଦତ୍ତ ହୋଇଅଛି । ଯଥା ଆଗାମୀ ଶୁକ୍ରବାର ବଙ୍ଗବାସୀ ପଞ୍ଜିକା ମତରେ ଅପରାହ୍ନ ୫ ।୪୫ ଗୁପ୍ତ ପ୍ରେସ ପାଞ୍ଜି ମତରେ ୬ ।୩୭ ଦଣ୍ଡ ବୃନ୍ଦାବନ ପାଞ୍ଜିମତରେ ୬ ।୭ ବେଳେ ସନ୍ଧିପୂଜା ହେବ । ସୁତରାଂ ଏହି ସମସ୍ତ ଏବଂ ବଙ୍ଗଳାର ଆଉ କେତେ ପାଞ୍ଜି ମତରେ ଅପରାହ୍ନ ପ୍ରାୟ ୫ ।୪ ଘଡ଼ି ସମୟରେ ସନ୍ଧିପୂଜାର ବେଳ ଧାର୍ଯ୍ୟ ହୋଇଅଛି । କେବଳ ବଙ୍ଗଳାର ନୂତନ ସିଦ୍ଧାନ୍ତ ପାଞ୍ଜିରେ ଦିବା ୧୦ ।୪୭ ମିନିଟ ଧାର୍ଯ୍ୟ ହୋଇ ଅଛି । ଉତ୍କଳର ପାଞ୍ଜିରେ ୧୦ ।୫୬ ମିନିଟରେ ସନ୍ଧିପୂଜା ହେବାର ଲେଖା ଅଛି । ଇଂରାଜୀ ଗଣନା ମତରେ ଶୁକ୍ରବାର ୧୦ ।୪୭ ମିନିଟ-ପର୍ଯ୍ୟନ୍ତ ଅଷ୍ଟମୀ ଶେଷ ହେବ । ଇଂରାଜୀ ଗଣ-ନା ଯେ ସର୍ବାପେକ୍ଷା ଠିକ ଏଥିରେ ସନ୍ଦେହ ନାହିଁ ଏବଂ ଉକ୍ତ ସିଦ୍ଧାନ୍ତ ପାଞ୍ଜି ତହିଁସଙ୍ଗେ ଐକ୍ୟ ହେବାରୁ ତାହା ଶୁଦ୍ଧ ଠିକ ବୋଲିବାକୁ ହେବ । କଲିକତା ଓ ପୁରୁଷୋତ୍ତମ ମଧ୍ୟରେ ମିଂ ୧ ମିନଟ ଅନ୍ତର ସୁତରାଂ ଉତ୍କଳପଞ୍ଜିକାର ଗ-ଣନା ଠିକ ହେଉଅଛି । ମାତ୍ର ଅନ୍ୟାନ୍ୟ ପାଞ୍ଜିରେ ସର୍ବଦା କାଳ ଅନ୍ତର ପଡ଼ିବାରୁ ସେ ସବୁକୁ ଠିକ ବୋଲିଯାଇ ନ ପାରେ । ବଡ ଆଶ୍ଚ-ର୍ଯ୍ୟର ବିଷୟ ଯେ ବଙ୍ଗଳାର ଅନେକ ପଣ୍ଡିତ ପାଞ୍ଜିର ସ୍ଥାନ ପ୍ରତି ମନୋଯୋଗୀ ନ ହୋଇ ଭ୍ରମ ଗଣନାନୁସାରେ କାର୍ଯ୍ୟ କରୁଅଛନ୍ତି ଏବଂ ଏହିକଥାକୁ ଆପଣାପଣ ସମର୍ଥନ କରୁଅଛନ୍ତି କି ସୂର୍ଯ୍ୟସିଦ୍ଧାନ୍ତମତରେ ଗଣନା ଦ୍ୱାରା ଯେଉଁ କାଳ ପଡ଼େ ସେହି କାଳରେ କାର୍ଯ୍ୟ କରିବାକୁ ହେବ । ପ୍ରତ୍ୟକ୍ଷ ଫଳ ପ୍ରତି ଦୃଷ୍ଟି କରିବା ଉଚିତ ନୁହେ । ତାହା ନ ହେଲେ ବ

କୁଳଦେବଙ୍କୁ ବୋଲି ପୁରୁଣା କଥା ରହି ଅଛି । ଉକ୍ତ ବଳରେ ବଳକୁ ଖ୍ରୀଷ୍ଟ ବୋଲିବାକୁ ହେବ ।

---

ବଙ୍ଗ ପ୍ରଦେଶର ଦାତବ୍ୟ ଚିକିତ୍ସାଳୟ ମାନଙ୍କର ସନ ୧୮୯୪ ସାଲର ବାର୍ଷିକ ବିବରଣରୁ ପ୍ରକାଶ ଯେ ଗତବର୍ଷ ଏ ସବୁ ଚିକିତ୍ସାଳୟର ସଂଖ୍ୟା ୩୩୯ ଥିଲା ଏ ବର୍ଷ ୩୮୩ ହୋଇଅଛି । ଓଡ଼ିଶାର ଚିକିତ୍ସାଳୟମାନ ୨୫ ଠାରୁ ୩୨ କୁ ବୃଦ୍ଧି ହୋଇଅଛି । ଚିକିତ୍ସାଳୟ ବୃଦ୍ଧି ସଙ୍ଗେ ୨ ରୋଗିଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ହୋଇ ଅଛି । ତଥାପି ମୋଟ ଲୋକ ସଂଖ୍ୟା ରୂପରେ ଦେଖାଯିବ ଚଳେ ଶତକଡ଼ା ଛଅଜଣରୁ ଅଧିକ ଚିକିତ୍ସା ପାଇ ନାହାନ୍ତି । ଯାହା ହେଉ ବର୍ଷକୁ ବର୍ଷ ସଂଖ୍ୟା ବୃଦ୍ଧି ହେବାରୁ ଜଣା ଯାଉଅଛି ସୁଚିକିତ୍ସା ଲାଭ କରିବାକୁ ଲୋକେ କ୍ରମାଗତ ଅଗ୍ରସର ହେଉ ଅଛନ୍ତି । ବର୍ତ୍ତିତ ବର୍ଷରେ ଏ ସବୁ ଚିକିତ୍ସାଳୟର ମୋଟ ବ୍ୟୟ ୭ ଲକ୍ଷ ୯୭ ହଜାର ଟଙ୍କା ହୋଇ ଥିଲା । ଏଥି ମଧ୍ୟରେ ଗବର୍ଣ୍ଣମେଣ୍ଟଙ୍କ ଖାସ ତହବିଲରୁ କେବଳ ୭୭ ହଜାର ଦିଆ ଯାଇଅଛି । ଅବଶିଷ୍ଟ ସମସ୍ତ ଟଙ୍କା ମିଉନିସିପାଲିଟି ଡିଷ୍ଟ୍ରିକ୍ଟ ବୋରଡ ଫଣ୍ଡରୁ ଏବଂ ଜନସାଧାରଣଙ୍କ ଚାନ୍ଦାଦ୍ୱାରା ସଂଗୃହୀତ ହୋଇ ଅଛି । ଯେଉଁ ରୋଗିମାନେ ଡାକ୍ତର ଖାନାରେ ରହି ଚିକିତ୍ସିତ ହୁଅନ୍ତି ସେମାନଙ୍କ ଖାଇବା ଖରଚ ହାସପାତାଲ ଫଣ୍ଡ ପ୍ରତି ବାର୍ଷିକ ୫ ୩୯ ୯ ହାରୁ ଅଧିକ ପଡ଼ ନାହିଁ । ଏଥିକୁ ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ନା କରନ୍ତି କ ଏହି ବ୍ୟୟ ଅତ୍ୟନ୍ତ ଊଣା ଅଟେ । ଏବଂ ଏଥିପାଇଁ ସେ ଏ ଆଦେଶ ଦେଇ ଅଛନ୍ତି କ ଖାଇବା ଖରଚ ବଢ଼ାଇବାର ଅଭିପ୍ରାୟ ଚେଷ୍ଟା ରୋଗିମାନଙ୍କର ଡାକ୍ତର ଖାନାରେ ରହିବାପ୍ରତି ଅଶ୍ରଦ୍ଧା ଜନ୍ମାଉ ଅଛି କି ନା ଚିକିତ୍ସାଳୟ ସମୂହର ଇନସପେକ୍ଟର ଜେନେରଲ ଉହିଁର ବିଷୟ ଅନୁସନ୍ଧାନ କରିବେ । ଆମ୍ଭେମାନେ ଆଶା କରୁଁ କି ଏହି ଅନୁସନ୍ଧାନଦ୍ୱାରା ସୁଫଳ ଲାଭ ହେବ । ବାସ୍ତବରେ ରୋଗିଙ୍କ ଆହାର ବିଷୟରେ ଟିକିଏ ମୁକ୍ତହସ୍ତ ହେବା ଆବଶ୍ୟକ ।

---

ଲାଖରାଜ ବାଜ୍ୟାପ୍ତି ସତ୍ତ୍ୱ ।

ପୂର୍ବ ପ୍ରବନ୍ଧରେ ଆମ୍ଭେମାନେ ଗତ ବନ୍ଦୋବସ୍ତ ରିପୋର୍ଟର କମିଶନର ମିଲ୍‌ସ୍ ସାହେବଙ୍କ ନିର୍ଦ୍ଧାରଣୀର ଉଲ୍ଲେଖ କରୁଅଛୁଁ । ସେ ନିର୍ଦ୍ଧାରଣୀରେ ଏ ସମ୍ବନ୍ଧରେ ଯାହା ଲେଖା ଅଛି ତାହା ଅତି ପ୍ରୟୋଜନୀୟ ଥିବା ହେତୁ ଅବିକଳ ନିମ୍ନେ ଉଦ୍ଧାର କଲୁଁ । ଯଥା;—

Resumptions.—Proprietors of tenures exceeding 75 acres have been admitted to immediate engagement with Government, and are entitled to Malikana on recusancy.

Lakhrajdars, whose tenures are less than 75 acres, have been permitted to hold their lands as dependent talooks. The Zemindars are considered to have no title, under the law of 1793, to be regarded as proprietors, &c. and in that capacity to receive Malikana on the rental of resumed Lakhraj lands.

Section 22, Regulation XII of 1805, declares the revenue assessed on resumed lands to belong to Government, and the second clause of the same section provides that the settlement should be made with the dis-seized lakhrajdars, not with the Zemindars.

Note.—In some cases the Moquoddums have been granted 10, and the Zemindars 5.

The Lakhrajdars whose tenures are situated in Mokqaddumee villages, pay through the Moquoddum; the Zemindar and Moquoddum respectively receiving $7\frac{1}{2}$ per cent, on the payments for which they severally, become responsible.

The resumed lands have been assessed very moderately. The Collectors were particularly enjoined not to attempt to make them pay (without reference to previous payments) at the same rate as the surrounding hasilate. To have assessed these lands at the rate paid by the ryotee lands of the same quality would have, in fact, nullified the great boon of a half rental settlement, so graciously granted to the Lakhrajdars of Cuttack who had posession of their holdings before and since the conquest.

The following rules have been observed in regard to absent and recusant proprietors of resumed tenures:—

The lands of an absent proprietor are formed, for a period of 10 years under sec. 29, Regulation VIII of 1793; those of recusants for 12 years, under section 12, Regulation VII of 1822, in either case they are entitled to Mallikana.

Sudder Mehals or tenures of 75 acres in extent and upwards.

The right re-entry is absolute, not relative; if the proprietor recuses he is allowed the option of re-entry after the period of 10 years, if he does not attend after the issue of the notice, he is held to have forfeited all right of re-entry. The time for attendance ceases with the confirmation of the settlement. Every indulgence wa conceded to the Talookdars or occupants in the matter of attendances; they were allowed to settle for their holdings during the period which intervened between the closing of the roidad and the confirmation of the settlement proceedings, and a ready disposition was generally evinced by all to engage for their holdings. On no account should petitions for re-entry be now entertained.

Dependent talooks less in extent than 75 Acres.

ଏଥିରୁ ପାଠକମାନେ ଦେଖିବେ ଯେ ବାଜ୍ୟାପ୍ତିଦାରଙ୍କର ସମ୍ପୂର୍ଣ୍ଣ ମାଲିକସ୍ୱତ୍ୱ ଗବର୍ଣ୍ଣମେଣ୍ଟ ସ୍ୱୀକାର କରିଅଛନ୍ତି । ବର୍ତ୍ତମାନ କେଉଁ ମତରେ ଗବର୍ଣ୍ଣମେଣ୍ଟ ସେମାନଙ୍କର ମାଲିକାସ୍ୱତ୍ୱ କାଢ଼ିନେଇ ତାଙ୍କୁ ସାଧାରଣ ଅଥବା ବିଶେଷ ରୟତ ସ୍ୱରୂପ ପରିଗଣିତ କରିବେ ତାହା ଆମ୍ଭମାନଙ୍କର କ୍ଷୁଦ୍ରବୁଦ୍ଧିର ଅମ୍ୟ ନାହିଁ । ମା ୭୫ ଣର ଅଧିକା ଭୂମ୍ୟଧିକାରୀଙ୍କୁ ସଦର ମାଲ୍‌ଗୁଜାରଦାର କରି ଗବର୍ଣ୍ଣମେଣ୍ଟ ଜମିଦାରଙ୍କ ପ୍ରାପ୍ୟ ଅଂଶଣୀ ଖଜଣାକୁ ପ୍ରତ୍ୟକ୍ଷଭାବରେ ( direct ) ସ୍ୱକୀୟ ଆଦାୟ କରୁଅଛନ୍ତି ଏବଂ ତଦୂର୍ଦ୍ଧ୍ୱ ଊଣା ଭୂମ୍ୟଧିକାରୀଙ୍କୁ ଅଧୀନ ତାଲୁକଦାର କରି ମୋକଦ୍ଦମମାନଙ୍କ ପ୍ରାପ୍ୟ ପରୋକ୍ଷଭାବରେ ( indirectly ) ସ୍ୱକୀୟ ଆଦାୟ କରୁଅଛନ୍ତି । ମାତ୍ର ଜମିଦାର ଓ ମୋକଦ୍ଦମମାନଙ୍କ ପ୍ରାପ୍ୟ ସେମାନଙ୍କ ବାଜ୍ୟାପ୍ତି ଭୂମିରେ ସମ୍ପୂର୍ଣ୍ଣ ଅଧିକାର ରହିଅଛି । ସେ ସ୍ୱତ୍ୱ କାଢ଼ି ନେବା

Digitized by srujanika@gmail.com

Split by PDF Splitter



ଅଇନ ବିରୁଦ୍ଧ ଅଟଇ । ପରନ୍ତୁ ଗତ ବନ୍ଦୋବସ୍ତରେ ଅଧାଳିମାନଙ୍କର କର ଧାର୍ଯ୍ୟ ହେବାର ନିୟମ ପ୍ରଚଳିତ ଥିଲେହେଁ ଜାଇଗ୍ରାପ୍ତିଂଦାରମାନେ ସେଥିର ସମ୍ପୂର୍ଣ୍ଣ ଫଳଭୋଗୀ ହୋଇ ନ ପାରିବା ନିବେଦନାରେ ଗୌରବ ଦଳିଲରୁ ସୁଦ୍ଧା ଉଣା ପରିମାଣରେ ଜମିର ଜମା ଧାର୍ଯ୍ୟ ହୋଇ ତହିଁରୁ ଅର୍ଦ୍ଧେକ ଜାଇଗ୍ରାପ୍ତିଂଦାରଙ୍କୁ ମାଫି ଦିଆଯାଇଥିଲା । ବର୍ତ୍ତମାନ ବନ୍ଦୋବସ୍ତରେ ପୂର୍ଣ୍ଣ ଗୌରବ ଜମାରେ କର ଧାର୍ଯ୍ୟ ହୋଇ ସୁଦ୍ଧା ଗବର୍ଣ୍ଣମେଣ୍ଟ ଅର୍ଦ୍ଧେକ ମାଫି ଦେବାକୁ କୁଣ୍ଠିତ । ଆମ୍ଭେମାନେ ଇତିପୂର୍ବେ ଦେଖାଇଅଛୁଁ ଯେ ଅଇନ ଅନୁଯାୟୀ ଜାଇଗ୍ରାପ୍ତିଂଦାରମାନେ ଅର୍ଦ୍ଧେକ ମାଫି ପାଇବାର ହକଦାର । ଏଥିର ବିପରୀତ କରିବା ଗବର୍ଣ୍ଣମେଣ୍ଟଙ୍କର ଅଧିକାର ବହିର୍ଭୂତ ଅଟଇ । ଜମିର ଉପଯୁକ୍ତ ଜମା ଗବର୍ଣ୍ଣମେଣ୍ଟ ପାଇବାର ହକଦାର ହେଲେହେଁ ଲୋକଙ୍କର ଅଧିକାର କାଢ଼ିନେବା ଅଥବା ସେମାନଙ୍କୁ କର ଭାରରେ ଉତ୍ପୀଡ଼ିତ କରିବା କଦାପି ସୁଶାସନ ସଙ୍ଗତ ନୁହଇ ।

---

## ଓଡ଼ିଶାର ଲବଣ ବ୍ୟବସାୟ ।

ଓଡ଼ିଶାରେ ଅନ୍ୟାନ୍ୟ ବ୍ୟବସାୟ ତୁଳନାରେ ଲବଣ ବ୍ୟବସାୟ ଲାଭକର ନ ହେବାରୁ ଅଥବା ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରିତ ଓଡ଼ିଶା ସମ୍ବନ୍ଧୀୟ ଲବଣ ପୋତ୍ତାନର ନିୟମାବଳୀ ଉପଯୋଗୀ ନ ହେବାରୁ ଓଡ଼ିଶାର ଲବଣ ବ୍ୟବସାୟ ଧ୍ୱଂସ ହୋଇ ଅଛି ଏହା ନିଶ୍ଚୟର ବିଷୟ କରିବା ଓଡ଼ିଶାବାସିଙ୍କର ଏକାନ୍ତ ଆବଶ୍ୟକ ଅଟେ । ଆମ୍ଭମାନଙ୍କ ବିବେଚନାରେ ନିମ୍ନଲିଖିତ କାରଣଟି ପ୍ରକୃତ ଅଟେ । ଓଡ଼ିଶାର ଲବଣ ବ୍ୟବସାୟ ଯେଉଁ ସମୟରେ ସରକାରଙ୍କ ହାତରେ ଥିଲା ସେତେବେଳେ ବାର୍ଷିକ ପ୍ରାୟ ୬୦ ଲକ୍ଷ ମହଣ ଲବଣ ପୋତ୍ତାନ ହେଉ ଥିଲା । ତହିଁମଧ୍ୟରୁ ୨୫ ଲକ୍ଷ ମହଣ ଓଡ଼ିଶାରେ ଖରଚ ହୋଇ ସୁଦ୍ଧା ଉଦ୍ବୃତ୍ତ ହୁଏରୁ ପ୍ରାୟ ୧୮ ଲକ୍ଷ ମହଣ କଲିକତାକୁ ରପ୍ତାନି ହେଉଥିଲା । ସରକାରୀ ହିସାବରୁ ପ୍ରକାଶ ଯେ ସନ ୧୮୭୦।୭୧ ସାଲରେ ବାଲେଶ୍ବରରେ ୭ ଲକ୍ଷ କଟକରେ ୩ ଲକ୍ଷ ଏବଂ ପୁରୀରେ ୧୬ ଲକ୍ଷ ମହଣ ଲବଣ ପୋତ୍ତାନ ହୋଇଥିଲା ଏବଂ ସେବର୍ଷ ମଧ୍ୟ କଲିକତାକୁ ଓ ଅନ୍ୟାନ୍ୟ ସ୍ଥାନକୁ ୧୨ ଲକ୍ଷମହଣ ରପ୍ତାନି ହୋଇଥିଲା । ଲବଣ ବ୍ୟବସାୟରେ ଓଡ଼ିଶାକୁ କେତେ ଧନାଗମ ହେଉଥିଲା ଏଥିରୁ ପାଠକମାନେ ଅନୁମାନ କରିବେ । ଏହି ସମୃଦ୍ଧିଶାଳୀ ବ୍ୟବସାୟରେ ପ୍ରଥମ ବାଧା ବିଲାତି ଲବଣଦ୍ୱାରା ସନ ୧୮୬୧ ସାଲରେ ଘଟିଲା । ବିଲାତି ଲବଣ ତହିଁର କେତେ ବର୍ଷପୂର୍ବରୁ କଲିକତାକୁ ଆସୁଥିଲା ମାତ୍ର ତାହା ଅପବିତ୍ର ଥିବା ବିଶ୍ୱାସରେ ହିନ୍ଦୁମାନେ ବ୍ୟବହାର କରୁ ନ ଥିଲେ । କ୍ରମେ ଏ ବିଶ୍ୱାସ ଶିଥିଳ ହେବାରୁ ସେହି ସନ ୧୮୬୧ ସାଲରେ କଲିକତାରେ ୩୮ ଲକ୍ଷ ମହଣ ବିଦେଶି ଲବଣ ବିକ୍ରୟ ହେଲା ଯାହା କି ସମସ୍ତ ବଙ୍ଗ ପ୍ରଦେଶର ଛମାସର ଖରଚକୁ ସରି ଅଟେ । ବିଲାତି ଲୁଣର ବଡ଼ ପସରାର ରୂପ ଲୋକଙ୍କ ମନକୁ ଏମନ୍ତ ମୋହିନେଲା ଯେ ଓଡ଼ିଶା ଲବଣର ଆଦର କଲିକତାରେ ରହିଲା ନାହିଁ ଏବଂ ବିକ୍ରୟ ଉଣା ହେବାରୁ ସରକାର କ୍ରମେ ଓଡ଼ିଶାର ପୋତ୍ତାନ ଉଣାକରି ସନ ୧୮୬୩ ସାଲରେ ଏକାବେଳକେ ଉଠାଇ ଦେଲେ । ଏଥି ମଧ୍ୟରେ ବ୍ୟବସ୍ଥା ମଧ୍ୟ ହୋଇ ଗଲା ଯେ ସରକାର ଲବଣ ବ୍ୟବସାୟ କରିବେ ନାହିଁ ମାତ୍ର ଯେ କେହି ଲବଣ ପ୍ରସ୍ତୁତ ଓ ବିକ୍ରୟ କରିବାପାଇଁ ଇଚ୍ଛା କରିବ ସରକାରୀ ମାଶୁଲ ଦେଇ ଓ ଆବଶ୍ୟକ ବନ୍ଦୋବସ୍ତ ତାହା ସଙ୍ଗେ କରି ଅନୁମତି ଦେଇ ପାରିବେ । ଏହି ଅନୁମତି ଅର୍ଥାତ୍ ଲାଇସେନ୍ସ ପ୍ରଥା ସନ ୧୮୬୫।୬୬ ସାଲରେ ପ୍ରଥମେ ଓଡ଼ିଶାରେ ପ୍ରଚଳିତ ହୋଇ ସେବର୍ଷ କେବଳ ବାଲେଶ୍ୱରରେ ୩୧ ହଜାର ମହଣ ଲବଣ ପ୍ରସ୍ତୁତ ହୋଇଥିଲା । ତହିଁ ଆରବର୍ଷ କଟକ ଓ ତତ୍ପରବର୍ଷରୁ ପୁରୀରେ ପୋତ୍ତାନ ଆରମ୍ଭ ହୋଇ କ୍ରମେ ସକଳ ଜିଲ୍ଲାର ପୋତ୍ତାନ କେତେକ ବର୍ଷପର୍ଯ୍ୟନ୍ତ ବୃଦ୍ଧି ହେଲା । ଯଥା ସନ ୧୮୬୯।୭୦ ସାଲରେ ବାଲେଶ୍ୱରରେ ୧୪ ଲକ୍ଷ କଟକରେ ୭୨ ହଜାର ଏବଂ ପୁରୀରେ ୩୫ ଲକ୍ଷ ମହଣ ଗାଏ ୫୫ ଲକ୍ଷରୁ ଅଧିକ ଏବଂ ସନ ୧୮୭୩।୭୪ ସାଲରେ ବାଲେଶ୍ୱରରେ ୧ ଲକ୍ଷ ୮୨ ହଜାର କଟକରେ ୫୩ ହଜାର ଏବଂ ପୁରୀରେ ୨ ଲକ୍ଷ ୯୫ ହଜାର ଗାଏ ୫ ଲକ୍ଷ ମହଣରୁ ଅଧିକ ପୋତ୍ତାନ ହୋଇଥିଲା । ତହିଁପରରୁ ଦୁଇବର୍ଷ ଅର୍ଥାତ୍ ସନ ୧୮୭୪।୭୫ ଓ ସନ ୧୮୭୫।୭୬ ରେ ପ୍ରତିବର୍ଷ ଦୁଇଲକ୍ଷ ମହଣରୁ ଅଧିକ ଅର୍ଥାତ୍ ଶେଷ ଉକ୍ତ ବର୍ଷରେ କଟକରେ ୪୨ ହଜାର ପୁରୀରେ ୩ ଲକ୍ଷ ୧୭ ହଜାର ଏବଂ ବାଲେଶ୍ୱରରେ ୮୯ ହଜାର ଗାଏ ୪ ଲକ୍ଷ ୪୭ ହଜାର ମହଣ ଲବଣ ପ୍ରସ୍ତୁତ ହୋଇଥିଲା । ଗତ ବର୍ଷାଗାର ଯୋଗ ଉପରେ ପୋତ୍ତାନ ନିର୍ଭର କରିବାରୁ ସବୁବର୍ଷ ସମାନ ପରିମାଣ ପୋତ୍ତାନ ନ ହେଲେହେଁ ଓଡ଼ିଶାର ସରଭନମନ୍ତେ ବାର୍ଷିକ ଯେତେ ଲବଣ ପ୍ରୟୋଜନ ତହିଁର ଅଧେ ବା ଦପପଣ ପ୍ରସ୍ତୁତ ହେଉଥିଲା ଓ ତାହା ବିକ୍ରୟ ହୋଇ ଯାଉଥିଲା ଏଥିରେ ସନ୍ଦେହ ନାହିଁ । ସନ ୧୮୮୭।୮୮ସାଲରୁ ଓଡ଼ିଶାର ଲବଣମହଲମାନ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ଅଧୀନକୁ ବଦଳ ହୋଇଗଲା । ସେ ବର୍ଷ କେବଳ ୨୨ ହଜାର ମହଣ ଏବଂ ତହିଁ ଆରବର୍ଷ ସନ ୧୮୮୮।୮୯ ରେ ଏକଲକ୍ଷରୁ କିଞ୍ଚିତ ଅଧିକ ଓ ସନ ୧୮୮୮।୮୯ ରେ ଅର୍ଥାତ୍ କଟକରେ ଦୁଇଲକ୍ଷରୁ କିଛି ଅଧିକ ପୋତ୍ତାନ ହୋଇଥିଲା । ଏହିବର୍ଷଠାରୁ କେହି ଲୋକ ପୋତ୍ତାନ କଲେ ନାହିଁ ଓ ନିମକ ଦପ୍ତରକୁ ଯାହା ପୋତ୍ତାନ ହେଲା ତହିଁର ପରିମାଣ ଏପର୍ଯ୍ୟନ୍ତ କେବେ ୭୦ ହଜାର ମହଣରୁ ଅଧିକ ହୋଇ ନାହିଁ । ସନ ୧୮୯୩।୯୪ ରେ କେବଳ ପୁରୀରେ ୧୫ହଜାର ମହଣ ପୋତ୍ତାନ ହୋଇଥିଲା । ବର୍ତ୍ତମାନ ଓଡ଼ିଶାର ସରଭ ନମନ୍ତେ ଯେତେ ଲବଣ ପ୍ରୟୋଜନ ତାହା ଗଞ୍ଜାମ ଓ କଲିକତାରୁ ଆମଦାନି ହେଉଅଛି । ଏହି ଆମଦାନିର ପରିମାଣ ସନ ୧୮୮୧।୮୨ ରେ ପ୍ରାୟ ୩ ଲକ୍ଷ ମହଣ ଥିବା ସ୍ଥଳରେ ସନ ୧୮୯୩।୯୪ ସାଲରେ ୭ ଲକ୍ଷ ୩୪ ହଜାର ମହଣ ପର୍ଯ୍ୟନ୍ତ ଉଠିଅଛି ଏବଂ ଏଥିମଧ୍ୟରେ କଲିକତାରୁ ଆମଦାନି ହେବା ବିଲାତିଲୁଣର ପରିମାଣ ୨ଲକ୍ଷ ୮୫ ହଜାର ମହଣ ଅଟେ ।

ଉପରଲିଖିତ ବିବରଣରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ଓଡ଼ିଶାର ଲବଣ ବ୍ୟବସାୟର ପ୍ରଧାନ ବାଧା ବିଲାତି ଲବଣର ଆଦର ହେବୁ ସତ୍ୟ ସେ ଅବନତିର ମୂଳକାରଣ ଶସ୍ତା ଦର ଅଟେ ସେମନ୍ତ କି ବିଲାତି ଦ୍ରବ୍ୟର ଶସ୍ତା ଦର ହେବାରୁ ଦେଶୀୟ ଲୁଗା ତେଲ ଇତ୍ୟାଦି ଅନେକ ଦ୍ରବ୍ୟର ବ୍ୟବସାୟ ନଷ୍ଟ ହେଉଅଛି । ପୂର୍ବପରି କୌଣସି ବ୍ୟବସାୟରେ ବର୍ତ୍ତମାନ ଲାଭ ନାହିଁ ଏବଂ ଅମୃତ ଅଭାବରେ ବ୍ୟବସାୟ ନ କଲେ ଆଶାନୁରୂପ ଲାଭର ସମ୍ଭାବନା ନାହିଁ । ତଥାଚ ଲୋକେ ତହିଁ ବ୍ୟବସାୟ କରୁ ଛାଡ଼ିବା ଇଚ୍ଛା କରୁଅଛନ୍ତି ଏବଂ ଲବଣସମ୍ବନ୍ଧରେ ମଧ୍ୟ ସେହିପରି ହୋଇଥିଲା । ଅର୍ଥାତ୍ ସରକାରୀ ପୋତ୍ତାନ ଉଠିଯିବା ଦିନରୁ ଓଡ଼ି-

Digitized by srujanika@gmail.com

ଖାର୍ ଲବଣବିଭାଗ ମାନ୍ଦ୍ରାଜ ଇମଲ୍ଲା ମହଲୁମାର ଅଧୀନ ହେବା ପର୍ଯ୍ୟନ୍ତ ଲବଣ ବ୍ୟବସାୟୀ ଏକତ୍ରକାର ଭଲରୂପେ ଚାଲୁଥିଲା । ମାନ୍ଦ୍ରାଜ ଇମଲ୍ଲାବିଭାଗ ଓଡ଼ିଶା ଲବଣମହଲୁମାର ଭାର ନେଇ ଏହିକଥା ପ୍ରଥମରୁ ବୁଝିନା କଲେ ଯେ ଓଡ଼ିଶାରେ ବିସ୍ତର ବିଦେଶୀ ଲୁଣର କାରବାର ହେବାହେତୁ ଲୁଣ ଯୋଗାଣ ହେଉ ନାହିଁ ଏବଂ ପଙ୍ଗା ଲୁଣରେ ବିଦେଶୀ କାରବାରର ସୁବିଧା ଅଧିକ ଥିବା ବିବେଚନା କରି ସେ ଯୋଗାଣ ଏକାବେଳକେ ଉଠାଇ ଦେଲେ । କଟକ ଓ ବାଲେଶ୍ୱରରେ କେବଳ ପଙ୍ଗାଲୁଣ ଯୋଗାଣ ହେଉଥିଲା ଏବଂ କଟକର ଉତ୍ତରାଂଶ ଏବଂ ବାଲେଶ୍ୱରର ସମସ୍ତ ଲୋକ କେବଳ ପଙ୍ଗାଲୁଣ ବ୍ୟବହାର କରନ୍ତି । ସୁତରାଂ ଯୋଗାଣ ଉଠିଯିବାରୁ ସେମାନେ ବାଧ ହୋଇ କେବଳ ବିଲାତି ଲୁଣର ଆଶ୍ରୟ ନେଲେ ଏବଂ ସରକାର ଚେଷ୍ଟା କରି ମଧ୍ୟ ଗୋଡ଼ା ଲୁଣ ସେ ଅଞ୍ଚଳରେ ପ୍ରସ୍ତୁତ କରିପାରିଲେ ନାହିଁ ସୁତରାଂ ଯେତେ ଗୋଡ଼ା ଲୁଣ ପୂର୍ବେ ହେଉଥିଲା ମାନ୍ଦ୍ରାଜ ଇମଲ୍ଲା ମହଲୁମାରେ ତାହା ସୁଦ୍ଧା ହୋଇପାରୁ ନାହିଁ । ଅତଏବ ଆମ୍ଭେମାନେ କହୁଅଛୁ ଯେ ବିଲାତର ପ୍ରତିଯୋଗିତାଦ୍ୱାରା ଓଡ଼ିଶା ଲବଣ କାରବାରର ଆଂଶିକ ଅନିଷ୍ଟ ଘଟିଲେହେଁ ମାନ୍ଦ୍ରାଜଇମଲ୍ଲା ବିଭାଗର କାର୍ଯ୍ୟଦ୍ୱାରା ଏ ବ୍ୟବସାୟର ସମ୍ପୂର୍ଣ୍ଣ କ୍ଷତି ହୋଇଅଛି । ଏଥିରେ ସନ୍ଦେହ ନାହିଁ ନଷ୍ଟ ହେବା ବ୍ୟବସାୟର ପୁନରୁଦ୍ଧାର ସହଜ ବ୍ୟାପାର ନୁହେଁ । ମାତ୍ର ଯେଉଁଠାରେ ବ୍ୟବସାୟର ଉନ୍ନତି ସମ୍ଭାବେ ଓଡ଼ିଶାର ଇମଲ୍ଲା ମହଲୁମାର ଭାର ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଅର୍ପିତ ହୋଇଥିଲା ମାତ୍ର ତଦ୍ୱାରା ବିପରୀତ ଫଳ ହେଲା ସେ ସ୍ଥଳେ ସେ ମହଲ୍ଲ ମାନ ମାନ୍ଦ୍ରାଜର ଅଧୀନରୁ ଫେରାଇଆଣିବା ଉଚିତ ଏଥିରେ ଦ୍ୱିମତ ହୋଇ ନ ପାରେ । ତହିଁଉତ୍ତାରୁ ଅନ୍ୟ ଯେ ବ୍ୟବସ୍ଥା ହେବ ତାହା ବିବେଚନା କରିବାକୁ ହେବ ।

ଗତ ୧୮୯୪।୯୫ ମସିହାର ଏଣ୍ଟ୍ରାନ୍ସ ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ଯଥା—

| | | |
|---|---|---|
| ବୈକୁଣ୍ଠନାଥ ପାଣି ସମ୍ବଲପୁର ଓଡ଼ିଶା ରେଭେନ୍ସା କଲେଜ | | ଟ ୩ |
| ବ୍ରଜନାଥ ଦାସ ପର୍ଣ୍ଣ ବାଲେଶ୍ୱର ବାରବାଟି | | ଟ ୩ |
| ଶ୍ୟାମସୁନ୍ଦର ଦାସ ଜଗନ୍ନାଥସମ୍ଭୁ ପୁରୀ | | ଟ ୪ |
| ବୈଦ୍ୟନାଥ ଷଡ଼ଙ୍ଗୀ | ” | ଟ ୪ |
| ଶ୍ରୀମହର ପଟ୍ଟନାୟକ | ” | ଟ ୪ |
| ହର ମିଶ୍ର | ” | ଟ ୩ |
| ଶ୍ରୀମନ୍ତ ମିଶ୍ର | ” | ଟ ୩ |
| ମହାଦେବ ମିଶ୍ର | ” | ଟ ୩ |
| ଜଗନ୍ନାଥ ମିଶ୍ର | ” | ଟ ୩ |

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଓଡ଼ିଶା ବିଭାଗର କମିଶ୍ନର ଓ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ୍, ଜ, କୁକ୍ ଆଗାମୀ ଅକ୍ଟୋବର ମାସ ତା ୨୦ ରିଖଠାରୁ ଏକବର୍ଷର ଫର୍ଲୋଛୁଟି ପ୍ରାପ୍ତ ହେଲେ ।

ବୁଦ୍ୱାନର ମାଜିଷ୍ଟ୍ରେଟ ଓ କଲେକ୍ଟର ମାନନୀୟ ମି: ଇମେଷ୍ଟ୍ରନ୍‌ଡବ୍ଲୁ ସି, ଆଇ, ଇ ମିଃ ଏଚ୍, ଜ, କୁକଙ୍କ ଫର୍ଲୋଛୁଟି କାଳରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ ଓଡ଼ିଶା ବିଭାଗର କମିଶ୍ନର ଓ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହେଲେ ।

ପୁରୀର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ମନୋମୋହନ ରାୟ ମା ୧ ସ ୬ ୧୬ ନର ଛୁଟି ପ୍ରାପ୍ତ ହେଲେ ।

ଗିଦ୍ଧରର ମହାରାଜା ବାହାଦୁର ସାର୍ ରବନେଶ୍ୱର ପ୍ରସାଦ ସିଂହ କେ, ସି, ଆଇ, ଇ ବ୍ୟବସ୍ଥାପକ ସଭାର ସଭ୍ୟପଦରେ ନିଯୁକ୍ତ ହେଲେ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଗୋପାଳ ଭଟ୍ଟାଚାର୍ଯ୍ୟ ବାଲେଶ୍ୱରର ଡିଷ୍ଟ୍ରିକ୍ଟ ଅଷ୍ଟିଣ୍ଟ ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହେଲେ ଓ ପ୍ରକାଶିତ ଆଇନର ଧା ୩ ସ ପ୍ର ୧୬ ଦ୍ୱରଣାନୁସାରେ ରେଭେନ୍ୟୁ ଅଫିସର କ୍ଷମତା ପ୍ରାପ୍ତ ହେଲେ ।

କଟକ ସଦର ମୁନ୍‌ସଫ ବାବୁ ଯୋଗେନ୍ଦ୍ରନାଥ ମୁଖର୍ଜୀ ଡେପୁଟି ପ୍ରତ୍ୟାକୁ ବଦଳି ଓ ତାଙ୍କ ସ୍ଥାନରେ ମେଦିନୀପୁରର କାନ୍ଥିପୁରର ମୁନ୍‌ସଫ ବାବୁ କାର୍ତ୍ତିକଚନ୍ଦ୍ର ପାଲ ନିଯୁକ୍ତ ହେଲେ ।

ପୁରୀ ମୁନ୍‌ସଫ ବାବୁ ମନ୍ମଥନାଥ ମୁଖର୍ଜୀ ଯଶୋହରକୁ ବଦଳି ଓ ତାଙ୍କ ସ୍ଥାନରେ ଢାକା ମୁନ୍‌ସିଗଞ୍ଜର ମୁନ୍‌ସଫ ବାବୁ ନଗେନ୍ଦ୍ରନାଥ ଧର ନିଯୁକ୍ତ ହେଲେ ।

କେନ୍ଦ୍ରାପଡ଼ାର ମୁନ୍‌ସଫ ବାବୁ ଅନ୍ନଦାପ୍ରସାଦ ବାସୁ ଚୌହାଟିପୁରକୁ ବଦଳି ଓ ତାଙ୍କ ସ୍ଥାନରେ ଜଳପାଇଗୁଡ଼ିର ନବାବଗଞ୍ଜର ମୁନ୍‌ସଫ ଅଘୋରନାଥ ଚକ୍ରବର୍ତ୍ତୀ ନିଯୁକ୍ତ ହେଲେ ।

ଏ ସପ୍ତାହରେ ଏ ନଗରର ସ୍ୱାସ୍ଥ୍ୟ ଭଲ ! କେବଳ ସାମାନ୍ୟ ଜ୍ୱରରୋଗ କେତେ ଲୋକଙ୍କୁ କଷ୍ଟ ଦେଉଅଛି ।

ଆଗାମୀ ପହିଲା ତାରିଖ ସୁଦ୍ଧା କଟକର କଚେରି ବନ୍ଦ ହେବା ପ୍ରତ୍ୟକ୍ଷେ ସରକାରୀ ଆମଲାମାନେ ପୁଜାପାର୍ବଣ ଅବସରରେ ବେତନ ନ ପାଇବାରୁ ବଡ଼ ବିବ୍ରତ ଅଛନ୍ତି ।

ମାନ୍ଦ୍ରାଜର ଗବର୍ଣ୍ଣର ଲର୍ଡ୍‌ ୱେନଲକସାହେବଙ୍କ ସ୍ଥାନରେ ଇଂଲଣ୍ଡର ବର୍ତ୍ତମାନ ଗବର୍ଣ୍ଣର ସର ଆର୍ଥର ହେଭେଲକ ମହୋଦୟ ମନୋନୀତ ହୋଇ ଅଛନ୍ତି ।

ଉପାମାୟର ସମ୍ପର୍କରେ ବିଲାତ ପାର୍ଲିଆମେଣ୍ଟରେ ଉତ୍ତମାସ ତା ୩ ରିଖରେ ତର୍କ ବିତର୍କ ପଡ଼ି ଥିଲା । ମ୍ୟେକ ହୋପସାହେବଙ୍କୁ ଲର୍ଡ ଜର୍ଜ ହାମିଲଟନ ମହୋଦୟ ବୁଝାଇ ଦେଲେ ଯେ ଭାରତର ଆର୍ଥିକ ଅବସ୍ଥା ଭଲ ହେବା ସଙ୍ଗେ ଏ ମାସୁଲ ଉଠାଇ ଦେବା ଅସମ୍ଭବ ନୁହଇ ।—ସୁତରାଂ ଉପାମାସୁଲ ଯେ ଉଠିଗଲା ଏଥିରେ ଆଉ ସନ୍ଦେହ ନାହିଁ ।

ବର୍ତ୍ତମାନ ବଙ୍ଗଳାରେ ମଧ୍ୟ ମନ୍ଦଅଭିଲାଷ ସ୍ୱଳ୍ପ ପଠାଇବାକୁ ଯେବେ ମୁଣ୍ଡ ପାଉ ନାହାନ୍ତି । କ ପ୍ରାନ୍ତୀୟର ତଥା ଗବର୍ଣ୍ଣମେଣ୍ଟ ଏ ମନ୍ଦଅର୍ଥର ପ୍ରଥା ସୃଷ୍ଟି କରି ଲୋକଙ୍କୁ ଯେତେ ଲୁଣ୍ଠନ କଲେଣି ତହିଁର କାହାଣୀମାନ ଅଦ୍ୟାପି ଶେଷ ହୋଇ ନାହିଁ ।

ଗତ ମୋହରମ ସମୟରେ ବମ୍ବେ ସହରରେ ଜ ୧୧ ଣ ପୁଲିସ କର୍ମଚାରୀ ଦଙ୍ଗାହଙ୍ଗାମା କରିଥିବା ଅପରାଧରେ ଧୃତ ହୋଇ ଥିବାର ସମ୍ବାଦ ମିଳଇ । ସେମାନଙ୍କ ମଧ୍ୟରୁ ଜ ୪ ଣ ବିଚାରରେ ମା ୩ ସ ଲେଖାଏଁ ଦଣ୍ଡ ପ୍ରାପ୍ତ ହେଲେ ଏବଂ ଅବଶିଷ୍ଟ ଜ ୭ ଣ ମୁକ୍ତିଲାଭ କରିଅଛନ୍ତି ।—ଏମାନେ ସଂଠାଣ କନେଷ୍ଟବଲ ହେବେ ପରା !

କଥିତ ଅଛି କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ପଦରେ ସର ଅଲେକଜାଣ୍ଡର ମିଲର ସାହେବ ନିଯୁକ୍ତ ହେବେ । ଏ ମହାଶୟ ବର୍ତ୍ତମାନ ଭାରତ ଗବର୍ଣ୍ଣମେଣ୍ଟଙ୍କର ଆଇନ ବିଭାଗୀୟ ମନ୍ତ୍ରୀ ଅଟନ୍ତି ।

## ଯାଜପୁର—ସମ୍ବାଦ ।

ଏଠା ମିଉନିସିପାଲଟୀର ଯେଉଁ ଟେକ୍ସ ବନ୍ଦୋବସ୍ତ ହୋଇଥିଲା ତହିଁର ମିଆଦ ଗତ ହୋଇଯିବାରୁ ପୁନର୍ବାର ସନ ୧୮୯୫।୯୬ ସାଲ ଅର୍ଥାତ୍ ଅବଶିଷ୍ଟ ଅକ୍ଟୋବର ମାସଠାରୁ ନୂତନ ଟେକ୍ସ ବନ୍ଦୋବସ୍ତ ହେବା ନିମନ୍ତେ କମିଶନରମାନେ ନିଯୁକ୍ତ ହୋଇଅଛନ୍ତି । ବନ୍ଦୋବସ୍ତର ଫଳ ପରେ ପ୍ରକାଶ କରିବୁଁ ।

ଧର୍ମଶାଳା ଥାନାର ଓଲ ମହମ୍ମଦ ହେଡ଼କନଷ୍ଟବଲ ଥାନ ପଧାନ ନାମକ ଏକ ଲୋକକୁ ଏରସମୋ ମୌଜାରୁ ଧରି ଥାନାକୁ ଆଣିବା ସମୟରେ ପଥରେ ପ୍ରେମ ପଙ୍କାଇ ଦେବାକୁ ଆପଣା ଦୋଷ ପ୍ରସାଦବାଣ ବ ପାଇବ ପଠାଇଲା ମାତ୍ର ଇନସ୍ପେକ୍ଟରଙ୍କ ତଦାରଖରେ ପ୍ରକୃତ କଥା ପ୍ରକାଶ ହେବାରୁ ହେଡ଼କନଷ୍ଟବଲ ଓ ତାହା ସଙ୍ଗେ ଥିବା କନଷ୍ଟବଲ ସଲମନ୍ ଦାସ ସୁପର୍ଦ୍ଦ ହୋଇ ଏଠା ସବଡିଭିଜନ ମାଜିଷ୍ଟ୍ରେଟଙ୍କ ଦରଗ୍ରଥୀନରେ ଅଛି । ଏହମଧ୍ୟରେ ଥାନ ପଧାନ ଫେରାର ଆସାମୀ ଥିବା ହେତୁ ତାକୁ ଧରାଦେବା ଓ ପ୍ରଚୁର ଅର୍ଥ ଲୋଭରେ ଛାଡ଼ି ଦେବା ଅପରାଧରେ ଉକ୍ତ ହେଡ଼କନଷ୍ଟବଲ ସହିତ କାରାବାସ ଦଣ୍ଡ ପ୍ରାପ୍ତ ହୋଇଅଛି ।

ଚେଖାଣୀସ୍ଥା ପ୍ରଗନା କଲ୍ୟାଣପୁର ମୌଜାର ଜଗମୋହନ ଦାସ ପ୍ରଭୃତି ଜ ୧୦ ଣ କାରଣ ଥ ୭ ଇନ ଅନୁସାରେ ଅପରାଧ ନାମ ରେଜିଷ୍ଟ୍ରୀ କରିବାର ଦରଖାସ୍ତ ଦେବା ନିମନ୍ତେ ଯାଜପୁର ଆସୁଥିଲେ ବାଟରେ ବଂଶୀଧର ଦାସ ନାମକ ଏକ ଚୌକିଦାର ଉକ୍ତ ସ୍ଥଳରେ ସେମାନଙ୍କ କାର୍ଯ୍ୟ କରି ଦେବାର କହି ଅପେ ଦରଖାସ୍ତ ଲେଖି ଓ ଧୃତ ଚରଣ ଦାସ ମୁକ୍ତାରଙ୍କ ନାମ ଜାଲ ଦସ୍ତଖତ କରି ସେମାନଙ୍କ ଦାଖଲ କରିବାକୁ କହି ଦେବାରୁ ସେମାନେ ଦରଖାସ୍ତ ଦାଖଲ କଲେ; ତେବେହେଁ ଧୃତିଚରଣ ମୁକ୍ତାର ମିସଲରେ ଉପସ୍ଥିତ ଥାଇ ତାହାଙ୍କ ନାମ ଜାଲି ଦସ୍ତଖତ ହେବାର ଦେଖି ଜଣାଇବାରୁ ବଂଶୀଧରକୁ ଡାକି ପଠାଇ ମାତ୍ର ସେ ପୂର୍ବରୁ ସାବଧାନ ହୋଇ ଅଦୃଶ୍ୟ ହୋଇଅଛି । ଆଜି ପର୍ଯ୍ୟନ୍ତ ଦେଖା ଦେଉ ନାହିଁ । ସବଡିଭିଜନ ଅଫିସର ମହାଶୟ ଦରଖାସ୍ତକାରୀମାନଙ୍କ ଉପରେ ଦଣ୍ଡବିଧି ଆଇନର ଦ ୪୭୧ ଧା ଓ ଚଉଦି ଉପରେ ଦ ୪୭୫ ଧା ମତେ ସା-

Split by PDF Splitter



ହୁଁ ଭ ମକଦମା ଦାୟର କସ ନ ମିବ ସେଥିର କାରଣ ଦର୍ଶାଇବା ନିମନ୍ତେ ନୋଟିସ ଜାରି କରିଅଛନ୍ତି । ଯେଉଁମାନେ ଖର୍ଚ୍ଚା ଉପରେ ଓକିଲ ମୋକ୍ତାରମାନଙ୍କୁ ନ ଦେଇ ଛାଡିଦେବେ ତାହାଙ୍କ ଉପରେ ଅଧିକାଂଶ ସ୍ଥଳରେ ସେମାନେ ଏହିପରି ଦୁର୍ଦ୍ଦଶା ଭୋଗ କରନ୍ତି ।

## ଢେଙ୍କାନାଳ-ସମ୍ବାଦ ।

ନୂତନ ମାନେଜର ଶ୍ରୀ ଏଃ ସିଃ ବଟ୍ଟ ସାହେବ ଶାନ୍ତି, ଦସ୍ୟାଦି, କମ୍ପ, ଓ ପଦ୍ମସୀ ସ୍ୱଭାବ ଦେଖାଯାଉ ଅଛି । ନିଶ୍ଚୟରେ ଲୋକମାନଙ୍କ କରୁ ଭରସା ଦେ ଅଛନ୍ତି ତାହା ନାହିଁ । ସବୁ କଥା ମନ ଯୋଗାଇ କରୁ ।

ଏଠାର ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚରଣ ନାୟକ ମହାଶୟ କଟକଠାରେ ଥାଇ ହିସାବ ଗୋଳମାଳ ପ୍ରକାଶ କରିବା ନିମନ୍ତେ ଏଠାକୁ ଆସି ମାସିକ ବେତନ ଟ ୨୦ ଙ୍କା ହିସାବରେ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହୋଇ ଯାଇ ଅଛନ୍ତି । ଏମାନେ ହିସାବ କେଉଁ ସାଦରେ ରଖା ହେବ ।

କୌଶିକ ସମାଜର ସ୍ୱାମୀ ମହୋଦୟ ଏ ଗଡଜାତରୁ କାଶୀକୁ ଯାତ୍ରା କରିଅଛନ୍ତି ।

କଣ୍ଟାବ୍ରେକ୍‌ର ମାଇନର ଇଣ୍ଡିୟନ ଏବଂ ଉଚ୍ଚ ପ୍ରାଇମେରୀ ପରୀକ୍ଷା କବିସୂଲ ଶେଷ ହୋଇଅଛି । ପରୀକ୍ଷାର୍ଥୀ ସଂଖ୍ୟା ୨୫ ଜଣ ହୋଇଥିଲେ ।

ମାଇନର ହା ସବ ଡ଼ିଭିଜନ ଏଃ ମେଡେକଲର ଦ୍ୱାରା ଶ୍ରୀ ପଟ୍ଟନାୟକ ସହିତ ମହାରାଜଙ୍କ ସଭାରେ ଯେଉଁ ପ୍ରସ୍ତାବ ଖୋଲିବା ପାଇଁ ତାହାର କାର୍ଯ୍ୟ କରିବା ନିମନ୍ତେ କୋଟିଏ କମେଟୀ ଗଠିତ ହୋଇ ଟଙ୍କା ୩୭୫ ଙ୍କା ଚନ୍ଦା ଆଦାୟ ହୋଇ ସେଥି ମଧ୍ୟରୁ ଟ ୩୧୦ ଙ୍କା ଖରଚ ହୋଇଅଛି । କମିଟିର ବଳେବରେ ଅଧିକ ଟ ୩୦୦ ଙ୍କା ମିଳିଲେ ଉକ୍ତ ପ୍ରସ୍ତାବଣୀ ସର୍ବାଙ୍ଗସୁନ୍ଦର ହେବ । ମାତ୍ର କର୍ମମାନ ଯେଉଁପରି କାର୍ଯ୍ୟ ହୋଇଅଛି ସେଥିରେ ଶୀଘ୍ର ସମସ୍ତିର କିଛି ସୁଷ୍ଠ ଦେଖିବାର ସମ୍ଭାବନା ନାହିଁ ।

ଗତକାଲ ଟ୍ରେଲେରର ଗାଡ଼ିରେ ଗୋଟିଏ ବେ. ବୋଲିଉ ସଙ୍ଗ ହୋଇ ଥିଲା । ଅନ୍ୟୂନ ଦଶ ମଧ୍ୟରେ ମୂର୍ତ୍ତିଦେବଙ୍କର ଖାସ ଶ୍ରୀ ସୋମନାଥେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ ନିମନ୍ତେ ଟ ୧୦୦୦ ଙ୍କା ମଞ୍ଜୁର ହୋଇଅଛି । ଏଥିପାଇଁ ଆମ୍ଭମାନଙ୍କର ରାଜ୍ୟ ଶାସକ ବାବୁଙ୍କୁ ଶତ ୨ ଧନ୍ୟବାଦ ଦେଉ ଅଛୁଁ ।

ଅସ୍ମାକଙ୍କ ମାନ ସୁ ରାଣୀ ମହୋଦୟା ବଡ଼ିଭାଇରେ ଗୋଟିଏ କୋଠୀ ସଙ୍ଗାଶେ ଅନୁରୋଧ କରିବାରୁ ଶୁଭ ଓଁଙ୍କାର ସାହେବ କେଉଁଟି କମିଶନର ଏବଂ ସ୍ଥାନୀୟ ପଥ ଓ ସେ ଟିତଳ ନୂଆ କେହିମା ନିମନ୍ତେ ଟ ୨୦୦୦ ଙ୍କା ମଞ୍ଜୁର କରି ଅଛନ୍ତି ଏଣୁ ମନ୍ତ୍ର କଣ୍ଠରେ ଓଁମାନ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଭୁବିଷ୍ୟତ ଶଙ୍କରଦାସ—ସ୍ତ୍ରୀଲାଗିକରୁ ଉପେକ୍ଷିତ ହେଲା ।

ଶ୍ରୀ ରାଧାକାନ୍ତ ଘୋଷ ବି, ଏ,—ଚଳିତମାସ ତା ୫ ରିଖର ସମ୍ବଲପୁରହିତୈଷିଣୀରେ ପ୍ରକାଶିତ ଭଥଭା, ବିବାହ ଶୀର୍ଷକ ପ୍ରେରିତପତ୍ରର ପ୍ରତିବାଦ କରୁ ଭଥବାଭବାହ ଏବଂ ଯୁବତୀବିବାହ ଉଭୟ ଧର୍ମଶାସ୍ତ୍ର ଓ ନ୍ୟାୟାନୁମୋଦିତ ନ ଥିବାର ଦେଖାଇ ଦେଇଅଛନ୍ତି । ଉକ୍ତ ସ୍ଥଳୀ ଏବଂ ପତ୍ର ଅତ୍ୟନ୍ତ ଦୀର୍ଘ ହେବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଆମ୍ଭମାନଙ୍କ ବିବେଚନାରେ

ଯେଉଁ ଉତ୍ତରଙ୍ଗସ୍ମାର୍ତ୍ତମାନେ କୌଣସି ମତେ କେବେ ଗୁଡ଼ିଏ ବିଧବା ବିବାହ କରାଇ ପାରିଲେ ଆପଣାକୁ କୃତାର୍ଥ ମଣନ୍ତି ସେମାନେ ଯେମନ୍ତ ଭ୍ରାନ୍ତ ଯେଉଁମାନେ ଅଦ୍ୟାପି ବିଧବାବିବାହ କରି ଦେବେ ନାହିଁ ସେମାନେ ତେମନ୍ତ ଅଟନ୍ତି । ବିଧବାବିବାହ ଏକାବେଳେ ହିନ୍ଦୁଶାସ୍ତ୍ର ବିରୁଦ୍ଧ ନୁହେ ଏବଂ ବ୍ରହ୍ମଚର୍ଯ୍ୟ ସେ ତଦପେକ୍ଷା ଶ୍ରେଷ୍ଠ ଏଥିରେ ମଧ୍ୟ ସନ୍ଦେହ ନାହିଁ; ଯାତ୍ରବଲ୍ୟସେପର ଅବସ୍ଥା ଜାତି ବୟଃକ୍ରମ ଇତ୍ୟାଦି ବିବେଚନା ଉପରେ ବହୁ ବିଶେଷ ନିର୍ଭର କରେ । ବିଧବା ଓ ଯୁବତୀ ବିବାହ ବିଷୟରେ ଓଡ଼ିଶାର ପ୍ରକୃତିସ୍ଥ ସମାଲୋଚନା କରି ପ୍ରଯୋଜନୀୟ ସ୍ମାର୍ତ୍ତର ବକ୍ତୃତାରେ ସମାଜ ସମ୍ପାଦକମାନେ ପ୍ରବୃତ୍ତ ହେଲେ ସୁଖର ବିଷୟ ହେବ ।

---

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ସ୍ୱର୍ଣ୍ଣ ନନ୍ଦୋବସ୍ତ | ଜାଇଚେର | ଟ ୩୧ |
| ବାବୁ ହରିହର ତ୍ରିପାଠୀ | ଖୋର୍ଦ୍ଧା | ଟ ୩୧ |
| „ ଜଗନ୍ନାଥ ମହାପାତ୍ର | | ଟ ୩୧ |
| „ କାଳିକା ପ୍ରସାଦ | | ଟ ୧୧ |
| „ ସୁଳବନ୍ଧ ମହାନ୍ତି | | ଟ ୩୧ |
| ଶ୍ରୀ ଜଗପାଣି ସାମନ୍ତ | ପାରିକୋଟ | ଟ ୩୧ |
| ବାବୁ ଉପେନ୍ଦ୍ର ବସୁ | କଟକ | ଟ ୩୧ |
| ରଜା ବସନ୍ତ ସୁନ୍ଦର | | ଟ ୨୧ |
| ବାବୁ ହରବଲ୍ଲଭ ବସୁ | କଟକ | ଟ ୩୧ |
| „ ହାକୁସିଂହ ସଭାଜ | ଜାଇଚେର | ଟ ୩୧ |
| „ ବୃନ୍ଦାବନ ମହାନ୍ତି | ଢେଙ୍କାନାଳ | ଟ ୨୧ |

---



# ବିଜ୍ଞାପନ ।

ନୂତନ ପୁସ୍ତକ ।

## ବିଳାସିନୀ ।

( ଉପନ୍ୟାସ )

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଏକଟଙ୍କା ମୋଫସଲକୁ ଡାକମାସୁଲ ଏକଅଣା ମାତ୍ର ।

---

# ଆୟୁର୍ବେଦ ଚିକିତ୍ସା ।

ଗଭର୍ଣ୍ଣମେଣ୍ଟ ଲୁଇଜ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ରାଜବୈଦ୍ୟ ଶ୍ରୀ ଜଗତଲାଲ ବିଦ୍ୟାରତ୍ନ ଡ଼. ବରଣୀଜ ଜଗଭାଳଙ୍କର ଆୟୁର୍ବେଦୀୟ ବିଦ୍ୟାଳୟ ଓ ଔଷଧାଳୟ

ନଂ ୩୮ ମଦ ନେବୁତଲା ବୌବଜାର କଲିକତା ।

ଭାରତବର୍ଷ ମଧ୍ୟରେ ଅଦ୍ୱିତୀୟ ଏହି ଔଷଧାଳୟରେ ନବ କିଛି ମୂଲ୍ୟ ଏବ ଅର୍ଦ୍ଧମୂଲ୍ୟ ସର୍ବ୍ବସାଧାରଣ, ପ୍ରତ୍ୟକ୍ଷ ଫଳ-

ସ୍ୱାସ୍ଥ୍ୟବାର ସେବର ଅମୋଘ ମହୌଷଧ ସକଳ ସୁଲଭ ମୂଲ୍ୟରେ ପ୍ରାପ୍ତ ହୁଏ ।

ଯେଉଁ ସକଳ କବିରାଜ ରୋଗୀ ଅସ୍ମାକଙ୍କଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି, ସେମାନେ ନିଜ ନିଜ ରୋଗର ଅବସ୍ଥା ଆନୁପୂର୍ବ୍ବିକ ଲେଖି ଆଧ ଅଣାର ଡାକଟିକଟ ପତ୍ର ଲେଖିଲେ ବିନାମୂଲ୍ୟରେ ବ୍ୟବସ୍ଥା ଏବଂ ସୁଲଭମୂଲ୍ୟରେ ଔଷଧ ଓ ଔଷଧ ସୂଚିପତ୍ର ପଠାଯାଏ । ବେଫିଂପତ୍ର ସ୍ୱୀକୃତ ହୁଏ ନାହିଁ ଉତ୍ତର ପ୍ରାର୍ଥୀଗଣ ଅର୍ଦ୍ଧଅଣାର ଟିକଟ ପତ୍ରମଧ୍ୟରେ ପଠାଇବେ ।

## ଚମତ୍କାରଜନକ ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଅନ୍ୟତ୍ର ହୋଇ ନାହିଁ

୧ । ବୈଦ୍ୟଭୂଷଣ ପାଲସା—ଦୂଷିତଶୋଣିତ ଶୋଧନର ଏବଂ ଶରୀର ସୁସ୍ଥ ଓ ବଳବାନ ହେବାର ଅଦ୍ୱିତୀୟ ଔଷଧ ମୂଲ୍ୟ ପ୍ରତି ଶିଶି ୧୲ ଡାଃ ମାଃ ।୵

୨ । ମହାକାମେଶ୍ୱରଗୁଣ ଓ ଶୁକ୍ରମାତୃକା ବଟିକା ଏହା ଥାରୁ ଦୌର୍ବଲ୍ୟ ପୁଂସ୍ତ୍ୱହୀନତା ଧାରଣାଶକ୍ତିର ଅଭାବ, ବଂଶଲୋପ ପ୍ରଭୃତି ମେହ, ବହୁମୂତ୍ର, ମୂତ୍ରକୃଚ୍ଛ୍ର, ଉପଦଂଶ ରୋଗର ଅବ୍ୟର୍ଥ ଔଷଧ ଏବ ଉତ୍କୃଷ୍ଟ ମୂଲ୍ୟ ୨୲ ଡାଃ ମାଃ ୵

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେହର (ଗନୋରିଆର) ମହୌଷଧ ୩ ଦିନ ମଧ୍ୟରେ ଅବ୍ୟର୍ଥ ହେବ ।

୪ । ଶୀର୍ଷତୈଳ—ଅର୍ଦ୍ଧଶିରା, ମୁଣ୍ଡବିନ୍ଧା, ମୁଣ୍ଡଘୂରା ଅବ୍ୟର୍ଥ ଔଷଧ, ମୂଲ୍ୟ ପ୍ରତିଶିଶି ୧ ଡାଃ ମାଃ ।୵

୫ । ସର୍ବ୍ବାଙ୍ଗଜାଡ୍ୟ ଘୃତ—ଏହା ଗର୍ମିର ଘା, ନାଲି ଘା, ଥରି ଘା, ଦଦ୍ରୁଘା ଇତ୍ୟାଦି ଘା, ପାଚିଲା ଘା, ପ୍ରଭୃତି ସର୍ବ୍ବପ୍ରକାର କ୍ଷତର ଅବ୍ୟର୍ଥ ଔଷଧ ୨ ଦିନ ମାତ୍ର ବ୍ୟବହାର କରେ ଆରୋଗ୍ୟ ଲାଭ !

୬ । ମୃତ୍ୟୁଞ୍ଜୟ ଯୋଗ—ଏହା ସେବନ କଲେ ରକ୍ତ ପିତ୍ତ, ମୁଖରୁ ରକ୍ତ ପଡ଼ିବା, କାଶ, ରକ୍ତ ଅମ୍ଳାଶୟ, ରକ୍ତସ୍ରାବ ହେବା, ୩ ଦିବସ ମଧ୍ୟରେ ଆରୋଗ୍ୟ ହୁଏ ମୂଲ୍ୟ ୨ ଡାଃ ମାଃ ।୵

---

## ଭଗବଦ୍‌ଗୀତା ।

( କୃଷ୍ଣସିଂହ ମହାରାଜଙ୍କ ଶ୍ଳୋକପଦ୍ୟ ଅନୁବାଦ ସହିତ ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି ମୂଲ୍ୟ ୧ ଟଙ୍କା । ଡାକମାସୁଲ ଟ ୦ ୵

---

# ଶୁଭସଂବାଦ ।

ଅୟୁର୍ବେଦିକ ମେଡିସନ୍ ମ୍ୟାନୁଫ୍ୟାକ୍‌ଚରିଂ କୋମ୍ପାନି ଅଫ୍ ଇଣ୍ଡିଆ, ଲିମିଟେଡ୍ !

କାଲିକା, ବେଙ୍ଗଲ !

ଔଷଧର ମୂଲ୍ୟ ଶତକରା ଟ ୨୫ ଙ୍କା ନ୍ୟୂନ ହେଲା ।

କୋମ୍ପାନିର ପ୍ରସ୍ତୁତ ଆୟୁର୍ବେଦୋକ୍ତ ଔଷଧସୂଚି ମୋତ


Digitized by srujanika@gmail.com

Split by PDF Splitter



ଜାତ ଔଷଧ ସମୂହ ସେପରି ବଣ୍ଟନ ଏବଂ ସାର୍ଜ୍ଜନାଙ୍କ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ଏପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବଣ୍ଟନଭାର ଜମିର କୋମ୍ପାନୀ ବାସ୍ତ୍ରୀ । ଏତ ସୁଲଭ ମୂଲ୍ୟରେ ଯାହାର ବଣ୍ଟନ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟରୁ ନେବେ ଠକିବାର ଭୟ ନାହିଁ । ରୋଗର ଅନୁପୂର୍ବିକ ବିବରଣ ପଠାଇଲେ ବ୍ୟବସ୍ଥା ନିଆ ଯାଏ ହୁଏ ।

ଔଷଧର ମୂଲ୍ୟ ଅଗ୍ରିମ ଦେୟ—ଯାହାର ଭେଲ୍ୟୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଅବହେଳାନୁସାରେ ଔଷଧ ପ୍ରେରଣ ହେବ ନାହିଁ ।

**ବୈଦ୍ୟନାଥ ବଟି**—ନିୟମିତ ବ୍ୟବହାର କଲେ ଜୀର୍ଣ୍ଣସାଧ ପ୍ରମେହ ରୋଗ ମଧ୍ୟ ନିରାକୃତ ହୁଏ । ଅନୁପାନ ନିର୍ଦ୍ଦେଶରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ମୂତ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୨ ବଟି ୧୪ ଟଙ୍କା ଡାକମାଶୁଲ ।୵ ଅଣା ।

**ଘୋଷ୍‌ନାଲୁସଲ ତୈଳ**—ବ୍ୟବହାରରେ କେଶ ଘନ, ଭ୍ରମରକୃଷ୍ଣ ଏବଂ ରେଶମ ପରି କୋମଳ ଓ ଗୋଛାଗୁଛ ହୋଇ ସମଧିକ ବୃଦ୍ଧି ପାଏ ଏବଂ କେଶର ଅକାଳପକ୍ୱତା ଓ ପଳିତା ନିବାରିତ ହୁଏ । ଏହାର ଗନ୍ଧ ମଧୁର ମନୋହର ଏବଂ ଚିତ୍ତାନନ୍ଦଦାୟକ । ଏଥିରେ ମସ୍ତିଷ୍କ ସ୍ନିଗ୍ଧ ରହେ ଏହା କେବଳ ମର୍ତ୍ତ୍ୟ ଭୂମିରେ ନନ୍ଦନ-ଗନ୍ଧ । ଏହା ଅପେକ୍ଷା ବଳାରୋପଯୋଗୀ ସୁଗନ୍ଧଯୁକ୍ତ ତୈଳ ଆଉ ଅବନୀରେ ହୋଇ ନାହିଁ ।

୧ ଶିଶି ୧ ଟଙ୍କା, ଡାକମାଶୁଲ ।୵ ଅଣା ।

**ଦନ୍ତସଂସ୍କାର ଚୂର୍ଣ୍ଣ**—ଏହା ବ୍ୟବହାରରେ ଦନ୍ତ ଓ ଦନ୍ତମୂଳର ଯେ କୌଣସି ରୋଗ ସଲେହେଁ ଅତ୍ୟଳ୍ପ କାଳ ମଧ୍ୟରେ ନିବାରିତ ହୁଏ । ଏହା ଅତୀବ ବଳାରୋପଯୋଗୀ ଏବଂ ସୁଗନ୍ଧଯୁକ୍ତ ଦନ୍ତମଞ୍ଜନ ଏହାର ବିକଳ୍ପ ନାହିଁ

୧ କୌଟା ୦ ୩ ଅଣା ଡାକମାଶୁଲ ।୵ ଅଣା

**କୁନ୍ତଳକୌମୁଦୀ ତୈଳ**—ବ୍ୟବହାରରେ ନୂତନ ଘନକୃଷ୍ଣ ଏବଂ ପରିପୋଷ୍ଟ କେଶ ମୂଳ ଦୃଢ଼ ହୁଏ । ଏହା ବଳାରୋପଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧବିଶିଷ୍ଟ ।

୧ ଶିଶି ୧ ଟଙ୍କା ଡାକମାଶୁଲ ।୵ ଅଣା ।

୩ ଶିଶିର ୩ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବର୍ତ୍ତମାନ ଟ ୨୫ ଙ୍କା ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଳ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୩ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

**ସର୍ବତ୍ର ଏଜେଣ୍ଟର ପ୍ରୟୋଜନ**—ଏଜେଣ୍ଟ କୁ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଅନ୍ୟାନ୍ୟ ବିବରଣ ବିଜ୍ଞାପନ ଦ୍ରଷ୍ଟବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।

ମେନେଜର ଓ ଡେକ୍ଟର ।

ଫଳେନ ପରିଚୀୟତେ

ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

**ଅମଲ୍ୟ କରଣି ଘୃତ ।**—(ସହସ୍ର ଅଇଷ୍ଟା ଫାମରୁ ଥାର୍ଯ୍ୟକରେ ) ଏହି ଘୃତ ବ୍ୟବହାରରେ ଦୁଃଶାଧ୍ୟ ଉପଦଂଶ ( ଗରମି ବେମ୍ବାର ) ଓ ପାରଦ ଜନିତ ଦୁଷ୍ପ୍ରରୋଗ୍ୟ ନୂତନ ପୁରାତନ ସର୍ବପ୍ରକାର ଘାଉ ( ଘାଆ ) ଜ୍ୱାଳା ଯନ୍ତ୍ରଣାରେ ଅଚିରାତ୍ ଆରୋଗ୍ୟ ହୁଏ ପ୍ରତିକୌଟାର ମୂଲ୍ୟ ଟ ୧ ୧ ଙ୍କା

୧ ମଥୁରାଲଖୀବଟିକା }
୨ ବସନ୍ତ କୁସୁମାକର ଚୂର୍ଣ୍ଣ }
ଏହା ସ୍ତ୍ରୀମାନଙ୍କର ସର୍ବପ୍ରକାର ପ୍ରଦରର ଏକମାତ୍ର ମହୌଷଧ । ଏହା ବ୍ୟବହାର କରି ବହୁ ଦିବସର ଯନ୍ତ୍ରଣା ପ୍ରଦରଗ୍ରସ୍ତ ମାନ ସ୍ୱଳ୍ପସମୟ ମଧ୍ୟରେ ଆରୋଗ୍ୟ ହେବାର ପରୀକ୍ଷା କରି ଦେଖିଅଛୁଁ ବ ୧୦ ଟୀକାର ମୂଲ୍ୟ ଟ ୧ ୧ ଙ୍କା ଓ ଚୂର୍ଣ୍ଣ ପ୍ରତିକୌଟାକୁ ଟ ୨ ।

**ଅମୃତସିନ୍ଧୁ ବଟିକା ।**—ଏହି ଔଷଧ ସପ୍ତାହ ସେବନ କଲେ ବହୁମୂତ୍ରର ରକ୍ତ ବନ୍ଦ ଓ ଜ୍ୱର ଭ୍ରମ କୋଷ୍ଠ ପରିଷ୍କାର ହୁଏ । କ୍ରମାନୁୟେ ଦୁଇଦିନ ସେବନ କଲେ ପ୍ରସ୍ରାବରେ ଅର୍ଦ୍ଧବନ ଶୁଖି ହୋଇଯାଇ ରୋଗାରୋଗ୍ୟ ହୁଏ ୨ ବଟିକାର ମୂଲ୍ୟ ଟ ୦ ୩

**କାମିନୀକାନ୍ତ ବଟିକା ।**—ଏହା ସେବନ କଲେ ଧ୍ୱଜଭଙ୍ଗ , ଶୁକ୍ରତରଲତା , ସ୍ୱପ୍ନଦୋଷ ଇତ୍ୟାଦି ଭଲ ହୁଏ ଏତଦ୍‌ଭିନ୍ନ ଏହାର ଅନ୍ତୁତ କେତେକ ଚମତ୍କାର ଗୁଣ ଅଛି ତାହା ବ୍ୟବସ୍ଥା ପତ୍ର ପାଠେ ଜାଣି ପାରିବେ କିନ୍ତୁ ସ୍ୱପ୍ନଦୋଷ ଆରୋଗ୍ୟପକ୍ଷେ ଏହା ବ୍ରହ୍ମାସ୍ତ୍ର ବ ୨ ଟିକାର ମୂଲ୍ୟ ଟ ୧ ୧ ଙ୍କା

**ଶୂଳାପହ ଚୂର୍ଣ୍ଣ**—ସର୍ବପ୍ରକାର ଶୂଳ ରୋଗ (ପେଟବେଦନା) ଆରୋଗ୍ୟ ହୁଏ ମୂଲ୍ୟ ଟ ୧ ଙ୍କା

ଉପରୋକ୍ତ ଔଷଧସମସ୍ତ ମୋଫସଲ ପାଇଁ ପ୍ୟାକିଂ ଡାକମାଶୁଲ ସ୍ୱତନ୍ତ୍ର ଲାଗେ ଓ ଔଷଧ ସହିତ ବ୍ୟବସ୍ଥା ପତ୍ର ପଠାଯାଏ ।

ଏହି ଔଷଧ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭନିକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ବ୍ରହ୍ମପୁର
ସହର କଟକ
ବାବୁରାଧାଶ୍ୟାମ-
ସରକାରଙ୍କ ବସାରେ
} ଚିକିତ୍ସକ ଶ୍ରୀ ବାଳକୃଷ୍ଣ ଦାସ

## ବିଜ୍ଞାପନ ।

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓଯାଲିମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H, E. schools,

**JUST TO HAND.**

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ଦାତ୍ୟିତାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୬ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲକନକେ ଡାକମାଶୁଲ ଟ ୦୵

**NOTICE**

**THE**

# DWIBHASI.

*SECOD EDITION IS OUT*
*AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

KEY TO LETHBRIDGE'S
EASY SELECTIONS
( Minor course for 1896 )
is in the press and will soon be out.

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ନୂତନ ନୂତନ ନୂତନ

ନବ କର୍ଣ୍ଣ ବିରଚିତ

ଶଲ୍ୟକାଷ୍ଟ୍ୟ ଜନ୍ମପାଲି ମୂଲ୍ୟ ଟ ୦/ ଏକଅଣା
ପଦ୍ମଲୋଚନ ଖାଲି ମୂଲ୍ୟ ଟ ୦/
ମର୍ଦ୍ଦରାଜୀ ଜନ୍ମପାଲି ମୂଲ୍ୟ ଟ ୦୵
ହରଅର୍ଜ୍ଜୁନ ପାଲି ମୂଲ୍ୟ ଟ ୦୵
ଭୁଷଣ ।ସି ପାଲି ,, ଟ ୦/
ଭ୍ରମରବର ,, ,, ଟ ୦/୨
ମର୍ଦ୍ଦରାଜୀବଶି ପାଲି ଟ ୦୵

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲିମାନ ଯନ୍ତ୍ରସ୍ଥ ଅଛି

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆ ଭାଷାରେ ଏକମାତ୍ର ଅଦ୍ବିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତ ସୁ ଲ ଭ ମୂ ଲ୍ୟ ଟ ୦ ୷ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଶୋମଟା, ଟପା, ଠୁମରୀପ୍ରଭୃତି ସୁମଧୁର-ସ୍ବରର ଅଭିନବ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏତଦ୍‌ବାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ଙ୍ଗ୍ମା ମୂଳ ଏଜେଣ୍ଟ ବାବୁ ରାମପ୍ରସାଦ ମୁଖୁର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶ୍ରୀମଦ୍‌ଭାଗବତ ।

ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ବିରଚିତ, ଯେଉଁ ଏକାଦଶ ସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ଦ୍ବିତୀୟସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସମସ୍ତ ରହିତ ବିଶେଷ ଅନେକ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରସଙ୍ଗ ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବେଶ ହୋଇଅଛି । ଅତି ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବାତ ଭଗବାନ ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରବଦ୍ଧ ଜରକା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ

ବୃଦ୍ଧ କରୁଥିବା ବିଷୟକ ସୁନ୍ଦର ଚିତ୍ରମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ୵ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନାଇ ପୁସ୍ତକର ଅଳ୍ପମୂଲ୍ୟ ମୂଲ୍ୟ ଟ ୦ ୯ ଧାର୍ଯ୍ୟ ହୋଇଅଛି ।

## ଘଣ୍ଟା ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ ଘଡ଼ି ଘଣ୍ଟା ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ରୂପରେ ନୂତନ କାରିଗରଦ୍ବାରା ସମ୍ପନ୍ନ ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ଦେଇ ଦେଲେ ସମସ୍ତବିଷୟ ଜାଣିପାରିବେ ଏବଂ ଘଣ୍ଟା ହାରମୋନିୟମବାଜା-ମିଉଜିକ୍‌ବାକ୍ସ ଏବଂ ଲୁଗାସିଲାଇକଳ ପ୍ରଭୃତି ମରାମତ କରାଯାଇବ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ହୋଇବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ପ୍ରକାଶଥାଉକି ଛାପାଖାନାର କାରିଗର ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ଘଣ୍ଟା ନେବାର ଅସମ୍ଭବ ନୁହେ । ଏହିପରି କେତେକ ଘଟନା ଶୁଣିବାରୁ ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୁଲି ସୁବିଧାମତେ ଘଡ଼ି ଛାପାଖାନାକୁ ପଠାଇଦେଇ ରସିଦ ଗ୍ରହଣ କଲେ ଠକାଯିବ ହେବେ ନାହିଁ ।

ଶୁନା ରୁପାର ଚିଜିମାନ କର୍ମ ମଧ୍ୟ ଏଠାରେ ହୁଏ ।

୧୭ । ୯ । ୯୫ } ଶ୍ରୀ ଗୌରୀଶଙ୍କର ସ୍ବାମୀ
କଟକପ୍ରିଣ୍ଟିଂକମ୍ପାନୀ
ଅଫିସ କଟକ }

## ଜ୍ୱରର ଅବ୍ୟର୍ଥ ମହୌଷଧ

(ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦ ।୵ ମାସୁଲ ଟ ୦ । ଅଣା

ଏହି ଔଷଧ ବ୍ୟବହାରରେ ସର୍ବପ୍ରକାରର ଜ୍ୱରବେଗ ଏକାବେଳକେ ଅନ୍ତର୍ଦ୍ଧାନ ହୋଇଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ଜ୍ୱର ହୁଏ ନାହିଁ । ଏହାକୁ ବ୍ୟବହାର କଲେ କୁଇନାଇନ୍ ଦ୍ବାରା ସବୁଣା ହୁଏ ନାହିଁ ଏବଂ ଏହା ଜର୍ମାନ ଅଟେ । ଏଥିରେ ନାନାପ୍ରକାର ଚର୍ମରୋଗ ନଷ୍ଟ ହୁଏ । ଏହି ଔଷଧରେ ପୁର୍ବଠାରୁ ଅଧିକ କେତେକ ଜୋଡ଼ା ଅଣୁ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅତୁଳ ଅତ୍ୟନ୍ତ ଫଳପ୍ରଦ ହୋଇଅଛି । ଯେଉଁମାନେ ଏହି ଔଷଧ ସେବନରେ ଜ୍ୱର ପାଉଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ ଏହାକୁ ବ୍ୟବହାର କରି ବହୁଲୋକ ଆରୋଗ୍ୟ ହୋଇଅଛନ୍ତି ଏବଂ ଅନେକ ପ୍ରଶଂସାପତ୍ର ପ୍ରଦାନ କରିଅଛନ୍ତି; ଔଷଧ ବ୍ୟବହାରବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମ ତାରକ ସେନ
ନେଳ୍‌ ଉତ୍କଳପ୍ରେସ
ବାଲେଶ୍ବର

## WANTED.

A manager for the Kaptipada Zamindari subordinate to this office. The candidate must be up to 35 years of age, must know English and vernacular and well experienced in revenue works. Salary Rs. 40 rising to Rs. 50 by annual increment of Rs. 2, free quarters. Applications with copies of testimonials to be forwarded to the undersigned up to 25th of this month.

Mourbhanj State 11—9—95. } By order Prasanna Kumar Ghosal *Dewan.*

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ପ୍ରକାଶ

ଧାଡ଼ିପ୍ରତି ଟ ୦ ୵

ଅର୍ଦ୍ଧସ୍ତମ୍ଭ ଟ ୬୲

ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩୲

ଆଉ କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ ହିଁ ତାହାର ଖର୍ଚ୍ଚା ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ବିତୀୟ ଓ ତୃତୀୟଥର ପ୍ରକାଶ ଖର୍ଚ୍ଚା ପ୍ରଥମଥରର ଅର୍ଦ୍ଧେକ ଓ ଚତୁର୍ଥଣ ଯଥାକ୍ରମେ ହେବ ।

ଅଧିକ ଦିନର ପାଇଁ ସ୍ବତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁତ ଉତ୍କଳଦୀପିକାର
ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ।

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ଉତ୍କଳ ମୋହନ ପତ୍ରିକାରେ ସ୍ଥାନ ଦାନ କରି ଉପକୃତ କରିବା ହେବେ ।

। କ । ନୟାଗଡ଼ ରାଜଦ୍ୱାରରେ ଚଳିତମାସ ତା ୩।୭।୯ ରାତ୍ରରେ କାଶୀହାବେଶ୍ୟା ନାଟକର ଅଭିନୟ ହୋଇଥିଲା । ପ୍ରଥମଦିନ ଭଦ୍ରବ୍ୟକ୍ତିମାନେ ୨ୟଦିନ ରାଜବାଟୀସ୍ଥ ପରିବାରବର୍ଗ ୩ୟଦିନ ସର୍ବସାଧାରଣ ଦେଖିଥିଲେ । ୧ମ ଓ ୩ୟ ଦିନର ଦର୍ଶକ ସଂଖ୍ୟା ଯଥାକ୍ରମେ ପ୍ରାୟ ୧୦୦ ଓ ୫୦୦ ପର୍ଯ୍ୟନ୍ତ ହୋଇଥିଲା । ଦର୍ଶକବୃନ୍ଦ ଅଭିନୟ ଦେଖି ପରିତୁଷ୍ଟ ହୋଇଥିଲେ । ନଟବୋଧ୍ୟମି ଅଭିନେତାମାନେ ପ୍ରକୃତ ଗୃହକର୍ମଗୃହୀ ଅଟନ୍ତି । ଏମାନେ ଅଭିନୟ ଦେଖାଇବା ବିଷୟରେ ସାଧ୍ୟମତେ ଯତ୍ନ ଓ ପରିଶ୍ରମର ତ୍ରୁଟି କରି ନାହାନ୍ତି । ଏମାନେ ଯେପରି ନବ ଉତ୍ସାହରେ ମତ୍ତହୋଇ ଅଛନ୍ତି ସେଥିରୁ ଅନୁମାନ ହେଉଅଛି ଏମାନେ ଭବିଷ୍ୟତରେ ଅନ୍ୟାନ୍ୟ ନାଟକର ଅଭିନୟ ଉତ୍ତମରୂପେ କରିପାରିବେ । ଏସ୍ଥଳେ ବକ୍ତବ୍ୟ ଏହି ଯେ ଅଭିନେତାମାନେ ବହୁ ଅର୍ଥ ସାପେକ୍ଷ ଏହି ଅଭିନୟ କରିବା ବିଷୟରେ ଯେ ସାହସୀ ହୋଇଥାନ୍ତେ; ତାହା କସ୍ମିନ୍ କାଳେ ସମ୍ଭବପର ନୁହଇ । ଭକ୍ତିଭାଜନ ଏତଦ୍ଦେଶୀୟ ରାଜା ମହୋଦୟ ନିଜ ଉଦାରତା ଗୁଣଦ୍ୱାରା ନିଃସ୍ୱାର୍ଥ ପରୋପକାର ବ୍ରତରେ ବ୍ରତୀ ହୋଇଁ ଏହି ମହଦୁଦ୍ଦେଶ ସାଧନ କରିବା ବିଷୟରେ ଅକୁଣ୍ଠିତଚିତ୍ତରେ ପ୍ରଚୁର ଅର୍ଥ ବ୍ୟୟ କରି ଧନ୍ୟବାଦାର୍ହ ହୋଇଅଛନ୍ତି । ଏହେତୁ ଅଭିନେତାମାନେ ତାହାଙ୍କଠାରେ ଚିରଋଣୀ ଅଟନ୍ତି ।

ଗଡ଼ଜାତରେ ନାଟକାଭିନୟ ଏହା ସର୍ବପ୍ରଥମ ଅଟେ । ସବୁ ଗଡ଼ଜାତସ୍ଥ ଅନ୍ୟାନ୍ୟ ରାଜାମାନେ ଏହା ଅନୁକରଣ କରି ସ୍ୱ ସ୍ୱ ରାଜ୍ୟମାନଙ୍କରେ ଓଡ଼ିଆ ନାଟକର ଅଭିନୟ କରିବା ବିଷୟରେ ମନୋଯୋଗୀ ହେବେ ତା ହେଲେ ନାଟକ ପ୍ରଣେତାମାନେ ଉତ୍ସାହିତ ହେବେ । ଏବଂ ଓଡ଼ିଆଭାଷା ମାର୍ଜିତ ହେବାର ଏକ ପ୍ରଶସ୍ତ ମାର୍ଗ ଉଦ୍ଘାଟିତ ହେବ । ଅଲମତିବିସ୍ତରେଣ ।

୧୩।୯।୯୫ } ବଶମ୍ବଦ
ନୟାଗଡ଼ ସ୍କୁଲ } ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର। କା।
ନୟାଗଡ଼ ସ୍କୁଲର ହେଃ ପଣ୍ଡିତ

---

ମହାଶୟ !

୨୧।୮।୯୫ "ଉତ୍କଳଦୀପିକାରେ" ଆମ୍ଭେମାନେ ଉତ୍ସର୍ଗପତ୍ର ବିଭ୍ରାଟର କଥା ଉଲ୍ଲେଖ କରି ଅନ୍ୟକୃତ ଗ୍ରନ୍ଥ ଉତ୍ସର୍ଗ କରିବାରେ ପ୍ରକାଶକମାନଙ୍କର ଅଧିକାର ଅଛି କି ନାହିଁ, ତାହାର ସଦୁତ୍ତରାକାଂକ୍ଷୀ ହୋଇଥିଲୁଁ । ୨୮।୮।୯୫ ର "ହିତୈଷିଣୀରେ" ସମ୍ପାଦକ ମହାଶୟ ଯେଉଁ ଉତ୍ତର ଦେଇଅଛନ୍ତି, ତାହା ନିତାନ୍ତ ଅସଙ୍ଗତ ବୋଧ ହେବାରୁ ପଦେ ଅଧେ ନ କହି ଆଉ ରହି ପାରିଲୁ ନାହିଁ । ବୃଥା ବାଦାନୁବାଦରେ ଦୀପିକା ଭଳି ଶ୍ରେଷ୍ଠ କାଗଜରେ ଏତେ ଅଧିକ ସ୍ଥାନ ମାଡ଼ିବସିବା ଆମ୍ଭମାନଙ୍କର ଅବଶ୍ୟ ଇଚ୍ଛା ନୁହେଁ । ଜନସାଧାରଣର ହିତକର ଗୋଟାଏ ଗୁରୁତର କଥା ଯେତେବେଳେ ଉଠିଅଛି, ସେତେବେଳେ ତାହାର ମୀମାଂସା ନ ହେବା ଯାଏ ବାଦ ପ୍ରତିବାଦ ଅନିବାର୍ଯ୍ୟ ।

ଅନ୍ୟକୃତ ଗ୍ରନ୍ଥ ସମୂହ ଆପଣାର ମନୋନୀତ ବ୍ୟକ୍ତିଙ୍କୁ ଉତ୍ସର୍ଗ କରିବାରେ ପ୍ରକାଶକମାନଙ୍କର ଅଧିକାର ଅଛି କି ନାହିଁ—ଆମ୍ଭେମାନେ ତାହାର ସଦୁତ୍ତର ପ୍ରାର୍ଥୀ ହୋଇଥିଲୁ । "ହିତୈଷିଣୀ" ସମ୍ପାଦକ ଏବଂ "ଶ୍ରୀମୂର୍ତ୍ତି ଦର୍ଶନ" ପ୍ରକାଶକ ନୀଳମଣି ବାବୁ ତାହାର କିଅଣ ସଦୁତ୍ତର ଦେଇଅଛନ୍ତି, ପାଠକମାନେ ଦେଖନ୍ତୁ :— "ବଙ୍ଗ ଏବଂ ବିଲାତରେ ଗ୍ରନ୍ଥକାରମାନେ ସ୍ୱପ୍ରଣୀତ ପୁସ୍ତକମାନ ମନୋନୀତ ବ୍ୟକ୍ତିଙ୍କ ନାମରେ ଉପହାର ଦେଇଥାନ୍ତି । କି ପୂର୍ବକାଳରେ କି ବର୍ତ୍ତମାନ ଅନେକ କବି ଏବଂ ଲେଖକ ରାଜା ଏବଂ ବଡ଼ଲୋକଙ୍କୁ ଉତ୍ସର୍ଗ କରିଅଛନ୍ତି, ମଧ୍ୟ ବର୍ତ୍ତମାନ ସୁଦ୍ଧା କରୁଅଛନ୍ତି । ସ୍ୱୟଂ ଟେନିସନ ମହାରାଣୀଙ୍କୁ ଉତ୍ସର୍ଗ କରିଅଛନ୍ତି ଇତ୍ୟାଦି ଇତ୍ୟାଦି ।" ନୀଳମଣିବାବୁଙ୍କର ଏତାଦୃଶ ଉତ୍ତର "ଏକ୍ଜାମ୍ପଲେ କ୍ଲୁଡେଇଲ ପାଙ୍କିଶ, ତୋତେ ଦେଖି ମୋହର ବଡ଼ ଖରଧା, ତଳ କହେଁ କ ? ବୋଲିବା ବାହୁଲ୍ୟ, ଉକ୍ତ ବାକ୍ୟମାନ ଅସ୍ମତ୍ପକ୍ଷ ସମର୍ଥନରେ ବ୍ୟସ୍ତ "ହିତୈଷିଣୀର" କସ୍ରୋଧା—କିନ୍ତୁ ପ୍ରତିପକ୍ଷ ବାଦମାନଙ୍କ ପକ୍ଷ ସମର୍ଥନକାରୀ ।

ଶୀଘ୍ର ଖୋଜି ଖୋଜି ମହାଦେବ ଦାବା ବଳ ପ୍ରାୟ "ହିତୈଷିଣୀ" ଅସତ୍ୟ ଅମୂଳକ ପ୍ରମାଣର ଅବତାରଣା ମଧ୍ୟରେ ଆତ୍ମଦୋଷ ଘୋଡ଼ାଇବାକୁ ଯାଇ କପଟ ଅଭିପ୍ରାୟ ଦେଇଅଛନ୍ତି, ପାଠକମାନେ ତାହା ଦେଖନ୍ତୁ । "ପ୍ରକାଶକମାନେ ସ୍ୱପ୍ରକାଶିତ ପୁସ୍ତକମାନ ମନୋନୀତ ବ୍ୟକ୍ତିମାନଙ୍କ ନାମରେ ଉପହାର ଦେଇଆନ୍ତି" ଉଲ୍ଲେଖକରି ସେ କହୁଅଛନ୍ତି "ବିଦ୍ୟାସାଗରଙ୍କ ଶକୁନ୍ତଳା ବନମାଳୀ ବାବୁ ଓଡ଼ିଆରେ ଅନୁବାଦ କରି ଢେଙ୍କାନାଳର ମହାରାଜାଙ୍କୁ ଉତ୍ସର୍ଗ କରିଥିଲେ । ବଙ୍ଗଦେଶର ମାଇକେଲଙ୍କର ଅନେକ ପୁସ୍ତକ ରାଜା ଏବଂ ବଡ଼ଲୋକଙ୍କର ନାମରେ ଉତ୍ସୃଷ୍ଟ ହୋଇଥିଲା । ସ୍ୱୟଂ ଉତ୍ସର୍ଗୀକତ ମଧ୍ୟ ଏହି ଶ୍ରେଣୀର ଜଣେ ବୋଲି ଅନୁମାନ ହୁଅଇ ।" ହିତୈଷିଣୀର ଉକ୍ତି କେତେ ଦୂର ସତ୍ୟ, ତାହା ବର୍ତ୍ତମାନ ଦେଖାଯାଉ । ବନମାଳୀ ବାବୁଙ୍କର "ଶକୁନ୍ତଳା" ନୂତନ ସଂସ୍କରଣ ୧୮୮୬ ମସିହାରେ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରୁ ପ୍ରକାଶିତ ହୋଇଅଛି । ଉକ୍ତ ସଂସ୍କରଣର "ଶକୁନ୍ତଳା" ପିଟାଇ ଦେଖିଲେ ପାଠକମାନେ ଜାଣିପାରିବେ ଯେ, ତାହା ଢେଙ୍କାନାଳମହାରାଜାଙ୍କୁ ଉତ୍ସୃଷ୍ଟ ହୋଇଅଛି ବୋଲି "ହିତୈଷିଣୀ" ଯାହା ଘୋଷଣା କରିଅଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା । ଶୁଣାଯାଏ ମାତ୍ରା ଅନନ୍ତର ସଂସ୍କରଣରେ "ଶକୁନ୍ତଳା" ଢେଙ୍କାନାଳର ମହାରାଜାଙ୍କୁ ଉତ୍ସୃଷ୍ଟ ହୋଇଥିଲା । କିନ୍ତୁ ସହସତ୍ର ଦର୍ଶକକ୍ଷମ ବନମାଳୀ ବାବୁ ପରବର୍ତ୍ତୀ ସଂସ୍କରଣର "ଶକୁନ୍ତଳାରୁ" ଉତ୍ସର୍ଗପତ୍ର ନିଷ୍କାସିତ କରି ଆତ୍ମଭ୍ରମ ସଂଶୋଧନ ପୂର୍ବକ ଉଦାରତାର ପରିଚୟ ଦେଇଅଛନ୍ତି । ମନୁଷ୍ୟ ଦୋଷଗୁଣଜଡ଼ିତ । କିନ୍ତୁ କେତେକ ବ୍ୟକ୍ତି ଏପରି ଅଛନ୍ତି ଯେ ଆପଣା ଦୋଷ ଜାଣିପାରିଲେ ସୁଦ୍ଧା ତାହା ସ୍ୱୀକାର

Digitized by srujanika@gmail.com

କରିବାକୁ ନାହିଁ । "ହିତୈଷିଣୀ" ସମ୍ପାଦକ ବୋଧ ହୁଏ ଏହି ଶ୍ରେଣୀର ଉନ୍ନତିବେପସ୍ଥ !! ତାହା ନ ହେଲେ ସେ ଅପଣାର ଉକ୍ତିରେ ଅନୁଦୋଷ ପ୍ରକାଶାନ୍ତରରେ ପ୍ରମାଣିତ କରି ପୁଣି ତାହା ସ୍ୱୀକାର କରିବାକୁ ଏତେ କୁଣ୍ଠିତ କାହିଁକି ?

ଓଡ଼ିଆ ପୁସ୍ତକ ସମ୍ବନ୍ଧରେ "ହିତୈଷିଣୀ" ସମ୍ପାଦକଙ୍କର ଯେପରି ଜ୍ଞାନ ଅଛି, ତାହା ଆମ୍ଭେମାନେ ଦେଖାଇଲୁଁ । ବର୍ତ୍ତମାନ ଦେଖାଯାଉ, ବଙ୍ଗଳାପୁସ୍ତକ ସମ୍ବନ୍ଧରେ ତାହାଙ୍କର କିପରି ଜ୍ଞାନ ଅଛି—ଇଂରାଜୀରେ ଯେ ଉତ୍ତୋଧିକ ଜ୍ଞାନ ଅଛି, ତାହା ତାହାଙ୍କର ଟେଷ୍ଟକସନ ଇତ୍ୟାଦିର ନାମୋଲ୍ଲେଖରୁ ଜଣା ପଡୁଅଛି । ବଙ୍ଗଦେଶର ମାଇକେଲଙ୍କର ଅନେକ ପୁସ୍ତକ ( ପ୍ରକାଶକଙ୍କ କର୍ତ୍ତୃକ ? ) ରାଜା ଏବଂ ବଡ଼ଲୋକମାନଙ୍କ ନାମରେ ଉତ୍ସୃଷ୍ଟ ହୋଇଥିଲା—ସମ୍ପାଦକ ମହାଶୟ ଏ ସମ୍ବାଦ କାହୁଁ ପାଇଲେ ? ବାବୁ ରାଜକିଶୋର ଦେ ମାଇକେଲଙ୍କର ସ୍ୱତ୍ୱ କ୍ରେତା ଓ ପ୍ରକାଶକ । ପୁସ୍ତକର ସ୍ୱତ୍ୱ କିଣିଥିଲେହେଁ ମାଇକେଲଙ୍କ କୌଣସି ଗ୍ରନ୍ଥ ପ୍ରକାଶକଙ୍କ କର୍ତ୍ତୃକ "ରାଜା ଏବଂ ବଡ଼ଲୋକମାନଙ୍କ ନାମରେ ଉତ୍ସୃଷ୍ଟ" ହୋଇ ନାହିଁ । ପାଠକମାନେ ଟିକିଏ ଶ୍ରମ ସ୍ୱୀକାର କଲେ ଦେଖିବାକୁ ପାଇବେ ଯେ, ମାଇକେଲଙ୍କର ଗ୍ରନ୍ଥ ସମୂହ ମଧ୍ୟରୁ "ଶର୍ମିଷ୍ଠାନାଟକ" ରାଜା ପ୍ରତାପଚନ୍ଦ୍ର ସିଂହ ଏବଂ ରାଜା ଈଶ୍ୱରଚନ୍ଦ୍ର ସିଂହଙ୍କୁ, "ବୀରାଙ୍ଗନା କାବ୍ୟ" ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ, "କୃଷ୍ଣକୁମାରୀ ନାଟକ" କେଶବଚନ୍ଦ୍ର ଗଙ୍ଗୋପାଧ୍ୟାୟଙ୍କୁ "ତିଲୋତ୍ତମା ସମ୍ଭବ କାବ୍ୟ" ଯତୀନ୍ଦ୍ରମୋହନ ଠାକୁରଙ୍କୁ ଏବଂ "ହେକ୍ଟର ବଧ" ଭୂଦେବ ମୁଖୋପାଧ୍ୟାୟଙ୍କୁ ମାଇକେଲ ସ୍ୱୟଂ ଉତ୍ସର୍ଗ କରିଅଛନ୍ତି । ପ୍ରକାଶକ ଯେଉଁସବୁ ଗ୍ରନ୍ଥକୁ ରାଜା ଏବଂ ବଡ଼ଲୋକଙ୍କ ନାମରେ ଉତ୍ସର୍ଗ କରିଅଛନ୍ତି ବୋଲି "ହିତୈଷିଣୀ" ଯାହା କହୁଅଛନ୍ତି, ତାହା ଠିକ୍ ନୁହେଁ । ଏପରି କି, ମାଇକେଲଙ୍କର ଅନୁତ୍ସୃଷ୍ଟ ଗ୍ରନ୍ଥମାନଙ୍କ ମଧ୍ୟରୁ ( ମେଘନାଦ ବଧ, ବ୍ରଜାଙ୍ଗନା କାବ୍ୟ, ଚତୁର୍ଦ୍ଦଶପଦୀ କବିତାବଳୀ ଏବଂ ଏକେଇ କି ବଲେ ସଭ୍ୟତା ? ) କୌଣସି ଗ୍ରନ୍ଥ ପ୍ରକାଶକ କାହାରିକୁ ଉତ୍ସର୍ଗ କରିନାହାନ୍ତି, ଅଥବା କରିପାରି ନାହାନ୍ତି । ଅନ୍ୟକୃତ ଗ୍ରନ୍ଥକୁ ଉତ୍ସର୍ଗ କରିବାରେ ଯଦ୍ୟପି ପ୍ରକାଶକମାନଙ୍କର ଅଧିକାର ଥାନ୍ତା, ତେବେ ମାଇକେଲଙ୍କର ଗ୍ରନ୍ଥ ପ୍ରକାଶକ "ମେଘନାଦ" ଭଳି ଗ୍ରନ୍ଥକୁ ରାଜା ମହାରାଜାଙ୍କ ନାମରେ ଉତ୍ସର୍ଗ କରି ମୁଠାଏ ଟଙ୍କା ମାରି ନେଇପାରି ନ ଥାନ୍ତେ କି ?

ଆମ୍ଭେମାନେ ଅନ୍ୟକୃତ ଗ୍ରନ୍ଥକୁ ଉତ୍ସର୍ଗ କରିଅଛୁଁ ବୋଲି "ହିତୈଷିଣୀ" ସମ୍ପାଦକ ଅନୁମାନ କରନ୍ତି । କିନ୍ତୁ ସମ୍ପାଦକଙ୍କର ମନେ ରଖିବା ଉଚିତ ଯେ, ଏଠାରେ ଅନୁମାନର କଥା ହେଉ ନାହିଁ—ପ୍ରତ୍ୟକ୍ଷ ପ୍ରମାଣର କଥା ହେଉଅଛି । ଅନୁମାନର କଥାଟା "ହିତୈଷିଣୀର" ସମ୍ପାଦକୀୟ ବୈଠକୀ ରହସ୍ୟ ସଭାରେ ରଖିଦେଲେ ଚଳନ୍ତା । ଅନୁମାନର ଅମଳ ଗଲାଣି, ପ୍ରତ୍ୟକ୍ଷ ପ୍ରମାଣର ଅମଳ ପଡ଼ିଲାଣି । "ହିତୈଷିଣୀର" ଏହି ଅନୁମାନକୁ ଯେ ଶିକ୍ଷିତ ଉତ୍କଳର ମନ ନେବ, ଏହା ଆମ୍ଭମାନଙ୍କର ମନକୁ ପାଉ ନାହିଁ ।

"ଅନୁବାଦ ହେଲେ ପୁସ୍ତକ ନୂତନ ହୁଏ । ଏପରି ପୁସ୍ତକର ଉତ୍ସର୍ଗ କରିବାର ସମସ୍ତଙ୍କ ଅଧିକାର ଅଛି"—ଏ ଅଦ୍ଭୁତ ଯୁକ୍ତି ହିତୈଷିଣୀଙ୍କ ପକ୍ଷରେ ଶୋଭା ପାଏ । ଭାଷାନ୍ତରିତ କୌଣସି ଗ୍ରନ୍ଥ ସଦସତ୍ ବିଶ୍ୱରଞ୍ଜନ ପ୍ରକାଶକମାନଙ୍କ ( ଇଂଲଣ୍ଡୀୟ ଟେକେଶଗୁଡ଼ିଏ ପ୍ରକାଶକ ବ୍ୟତୀତ ) କର୍ତ୍ତୃକ ବ୍ୟକ୍ତିବିଶେଷଙ୍କୁ ଉତ୍ସୃଷ୍ଟ ହୋଇଥିବାର ଆମ୍ଭମାନଙ୍କୁ ଜଣା ନାହିଁ । ସମ୍ପାଦକଙ୍କୁ ଜଣାଥିଲେ ଲେଖି ବାଧିତ କରିବେ । କାରଣ ଉପସ୍ଥିତ ନ ହେଲେ କାର୍ଯ୍ୟ ହୁଏ ନାହିଁ—ଏକଥା ସର୍ବବାଦୀସମ୍ମତ । "ଇଂଲଣ୍ଡ ଏବଂ ବଙ୍ଗଦେଶ ପ୍ରଭୃତିରେ ଏହି ସ୍ୱତ୍ୱ ସଂଶୋଧନ ସକାଶେ ଦେଶହିତୈଷୀ ବାହାର ନ ଥିଲେ, ଏତେ ଦିନକେ ଓଡ଼ିଶାରେ ବାହାରିପଡ଼ିଲେ" ବୋଲି ହିତୈଷିଣୀ ଯେଉଁ ଅନ୍ଦେଶ ପ୍ରକାଶ କରିଅଛନ୍ତି, ତାହା ନିତାନ୍ତ ଅମୂଳକ । ଇଂଲଣ୍ଡ ଏବଂ ବଙ୍ଗଦେଶରେ ଯଦି ଏହି ସ୍ୱତ୍ୱ ପ୍ରଶ୍ରୟ ପାଇଥାଏ, ତେବେ ତାହାର ସଂଶୋଧନ ସକାଶେ ଅବଶ୍ୟ ଦେଶହିତୈଷୀ ବାହାରି ଥିବେ—କିନ୍ତୁ "ହିତୈଷିଣୀ" ସମ୍ପାଦକଙ୍କୁ ତାହା ଜଣା ନାହିଁ ।

ମଧୁବାବୁ ଯେ "ସୁଚରିତ୍ର ପୁରୁଷ" ତାହା ଆମ୍ଭେମାନେ ଅସ୍ୱୀକାର କରି ନାହୁଁ କିମ୍ବା କରୁ ନାହୁଁ । କେବଳ ତାହାଙ୍କୁ "ଆଦର୍ଶ ମନୁଷ୍ୟ" କହିବାରେ ଆମ୍ଭମାନଙ୍କର ବିଷମ ଆପତ୍ତି ଅଛି । ତାହାଙ୍କୁ "ସମଗ୍ର ଉତ୍କଳଖଣ୍ଡର ଆଦର୍ଶ ମନୁଷ୍ୟ" ବୋଲି ଘୋଷଣା କରିବା ପୂର୍ବରୁ "ହିତୈଷିଣୀ" ସମ୍ପାଦକ ମହାଶୟ ବଙ୍କିମବାବୁଙ୍କ କୃତ "ଧର୍ମତତ୍ତ୍ୱ," "କୃଷ୍ଣ ଚରିତ୍ର" ଏବଂ କୋମତଙ୍କ କୃତ ଗ୍ରନ୍ଥାବଳୀର ଇଂରାଜୀ ଅନୁବାଦ ପଢ଼ି ଥିଲେ ଏପରି ମାରାତ୍ମକ ମତ ପ୍ରକାଶରେ କଦାପି ସାହସୀ ହୋଇ ନ ଥାନ୍ତେ ବୋଲି ଆମ୍ଭମାନଙ୍କର ବିଶ୍ୱାସ । ମହାପୁରୁଷ କୋମତ ପଞ୍ଚବିଂଶବର୍ଷ ବ୍ୟାପୀ ଗଭୀର ଚିନ୍ତା ଓ ଆଲୋଚନା ପରେ "ଆଦର୍ଶ ମନୁଷ୍ୟତ୍ୱ" ବୁଝାଇବା ସକାଶେ ପ୍ରାୟ ପଞ୍ଚସହସ୍ର ପୃଷ୍ଠା ପରିମିତ ଗ୍ରନ୍ଥ ଫରାସୀ ଭାଷାରେ ଲେଖି ଯାଇ ଅଛନ୍ତି । ପ୍ରତ୍ୟକ୍ଷ ବାଦୀମାନଙ୍କ ମତରେ "ଆଦର୍ଶ ମନୁଷ୍ୟ" ମାନସୀ ଶକ୍ତି ଦ୍ୱାରା ଧର୍ମ ନିର୍ବାହ କରନ୍ତି, କିନ୍ତୁ ତାହାଙ୍କ ଚରିତ୍ର ଅମାନୁଷ । ବଙ୍କିମବାବୁ ତାହାଙ୍କର "କୃଷ୍ଣ ଚରିତ୍ରରେ" କୃଷ୍ଣଙ୍କର ଆଦର୍ଶ ମନୁଷ୍ୟତ୍ୱ ପ୍ରତିପାଦନ ସକାଶେ ପ୍ରୟାସ ପାଇ ଅଛନ୍ତି । ଅତଏବ ମଧ୍ୟ ଦେଖନ୍ତୁ । ସମଗ୍ର ଉତ୍କଳଖଣ୍ଡ ଯେଉଁ ଧର୍ମାବଲମ୍ବୀ, ଯେଉଁସବୁ ଆଚାର ବ୍ୟବହାର ଓ ରୀତି ନୀତିର ଅନୁବର୍ତ୍ତୀ, ତାହାର ସହିତ ମଧୁବାବୁଙ୍କର ସହାନୁଭୂତି ନ ଥିବା ପ୍ରତ୍ୟକ୍ଷେ ସମଗ୍ର ଉତ୍କଳ କିରୂପେ ତାହାଙ୍କୁ "ଆଦର୍ଶ ମନୁଷ୍ୟ" ବୋଲି ଗ୍ରହଣ କରନ୍ତୁ ? କାରଣ ଯେ ଯାହାର ଆଦର୍ଶ, ସେ ତାହାକୁ ସର୍ବଦା ସମ୍ମୁଖରେ ରଖି ତଦନୁଯାୟୀ ଜୀବନ ଗଠନ କରେ । ମଧୁବାବୁଙ୍କର ଆଦର୍ଶ ଜୀବନକୁ ସମ୍ମୁଖରେ ରଖି ତାହାଙ୍କ ଜୀବନ ସଂଗଠନ କରିବାକୁ ଗଲେ ଉତ୍କଳକୁ ବୈଦିକ ଧର୍ମାନୁଷ୍ଠାନରେ ଅନାସ୍ଥା ପ୍ରଦର୍ଶନ କରି ଯୁଗଧର୍ମାନୁବର୍ତ୍ତୀ ହେବାକୁ ହେବ । କିନ୍ତୁ ତଦ୍ରୂପ କାର୍ଯ୍ୟରେ ଉତ୍କଳ ସମ୍ମତ କି ନା—ସ୍ୱୟଂ "ହିତୈଷିଣୀ" ସମ୍ପାଦକ ମଧ୍ୟ ସ୍ୱଜାତି ଓ ସ୍ୱଧର୍ମ ବଜାଏ ରଖି ତାହାଙ୍କର ପ୍ରତିପାଦିତ "ଆଦର୍ଶ ମନୁଷ୍ୟର" ଅନୁଗାମୀ ହୋଇ ପାରିବେ କି ନା—ତାହାର ମୀମାଂସା ଅଗ୍ରେ ପ୍ରୟୋଜନ । ନଚେତ୍ ଯୁଗଧର୍ମାନୁପ୍ରାଣିତ "ଉତ୍କଳ ପ୍ରଭୃତିର" "ଉତ୍କଳ ବ୍ରମଣ୍ଡଳେ" ଅସ୍ତବ୍ୟସ୍ତ ହୋଇ ଉତ୍କଳରେ ମଧୁବାବୁଙ୍କର "ଆଦର୍ଶ ମନୁଷ୍ୟତ୍ୱ" ପ୍ରତିଷ୍ଠିତ କରିବା ସକାଶେ ପ୍ରୟାସ ପାଇବା ବିଡ଼ମ୍ବନା ମାତ୍ର ନୁହେ କି ? ଇତି ।

ଉତ୍ସର୍ଗଦର୍ପଣ କାର୍ଯ୍ୟାଳୟ ପାସ୍ୱାଳଗର । } ମୀମାଂସାପ୍ରାର୍ଥୀ ଶ୍ରୀମତ୍ ଉତ୍ସର୍ଗାନନ୍ଦ ସ୍ୱାମୀ ।

☞ ଏ ଯାହାଙ୍କ ବାଦ ଶ୍ରଦ୍ଧା ସହିତ ଲେଖେ ତାହା ଗ୍ରହଣୀୟ ଅଟେ ମାତ୍ର କେଉଁ ପ୍ରବନ୍ଧ ଲେଖିବା ଲାଗି ଅଧିକା ଅପେକ୍ଷା ଅପଣା ସରଳ ହେଲେ ଅଧିକ ଉପଯୁକ୍ତ ଏହି ଅଭିଲଣ୍ଠୀୟ ହୁଏ ବୋଧ ହୁଏ ଏଥିରେ ମତଭେଦ ନାହିଁ ।
ସମ୍ପାଦକ ।

☞ ମୁଦ୍ରାଙ୍କ ଦେଖ

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୩୦ ଶ | ସ ୩୯ ଖ୍ୟା — ତା ୧୨ ରିଖ ମାହେ ଅକ୍ଟୋବର ସନ ୧୮୯୪ ମସିହା । ମୁ । ତ ୨୮ ନ ଆଶ୍ୱିନ ଶକ ୧୩୦୩ ସାଲ ଶନିବାର । — ଅଗ୍ରିମ ଟ ୩ ୧ | ପଶ୍ଚାଦେୟ ଟ ୬ ୧

ବାର୍ଷିକ ଦୁର୍ଗୋତ୍ସବ ଶେଷ ହେଲା । ମା ଜଗନ୍ମୟୀଙ୍କଠାରୁ ବିଦାୟ ଗ୍ରହଣ କରି ବର୍ତ୍ତମାନ ସମସ୍ତେ ସ୍ୱ ସ୍ୱ କାର୍ଯ୍ୟରେ ଉପସ୍ଥିତ ହେଲେଣି ହେଉଛନ୍ତି ଓ ହେବେ । ଅମ୍ଭେମାନେ ତଦନୁସାରେ ଦୁଇ ସପ୍ତାହ ଅବସର ଗ୍ରହଣ କରି କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହୋଇ ପାଠକ ଗ୍ରାହକ ଓ ଅନ୍ୟ ଗ୍ରାହକମାନଙ୍କୁ ଯଥାବିଧି ଅଭିବାଦନ କରୁ ଅଛୁଁ । ଆଶାକରୁଁ ପାଠକ ଗ୍ରାହକ ଓ ଅନୁଗ୍ରାହକମାନେ ପୁଣି ଆମ୍ଭମାନଙ୍କପ୍ରତି ପୂର୍ବପରି ସହାନୁଭୂତି ଦର୍ଶାଇବେ ।

ଚିତ୍ରାଲ ଯୁଦ୍ଧରେ ଦୁଲଜା, ଡାଗର ଅଲ୍ଲପତପୁଲର ଯେଉଁ ରାଜାମାନେ ଇଂରାଜଙ୍କୁ ଚିତ୍ରାଲ ଯୁଦ୍ଧରେ ସାହାଯ୍ୟ କରିଥିଲେ ସେମାନଙ୍କୁ ଖିଲାତ ଦେବା କାରଣ ଆଗାମୀ ନବେମ୍ବରମାସରେ ସର ଜର୍ଜ ରବର୍ଟସନ ସାହେବ ମହୋଦୟ ଗିଲଗିଟ ଠାରେ ଦରବାର କରିବାର ସ୍ଥିର ହୋଇ ଅଛି । ଉତ୍ତମ ।

ଆଜମୀରଠାରେ ଗତ ସେପ୍ଟେମ୍ବରମାସ ତା୨୭। ୨୮।୨୯ ରିଖମାନଙ୍କରେ ଧର୍ମମହାସଭା ନାମକ ଏକ ସଭା ବସିଥିବାର ସମ୍ବାଦ ମିଳଇ । ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମ୍ମସମ୍ପ୍ରଦାୟର ପ୍ରତିନିଧିମାନେ ସଭା ସ୍ଥଳରେ ସମବେତ ହୋଇ ଆପଣା୨ ଧର୍ମ୍ମସମ୍ବନ୍ଧୀୟ ବକ୍ତୃତାମାନ କରିଥିଲେ ବ୍ରାହ୍ମଧର୍ମ୍ମର ପ୍ରତିନିଧି ମଧ୍ୟ ସଭାସ୍ଥଳରେ ଉପସ୍ଥିତ ଥିଲେ । ଏହା ସମ୍ପୂର୍ଣ୍ଣ ଅଭିନବ ବ୍ୟାପାର ଅଟେ ମାତ୍ର ଏଥିଦ୍ୱାରା ବିଶେଷ ଫଳ ଲାଭ ହେବାର ଆଶା ନାହିଁ ।

—•※•—

ଚୀନ ଓ ଜାପାନ ଯୁଦ୍ଧ ହେତୁ ପୂର୍ବାଞ୍ଚଳରେ ରୁଷିଆ, ଫ୍ରାନ୍ସ ଏବଂ ଜର୍ମ୍ମାନୀର ଆଧିପତ୍ୟ ବୃଦ୍ଧି ହେବା ସଙ୍ଗେ୨ ଇଂରାଜଙ୍କ ଆଧିପତ୍ୟ ହ୍ରାସ ହୋଇଥିବାରୁ ଲଣ୍ଡନର ପ୍ରଧାନ ସମ୍ବାଦପତ୍ର ଟାଇମସ୍ ପତ୍ରିକା ବୈଦେଶିକ ବିଭାଗୀୟ ମନ୍ତ୍ରିଙ୍କି ପୂର୍ବାଞ୍ଚଳର ବ୍ୟବସାୟ ବୃଦ୍ଧି କରିବା ପକ୍ଷେ ବିଶେଷ ଯତ୍ନବାନ୍ ହେବାର ପରାମର୍ଶ ଦେଇ ଅଛନ୍ତି । ବାଣିଜ୍ୟ ଦ୍ୱାରା ଇଂରାଜଙ୍କର ଏତେଦୂର ଉନ୍ନତି ହୋଇଅଛି ମାତ୍ର ରୁଷିଆ, ଫ୍ରାନ୍ସ ଓ ଜର୍ମ୍ମାନୀକ ହଟାଇବାର ଆଶା ଅଛନ୍ତି ।

ପାମୀର୍ ଅଞ୍ଚଳର ସୀମା ନିର୍ଦ୍ଧାରଣ କାର୍ଯ୍ୟ ଶେଷ ପାଇ ଅଛି । ରୁଷିଆର କର୍ମ୍ମଚାରୀମାନେ ସେଠା କାର୍ଯ୍ୟ ଶେଷ କରି ଆପଣା ରାଜ୍ୟକୁ ପ୍ରତ୍ୟାଗତ ହୋଇଅଛନ୍ତି ଏବଂ ଇଂରାଜ କର୍ମ୍ମଚାରୀମାନେ ମଧ୍ୟ ଫେରି ଆସୁ ଅଛନ୍ତି । ଏ କାର୍ଯ୍ୟ ନିର୍ବିଘ୍ନରେ ଶେଷ ହେବାର ଆଶା ନ ଥିଲା ଏବଂ କୌଣସି ବିଷୟରେ ଗୋଲମାଲ ଜାତ ନ ହେବା ବଡ଼ ସୁଖର ବିଷୟ ଅଟଇ । କଥିତଅଛିଏ କେବଳ ଗୋଟିଏ ବିଷୟରେ ରୁଷିଆ ଓ ଇଂରାଜଙ୍କ ମଧ୍ୟରେ ଦ୍ୱନ୍ଦ ଜାତ ହୋଇଥିଲା ମାତ୍ର ଇଂରାଜ ଛାଡିଦେବାରୁ ଦ୍ୱନ୍ଦ ନିବାରିତ ହୋଇଗଲା । ଏକପକ୍ଷ ଶାନ୍ତି ନ ହେଲେ କଳହ ଲାଗଇ ନାହିଁ ।

ଚୀନ ରାଜ୍ୟରେ ଖ୍ରୀଷ୍ଟଧର୍ମ୍ମ ପ୍ରଚାର କରିବାକୁ ଯାଇ ଇଂରାଜମାନେ ସେଠାରେ ବଡ଼ ବିପତ୍ତିରେ ପଡି ଅଛନ୍ତି । ଭେଙ୍ଗଚୁଠାରେ ପ୍ରଟେଷ୍ଟାଣ୍ଟ ଲୋକ ଗଡ଼ି ଦେଇଥିବା ଆଦି ହେତୁ ଇଂରାଜ ମନ୍ତ୍ରୀ କୋପାନ୍ୱିତ ହୋଇ ଜୁରୁଏନର ପ୍ରତିନିଧିଙ୍କୁ ପଦଚ୍ୟୁତ କରିବା କାରଣ ଚୀନକୁ ଆଦେଶ ପତ୍ର ପଠାଇ ଅବଜ୍ଞା କଲେ ଲଢ଼ାଇ ହେବାର ଧମକାଇ ଥିଲେ । ଇତି ମଧ୍ୟରେ ଯଦିଓ ଇଂରାଜ ଦୂତଙ୍କୁ ଚୀନାମାନେ ଅପମାନିତ କରିଥିଲେ ମାତ୍ର ଚୀନ ସମ୍ରାଟ ଇଂରାଜଙ୍କ ଆଦେଶ ପ୍ରତିପାଳନ କରି ଜୁଟୁଏନର ପ୍ରତିନିଧିଙ୍କି ତତ୍କାଳ ସଙ୍କାଶେ ପଦଚ୍ୟୁତ କରି ଅଛନ୍ତି । ଫ୍ରାନ୍ସ ମଧ୍ୟ ସେହିପରି ଦାବୀ କରି ବହୁ ଅର୍ଥ ପାଇବାର ବାଟ ଖୋଜି ଅଛନ୍ତି ।

ଅନୁଗୁଳରେ ମଦନମୋହନନାମରେ ଗୋଟିଏ ମଠ ଅଛି । ପୁରୀର ଜଣେ ବାବାଜି ଗୋପାଳଦାସ ଏହି ମଠର ମହନ୍ତ ନିମନ୍ତେ ପ୍ରାୟ ୫ ବର୍ଷ ହେଲା ପୁନଃ୨ ଚେଷ୍ଟା କଲେହେଁ ତାହାଙ୍କ ଆଶା ସଫଳ ହେଉ ନ ଥିଲା ଏବଂ କେତେକ ବର୍ଷହେଲା ଅନୁଗୁଳର ଉଦାସିନ୍ଦାର ଏହି ମଠର କାର୍ଯ୍ୟ ନିର୍ବାହ ନିମନ୍ତେ ଗୋଟିଏ କମିଟୀ ନିଯୁକ୍ତ

Digitized by srujanika@gmail.com

କରୁଥିଲେ । ଗତ ଜୁନମାସରେ ଗୋପାଳଦାସ ବାବାଜି ଆଉ ଏକ ଦରଖାସ୍ତ ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟଙ୍କ ନିକଟକୁ ପଠାଇବାରୁ ତାହା ଓଡ଼ିଶା ଗଡ଼ଜାତ ସୁପ୍ରିଣ୍ଟ ଶ୍ରୀଯୁକ୍ତ କୁକ୍ ସାହେବଙ୍କ ନିକଟକୁ ଫେରି ନିମନ୍ତେ ଆସିଥିଲା । ସାହେବ ମହୋଦୟ ଦେଖିଲେ ଯେ ସେହି ମଠ ନିମନ୍ତେ କିଛି ଲାଖରାଜ ଜମି ସରକାରଙ୍କୁ ଖଜଣା ନାହିଁ । ଅନୁଗୁଳର ଲୋକମାନେ ସେବା ଦେବାଦ୍ୱାରା ମଠର ସମସ୍ତ ବ୍ୟୟ ନିର୍ବାହ କରୁଅଛନ୍ତି । ଅତଏବ ସାହେବ ମହୋଦୟ ମନ୍ତବ୍ୟ କଲେ ଯେ ସରକାରଙ୍କୁ ବୃତ୍ତି ଖଜଣା ନ ଥିବା ସ୍ଥଳେ ଉକ୍ତ ହିଲ୍‌ଦାର କମିଟୀ ନିଯୁକ୍ତ କରିବା କିମ୍ବା ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ହସ୍ତକ୍ଷେପ କରିବାର ଉଚିତ ନୁହେ । ସେବାୟତମାନେ ଆପଣା ଇଚ୍ଛାମତେ କମିଟିଦ୍ୱାରା ଅଥବା କୌଣସି ଏକ ବ୍ୟକ୍ତିକୁ ମହନ୍ତ ନିଯୁକ୍ତ କରିବାଦ୍ୱାରା ମଠର କାର୍ଯ୍ୟ ଚଳାଇବେ ଓ ମହନ୍ତଙ୍କ ସେନ ବିବାଦ ହେଲେ ଦିଓ୍ୱାନୀ ଅଦାଲତରେ ତହିଁର ବିଚାର ହେବ । ସେବା ଦାତାଙ୍କ ସ୍ୱାଧୀନତା ପ୍ରତି କୌଣସି ପ୍ରକାର ହସ୍ତକ୍ଷେପ ସରକାର ପକ୍ଷରୁ ହେବା ବାଞ୍ଛନୀୟ ନୁହେ । ଆମ୍ଭେମାନେ ଦେଖିଲୁ ଯେ ସ୍ୱର୍ଗୀୟ ସ୍ୱାମୀ ବାବାଜୀର ନନ୍ଦଘୋଷଦାସ ଏ ମୋକଦମାର ଅବ୍ୟ ସତ ୧୮୯୧ ସାଲରେ ଏହି କଷ୍ଟି କରିଥିଲେ ତାହା ସ୍ଥିର ରହିଥିଲେ ବାବାଜୀଙ୍କର ଏତେ ଲଣ୍ଡଭଣ୍ଡ ହୋଇ ନ ଥାନ୍ତା । ଯାହାହେଉ ପରିଶେଷରେ ସ୍ୱବିଷ୍ଟର ହେଲା ବଡ଼ ସୁଖର ବିଷୟ ଅଟେ ।

---

ଅତିଶୟ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ ଆମ୍ଭମାନଙ୍କର ଏକଜଣ ପୁରାତନ ଓ ବିଶ୍ୱସ୍ତ କର୍ମଚାରୀ ବାବୁ ଶ୍ୟାମସୁନ୍ଦର ନାୟକ ଗତ ବୁଧବାର ଜ୍ୱରରୋଗରେ ଇହଲୋକ ପରିତ୍ୟାଗ କଲେ । ସେ ଜଣେ କାର୍ଯ୍ୟକ୍ଷମ ଓ ସତ୍‌ଲୋକ ଥିଲେ । ଅଜସ୍ର ବେତନଭୋଗୀ କର୍ମଚାରୀମାନଙ୍କ ମଧ୍ୟରେ ସେପରି ଦିନ ଅବଶ୍ୟ ଦୁର୍ଲ୍ଲଭ ମାତ୍ର ହୋମାଳ ତାଙ୍କର ସେ ଗୁଣଦେବୁ ରାଜ୍ୟଠାରୁ ବିଶେଷରୂପେ ଉପକୃତ ହୋଇଥାଉଛି ।—

ବିଂଶବର ସ୍ୱୟୋଃର ଉଦ୍ୟୋଗୀ ମଧ୍ୟରେ ଏ ଜଣେ ପ୍ରଧାନ ଥିଲେ ଓ ଜନ୍ମଭୂମି ପ୍ରତି ଜଣକ ଏବଂ ଅତନୟ କାର୍ଯ୍ୟରେ ଏହାଙ୍କର ବିଶେଷ ବ୍ୟୁତ୍ପତ୍ତି ଥିଲା । ବ୍ୟାକ କାର୍ଯ୍ୟସମସ୍ତ ଛାଡ଼ି ଅବଶିଷ୍ଟ ସମସ୍ତ ସେ ନିଃସ୍ୱାର୍ଥ ପରୋପକାର କାର୍ଯ୍ୟରେ (ଆହାର ନିଦ୍ରା ଆସ୍ଥା ନ ରଖି) ଅତିବାହିତ କରୁଥିଲେ ଏବଂ ସେ ଅତ୍ୟନ୍ତ ସହିଷ୍ଣୁ ସଦାଶୟ ଓ ବୁଦ୍ଧିମାନ ଥିଲେ । ତାହାଙ୍କ ଉଦାର ଗୁଣରେ ଏ ନଗରର ଉଚ୍ଚ ଓ ନୀଚ ଶ୍ରେଣୀର ଅଧିକାଂଶ ଲୋକ ବଶୀଭୂତ ହୋଇ ଆମୋଦ ଉପଭୋଗ ଅଥବା ଆପଦ ବିପଦ ସମୟରେ ପରାମର୍ଶ ଲୋଡୁଥିଲେ ତଥାପି କେବେ ତାଙ୍କୁ ବାବୁଗିରି କରିବାର ଦେଖାଯାଇ ନାହିଁ । ସ୍ନେହର ଆକର୍ଷଣ ଗୁଣରୁ ତାଙ୍କର ପୀଡ଼ିତାବସ୍ଥାରେ ତାଙ୍କୁ ଦେଖିବାପାଇଁ ବଡ଼ାବଡ଼ ଏତେଲୋକ ଯାତାୟାତ କରୁଥିଲେ ଯେ ତାଙ୍କର ଦ୍ୱାର ବନ୍ଦ ହେବାର ଅବସର ନ ଥିଲା । ଶବ ସହିତ ଶ୍ମଶାନ ପର୍ଯ୍ୟନ୍ତ ବହୁତଲୋକେ ଗୋଡ଼ାଇ ଯାଇଥିଲେ । ତାଙ୍କର ଉପକାର ଓ ସଦାଶୟତା ପ୍ରଭୃତି ଗୁଣ ଚତୁର୍ଦ୍ଦିଗର ଲୋକେ ବାଦାନୁବାଦ କରୁଛନ୍ତି । ସେ ହୋମ୍ୟାରଙ୍କ କାର୍ଯ୍ୟ ପ୍ରାୟ ୨୮ ବର୍ଷ କରିଥିଲେ । ମୃତ୍ୟୁକାଳରେ ତାଙ୍କର ବୟସ ୫୫ ବର୍ଷ ଥିଲା ।

ଗୋଟିଏ ବିଧବା ବନ୍ୟା, ଜାମାତା ଓ ଅଳ୍ପବୟସ୍କ ପୁତ୍ର ଏବଂ ଭାର୍ଯ୍ୟାଙ୍କୁ ଅସହନୀୟ ଶୋକସାଗରରେ ଭସାଇ ସେ ସ୍ୱର୍ଗଧାମକୁ ଗମନ କଲେ । ଈଶ୍ୱର ସେମାନଙ୍କୁ ଏ ବିପଦକାଳରେ ଧୈର୍ଯ୍ୟ ପ୍ରଦାନ କରି ପରଲୋକଗତ ଆତ୍ମାର ମଙ୍ଗଳ ବିଧାନ କରନ୍ତୁ ଏହିବ ପ୍ରାର୍ଥନା ।

---

ଇତିପୂର୍ବରୁ ସମ୍ବାଦ ଦତ୍ତ ହୋଇଥିଲା ଯେ ଢେଙ୍କାନାଳର ମାନେଜର ପଦରେ ମିଃ ସ୍କଟ ମାନେଜର ପଦରେ ନିଯୁକ୍ତ ହୋଇ ଢେଙ୍କାନାଳରେ ସ୍ୱର୍ଣ୍ଣ ଗ୍ରହଣ କରିଥିଲେ । ଗଡ଼ଜାତର ସୁପ୍ରିଣ୍ଟ ଶ୍ରୀଯୁକ୍ତ କୁକ୍ ଗଭର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ଅପେକ୍ଷା ଉପରୋକ୍ତ ପ୍ରକାର ବନ୍ଦୋବସ୍ତ କରିଥିଲେ । କିନ୍ତୁ ଜନରବ ଉଠିଅଛି ଯେ ଗଭର୍ଣ୍ଣମେଣ୍ଟ କୁକ୍ ସାହେବଙ୍କ ପ୍ରସ୍ତାବ ଅଗ୍ରାହ୍ୟ କରି ଦେଶୀୟ ଲୋକ ଢେଙ୍କାନାଳର ବର୍ତ୍ତମାନ ବନ୍ଦୋବସ୍ତ କର୍ମଚାରୀ ଓ ଆଃ ମାନେଜର ବାବୁ ହରଗୋବିନ୍ଦ ଘୋଷଙ୍କୁ ଢେଙ୍କାନାଳ ମାନେଜରର ପଦରେ ନିଯୁକ୍ତ କରି ଅଛନ୍ତି । ଗଭର୍ଣ୍ଣମେଣ୍ଟଙ୍କ ବନ୍ଦୋବସ୍ତ ସାଧାରଣ ପ୍ରୀତିକର ହେବ ଏଥିରେ କୌଣସି ସନ୍ଦେହ ନାହିଁ । ଦେଶୀୟ ଲୋକଙ୍କ ବାଦ ଉପେକ୍ଷା କରି ଗୋରା ଲୋକଙ୍କୁ ଶ୍ରୀଯୁକ୍ତ କୁକ୍ ସାହେବ ନିଯୁକ୍ତ କରି ସାଧାରଣଙ୍କ ମନରେ କଷ୍ଟ ଦେଇଥିଲେ କିନ୍ତୁ ପରିଶେଷରେ ସେହିପରି କଷ୍ଟ ତାଙ୍କ ମନରେ ହୋଇଥିବ । ଗଭର୍ଣ୍ଣମେଣ୍ଟ ଦେଶୀୟ ରାଜ୍ୟରେ ବିଦେଶୀୟ ମାନେଜର ନିଯୁକ୍ତ ନ କରି ଅନ୍ୟ ବାଦର ପାତ୍ର ହୋଇ ଅଛନ୍ତି । ଗଭର୍ଣ୍ଣମେଣ୍ଟ ବିଦେଶୀ ହେଲେ ମଧ୍ୟ ଦେଶୀୟ ଲୋକଙ୍କ ପ୍ରତି ସହାନୁଭୂତି ରଖି ଅଛନ୍ତି ଓ ସେମାନଙ୍କ ପ୍ରତି ସଦ୍‌ବିଶ୍ୱାସ କରୁଅଛନ୍ତି ମାତ୍ର ଇଂରାଜୀ ଶିକ୍ଷିତ ମହାରାଜା ରାଜା ଅବା ଜମିଦାର ସେମାନଙ୍କର ମାନେଜର ଅଥବା ଅନ୍ୟ କୌଣସି ଉଚ୍ଚ ପଦ କର୍ମଚାରୀ ନିଯୋଗ କରିବା ସମୟରେ ଦେଶୀୟ ଲୋକଙ୍କପ୍ରତି ସେହିପରି ଆସ୍ଥା ରଖିବାର ଦେଖାଯାଉ ନାହିଁ । ମୟୂରଭଞ୍ଜର ମହାରାଜା ବାମନଘାଟୀର ସବଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ନିଯୋଗ ସମୟରେ ମୟୂମଙ୍କ ଦର ଜଣେ ବଙ୍ଗାଳୀକୁ ନିଯୁକ୍ତ କଲେ । ମୟୂରଭଞ୍ଜ ମହାରାଜାଙ୍କପରି ଶିକ୍ଷିତ ଯୁବକଙ୍କର ଏ ପ୍ରକାର କାର୍ଯ୍ୟ ସାଧାରଣ ଅପ୍ରିୟ ହେବ ନାହିଁ କି ? ବୋଧହୁଏ ଆମ୍ଭମାନଙ୍କ ମନ୍ତବ୍ୟରେ କେହି କେହି ଭିନ୍ନମତ ହୋଇ ପାରନ୍ତି । କାରଣ କି ମୟୂରଭଞ୍ଜରେ ଉଚ୍ଚ ପଦସ୍ଥ କର୍ମଚାରୀମାନେ ପ୍ରାୟ ବିଦେଶୀୟ ଓ ମହାରାଜା ମଧ୍ୟ ବିଦେଶୀୟ ପାତ୍ରୀ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ଜନରବ ଉଠିଥିଲା । ସୁତରାଂ ବଙ୍ଗାଳି ନିଯୋଗରେ ଆମ୍ଭମାନଙ୍କର ଅସନ୍ତୁଷ୍ଟ ହେବା ଉଚିତ ନୁହେ ମାତ୍ର ମହାରାଜା ସୁବର୍ଣ୍ଣରେଖାର ଆରପାରି ଓଡ଼ିଆ ଭାଷା ଉନ୍ନତି କରିବାର ଚେଷ୍ଟା ଦେଖୁଥିବାରୁ ଏବେ ଏଥି କହିଲୁ ।

---

ଗତ ଦଶହରା ସମୟରେ କ୍ୟାଣ୍ଟନମେଣ୍ଟ ମଧ୍ୟରେ ଯେଉଁ ଦୁର୍ଘଟନା ଘଟିଲା ତାହା ଯଦି ନ ଥିଲେ ଏବର୍ଷ ଏ ନଗରରେ ପର୍ବଟି ନିର୍ବିଘ୍ନରେ ଅତିବାହିତ ହୋଇଥାନ୍ତା । ଏହି ପର୍ବ ସମୟରେ ଏ ନଗରର ଦକ୍ଷିଣାଂଶରେ ମେଢ଼ମାନ ସମବେତ ହେଉଥିବା ସମୟେ ଶୁଣାଗଲା ଯେ କ୍ୟାଣ୍ଟନ ମଧ୍ୟରେ ପୋଲିସ ପ୍ରହରୀମାନଙ୍କ ସହିତ କଳହ କରି ବଜାରର ଯନ୍ତ୍ରୀ ମହାଜନ ବାବୁ ଓଙ୍କାର ଦୁର୍ଗାପ୍ରସାଦ ଭଗତଙ୍କ ଦ୍ୱାରା ଶୁଣିହୋଇ ଦେଲା । କେହି କହିଲେ ଯେ ଦୁର୍ଗାପ୍ରସାଦ ଦୁର୍ଗା ପୂଜା ଉତ୍ସବରେ ଯେଉଁ ମହାଦେବ ମେଢ଼ ନିର୍ମାଣ କରନ୍ତି ସେହିମେଢ଼ ରାସ୍ତା ବନ୍ଦ କରୁଥିବା ସମୟେ ପଛରୁ ଆଉ ଦୁଇମେଢ଼ ଆସିବାରୁ ପୋଲିସ ଦୁର୍ଗାପ୍ରସାଦଙ୍କ ତାଙ୍କର ମେଢ଼ ଆଗକୁ ଚଳାଇବା ନିମନ୍ତେ କହିଲେ ପଛ ମେଢ଼ମାନଙ୍କୁ ବାଟ ଛାଡ଼ି ଦେବାକୁ କହିଲେ କିନ୍ତୁ ବଳ ନାହିଁ କରି ସ୍ୱୀକାର ନ କେ-

Digitized by srujanika@gmail.com

Split by PDF Splitter



ବାବୁ ଗୋଲାପ ବାନ୍ଧ ଛଡ଼ାଇବା ସମୟେ ବନ୍ଦୀ ଓ ତାଙ୍କପକ୍ଷର ଲୋକମାନେ ଡିଷ୍ଟ୍ରିକ୍ଟ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମାରପିଟ କଲେ ଓ ଘାଣ୍ଟି ମଧ୍ୟରେ ପସି ମଧ୍ୟ ଜୁଲମ କଲେ । ଏହି ଘଟଣାର ସୁର ପାଞ୍ଚଦିନ ଉତ୍ତାରେ ସହେ ହଠାତ୍ ବନ୍ଦୀ ଓ ଆଉ କେତେକଣ ଲୋକ ଜେଲଖାନାକୁ ଅଗ୍ରସର ହେଲାଇଲେ ଏବଂ ତହୁଁ ଶୁଣାଗଲା ଯେ ଉପରୋକ୍ତ ମୋକଦ୍ଦମାରେ ପୋଲିସ ସେମାନଙ୍କୁ ଗ୍ରେପ୍ତାର କରି ଚାଲାଣ ଦେବାରୁ ହାକିମ ହୁକୁମ ହୋଇ ଅଛି । ବନ୍ଦୀ ଜେଲଖାନାକୁ ଯିବା ସମୟେ ବଜାରରେ ବାନ୍ଧ କିଛି ନ ଥିଲା । ଜଜ ସାହେବ ଜାମିନର ହୁକୁମ ଦେବାରୁ ଦୁଇଦିନ ବାଦ୍ ସେ ସାତହଜାର ଟଙ୍କାର ଜାମିନ ଦେଇ ଜେଲରୁ ଖଲାସ ହେଲେ ।

ଧନାଢ୍ୟ ବ୍ୟକ୍ତିର ହାଜତ ଗମନ ନଗରର ଲୋକଙ୍କ ପ୍ରଧାନ ଚର୍ଚ୍ଚାର ବିଷୟ ହୋଇଅଛି । ମୋକଦ୍ଦମା ବିଚାରାଧୀନ ଥିବାରୁ ପୋଲିସର ଗ୍ରେପ୍ତାର କାର୍ଯ୍ୟ କେତେଦୂର ନ୍ୟାୟସଙ୍ଗତ ହୋଇଅଛି ଆମ୍ଭେମାନେ ମତ ଦେବାକୁ ଅସମର୍ଥ । ବନ୍ଦୀଙ୍କର କୌଣସି ଗୁଣ ନ ଥିଲେହେଁ ଧନବର୍ଷି ଦୃଷ୍ଟିକରିବା କଥା ଶୁଣିବାକୁ ବୋଧ ହେଉଅଛି । ମୋକଦ୍ଦମା ସ୍ୱୟଂ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ନଭି ସାହେବ ଆପଣା ହାତରେ ରଖି ଅଛନ୍ତି । ଗତ ମଙ୍ଗଳବାର ଦିବସ ମୋକଦ୍ଦମା ଆରମ୍ଭ ହୋଇଥିଲା । କିନ୍ତୁ ମୋକଦ୍ଦମା ଅନ୍ୟ ଜିଲ୍ଲାକୁ ଉଠାଇନେବା କାରଣ ହାଇକୋର୍ଟର ଆଦେଶ ଆଣିବା ନିମନ୍ତେ ମୁଦ୍ଦାଲାମାନେ ତାଙ୍କ ଦରଖାସ୍ତ ମହଲତ ନିମନ୍ତେ ଦରଖାସ୍ତ ଦେବାରୁ ମାଜିଷ୍ଟ୍ରେଟ ସାହେବ ମହଲତ ମଞ୍ଜୁର କରି ଅଛନ୍ତି ।

———

ପୂଜା ।

ବର୍ଷକ ଉତ୍ତାରେ ମା ଆନନ୍ଦମୟୀ ଜଗତର ଆନନ୍ଦବର୍ଦ୍ଧନ ନିମନ୍ତେ ମର୍ତ୍ତ୍ୟଧାମରେ ଅବତୀର୍ଣ୍ଣ ହେଲେ । ଭଦ୍ର ଉତ୍କଳ ଭାଗ୍ୟରେ ଚିରବର୍ଷ ସୁପାଳନ ଘଟଇ ନାହିଁ କିନ୍ତୁ ମାତାଙ୍କ କୃପାରୁ ଏବର୍ଷ ତାହାର ପରେ ଅଭାବ ନାହିଁ । ମା ପର୍ବରୁ ଅନ୍ନର ସଂସ୍ଥାନ କରିଥିବାରୁ ଲୋକେ ହର୍ଷୋତ୍‌ଫୁଲ୍ଲଚିତ୍ତରେ ତାଙ୍କର ପୂଜା କରିବାକୁ ବାହାରିଲେ ଏବଂ ଇନ୍ଦ୍ର ଦେବତାଙ୍କ ସୁପ୍ରସନ୍ନତା ହେତୁ ଋତୁ ଅନୁକୂଳ ହେବାରୁ ଲୋକେ ଏହିପର୍ବଟି ଆମୋଦ ପ୍ରମୋଦରେ ଅତିବାହିତ କଲେ ।

ଏ ନଗର ମଧ୍ୟରେ ଆମୋଦର ଚଢ଼ ପୂର୍ଣ୍ଣିମା ତିଥିରେ ବଢ଼ିତ ହେଉଥିଲା । ପରମ୍ପରା ପ୍ରଥା ଅନୁସାରେ ବିନୋଦବିହାରଙ୍କ ମେଢ଼ର ପ୍ରତିମା ଓ କାଜିବଜାର ମେଢ଼ର ସାଜସଜ୍ଜା ଉତ୍କର୍ଷତା ଲାଭ କରିଥିଲେହେଁ ଏବର୍ଷ ଶ୍ରୀଯୁକ୍ତ ରାଜା ବୈଦ୍ୟନାଥପଣ୍ଡିତ ରାୟବାହାଦୂରଙ୍କ ଜାମାତା ଶ୍ରୀଯୁକ୍ତ ବାବୁ ରାଜନାରାୟଣ ପଣ୍ଡିତ କର୍ତ୍ତବ୍ୟରୂପରେ ଦେଶୀ ଓ କଲିକତା ସାଜ ଆଣାଇ ଅନୁଲିଷ୍ଟ ରୂପେ ଗୃହକାଟୀର ଦୁର୍ଗାଙ୍କ ମେଢ଼ ସଜାଇଥିଲେ ପ୍ରତିମା ମଧ୍ୟ ସୁନ୍ଦର କରାଇଥିଲେ । ଜନସାଧାରଣଙ୍କର ମନୋରଞ୍ଜନ ବିଷୟରେ ଏ ମହାଶୟ ସର୍ବଦା ତତ୍ପର ଅତଏବ ସାଧାରଣଙ୍କର ପ୍ରଶଂସାର ଭାଜନ ଅଟନ୍ତି । ଶ୍ରୀ ଭଗୀରଥୀଦାସ ପ୍ରସିଦ୍ଧକାରିଗର ବିନୋଦବିହାରୀ ଓ ଗୃହକାଟୀର ପ୍ରତିମା ଗଢ଼ିଥିଲେ । ସେ ଯେଉଁ ପ୍ରତିମା ଗଢ଼ନ୍ତି ତାହା ମନୋହର ଓ ଜୀବନ୍ତପ୍ରାୟ ହୁଏ ଏହା କହିବା ବାହୁଲ୍ୟ ଅଟେ । ବାବୁ ଗୋସାଇଁଚରଣ ମଣ୍ଡଳଙ୍କ ଦୁର୍ଗାମେଢ଼ର ସାଜସଜ୍ଜା ମଧ୍ୟ ନିକୃଷ୍ଟ ନ ଥିଲା । ଦୁର୍ଗାମେଢ଼ ୮ ଗୋଟି ଥିଲା । ବକ୍ସିବଜାର ଓ ଚୌଧୁରୀବଜାରରେ ଦୁଇଗୋଟି ମହାଦେବଙ୍କ ମେଢ଼ ହୋଇଥିଲା ଓ ସାଜସଜ୍ଜା ଉତ୍ତମ ହୋଇଥିଲା ଏବଂ କାରୁକାର୍ଯ୍ୟପ୍ରିୟ ବକ୍ସିବଜାର ନିବାସୀ ସଦାଶିବ ଗୋଟିଏ ପୌରାଣିକ ରଥ * ଦ୍ୱାରା ନିଜର ଶିଳ୍ପରୁଚିର ପରିଚୟ ଦେଇ ଭୂରି ପ୍ରଶଂସା ଲାଭ କରି ଥିଲେ । ଏହା ଭିନ୍ନ ଅନ୍ୟ ପ୍ରାୟ କେତେ ଗୋଟି ସୁନ୍ଦର ଶିବ ଓ କାଳୀ ପ୍ରଭୃତି ପ୍ରତିମା ବାହାରିଥିଲା । କାଠଯୋଡ଼ୀ ଓ ମହାନଦୀରେ ଅଳ୍ପଜଳ ଥିବାରୁ ମଫସଲରୁ ଦର୍ଶକମାନଙ୍କର ଆସିବାର କୌଣସି ଅସୁବିଧା ହୋଇ ନ ଥିଲା ଏବଂ ଦର୍ଶକ ସଂଖ୍ୟା ଅଧିକ ହୋଇଥିଲେ ହେଁ କ୍ୟାଣ୍ଟନମେଣ୍ଟ ମଧ୍ୟରେ ବନ୍ଦୀ ଭଗତଙ୍କ ସମ୍ପର୍କୀୟ ଦଙ୍ଗା ଭିନ୍ନ ଅନ୍ୟ କୌଣସି ସ୍ଥାନରେ ଶାନ୍ତିଭଙ୍ଗ ହୋଇ ନ ଥିଲା ।

ଦଶହରା ଉପଲକ୍ଷେ ଏ ନଗର ବାସୀ ଇଂରେଜମାନେ ଆମୋଦ ପ୍ରମୋଦ କରନ୍ତି କିନ୍ତୁ ଏବର୍ଷ ସାଧାରଣଙ୍କ ଆମୋଦପ୍ରମୋଦ ଯୋଗ୍ୟ

* ତ୍ରିପୁରସୁର ଭୟରେ ଦେବତାମାନେ ଶିବଙ୍କୁ ସ୍ତବ କରିବାରେ ଶିବ ତ୍ରିପୁରସୁରକୁ ରଥରେ ଚଢ଼ି ଭଣ୍ଡାଇ ହତ କଲେ । ବସୁନ୍ଧରା ରଥ, ଚନ୍ଦ୍ରସୂର୍ଯ୍ୟ ଚକ୍ର; ବ୍ରହ୍ମା ସାରଥୀ; ଋଗ୍‌ବେଦ ଘୋଡ଼ା ମେରୁ ଧନୁ, ବାସୁକି ଗୁଣ, ନାରାୟଣ ଶର, ଏହି ରୂପରେ ହୋଇଥିଲେ ।

ହିତ ହୋଇ ନ ଥିଲା । କେବଳ ଗୃହକାଳୀପଞ୍ଚର ପୋଲିସ ଲାଇନର କନେଷ୍ଟବଲମାନଙ୍କ ସହିତ ଏନଗରସ୍ଥ ସୌଖିନ ସେନା (ଭଲଣ୍ଟିୟର) ମାନଙ୍କର ଏକ କୃତ୍ରିମ ଯୁଦ୍ଧ ହୋଇଥିଲା ଏବଂ ତହିଁରେ ପୋଲିସଦଳ ଜୟଲାଭ କରିଥିଲେ ।

ଯାହା ଭୋଗ ହୋଇଗଲା ତାହା କେବଳ ଲୋକମାନଙ୍କ ସ୍ମୃତି ମଧ୍ୟରେ ବିଦ୍ୟମାନ ରହିବ । ମା ଆନନ୍ଦମୟୀ ଦର୍ଶନ କରି ଲୋକମାନଙ୍କୁ ଆନନ୍ଦରେ ଉନ୍ମତ୍ତ କରି ଅନ୍ତର୍ହିତ ହୋଇଗଲେ ଏବଂ ତାଙ୍କର କୃପା ସ୍ମରଣ କରି ଯେ ଯାହା କର୍ତ୍ତବ୍ୟ କାର୍ଯ୍ୟରେ ସମୁପସ୍ଥିତ ହୋଇଅଛନ୍ତି । ବର୍ଷାନ୍ତେ ପୁଣି ସମସ୍ତେ ଉତ୍ସାହିତ ଚିତ୍ତରେ ଭବାନୀଙ୍କର ପୂଜା କରିବାକୁ ସମର୍ଥ ହେଉନ୍ତୁ ଏହି ପ୍ରାର୍ଥନା ।

———

ବିଦାୟ ।

ପ୍ରାୟ ତିନିବର୍ଷ କାଳ ଓଡ଼ିଶାର ଶାସନ କରି ଆମ୍ଭମାନଙ୍କର କମିଶନର ଶ୍ରୀଯୁକ୍ତ କୁକ୍ ସାହେବ ବିଲାତ ଯିବା ଉଦ୍ଦେଶରେ ଏକବର୍ଷର ଅବକାଶ ଗ୍ରହଣ କରି ଗତମାସ ତା ୪ ରିଖରେ ଏ ନଗର ପରିତ୍ୟାଗ କଲେ । ଏହି ତିନିବର୍ଷ ମଧ୍ୟରେ ସେ ଅତ୍ୟଳ୍ପ କାଳ ନିମନ୍ତେ ଥରେ ବିଦାୟ ଗ୍ରହଣ କରିଥିଲେ । ଫେରି ଆସିବାର ଆଶା ଥିଲେ ଅଳ୍ପଦିନ ନିମନ୍ତେ ବନ୍ଧୁ ଅନ୍ତର ହେଲେ ବିଚ୍ଛେଦ ବେଦନା ଅନୁଭୂତ ହୁଏ ତାହିଁ ସୁତରାଂ ସେଥର ସେ ବିଦାୟ ନେବା ସମୟରେ ଆମ୍ଭେମାନେ କେଣି ଦୁଃଖ ଅନୁଭବ କରି ନ ଥିଲୁ । କିନ୍ତୁ ଦୀର୍ଘକାଳ ନିମନ୍ତେ ବନ୍ଧୁ ବିଦେଶକୁ ଗଲେ ପୁଣି ପ୍ରତ୍ୟାଗମନ ଭବିଷ୍ୟତର ଘଟନାଚକ୍ରଉପରେ ନିର୍ଭର କଲେ କାହାମନରେ ସନ୍ତାପ ନ ହୁଏ ? ସଦ୍‌ଗୁଣ ଯାହାର ଭୂଷଣ, ଭକ୍ତି ଓ ସ୍ନେହ ତାହାପ୍ରତି ସ୍ୱତଃ ପ୍ରବାହିତ ହୁଏ । ସେହି ଭକ୍ତି ଓ ସ୍ନେହର ଚରିତ୍ରରୂପ କଟକର ରାଜା ଶ୍ରୀମାନ୍ ନୃପେନ୍ଦ୍ରନାଥ କଞ୍ଜ ଗତ ଲକ୍ଷ୍ମୀପୂଜାଦିନ ସାୟଂକାଳରେ ସାହେବ ମହୋଦୟଙ୍କୁ ଏକ ବିଦାୟଭୋଜ ଦେଇଥିଲେ । ଏତଦୁପଲକ୍ଷେ ଏ ନଗରସ୍ଥ ପ୍ରାୟ ସମସ୍ତ ସମ୍ଭ୍ରାନ୍ତ ଇଂରାଜ ଭଦ୍ରଲୋକ ଓ ମହିଳାମାନେ ଏବଂ କତିପୟ ଦେଶୀୟ ଭଦ୍ରଲୋକ ନିମନ୍ତ୍ରିତ ହୋଇଥିଲେ । ଅତିଥିମାନଙ୍କ ଚିତ୍ତରଞ୍ଜନ ନିମନ୍ତେ ନାନାବିଧ ଆୟୋଜନ

Digitized by srujanika@gmail.com

Split by PDF Splitter



ହୋଇଥିଲା । ସୂର୍ଯ୍ୟାସ୍ତ ପୂର୍ବରୁ ନୟାଗଡ଼ର "ବାଉଁଶରାଣୀ" କ୍ରୀଡ଼ା, ନୟାଗଡ଼ ଓ ବଡ଼ମ୍ବାର ପାଇକମାନଙ୍କର ଯୁଦ୍ଧ, ଏ ନଗରର ବିଖ୍ୟାତ ନଷ୍ଟ ବନମାଳୀ ଓ ଲଛମଣ ପ୍ରଭୃତିଙ୍କର କୁସ୍ତି ଓ ଭଲମନ୍ଦମଦ ଦଳର ଛକିବାର ଖେଳ ହୋଇଥିଲା ଏବଂ ଇଂରାଜମାନେ ସ୍ୱଚ୍ଛବାରି ସଲଗ୍ନ ସୁବୃହତ୍ ପୁଷ୍କରିଣୀରେ ନୌକାଦ୍ୱାରା କ୍ରୀଡ଼ା କରିଥିଲେ । ତଦନ୍ତର ଭଲମନ୍ଦମଦ ନିର୍ମିତ ନାନାବିଧ ଆତସବାଜୀ ପ୍ରଦର୍ଶିତ ହୋଇଥିଲା ଏବଂ ଗୋଟିପୁଅ ନାଚ ମଧ୍ୟ ହୋଇଥିଲା । ବାଉଁଶରାଣୀ ଖେଳରେ ବଡ଼ଜାତିର ଯୁବତୀମାନଙ୍କ ସାହସ ଓ କୌଶଳ ଅବଲୋକନ କରି ଇଂରାଜ ରମଣୀମାନେ ବିସ୍ମିତ ହୋଇଥିଲେ ଏବଂ ଗୋଟିପୁଅ ନାଚ ଦର୍ଶନ କରି ସମସ୍ତେ ଇଂରାଜମାନେ ଧନ୍ୟ ୨ କରିଥିଲେ ଓ ଆନନ୍ଦ ପ୍ରକାଶ କରିଥିଲେ । ଏହି ଆମୋଦପ୍ରମୋଦ ଯୋଗୁଁ କୁକ୍ ସାହେବଙ୍କୁ ବିଦାୟ ଦେବା ଦୁଃଖ ମନରୁ ବିସ୍ମୃତ ହୋଇ ଯାଇଥିଲା କିନ୍ତୁ "Au Revoir" ଅର୍ଥାତ୍ "ଦେଖା ହେବା ଯାଏ ବିଦାୟ ଦେଲୁଁ" ଏହି ଶବ୍ଦମାନ ଉଜ୍ଜ୍ୱଳ ଦୀପାବଳୀ ପ୍ରଜ୍ୱଳିତ ହେବାମାତ୍ରେ ସ୍ମରଣ ହେଲା ଯେ ପୁଷ୍କରିଣୀ ନିମନ୍ତେ ସେଠାରେ ଏତେଲୋକ ସମବେତ ହୋଇଥିଲେ । ବନ୍ଧୁଙ୍କୁ ବିଦାୟ ଦେବାବେଳେ ମନରେ ଯେଉଁ ଦୁଃଖ ଜାତ ହୁଏ ସମସ୍ତଙ୍କ ବଦନରେ ତାହାର ଚିହ୍ନ ଦେଖାଗଲା ।

ରାଜା ନୃପେନ୍ଦ୍ରନାଥ ସାହେବ ମହୋଦୟଙ୍କ ବିଦାୟରେ ଦୁଃଖ ପ୍ରକାଶ କରି ଇଂରାଜୀରେ କେତୋଟି କଥା କହିବା ଉତ୍ତାରେ ସାହେବ ମହୋଦୟ ବିଦାୟ ଗ୍ରହଣ କରି ସେଠାରୁ ପ୍ରସ୍ଥାନ କଲେ ଏବଂ ଶିକ୍ଷାପ୍ରିୟ ନୃପେନ୍ଦ୍ରନାଥ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ଓଡ଼ିଶାର ନୃପତିମାନଙ୍କ ମଧ୍ୟରେ ଆଦର୍ଶ ସ୍ଥାନୀୟ ହେଉନ୍ତୁ— ତାଙ୍କର ବକ୍ତୃତା ଶୁଣି ସମସ୍ତେ ଏହି କାମନା କରିଥିଲେ ।

ଜହୁପରିହସ ସାହେବ ମହୋଦୟଙ୍କର କୌଣସି ଇଂରାଜ ବନ୍ଧୁ ତାହାଙ୍କ ସମ୍ମାନାର୍ଥ ବସାରେ ଏକ ଭୋଜି ଦେଇଥିଲେ ।

ତା ୫ ରିଖ ଅପରାହ୍ଣରେ ଏକଟିଂ କମିଶନର ଖ୍ୟାତନାମା ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ସାହେବ ଏ ନଗରରେ [illegible] ହେବାରୁ ସାହେବ ମହୋଦୟ ତାହାଙ୍କୁ ଚାର୍ଜ ଦେଲେ । ତଦୀୟ ଦେବାମେଣ୍ଟ ଯୋଗସ୍ଥାନରେ ଅନେକ ଇଂରାଜ ଓ ଦେଶୀୟ ଭଦ୍ରବ୍ୟକ୍ତି ସମବେତ ହୋଇଥିଲେ ଏବଂ ସାହେବ ମହୋଦୟଙ୍କ ସମ୍ମାନାର୍ଥେ ଏକଦଳ ପୋଲିସ କନେଷ୍ଟବଲ ଷ୍ଟେସନରେ ଦଣ୍ଡାୟମାନ ହୋଇଥିଲେ । ସଂଧ୍ୟା ସମୟରେ ସାହେବ ମହୋଦୟ ଏ ନଗର ପରିତ୍ୟାଗ କରି ଗୃହବାଳ ଅଭିମୁଖେ ଯାତ୍ରା କଲେ ।

ସାହେବ ମହୋଦୟ ବିଦାୟକାଳରେ ଜାତି ବର୍ଣ୍ଣ ନ ଦେଖି ଦର୍ଶକବୃନ୍ଦଙ୍କର କରମର୍ଦ୍ଦନ କରିଥିଲେ । ଏତଦ୍ୱାରା ତାହାଙ୍କର ମହତ୍ ଗୁଣର ପରିଚୟ ମିଳିଲା । ସେ ଏଠାରେ ପ୍ରାୟ ତିନିବର୍ଷ ଶାସନ କଲେ କିନ୍ତୁ ତାଙ୍କଦ୍ୱାରା କୌଣସି ଅପ୍ରିୟକାର୍ଯ୍ୟ ହୋଇ ନାହିଁ ଅନ୍ୟପକ୍ଷରେ ସେ ଦେଶୀୟଲୋକଙ୍କ ପ୍ରତି ପର୍ଯ୍ୟାପ୍ତ ସହାନୁଭୂତି ଓ ଅନୁଗ୍ରହ ଦେଖାଇଅଛନ୍ତି । ସେ ଜଣେ ଦେଶହିତୈଷୀ ହୃଦୟବାନ୍ ହାକିମ ଥିଲେ ଅମ୍ଭେମାନେ ତାଙ୍କର ପ୍ରତ୍ୟାଗମନ କାମନା କରୁଅଛୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ୍ ।

ଅନୁପସ୍ଥିତ ଡେପୁଟିକଲେକ୍ଟର ଓ ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଜାନକୀବଲ୍ଲଭ ସେନଙ୍କର [illegible] ସହ ଡେପୁଟି କଲେକ୍ଟର ବାବୁ ଅଘୋରନାଥ ଦାସଙ୍କ ଅବଧି [illegible] ହୋଇଅଛି ।

ଅସ୍ଥାୟୀ ଇନ୍ସପେକ୍ଟରମାନେ [illegible] ପୂର୍ବବତ୍ ନିଯୁକ୍ତ ହୋଇଅଛନ୍ତି ।

[illegible] ଏ, ଏଠ୍, ସ୍ମିଥ ଏମ୍, ଏ, ବାବୁ ଯୋଗେଶଚନ୍ଦ୍ର [illegible] ବାବୁ [illegible] ।

[illegible] ମାଜିଷ୍ଟ୍ରେଟ ବାବୁ [illegible] ଘୋଷ ଓ ବାବୁ [illegible] ଦାସ [illegible] ଶାସନ କରିବାର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱର [illegible] କାର୍ଯ୍ୟରେ ନିଯୁକ୍ତ ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଗୋପାଳ [illegible] ଏକ ଡେପୁଟି ବଦଳି ହେଲେ ।

ସବ୍ ଡେପୁଟି କଲେକ୍ଟର ବାବୁ [illegible] ଓ ବାବୁ [illegible] ଦାସ [illegible] କଟକ ସମସ୍ତେ ନିଯୁକ୍ତ ହେଲେ ।

ବାବୁ [illegible] ବାବୁ [illegible] ବାଲେଶ୍ୱର [illegible] ନିଯୁକ୍ତ ହୋଇଅଛନ୍ତି ।

ବର୍ତ୍ତମାନ କଟକ କଲେକ୍ଟରୀରେ ନିଯୁକ୍ତ ଡେପୁଟି ମାଜିଷ୍ଟ୍ରେଟ ଏ ଡେପୁଟି କଲେକ୍ଟର ବାବୁ ଚନ୍ଦ୍ରନାଥ ଘୋଷ ଉକ୍ତ ଜିଲ୍ଲାର ମାସ ତା ୧୦ ଦିନଠାରୁ ତିନି ମାସର ଛୁଟି ଗ୍ରହଣ କରିଅଛନ୍ତି ।

[illegible] ସବ୍ ଡେପୁଟି କଲେକ୍ଟର ବାବୁ [illegible] ଦାସ ଓ ବାବୁ [illegible] ତା ୧୪ ଦିନଠାରୁ [illegible] ସବ୍ ଡେପୁଟି କଲେକ୍ଟର [illegible] ନିଯୁକ୍ତ ହେଲେ ଓ [illegible] ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

---

ଏ ସପ୍ତାହରେ ଶୀତ [illegible] ଦେଖା ଦେଉଅଛି । [illegible] ଓ [illegible] କରୁଅଛି ।

ଶୀତ ପ୍ରବେଶ ହେବାରୁ [illegible] ମାତ୍ର [illegible] ମେଘମାଳ [illegible] ହୋଇଅଛି । ଅତଏବ ବୃଷ୍ଟି ହେବାର ଜଣାଯାଏ ।

ଅସ୍ମାକଙ୍କର [illegible] ଓ [illegible] ଶ୍ରୀଯୁକ୍ତ [illegible] ଗ୍ରହଣ କରିଅଛନ୍ତି ।

ସନ ୧୮୮୦ ମସିହା [illegible] ୧୮୬ ର [illegible] ସେମାନେ [illegible] ଓ [illegible] ତା ୨୮ [illegible] ହୋଇଅଛି ।

[illegible] କରୁଅଛନ୍ତି ।

[illegible] ପାଇଲ ହେଲେ [illegible] ଅଛି ।

[illegible] ଦେଖା ହୋଇ ନାହିଁ ।

[illegible] ସାହେବ [illegible] ସମସ୍ତେ ଦୁଃଖିତ ।

Digitized by srujanika@gmail.com

Split by PDF Splitter



ଏ ଯୁଦ୍ଧରେ ହାଟରୁ ଜାପାନ ବାସିନ୍ଦାଙ୍କର ବିଶେଷ ସ-ମାଗମ ହୋଇଥିବାରୁ ଏସେନ ତଥାରେ ଘଣ୍ଟ ଚାଲ ହୋଇଯାଇ ଅଛି ।

କଲିକତାଠାରେ ଜଣେ ମହାଜନ ଓ ତାହାର ସ୍ତ୍ରୀ ଉଭୟେ ଜଣେ ଗର୍ଭିଣୀ ସ୍ତ୍ରୀ ଲୋକକୁ ସୁଧ ନଦେବା ହେତୁ ଏମନ୍ତ ବଳରେ ବୋଇଠା ଓ କଥା ମାଇଲେସେ ସେ ଅଧାକ ବଳରେ ମୃତଶିଶୁ ପ୍ରସବ କରିଥିଲା । ସ୍ତ୍ରୀ ଲୋକଟିର ବିଶେଷ ପୀଡ଼ା ଆଘାତ ଅନୁଭବ ହୋଇ ନାହିଁ । ବର୍ତ୍ତମାନ ମହାଜନ ଓ ତାହାର ସ୍ତ୍ରୀ ଉଭୟେ ପୋଲିସ ଅଦାଲତର ବିଚାରାଧୀନ ଅଛନ୍ତି । ଏ ଦୁଷ୍ଟଙ୍କୁ କଠିନ ଦଣ୍ଡ ହେବା ଉଚିତ ।

ଆଗାମୀ ବସନ୍ତକାଳରେ ଶ୍ୟାମ ଦେଶର ରାଜା ୟୁରୋପ ଭ୍ରମଣାର୍ଥ ଯାତ୍ରା କରିବାର ଶୁଣାଯାଏ । ୟୁରୋପ ଅନ୍ତର୍ଗତ ସ୍ୱଇଜରଲଣ୍ଡର ମହାବାର୍ତ୍ତ ଅଛି ।

ବୋର୍ଣ୍ଣିଓ ଦ୍ୱୀପକୁ କବ୍ଜା କରିବା କାରଣ ଜାପାନ ଚେଷ୍ଟା କରୁଅଛି ବୋଲି ସମ୍ବାଦ ମିଳିଲି ।

ପଞ୍ଜାବ ନଗରରେ ଓଲଉଠା ରୋଗ ଉପଦ୍ରବ ଲଗାଇ ଥିବାର ସମ୍ବାଦ ମିଳିଲା । ଗତମାସରେ ପ୍ରତ୍ୟହ ଏହି ରୋଗରେ ୧୫୦୦ ଲୋକ କାଳକବଳରେ ପତିତ ହୋଇଥିଲେ । ନ ଜାଣିବେଶ ।

ଅନେକକାଳ ଅବଧି ଜଳଜର ୟୁରୋପକୁ ବିଶେଷ ସ୍ୱର୍ଣ୍ଣ ରପ୍ତାନି ହୋଇଥିବାରୁ ସେଠାରେ ଏସେନ ବଡ଼ ଅଭୋଳନ ଲଗିଯାଇଅଛି । ଭାରତରୁ ସ୍ୱର୍ଣ୍ଣ ଯାଇ ୟୁରୋପରେ ପହଞ୍ଚିତ ହେବା ବଡ଼ ଭଲ ଲକ୍ଷଣ ଅଟଇ ।

ସ୍ୱୋରଠାରୁ ସମ୍ବାଦ ମିଳିଅଛି ଯେ ୪ ଜଣ ଡକାୟତ କଏଦ ଜେଲଖାନାରୁ ପଳାୟନ କରିଅଛନ୍ତି । ପୁନଶ୍ଚ ସେହି ଅଫିସର ଓ ପୋଲିସବାଲାଙ୍କୁ ଦସ୍ତାବାଜମିତ୍ର କରିବାରେ ଉତ୍ସାହର ପ୍ରୟୋଜନ ହୋଇଅଛି ।

କାନପୁରଠାରେ ଗୋଟିଏ ଘୁଲ ଘର ଖସିପଡ଼ିବାରୁ ଜଣେ ଶିକ୍ଷକ ଓ ୭ ଜଣ ଛାତ୍ର ମଲେ ପଡ଼ିଥିବାର ସମ୍ବାଦ ମିଳିଲା । ବର୍ଷାକାଳରେ ସେହି କାନପୁରଠାରେ ଘର ଖସି ପଡ଼ି ୧୨୨ ଜଣ ଲୋକ ମରି ପଡ଼ିଥିଲେ ।

ସେହି ରାଜଦ୍ରୋହୀ ଲୋକ ଉତ୍ସବରେ ଦେଶକୁ ଦମାଇବାକୁ ଚେଷ୍ଟା କରିବା ଜାଗାରେ ଧରା ପଡ଼ିଥିଲେ ସେ ନଅ ବର୍ଷ କାରାଗାରର ଆଦେଶ ପାଇଅଛି । ଉତ୍ତମ ହୋଇଅଛି ।

କରାଚିରେ ଉତ୍ସବକାଳର ଅଙ୍ଗୀଭୂତ ଧର୍ମ । ତାଙ୍କର ଏବଂ ତାଙ୍କ ଗାଇଷ ନଗରରେ ଅଛି । ଗତମାସ ତା ୫ ରାତ୍ରରେ ଜଣେ ରାଜଦ୍ରୋହୀ ଲୋକ ତାଙ୍କୁ ନଷ୍ଟ କରିବା ଅଭିପ୍ରାୟରେ ଗୋଟିଏ ବମରେ ନର୍ଥ ଲଗାଇ ଥିବା ସମୟରେ ଧରାପଡ଼ି ଥିବାର ସମ୍ବାଦ ମିଳିଲା ।

ଚମତ୍କାର କଥା—ରେଲଗାଡ଼ି ଅଧିକବା ସଇବକୁ ଅନ୍ୟ ସ୍ଥାନକୁ ନେବାର ଆବଶ୍ୟକ ହେଲେ ତହିଁର ଏକ ଚାଳ ଅଛି ଯେ କଳ ଚଳାଇବା ଲୋକକୁ "ସୋଏଣ୍ଟମାନ" କହନ୍ତି । କୋଗ୍ନିଙ୍ଗ ସମ୍ବାଦ ପତ୍ରିକାରୁ ଅବଗତ ହେବା ଯେ ପଶ୍ଚିମାଞ୍ଚଳରେ ଏକ ରେଲଷ୍ଟେସନ ସୋଏଣ୍ଟମାନ ଦେଖିଲା ଯେ ରେଲଗାଡ଼ି ଦ୍ରୁତଗତିରେ ଆସୁଅଛି ଓ ତାହା ଅନ୍ୟ ସ୍ଥାନକୁ ଯିବାର ଥିବାରୁ ସେ ଉକ୍ତ କଳର ଦଣ୍ଡ ଦୃଢ଼ରୂପେ ଧରି ବସିଲା । ଏଣ୍ଟାନି ଥିବା ପ୍ରଥମ ଗାଡ଼ି ଅନ୍ୟ ଲାଇନରେ ପଡ଼ିଅଛି ଏମନ୍ତ ସମୟରେ ଏକ ବଡ଼ ସର୍ପ ବୋଧ ହୁଏ ଗାଡ଼ି ଚଳିବା ଶବ୍ଦରେ ବାହାରି ପଡ଼ି ଉକ୍ତ ଲୋକର ପିଠି ଉପରକୁ ଡେଇଁ ଗଡ଼ିଲା ତାହାପ୍ରତି ଦ ଇସ୍ତକର କାପାଳ ଯେ କୌଣସି ହଲଚଲ ହୋଇଥିଲେ ସର୍ପ ଆଘାତ କରିଥାନ୍ତା କିନ୍ତୁ ସେ ସ୍ଥିର ନ ହୋଇ ଛିଦ୍ର ଭକତରେ ପୂର୍ବବତ ଦଣ୍ଡ ଧରିକରି ରହିଲା । ସମସ୍ତ ଗାଡ଼ି ପାର ହୋଇଗଲା ପରେ ସେ ପଛକୁ ଅନାଇ ଦେଖିଲା ଯେ ସର୍ପ ଚାଲି ଯାଇଅଛି । ଏ ଲୋକଟି ଅଶିକ୍ଷିତ ଓ ସାମାନ୍ୟ ଲୋକ ତାକୁ କେହି ପଗ୍ଭରିଲେ ସେ ଦୁ କପଦ ସ୍ଥାପିତ ହୋଇ ରହିଲୁ । ସେ କହିଲା ମୁଁ ସାପକୁ ଦଉଡ଼ି ଯୋଗାଡ଼ ଦେଖାଇ ପ୍ରଥମେ ମନେ କରିଥିଲି କିନ୍ତୁ ଏହା କରିବାରେ କଳ ଦଣ୍ଡ ମୋ ହାତରୁ ଛାଡ଼ିବ ଯାତ୍ରୀ ଓ ଗାଡ଼ି ସବୁ ଅବଶ୍ୟ ଲୋକ ସହିତ ଲାଇନରୁ ବାହାରିଯାଇ ଚୂର୍ଣ୍ଣ ହୁଅନ୍ତା । ଶତ ଶତ ଲୋକ ହତ ଓ ଆହତ ହେବା ଅପେକ୍ଷା ମୁଁ ଜଣେ ସାମାନ୍ୟ ଲୋକ ମରିବା ଭଲ ଯାହା କରିବେ ଈଶ୍ୱର ଏହା ସ୍ଥିର ନିଶ୍ଚୟରେ ରହିଲି । ଏଥିକୁ କିନ୍ତୁ ପଢ଼ିବା କହୁଅଛନ୍ତି ଯେ ସେ ଲୋକଟି ପ୍ରକୃତ ବୀର ଓ ମହାନ ବ୍ୟକ୍ତି ଅଟନ୍ତି କେହି ଏହା କହିବେ ଯେ ସେ ସ୍ଥିର ହୋଇ ରହିବାରୁ ସର୍ପ ତାକୁ ଆଘାତ ନ କଲା ମାତ୍ର ପ୍ରକୃତରେ ପରମେଶ୍ୱର ଏପରି ମହତ ବ୍ୟକ୍ତିଙ୍କୁ ରକ୍ଷା କରିବା ସକାଶେ ସର୍ପକୁ ଅନ୍ତର କରିଦେଲେ । ଯଥାର୍ଥ କଥା ସମୟେ ସାମାନ୍ୟ ମୂର୍ଖ ଲୋକଙ୍କଦ୍ୱାରା ଯେପରି ମହତ କାର୍ଯ୍ୟ ସାଧିତ ହୁଏ ସେପରି ଶିକ୍ଷିତ ପ୍ରଧାନ ବ୍ୟକ୍ତିଙ୍କ ଦ୍ୱାରା ହୋଇ ନ ଥାଏ । ସର୍ବକର୍ତ୍ତା ପରମେଶ୍ୱର ।

## ଯାଜପୁର-ସମ୍ବାଦ ।

ଏବର୍ଷ ଦୁର୍ଗୋତ୍ସବ ପର୍ବ ଯଥାନିୟମରେ ଅତି ବାହୁତ ହୋଇ ଯାଇଅଛି କେବଳ ମହାଷ୍ଟମୀ ଦିବସ ବିଗଦେବଳେ ସାମାନ୍ୟ ଏକ ଅସ୍ତ୍ରା ଜଳ ବର୍ଷା ହୋଇଥିଲା । ପୂର୍ବେ ଅତ୍ର ଟାଉନ ମଧ୍ୟରେ ସାତଗୋଟି ମେଢ଼ ହେଉଥିଲା ମାତ୍ର କାଳକ୍ରମେ ତାହା ଲୋପ ପାଇ ବର୍ତ୍ତମାନ କେବଳ ଗୃହସ୍ଥାନରେ ଗୋଟିଏ ମେଢ଼ ହେଉଅଛି, ତହିଁମଧ୍ୟରେ କୃଷ୍ଣଚନ୍ଦ୍ରର ସମ୍ପ୍ରଦାୟଙ୍କ ମେଢ଼ ପ୍ରଧାନ ।

ଅନ୍ୟାନ୍ୟ ବର୍ଷ ପରି ଏବର୍ଷ ମା ୬୯ ଜଣ ... ଜଣ ପ୍ରଧାନ ଦଶମୀ ଶୁକ୍ଳ ଦ୍ୱିତୀୟାଠାରୁ ଆରମ୍ଭ ହୋଇ ମହାନବମୀ ପର୍ଯ୍ୟନ୍ତ ବୈତରଣୀ ତଟବର୍ତ୍ତୀରେ ପରିଭ୍ରମଣ କରି ଉକ୍ତ ସ୍ଥାନରେ ଗ୍ରାମନଗରକୁ ଗମନ କରୁଥାଆନ୍ତି । ସପ୍ତମୀଠାରୁ ନବମୀପର୍ଯ୍ୟନ୍ତ ଅନେକ ଭୁବନେଶ୍ୱରୀ ଯାତ୍ରୀ ୬ ଟଙ୍କା ଜାଠାକୁ ସ୍ୱରୀଙ୍କର ଦର୍ଶନ ନିମନ୍ତେ ଆସିଥାନ୍ତି ବିଶେଷତଃ ମହାଷ୍ଟମୀ ଦିନରେ ବନ୍ଧ୍ୟା ସ୍ତ୍ରୀମାନେ ହୋମକୁଣ୍ଡରେ ଘୃତ ନିକ୍ଷେପ କଲେ ପୁତ୍ରବତୀ ହେବାର ଏକ ସାଧାରଣ ବିଶ୍ୱାସ ଥିବାରୁ ତଦୁପଲକ୍ଷେ ଉକ୍ତ ସ୍ଥଳରେ ଅନେକ ସ୍ତ୍ରୀ ଯାତ୍ରୀ ହୋଇଥିଲେ । ମାତ୍ର ପୁଲିସର ସୁବନ୍ଦୋବସ୍ତ ହେତୁ କୌଣସି ଦୁର୍ଘଟନା ହୋଇ ନାହିଁ ।

ଟାଉନ ଅନ୍ତର୍ଗତ କେଲିମପୁର ଦଉଡ଼ାପାଟଣାର ଏକ ଯୁବତୀ ବିଧବା ବ୍ରାହ୍ମଣୀ ଗତ ମହାଷ୍ଟମୀଦିନ ତାହାର ସନ୍ଧର ନିକଟବର୍ତ୍ତୀ ପୁଷ୍କରିଣୀରେ ଏକାକୀ ସ୍ନାନ କରୁଥିବାରୁ ତାହାର ପଡ଼ୋଶୀ ଅନେକ ଓଁଙ୍କୁଡ ନାମକ ଏକ ଯୁବକ ଟାଉନ ଚୌକିଦାର ତାହାଠାରେ ବଳପୂର୍ବକ ଅପଣାର ପତ୍ନୀଙ୍କ କୁଇଛାର୍ଥ କରିବା କାରଣ ତାହା ସହିତ ଧାପଦେଖି କରିବାରୁ ସେ ଚିତ୍କାର କଲା । ତହିଁ କଥବାବ୍ରାହ୍ମଣୀ ତାକୁ କୌଣସି ଉତ୍ତର ନ ଦେଇ ଶୀଘ୍ର ସ୍ନାନ ସାରି ଆପଣା ଘରକୁ ଆସିବା ସମୟରେ ପାଷାଣ୍ଡ ଅନ୍ଧକୂଳର୍ଓଁଙ୍କୁଡ ରେଗବାର ତାହାର ହାତଧରି ସେଠାରେ ଥିବା ଏକ ଶାଳିଘର ମଧ୍ୟକୁ ଟାଣି ନାରେ ସେ ଚୁଣି କଲ, ତହିଁ ଗ୍ରାମବାସୀ କେତେକ ଲୋକ ତହିଁ ଆସନ୍ତେ ଚୌକିଦାର ତାହାର ହାତ ଛାଡ଼ିଦେଇ ପଳାୟନ କଲ ମାତ୍ର ଏ ବିଷୟରେ ପୁଲିସରେ ଏତଲା ଦିଆଯିବାରୁ ପୁଲିସ ସବଇନିସପେକ୍ଟରଙ୍କୁ ପାଇ ପ୍ରମାଣ ନେଇ ଅସାମୀ ଚୌକିଦାର ଓଁଙ୍କୁଡକୁ ଦଣ୍ଡବିଧି ଆଇନର ଦ ୩୫୪ ଧାରା-ଅନୁସାରେ ଚାଲାଣ ଦେବାରୁ ମଦଦମା ବର୍ତ୍ତମାନ ବିଚାରାଧୀନ ରହିଅଛି ଅଛି ବିଚାରର ଫଳ ପରେ ପ୍ରକାଶ କରିବୁଁ । ଟାଉନ ମଧ୍ୟରେ ଅଛୁଣି କେତେକଜଣ ଟଙ୍କିତ ସ୍ୱଭାବ ଚୌକିଦାର ଅଛନ୍ତି ସେମାନଙ୍କପ୍ରତି ପୁଲିସର ଉପରିସ୍ଥ କର୍ମଚାରୀମାନଙ୍କର ସୁଦୃଷ୍ଟି ରଖା କର୍ତ୍ତବ୍ୟ ।

ଏଠାକାର ମିଉନିସିପାଲିଟି ଟାଉନ ମଧ୍ୟରେ ଥିବା କୁକୁର ମାନଙ୍କୁ ମାରିବା ନିମନ୍ତେ ଆଦେଶ ଦେଇଥିବାରୁ ଅନରାରି ମେଜିଷ୍ଟ୍ରେଟମାନେ (ପ୍ରତ୍ୟେକ କୁକୁର ନିମନ୍ତେ ୮ ପଇସା ଲେଖାଏଁ) ପ୍ରତ୍ୟହ ଗାଡ଼ିଏ କୁକୁର ମାରି ଜମା କରୁଅଛନ୍ତି ।

ଧର୍ମଶାଳା ଥାନାର ଓଲମହମଦ ହେଡ଼କନେଷ୍ଟବଲ ଓ ଭଟାଲମହମଦ କନେଷ୍ଟବଲଙ୍କ ନାମରେ ଦଣ୍ଡବିଧି ଆଇନର ଦ ୨୧୮।୨୨୦ ଧା ଓ ସନ ୧୮୭୧ ସାଲ ୫ଆଇନର ଦ ୨୧ ଧା ମତେ ଯେ ମୋକଦ୍ଦମା ଦାୟର ହୋଇଥିବା ବିଷୟ ଏଥିପୂର୍ବେ ଉଲ୍ଲେଖ କରି ଥିଲୁଁ ଅସ୍ମାନଙ୍କର ଶ୍ରୀଯୁକ୍ତ ସବଡିଭିଜନ ମାଜିଷ୍ଟ୍ରେଟ ଉକ୍ତ ମୋକଦ୍ଦମାରେ ପ୍ରମାଣ ନେଇ ହେଡ଼ କନେଷ୍ଟବଲକୁ ଦଣ୍ଡବିଧିଆଇନର ଦ ୨୧୮।୨୨୦ ଧା ୬ ଅ ୫ ଦ ୨୧ ଧା ଏବଂ କନେଷ୍ଟବଲକୁ ଶେଷୋକ୍ତ ଦୁଇଦଫାମତେ ସେସନ ସୁପର୍ଦ୍ଦ କରିଅଛନ୍ତି । କିନ୍ତୁ ମୁଦାଲାମାନେ ବିଦେଶୀଲୋକ ଥିବାହେତୁ ଉପଯୁକ୍ତ ଯାମିନ ଦେଇ ନ ପାରିବାରୁ ବର୍ତ୍ତମାନ ହାଜତ ଭୋଗ କରୁଅଛନ୍ତି ।

ସନ ୧୮୮୫ ସାଲ ଅ ୮ ଆଇନ ଧା ୫୭ ର ମର୍ମ ମତେ ଜମିଦାରମାନେ ପ୍ରଜାମାନଙ୍କୁ ଖଜଣା ପାଇବା ଦେଇ ନ ଥିବା କଥା ଉକ୍ତ ଆଇନର ଧା ୫୮ ର ବୃତ୍ତରେ ଅପଣା ଖିଲସ୍ଥାରେ ହିସାବ ରଖି ନ ଥିବା ଅପରାଧରେ ଅତ୍ର ସବଡିଭିଜନର କେତେକ ଜଣ ଜମିଦାର ଏଥିମଧ୍ୟରେ ଫୌଜଦାରୀ ସୁପର୍ଦ୍ଦ ହୋଇ ଦଣ୍ଡ ପ୍ରାପ୍ତ ହୋଇଅଛନ୍ତି । ଭରସା କରୁ ଅନ୍ୟାନ୍ୟ ଜମିଦାରମାନେ ଏହି ଅବକାଶରେ ସାବଧାନ ହୋଇ ପ୍ରଜାମାନଙ୍କୁ ଚେକ୍ ପାଇବା ଆଦି ଦେବାକୁ ଯତ୍ନବାନ୍ ହେବେ ।

ଗତ ସୋମବାରଠାରୁ ଏ ଅଞ୍ଚଳରେ ଅଳ୍ପ ଶୀତ ଅନୁଭବ ହୋଇ ଲୋକମାନେ ଶୀତବସ୍ତ୍ର ବ୍ୟବହାର କରିବାକୁ ଦେଉଅଛି । ଏଥିରୁ ଏହି ଭୟ ହେଉଅଛି ଯେ ଯଦି ଏହି ସମୟରୁ ଶୀତ ବଢ଼ି ମେଘ ଛାଡ଼ିଯାଏ ତାହାହେଲେ, ବୃଷ୍ଟିପକ୍ଷରେ ବିଶେଷ ବ୍ୟାଘାତ ହେବ ।

ଅତ୍ର ଟାଉନ ଅନ୍ତର୍ଗତ ଦଶଅବତାର ନୌହର ଅଧିନ-ପଞ୍ଚାୟତର ଶ୍ରୀଯୁକ୍ତ ହାଜିର ଟାଉନ ମଧ୍ୟସ୍ଥିତ ଗଙ୍ଗପୁର ସଦର ରାସ୍ତା ଧାରରେ ଅପଣା ବସାଘର ଶାଗବାଡ଼ିରେ ଏକ ଦିନ ଦେଇଥାଏ ପ୍ରତ୍ୟହ ତାହାର ଦୋକାନରେ ଯେ ଅପରିମିତ ଜନ

Digitized by srujanika@gmail.com

[illegible]

## କେନ୍ଦ୍ରାପଡ଼ା ସମ୍ବାଦ ।

ଗତ ତା ୧ ରିଖ ଓ ତାହା ପୂର୍ବଦିନ [illegible]

ପୂଜା ଅବକାଶ ପରେ ଏଠା [illegible]

[illegible]

## ପୁରୀ-ସମ୍ବାଦ ।

[illegible]

[illegible]

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| [illegible] ସାହୁ | କଟକ | ଟ ୩୯ |
| " ଶ୍ରୀ [illegible] | [illegible] | ଟ ୩୯ |
| " [illegible] | | ଟ ୩୯ |
| " [illegible] ସାହୁ | [illegible] | ଟ ୩୯ |
| " [illegible] | | ଟ ୧୯ |

## ବିଜ୍ଞାପନ ।

### ନୂତନ ପୁସ୍ତକ ।

### ବିଳାସିନୀ ।

( ଉପନ୍ୟାସ )

[illegible] ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ [illegible] ଡାକମାସୁଲ [illegible]

### ଭଗବଦ୍‌ଗୀତା ।

( [illegible] ) ମୁଦ୍ରିତ ହୋଇ ବିକ୍ରୟ ହେଉଅଛି ମୂଲ୍ୟ [illegible] । ଡାକମାସୁଲ [illegible]

**KEY TO LETHBRIDGE'S EASY SELECTIONS**

( Minor course for 1896 )

*IS OUT*

*Price Re. 1.*

To be had of the Secretary Printing Company Cuttack.

## NOTICE.

Wanted a private tutor for the son and nephew of the undersigned both reading same lessons. Salary Rs. 20 per month with free quarters. None need apply who has at least not appeared in the C. U. Entrance Examination with Sanscrit. Preference will be given to one who has

Split by PDF Splitter
Digitized by srujanika@gmail.com

experience in teaching. Applications with testimonials will be received up to the end of this month.

Bhadrow, 8—10—95. | Hara Mohan Roy Churamony Zemindar, Bhadrow P. O. NIALI.
---|---

## ବିଜ୍ଞାପନ ।

### ନୂତନ ନୂତନ ନୂତନ

### କବି କର୍ଣ୍ଣ ବିରଚିତ

ସତ୍ୟନାରାୟଣ ଜନ୍ମପାଲା ମୂଲ୍ୟ ଟ ୦/ ଏକଅଣ
ପଦ୍ମଲୋଚନ ପାଲା ମୂଲ୍ୟ ଟ ୦/
ମର୍ଦ୍ଦଗାଜୀ ଜନ୍ମପାଲା ମୂଲ୍ୟ ଟ ୦୵
ହରଅର୍ଜୁନ ପାଲା ମୂଲ୍ୟ ଟ ୦୵
ଛତ୍ରଭାସ୍ୱ ପାଲା ,, ଟ ୦/
ଭ୍ରମରବର ,, ,, ଟ ୦/୬
ମର୍ଦ୍ଦଗାଜୀହସ୍ତୀ ପାଲା ଟ ୦୵

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅନ୍ୟାନ୍ୟପାଲାମାନ ଯନ୍ତ୍ରସ୍ଥ ଅଛି

---

KEY TO LETHBRIDGE'S
EASY SELECTIONS
( Minor course for 1896 )
is in the press and will soon be out.

---

## CHEAP ! CHEAP ! CHEAP !

## SCHOOL BOOKS.

Prescribed for the Collegiate school and H. E. schools.

## JUST TO HAND.

To be had of the Printing. Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ-ଦୋକାନରେ ପ୍ରାପ୍ତବ୍ୟ ।

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

## ଦାମ୍ପତ୍ୟଗୀତି ରସାମୃତ ।

ସମ୍ପୂର୍ଣ୍ଣ ୫୬ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି. ମୂଲ୍ୟ ଟ ୧ ଙ୍କା ମୋଫସଲକମଲ୍ଲେ ଡାକମାସୁଲ ଟ ୦/

---

## NOTICE
## THE
# DWIBHASI.

*SECOND EDITION IS OUT AND AVAILABLE FOR SALE.*

To be had of the Prinung Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି, ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।"

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶହ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ॥/ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା. ଖେମଟା, ଟପା, ପ୍ରେମତତ୍ତ୍ୱଭକ୍ତିତତ୍ତ୍ୱସମ୍ବନ୍ଧୀୟ ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବମ୍ପା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଶୁଭସଂବାଦ ।

ଆୟୁର୍ବେଦିକ ମେଡସନ୍ ମ୍ୟାନୁଫ୍ୟାକ୍‌ଚରିଂ କୋମ୍ପାନୀ ଅବ ଇଣ୍ଡିଆ, ଲିମିଟେଡ୍ ।

କାଲନା, ବେଙ୍ଗଲ ।

ଔଷଧର ମୂଲ୍ୟ ସଉକଡ଼ା ଟ ୨୫ ଙ୍କା ଊଣ ହେଲା ।

କୋମ୍ପାନୀର ପ୍ରସ୍ତୁତ ଆୟୁର୍ବେଦୋକ୍ତ ତୈଳଘୃତ ମୋଦକାଦି ଔଷଧ ସମୂହ ଯେପରି ବିଶୁଦ୍ଧ ଏବଂ ସର୍ବାଙ୍ଗ ଓ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ ଏପରି ଆଉ କୌଣସିଠାରେ ପ୍ରାପ୍ତ ହୁଏ ନାହିଁ । ଔଷଧର ବିଶୁଦ୍ଧତାର ନିମିତ୍ତ କୋମ୍ପାନୀ ଦାୟୀ । ଅତ ସୁଲଭ ମୂଲ୍ୟରେ ଯାହାର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀ ନିକଟକୁ ଲେଖିବେ ଠକିବାର ଭୟ ନାହିଁ । ରୋଗର ଅନୁପୂର୍ବିକ ବିବରଣ ପଠାଇଲେ ବ୍ୟବସ୍ଥା ଲଭ୍ୟ ହୁଏ ।

### ଔଷଧର ମୂଲ୍ୟ ଅଗ୍ରିମ ଦେୟ—

ଯାହାର ଭେଲ୍ୟୁପେବଲରେ ଔଷଧ ନେବାର ପ୍ରୟୋଜନ ତାହାକୁ ଅନ୍ତତଃ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ, ନତୁବା ଆଦେଶାନୁସାରେ ଔଷଧ ପ୍ରେରିତ ହେବ ନାହିଁ ।

**ବୈଦ୍ୟନାଥ ବଟୀ**—ନିୟମିତ ବ୍ୟବହାର କଲେ କଷ୍ଟସାଧ୍ୟ ପ୍ରମେହ ରୋଗ ମଧ୍ୟ ନିରାକୃତ ହୁଏ । ଅନୁପାନ ବିଶେଷରେ ସେବନ କଲେ ଶୁକ୍ର ତାରଲ୍ୟ ସ୍ୱପ୍ନଦୋଷ ଶୁକ୍ରକ୍ଷୟ ପ୍ରଭୃତି ଏକାବେଳକେ ପ୍ରଶମିତ ହୁଏ । ଏହାର ଫଳ ଅବ୍ୟର୍ଥ ।

୬ ବଟି ୧୨ ଟଙ୍କା ଡାକମାସୁଲ ।୵ ଅଣା ।

**ଘୋରକଲ୍ପକ ତୈଳ**—ବ୍ୟବହାରରେ କେଶ ଘନ, ଭ୍ରମରକୃଷ୍ଣ ଏବଂ ରେଶମ ପରି ଚିକ୍କଣ ଓ କୋମଳ ହୋଇ ସମଧିକ ବୃଦ୍ଧି ପାଏ ଏବଂ କେଶର ଅକାଳପକ୍ୱତା ଓ ପତନ ନିବାରିତ ହୁଏ । ଏହାର ଗନ୍ଧ ମଧୁର ମନୋହର ଏବଂ କୋମଳତାମୟ । ଏଥିରେ ମସ୍ତିଷ୍କ ସ୍ନିଗ୍ଧ ରହେ ଏହା କେବଳ ମସ୍ତିଷ୍କ ଭୂମିରେ ମହାଉପକାରୀ । ଏହା ଅପେକ୍ଷା କଳାପୋଷଯୋଗୀ ସୁଗନ୍ଧିଯୁକ୍ତ ତୈଳ ଆଉ ଆବିଷ୍କୃତ ହୋଇ ନାହିଁ ।

୧ ଶିଶି ୧ ଟଙ୍କା, ଡାକମାସୁଲ ।୵ ଅଣା ।

**ଦନ୍ତସଂସ୍କାର ଚୂର୍ଣ୍ଣ**—ଏହା ବ୍ୟବହାରରେ ଦନ୍ତର ଓ ଦନ୍ତମୂଳର ଯେ କୌଣସି ରୋଗ ହେଲେହେଁ ଅତ୍ୟଳ୍ପ ଦିନ ମଧ୍ୟରେ ନିବାରିତ ହୁଏ । ଏହା ଅତି କଳାପୋଷ ଯୋଗୀ ଏବଂ ସୁଗନ୍ଧଯୁକ୍ତ ଦନ୍ତମଞ୍ଜନ ଏହାର ବିଶେଷ ନାହିଁ

୧ କୌଟା ୦୧ ଅଣା ଡାକମାସୁଲ ।୵ ଅଣା

**ଭୃଙ୍ଗରାଜକୁମୁଦ ତୈଳ**—ବ୍ୟବହାରରେ ଟାକ ନଷ୍ଟ ଏବଂ ପଡ଼ିଗଲା କେଶ ପୁନ ବୃଦ୍ଧି ହୁଏ । ଏହା କଳାପୋଷ ଯୋଗୀ ଓ ମନୋମୁଗ୍ଧକର ସୁଗନ୍ଧବିଶିଷ୍ଟ ।

୧ ଶିଶି ୧ ଟଙ୍କା ଡାକମାସୁଲ ।୵ ଅଣା ।

* ଶେୟାର ୫ ଟଙ୍କା ।

କୋମ୍ପାନୀର ବର୍ତ୍ତମାନ ମୂଳଧନ ୨୦୦୦୦ ଟଙ୍କା ୨୦୦ ଅଂଶରେ ବିଭକ୍ତ । ପ୍ରତିଅଂଶର ମୂଲ୍ୟ ୧୦୦ ଟଙ୍କା ଅଂଶପ୍ରତି ବେମାକ ଟ ୨୫୲ ଦେୟ । ଶୀଘ୍ର ୧୦୦୦୦୦ ଲକ୍ଷ ଟଙ୍କା ମୂଳ୍ୟ ବୃଦ୍ଧି ହୋଇ ୧୦୦୦୦ ଅଂଶରେ ବିଭକ୍ତ ହେବ ଏବଂ ପ୍ରତିଅଂଶର ମୂଲ୍ୟ ୧୦ ଟଙ୍କା ହେବ ଏବଂ ଅଂଶପ୍ରତି ୨୫ ଟଙ୍କା ଦେବାକୁ ହେବ । ଯେଉଁମାନେ ଟଙ୍କାର ଅଂଶ କ୍ରୟ କରିବାକୁ ଇଚ୍ଛୁକ ସତ୍ୱର ନାମ ଧାମ ଲେଖି ପଠାଇବେ ।

**ସର୍ବତ୍ର ଏଜେଣ୍ଟର ପ୍ରୟୋଜନ**—ଏଜେଣ୍ଟ ଭ ଶତକଡ଼ା ୨୦ ଟଙ୍କା କମିଶନ ବାଦ ମୂଲ୍ୟ ପଠାଇ ମ ଦେବାକୁ ହେବ ।

ଅନ୍ୟାନ୍ୟ ବିବରଣ ପତ୍ର ଲେଖିବ୍ୟ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ ।
ସେକ୍ରେଟେରୀ ଓ ଟ୍ରେଜରର ।

Digitized by srujanika@gmail.com

# ସ୍ୱାସ୍ଥ୍ୟଚିକିତ୍ସା ।

ଗବର୍ଣ୍ଣମେଣ୍ଟ ଲ୍ୟାଡ଼୍ କଲେଜର ପରୀ-
କ୍ଷୋତ୍ତୀର୍ଣ୍ଣ ଉପାଧି ପ୍ରାପ୍ତ ରାଜବୈଦ୍ୟ
ଶ୍ରୀ ଚନ୍ଦ୍ରଲାଲ ବିଦ୍ୟାରତ୍ନ ଙ୍କ
ବିରଞ୍ଜନ ଜବରାଜଙ୍କର
ଆୟୁର୍ବେଦୀୟ ବିଦ୍ୟାଳୟ
ଓ ଔଷଧାଳୟ
ନଂ ୬୮ ମୃଜ ଚେଚୁଦର ଚୌରଙ୍ଗୀ
କଲିକତା ।

ଭାରତବର୍ଷ ମଧ୍ୟରେ ଅଦ୍ୱିତୀୟ ଏହି ଔଷଧାଳୟରେ ମକ
ରଧ୍ୱଜ ତୁଲ୍ୟ ଶତ ଅନ୍ୟୁର୍ଦ୍ଧ୍ୟ ଶକ୍ତି ସମ୍ପନ୍ନ, ପ୍ରତ୍ୟକ୍ଷ ଫଳ-
ପ୍ରଦ ସୁବର୍ଣ୍ଣାଦି ସେବନ ଅମୋଘ ମହୌଷଧ ସକଳ ସୁଲଭ
ମୂଲ୍ୟରେ ପ୍ରାପ୍ତ ହୁଏ ।

ଯେଉଁ ସକଳ ବିଦେଶସ୍ଥ ରୋଗୀ ଆମ୍ଭମାନଙ୍କଦ୍ୱାରା ଚିକ
ତ୍ସିତ ହେବାକୁ ଇଚ୍ଛା କରନ୍ତି, ସେମାନେ ନିଜ ନିଜ ରୋ
ଗର ଅବସ୍ଥା ଆନୁପୂର୍ବିକ ଲେଖି ଅର୍ଦ୍ଧ ଆନାର ଟିକଟ ସହ ଲେଖି-
ଲେ ବିନାମୂଲ୍ୟରେ ବ୍ୟବସ୍ଥା ଏବଂ ସୁଲଭମୂଲ୍ୟରେ ଔଷଧ
ଓ ଔଷଧ ସୂଚିପତ୍ର ପଠାଇ ଥାଉଁ । ବେୟରିଙ୍ଗ ପୁସ୍ତକ
ହୁଏ ନାହିଁ. ଉତ୍ତର ପ୍ରାର୍ଥୀଗଣ ଅର୍ଦ୍ଧଆନା ଟିକଟ ପତ୍ରମଧ୍ୟରେ
ପଠାଇବେ ।

# ଚମତ୍କାରିକ ନୂଆ
## ମହୌଷଧ ।

ଏରୂପ ଔଷଧ ଅଦ୍ୟାପି ଆବିଷ୍କୃତ ହୋଇ ନାହିଁ ।

୧ । କୌସ୍ତୁଭ ପାଲସା—ବୀର୍ଯ୍ୟଶୋଣିତ ଶୋଧକର
ଏବଂ ଶରୀର ସୁସ୍ଥ ଓ ବଳବାନ କରିବାର ଅଦ୍ୱିତୀୟ
ଔଷଧ ମୂଲ୍ୟ ପ୍ରତି ଶିଶି ୧୮ ଡାଃ ମାଃ ।୬

୨ । ମହାକାମେଶ୍ୱର ଓ ଶୁକ୍ରମାତୃକା ବଟିକା
ଏହା ଧାତୁ ଦୌର୍ବଲ୍ୟ ସ୍ୱପ୍ନଦୋଷ. ଧାରଣା ଶ-
କ୍ତିର ଅଭାବ, ୨୦ ପ୍ରକାର ମେହ, ବହୁମୂତ୍ର,
ମୂତ୍ରକୃଚ୍ଛ୍ର, ପ୍ରଭୃତି ରୋଗର ଅବ୍ୟର୍ଥ ଔଷଧ ଏକ
ଡବାର ମୂଲ୍ୟ ୨୮ ଡାଃ ମାଃ ୬

୩ । ପ୍ରମେହ ଗଜକେଶରୀ—ଏହା ଔପସର୍ଗିକ ମେ-
ହର (ଗନୋରିଆର) ମହୌଷଧ ୪ ଦିନ ମଧ୍ୟରେ
ଆରୋଗ୍ୟ ହେବ ।

୪ । ଶୀର୍ଷଚିନ୍ତାମଣି—ଅଧକପାଳ, ମୁଣ୍ଡବିନ୍ଧା, ମୁଣ୍ଡଘୂରାଇ
ଅତ୍ୟାର୍ଦ୍ଧ୍ୟ ଔଷଧ, ମୂଲ୍ୟ ପ୍ରତିଶିଶି ୧ ଡାଃ ମାଃ ।୬

୫ । ସର୍ବକ୍ଷତାନ୍ତକ ଘୃତ—ଏହା କର୍ମିର ଘା, ଦଦ୍ରୁ
ଘା, ଛାଇ ଘା, ପଚିଲାଘା ଭଗନ୍ଦର ଘା, ପାଗର
ଘା, ପ୍ରଭୃତି ସର୍ବପ୍ରକାର କ୍ଷତର ଅବ୍ୟର୍ଥ ଔଷଧ
୨ ଦିନ ମାତ୍ର ବ୍ୟବହାର କଲେ ଆରୋଗ୍ୟ ହେବ ।

୬ । ମୃତ୍ୟୁଞ୍ଜୟଯୋଗ—ଏହା ସେବନ କଲେ ରକ୍ତ
ପିତ୍ତ, ମୁଖରୁ ରକ୍ତ ପଡ଼ିବା, କାଶ, ରକ୍ତ ଆମାଶୟ,
ରକ୍ତସ୍ରାବ ହେବା, ୩ ଦିନ ମଧ୍ୟରେ ଆରୋଗ୍ୟ
ହୁଏ ମୂଲ୍ୟ ୨ ଡାଃ ମାଃ ।୬


# ଶ୍ରୀମଦ୍ଭାଗବତ ।
## ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ବିରଚିତ, ଯେଉଁ ଏକାଦଶ ସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚାରିତ ହୋଇ ଅଛିଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ଦ୍ୱିତୀୟସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସ୍ପଷ୍ଟ ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରସଙ୍ଗର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବେଶ୍ଟ ହୋଇଅଛି । ଆଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବା ଓ ବସୁଦେବ ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ପ୍ରଣିପାତ କରିବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବିରାଜ କରିଥିବା ବିଷୟକ ସୁନ୍ଦର ୨ ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ୧ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅଧିକ ମୂଲ୍ୟ ଟ ୦ ୧ ଧାର୍ଯ୍ୟ ହୋଇଅଛି ।

# ଘଣ୍ଟା ମରାମତି ।



ଏଠାରେ ନାନାପ୍ରକାର ଛୋଟ ବଡ଼ ମୂଲ୍ୟ ଘଡ଼ୀ ମରାମତି କାର୍ଯ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଉତ୍ତମ ରୂପରେ ନୂତନ କାରିଗରଦ୍ୱାରା ସମ୍ପନ୍ନ ହେଉଅଛି । ଯାହାଙ୍କର ଦରକାର ହେବ ସେ ଏଠାରେ ପତ୍ର କଲେ ସମସ୍ତ ବିଷୟ ଜାଣିପାରିବେ ଏହାଛଡ଼ା ହାତିମଙ୍ଗଳବାର ନିମନ୍ତେ ବାକ୍ସ ଏବଂ ଲୁଗାସିଲାଇ କଳ ପ୍ରଭୃତି ମରାମତ କରାଯାଇଥାଏ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ଉକ୍ତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

ପ୍ରକାଶଥାଉ ଛାପାଖାନାର କାରିଗର ବୋଲି କୌଣସି ବ୍ୟକ୍ତି ପ୍ରତାରଣାପୂର୍ବକ ଗ୍ରାହକଙ୍କ ନିକଟରେ ଘଡ଼ି ନେବାର ଅସମ୍ଭବ ନୁହେ । ଏହିପରି କେତେକ ଘଟନା ଶୁଣିଗୋଚର ହେବା ଗ୍ରାହକଙ୍କୁ ସତର୍କ କରିଦେଉଅଛୁଁ ଯେ, ସେମାନେ ଉପରଲିଖିତ ପ୍ରକାର ଲୋକଙ୍କର କଥାରେ ନ ଭୁଲି ସ୍ୱୟଂ ଘଡ଼ି ଛାପାଖାନାକୁ ପଠାଇଦେଇ ଛପା ରସିଦ ଗ୍ରହଣ କଲେ ପ୍ରତାରିତ ହେବେ ନାହିଁ ।

ସୁନା ରୂପାର ଗିଲ୍‌ଟି କର୍ମ ମଧ୍ୟ ଏଠାରେ ହୁଏ ।

| | |
|---|---|
| ୧୨ । ୪ । ୯୫<br>କଟକପ୍ରିଣ୍ଟିଂକମ୍ପାନୀ<br>ଅଫିସ କଟକ | ଶ୍ରୀ ଗୌରୀଶଙ୍କର ରାୟ । |


## WANTED.

A manager for the Kaptipada Zamindari subordinate to this office. The candidate must be up to 35 years of age, must know English and vernacular and well experienced in revenue works. Salary Rs. 40 rising to Rs. 50 by annual increment of Rs. 2, free quarters. Applications with copies of testimonials to be forwarded to the undersigned up to 25th of this month.

| | |
|---|---|
| Mourbhanj<br>State<br>11—9—95. | By order<br>Prasanna Kumar Ghosal<br>*Dewan.* |


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ।୬ |
| ଅର୍ଦ୍ଧସ୍ତମ୍ଭ | ଟ ୨୮ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୮ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚ ଟ ୦ ୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମର୍ ଅର୍ଦ୍ଧ ହେବ। ଓ ତୁଳନାରେ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକଙ୍କରେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳ ଛାପାଖାନା ପ୍ରି
ଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com